# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୨/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, May 12/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଅନୁରାଧାଙ୍କ ରେକର୍ଡ ଭାଙ୍ଗିଲେ ଜ୍ୟୋତି**
୧୦୦ ମିଟର ହର୍ଡଲ୍ସରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ନାମରେ ଥିବା ୨୦ ବର୍ଷର ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ ଜ୍ୟୋତି ୟାରାଜି। ୧୪

୧୦ **ମହେଶ ବାବୁଙ୍କ କନ୍‌ଫେସନ୍‌**
ବଲିଉଡ୍ ଇଣ୍ଡଷ୍ଟ୍ରି ମୋତେ ରୋଜଗାର ଦେଇପାରିବନି କହିବା ପରେ ଏହି ବାକ୍ୟ ଭୁଲବଶତଃ ମୁଖରୁ ବାହାରିଯାଇଥିବା ସାଉଥ୍ ସୁପରଷ୍ଟାର ମହେଶ ବାବୁ କହିଛନ୍ତି।







# ଦେଶଦ୍ରୋହ ଆଇନ ସ୍ଥଗିତ

**ଦେୱାନୀ ସ୍ୱାଧୀନତା ଓ ନାଗରିକଙ୍କ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରକ୍ଷା ଜରୁରୀ। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର କଠୋର ଦଫା ୧୨୪ଏ (ଦେଶଦ୍ରୋହ) ସାମ୍ପ୍ରତିକ ସାମାଜିକ ପରିବେଶ ସହ ଖାପ ଖାଉନାହିଁ। ତେଣୁ କେନ୍ଦ୍ର ସରକାର ୧୬୨ ବର୍ଷ ପୁରୁଣା ଦେଶଦ୍ରୋହ ଆଇନ (ସେଡିଶନ୍)ର ପୁନଃ ସମୀକ୍ଷା ନ କରିବା ପର୍ଯ୍ୟନ୍ତ ଏହା ବଳରେ ନୂଆ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଅନ୍ତରୀଣ ରାୟ ଦେଇଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଜୁଲାଇ ତୃତୀୟ ସପ୍ତାହରେ ଶୁଣାଣି ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନର ନିର୍ଦ୍ଦେଶନାମା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି।**

ନୂଆଦିଲ୍ଲୀ, ୧୧।୫

ଦେଶଦ୍ରୋହ ଆଇନର ଦୁରୁପଯୋଗକୁ ନେଇ ଭାରତରେ ବିତର୍କ ସୃଷ୍ଟି ହୋଇଥିବାବେଳେ ବୁଧବାର ସୁପ୍ରିମକୋର୍ଟ ଏକ ଐତିହାସିକ ଘଟଣାକ୍ରମରେ ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଏକ ଉପଯୁକ୍ତ ଫୋରମ୍ ଉକ୍ତ ୧୬୨ ବର୍ଷ ପୁରୁଣା ଆଇନର ପୁନଃ ସମୀକ୍ଷା ନ କରିବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ନୂଆ ଏଫ୍‌ଆଇଆର୍ ରୁଜୁ, ଚାଲିଥିବା ତଦନ୍ତର ଅଗ୍ରଗତି ଓ କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଅନ୍ତରୀଣ ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୧୨୪ଏ ବଳରେ ରୁଜୁ କରାଯାଇଥିବା ଅଭିଯୋଗ ସମ୍ପର୍କିତ ସମସ୍ତ ମାମଲା, ଅପିଲ ଏବଂ ବିଚାରକୁ ସ୍ଥଗିତ ରଖାଯାଉଛି। ଆମେ ଆଶା କରୁଛୁ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୌଣସି ଏଫ୍‌ଆଇଆର୍ ଦାଏର କରିବା, ତଦନ୍ତ ଜାରି ରଖିବା କିମ୍ବା ଆଇପିସି ଦଫା ୧୨୪ଏ ଅନୁସାରେ ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ☞ପୃଷ୍ଠା-୪

## କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା

■ ପୁନର୍ବିଚାର ଯାଏ ନୂଆ ମାମଲା ହେବନାହିଁ




### ଦଫା ୧୨୪ଏର ଦୁରୁପଯୋଗ

କୌଣସି ବ୍ୟକ୍ତି ମୌଖିକ କିମ୍ବା ଲିଖିତ ଭାଷା, ଅଥବା ସଙ୍କେତ ବା ଅନ୍ୟ କୌଣସି ମାଧ୍ୟମରେ ସରକାରଙ୍କ ପ୍ରତି ଘୃଣାଭାବ କିମ୍ବା ଅସନ୍ତୋଷ ସୃଷ୍ଟି ଉଦ୍ୟମ କଲେ ତାଙ୍କ ବିରୋଧରେ ଆଇପିସି ଦଫା ୧୨୪ଏ ବଳରେ ମାମଲା ରୁଜୁ କରାଯାଇଥାଏ। ଏହି ଅଭିଯୋଗ ପ୍ରମାଣିତ ହେଲେ ଦୋଷୀଙ୍କୁ ୩ ବର୍ଷରୁ ଆଜୀବନ କାରାଦଣ୍ଡ ଓ ଜରିମାନା ଆଦେଶ ଦିଆଯାଇଥାଏ। ୨୦୧୫ରୁ ୨୦୨୦ ମଧ୍ୟରେ ଭାରତରେ ୩୫୬ଟି ଦେଶଦ୍ରୋହ ମାମଲା ରୁଜୁ କରାଯାଇ ୫୪୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତେବେ ୬ ବର୍ଷ ମଧ୍ୟରେ କେବଳ ୭ଟି ମାମଲାରେ ଗିରଫ ହୋଇଥିବା ୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ସୁପ୍ରିମକୋର୍ଟ ୧୯୬୨ରେ ଦେଶଦ୍ରୋହ ଆଇନର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଥିଲେ। କିନ୍ତୁ ଏହାର ଦୁରୁପଯୋଗ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା ସତ୍ତ୍ୱେ ସରକାର ଓ ଶାସକ ଦଳ ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ସେଡିଶନ୍‌କୁ ବିଭିନ୍ନ ସମୟରେ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଦର୍ଶାଇ ପ୍ରଭାବିତ ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକାଧିକ ପିଟିଶନ ଦାଖଲ କରିଥିଲେ।

**■ ୩୫୬ ମାମଲାରୁ ପ୍ରମାଣିତ ହୋଇଛି ମାତ୍ର ୭**

### ଲକ୍ଷ୍ମଣରେଖା ଡେଇଁବା ଅନୁଚିତ: ରିଜିଜୁ

ସୁପ୍ରିମକୋର୍ଟ ବୁଧବାର ଦେଶଦ୍ରୋହ ଆଇନର କାର୍ଯ୍ୟକାରିତା ଉପରେ ରୋକ୍ ଲଗାଇବା ପରେ କେନ୍ଦ୍ର ଆଇନମନ୍ତ୍ରୀ କରେନ୍ ରିଜିଜୁ ଲକ୍ଷ୍ମଣରେଖା ନ ଡେଇଁବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ଉପରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ନିଜ ପ୍ରତିକ୍ରିୟାରେ ରିଜିଜୁ କହିଥିଲେ, ଆମେ ପରସ୍ପରକୁ ସମ୍ମାନ ଦେବା ଉଚିତ। କୋର୍ଟ ସରକାର ଓ ବ୍ୟବସ୍ଥାପିକାକୁ ସମ୍ମାନ ଦେବା ଉଚିତ। ସେହିପରି ସରକାର ମଧ୍ୟ ଅଦାଲତଙ୍କୁ ସମ୍ମାନ ଦେବା ଆବଶ୍ୟକ। ଲକ୍ଷ୍ମଣରେଖା ସ୍ପଷ୍ଟ ଭାବେ ଅଙ୍କାଯାଇଛି, ଯାହାକୁ କେହି ଅତିକ୍ରମ କରିବା ଅନୁଚିତ ବୋଲି ରିଜିଜୁ କହିଛନ୍ତି।

### ସତ୍ୟର ସ୍ୱରକୁ ଚପାଇବା ଅସମ୍ଭବ: ରାହୁଲ

ଆଇପିସି ୧୨୪ଏକୁ ସୁପ୍ରିମକୋର୍ଟ ନିରସ୍ତ୍ର କରିବା ପରେ କଂଗ୍ରେସ ଖୁସିବ୍ୟକ୍ତ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ସତ କହିବା ଦେଶଭକ୍ତି ଏବଂ ଏହାକୁ ଶୁଣିବା ରାଜଧର୍ମ। ସତ୍ୟକୁ ଗ୍ରହଣ ନ କରିବା ଅହଂକାର। ତେଣୁ ଲୋକେ ଭୟଭୀତ ହେବା ଅନୁଚିତ। ଅସନ୍ତୋଷର ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଲୋକଙ୍କ ପାଇଁ ଏହା ଏକ ସ୍ପଷ୍ଟ ସନ୍ଦେଶ। ସତ୍ୟର ସ୍ୱରକୁ ଚପାଇଦେବା ଅସମ୍ଭବ। ସମାଲୋଚକଙ୍କ କଥା ସରକାର ଶୁଣିବା ଜରୁରୀ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

# ଆନ୍ଧ୍ର ଉପକୂଳ ଛୁଇଁ 'ଅସାନି' ଦୁର୍ବଳ

ଭୁବନେଶ୍ୱର, ୧୧।୫ (ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନିକ ଷ୍ଟର୍ମ) 'ଅସାନି' ଦୁର୍ବଳ ହୋଇ ବାତ୍ୟାରେ ପରିଣତ ହୋଇଛି। ଏହା ଉତ୍ତର-ଉତ୍ତର- ପୂର୍ବ ଦିଗ ଦେଇ ଘଣ୍ଟାକୁ ୪ କିଲୋମିଟର ବେଗରେ ଗତି କରୁଛି। ଏହା ଗୋପାଳପୁରଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୫୦୦ କି.ମି. ଏବଂ ପୁରୀଠାରୁ ୬୨୦ କି.ମି. ଦୂର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି। ଏହା ଉତ୍ତର- ଉତ୍ତର- ପୂର୍ବ ଦିଗକୁ ଗତି କରି ନରସପୁର, ୟାନମ, ତୁନି ଏବଂ ବିଶାଖାପାଟଣା ଉପକୂଳ ଛୁଇଁପାରେ। ଏହାପରେ ପୁଣି ବାତ୍ୟା ସମୁଦ୍ରକୁ ଫେରିବା ସମ୍ଭାବନା ରହିଛି। ଏହାପରେ ତାହା ଦୁର୍ବଳ ହୋଇ ଡିପ୍ ଡିପ୍ରେସନରେ ପରିଣତ ହେବ। ତେବେ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବ ନାହିଁ । ୧୩ ତାରିଖ ସକାଳ ସୁଦ୍ଧା ବାତ୍ୟା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଏବଂ କେନ୍ଦ୍ରାପଡ଼ା ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ବାତ୍ୟା ପ୍ରଭାବରେ ଗୁରୁବାର ପର୍ଯ୍ୟନ୍ତ ଓଡ଼ିଶାର ୮ ଜିଲାରେ ବର୍ଷା ଆଶଙ୍କା ରହିଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି ଯେ ବାତ୍ୟା ଯୋଗୁ ଓଡ଼ିଶା ପ୍ରତି ସେଭଳି କୌଣସି ବିପଦ ଆଶଙ୍କା କରାଯାଉନି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଆୟ ଓ ସମ୍ପତ୍ତି ଅସମାନତା


# କୋର୍ଟ ପରିସରରେ ବିଷ ପିଇଲେ ମହିଳା ଆଇନଜୀବୀ

ବାଲେଶ୍ୱର ଅଫିସ, ୧୧।୫



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରତ ମହିଳା ଆଇନଜୀବୀ।

ଅନ୍ୟଙ୍କୁ ନ୍ୟାୟ ଦେବାକୁ ବିଚାରାଳୟରେ ମାମଲା ଲଢୁଥିବା ଜଣେ ମହିଳା ଆଇନଜୀବୀ ଆଜି ନିଜ ପାରିବାରିକ ମାମଲାରେ ହତାଶ ହୋଇପଡ଼ିଛନ୍ତି। ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା ତାଙ୍କୁ ଏଭଳି ଅତିଷ୍ଠ କଲା ଯେ, ନ୍ୟାୟ ପାଇବା ଆଶା ଛାଡ଼ିଦେଇ କୋର୍ଟ ରୁମ୍‌ରେ ବିଷପାନ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ପରିବାର ଅଦାଲତରେ। ଦୀର୍ଘ ୧୦ବର୍ଷ ହେଲା ସ୍ୱାମୀଙ୍କ ବିରୋଧରେ ବାଲେଶ୍ୱର ପରିବାର ଅଦାଲତରେ ଛାଡ଼ପତ୍ର ଓ ଭରଣପୋଷଣ ମାମଲା କରିଥିଲେ ସୁଦ୍ଧା ଏହା ଫଇସଲା ହୋଇ ନ ପାରିବାରୁ ମହିଳା ଆଇନଜୀବୀ କୋର୍ଟ ପରିସରରେ ବିଷ ପିଇ ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବାଲେଶ୍ୱର ସଦର ଥାନା ଆଇଟିଆଇସ୍ଥିତ ସତ୍ୟନଗର ଅଞ୍ଚଳର ମହିଳା ଆଇନଜୀବୀ ରାଜଶ୍ରୀ ବେହେରା ଓରଫ ବାରିକ ୧୦ବର୍ଷ ପୂର୍ବେ ସ୍ୱାମୀଙ୍କ ବିରୋଧରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ରୁଜୁ କରିଥିଲେ। ଏହାସହିତ ଏକ ଭରଣପୋଷଣ ମାମଲା ମଧ୍ୟ କରିଥିଲେ। ଏହି ଦୁଇ ମାମଲାର ଦୀର୍ଘଦିନ ଧରି କୌଣସି ଫଇସଲା ହୋଇପାରି ନ ଥିଲା। ☞ପୃଷ୍ଠା-୪

**ବିଳମ୍ବିତ ନ୍ୟାୟରେ ଅତିଷ୍ଠ**

# ଜିଲାପାଳ, ଓବିସିସି, ଟାଟା ବିରୋଧରେ ମାମଲା ରୁଜୁ କର

ପୁରୀ ଅଫିସ, ୧୧।୫

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ**

■ ସିଂହଦ୍ୱାର ଥାନାକୁ ଜଣାଇଲେ ଏସ୍‌ଡିଜେଏମ୍

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଚାଲିଥିବା ବେଆଇନ ନିର୍ମାଣ ଓ ଖନନ କାର୍ଯ୍ୟ ବିରୋଧରେ ହୋଇଥିବା ମାମଲାର ଶୁଣାଣି କରି ପୁରୀ ଜିଲାପାଳ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କମ୍ପାନୀ (ଓବିସିସି) ଏବଂ ଟାଟା ପ୍ରୋଜେକ୍ଟ ଲିମିଟେଡ୍ ବିରୋଧରେ ମାମଲା ରୁଜୁ ପାଇଁ ସିଂହଦ୍ୱାର ପୋଲିସକୁ ପୁରୀ ଏସ୍‌ଡିଜେଏମ୍ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ୩ ପକ୍ଷଙ୍କ ବିରୋଧରେ ଆବେଦନକାରୀ କରିଥିବା ଏତଲାକୁ ଗ୍ରହଣ କରିବା ସହ ତଦନ୍ତ ନିମନ୍ତେ ପୋଲିସକୁ କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ଓକିଲ ☞ପୃଷ୍ଠା-୪




ବାତ୍ୟା ପ୍ରଭାବରେ ଋଷିକୁଲ୍ୟା ମୁହାଣରେ ନଷ୍ଟ ହୋଇପଡ଼ିଥିବା ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଗୁଡ଼ିକୁ ସଫା କରାଯାଉଛି।

# ସମୁଦ୍ରରେ ଲାଗିଲା ସ୍ୱର୍ଣ୍ଣିମ ରଥ



ଶ୍ରୀକାକୁଲମ (ପିଟି), ୧୧।୫

ଆନ୍ଧ୍ରପ୍ରଦେଶର ଉତ୍ତର ତଟବର୍ତ୍ତୀ ସନ୍ତାବୋମ୍ମାଲି ସମୁଦ୍ର ଜଳରେ ବୁଧବାର ଏକ ସ୍ୱର୍ଣ୍ଣିମ ରଥ ଭାସି ଆସିଥିବା ଦେଖିବାକୁ ମିଳିଛି। ବାତ୍ୟା ଅସାନି ପ୍ରଭାବରୁ ସମୁଦ୍ର ଅଶାନ୍ତ ରହିଥିବାବେଳେ ସନ୍ତାବୋମ୍ମାଲି ସମୁଦ୍ର କୂଳରେ ଭାସି ଆସିଥିବା ରଥକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମନ୍ଦିର ଆକୃତିର ଏହି ରଥ ମ୍ୟାନ୍‌ମାରରୁ ଭାସି ଆସିଥିବା ଅନୁମାନ କରାଯାଉଛି। ରଥରେ ୧୬.୦୧.୨୦୨୨ ତାରିଖ ଲେଖାଯାଇଛି। ସ୍ଥାନୀୟ ଲୋକେ ଏହି ରଥଟିକୁ ପାଣିରୁ କୂଳକୁ ଆଣିଥିବାବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରଥରେ ମ୍ୟାନ୍‌ମାର ଭାଷାରେ କିଛି ଲେଖାଯାଇଥିବା କୁହାଯାଉଛି। ତେବେ ଏହି ରଥଟି ଟିଣ ଚାଦରରେ ତିଆରି ହୋଇଥିବାବେଳେ ଏଥିରେ ସୁନେଲି ରଙ୍ଗ ଦିଆଯାଇଥିବା ନୂଆପଡ଼ା ପୋଲିସ ଏସ୍.ଆଇ କହିଛନ୍ତି।

# ବିପୁଳ ଅଲିଭ୍ ରିଡ୍‌ଲେ ଅଣ୍ଡା ନଷ୍ଟ

**ବାତ୍ୟା ପ୍ରଭାବ**

ଗଞ୍ଜାମ, (ଡି.ଏନ୍.ଏ.) ୧୧।୫

ବାତ୍ୟା ଅସାନିର ପ୍ରଭାବରେ ଗତ ୩ଦିନ ହେବ ସମୁଦ୍ର ଅଶାନ୍ତ ରହୁଛି। ଗଞ୍ଜାମ ଜିଲାର ବେଳାଭୂମିଗୁଡ଼ିକରେ ଉଚ୍ଚ ଜୁଆର ଆସୁଛି। ଏଥିଯୋଗୁ ଋଷିକୁଲ୍ୟା ମୁହାଣରେ ବହୁଳ ସଂଖ୍ୟାରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡା ଭାସି ଯାଇଥିବା ଦେଖାଯାଇଛି। କେତେକ ସ୍ଥାନରେ ବେଳାଭୂମି ଅବକ୍ଷୟ ଯୋଗୁ କିଛି ଦିନ ପରେ ବାଲୁକା ଶଯ୍ୟାରୁ ଛୁଆ ଫୁଟିବାକୁ ଥିବା ଅଣ୍ଡାଗୁଡ଼ିକ ସମୁଦ୍ର ଓ ନଦୀ ଜଳରେ ଭାସିଯାଇଛି। ବେଳାଭୂମି ଉପରେ ପଡ଼ି ରହିଥିବା ଅଣ୍ଡାଗୁଡ଼ିକୁ କାଉ ଖାଉଥିବାର ଦେଖିବାକୁ ମିଳୁଛି। ଅନ୍ୟପଟେ ଅଣ୍ଡାଦାନ ସ୍ଥଳକୁ କିପରି ସୁରକ୍ଷା ଦିଆଯିବ ସେଥିପ୍ରତି ଚେଷ୍ଟା ଚାଲିଥିବା ବ୍ରହ୍ମପୁର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଅମ୍ଲାନ ନାୟକ ବୁଧବାର ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବରେ ସମୁଦ୍ର ଜୁଆର ମାଡ଼ି ଆସି ପ୍ରାୟ ଏକ କୋଟି ଅଣ୍ଡା ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିବାରୁ ଏହା ପରେ ହିଁ କେତେ ଅଣ୍ଡା ନଷ୍ଟ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ନାୟକ କହିଛନ୍ତି। ଋଷିକୁଲ୍ୟା ମୁହାଣରେ ଚଳିତ ବର୍ଷ ନୂତନଭାବେ ସୃଷ୍ଟି ହୋଇଥିବା ଦ୍ୱୀପ ମଧ୍ୟରେ ୫.୫ଲକ୍ଷ ଅଲିଭରିଡ୍‌ଲେ କଇଁଛ ଗଣ ଅଣ୍ଡା ଦାନ କରିଛନ୍ତି। ଗୋଟିଏ ଅଲିଭ୍ ରିଡ୍‌ଲେ ପ୍ରାୟ ୧୦୦ଅଣ୍ଡା ଦାନ କରିଥାଏ। ବେଳାଭୂମି ଅବକ୍ଷୟ ଏକ ସାଧାରଣ ପ୍ରକ୍ରିୟା। ପ୍ରତି ବର୍ଷ ଗଣ ଅଣ୍ଡାଦାନ ପରେ ପ୍ରବଳ ବେଗରେ ଦକ୍ଷିଣା ପବନ ପ୍ରଭାବରେ ସମୁଦ୍ର ଜୁଆର ସମୟରେ ଉଚ୍ଚ ଲହଡ଼ି ମାଡ଼ରେ ପ୍ରାୟ ୧୫ରୁ ୨୦ ପ୍ରତିଶତ ବେଳାଭୂମି ଅବକ୍ଷୟ ହୋଇ ଅଣ୍ଡାଗୁଡିକ ନଷ୍ଟ ହୋଇଥାଏ। ଏବର୍ଷ ବାତ୍ୟା ଯୋଗୁ ଅଧିକ ନଷ୍ଟ ହେବାର ଆଶଙ୍କା କରାଯାଉଛି ବୋଲି ନାୟକ କହିଛନ୍ତି। ଅନ୍ୟପଟେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗୋଖରକୁଦା, ପୁରୁଣାପୋଡ଼ମପେଟା, ନୂଆଁ ପୋଡ଼ାମପେଟା ଓ ପ୍ରୟାଗୀ ପ୍ରମୁଖ ଗ୍ରାମର ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଦୁଇ ଦିନ ହେଲା ସମୁଦ୍ରକୁ ମାଛ ମାରିବାକୁ ନ ଯାଇ ଡଙ୍ଗାଗୁଡ଼ିକ ସୁରକ୍ଷିତ ସ୍ଥାନକୁ ନେଇ ଆସି ଜାଲଗୁଡ଼ିକୁ ସଜାଡ଼ିବାରେ ଲାଗିଥିବା ଦେଖିବାକୁ ମିଳିଛି।

**ପଞ୍ଜାବରେ ୨୮୨ ସୈନ୍ୟଙ୍କ କଙ୍କାଳ ଠାବ**

୧୮୫୭ରେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ବ୍ରିଟିଶ ସରକାରଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଥିବା ୨୮୨ ଭାରତୀୟ ସୈନ୍ୟଙ୍କ କଙ୍କାଳ ପଞ୍ଜାବରେ ମିଳିଛି। ଅମୃତସର ନିକଟ ଅଜନାଳାଠାରେ ଖନନବେଳେ ଏକ ଧର୍ମୀୟ ଢାଞ୍ଚା ତଳେ ଥିବା ଏକ କୂଅରୁ ଏହା ଠାବ କରାଯାଇଥିବା ପଞ୍ଜାବ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜେ. ଏସ୍. ଶେରାୱତ କହିଛନ୍ତି। ଅସ୍ତ୍ରଶସ୍ତ୍ରରେ ଘୁଷୁରୀ ଓ ଗୋରୁଙ୍କ ଅଙ୍ଗପ୍ରତ୍ୟଙ୍ଗ ବ୍ୟବହାର ବିରୋଧରେ ସେମାନେ ବିଦ୍ରୋହ କରିଥିବା କୁହାଯାଉଛି।



## ସଂକ୍ଷେପରେ

### ୟୁପି ଡିଜିପି ମୁକୁଲ ଗୋଏଲ ବହିଷ୍କୃତ



ଲକ୍ଷ୍ନୌ, ୧୧।୫: ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ମୁକୁଲ ଗୋଏଲଙ୍କୁ ବୁଧବାର ତାଙ୍କ ପଦରୁ ବହିଷ୍କୃତ କରାଯାଇଛି। କର୍ତ୍ତବ୍ୟରେ ହେଳା ଏବଂ ସରକାରୀ ନିର୍ଦ୍ଦେଶ ଅବମାନନା କରୁଥିବାରୁ ତାଙ୍କୁ ଏହି ପଦବୀରୁ ହଟାଯାଇଥିବା ୟୁପି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁକୁଲ ଗୋଏଲଙ୍କୁ ଏବେ ସିଭିଲ ସିକ୍ୟୁରିଟି ଡିଜି ଦାୟିତ୍ୱ ଦିଆଯାଇଛି। ମୁକୁଲଙ୍କ ସ୍ଥାନରେ ଆଇନ ଶୃଙ୍ଖଳା ବିଭାଗରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) ଥିବା ପ୍ରଶାନ୍ତ କୁମାର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୨୦୨୧ ଜୁଲାଇରେ ମୁକୁଲ ଗୋଏଲ ୟୁପି ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଆଲମୋରା, ଜଲାଉନ୍, ମଣିପୁରୀ, ହାଥରସ୍, ଆଜମଗଡ଼, ଗୋରଖପୁର, ବାରାଣସୀ, ଶାହାରନ୍‌ପୁର ଏବଂ ମିରଟ ଜିଲାରେ ଏସ୍‌ପି/ଏସ୍ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଇଣ୍ଡୋ-ତିବ୍ବତାନ୍ ବର୍ଡର ପୋଲିସ (ଆଇଟିବିପି) ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆର୍‌ଏଫ୍)ରେ ମଧ୍ୟ ନିଯୁକ୍ତ ହୋଇଥିଲେ।

### ୪୩୪ କୋଟିର ହେରୋଇନ୍ ଜବତ

**ନୂଆଦିଲ୍ଲୀ, ୧୧।୫:** ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ 'ବ୍ଲାକ ଆଣ୍ଡ୍ ହ୍ୱାଇଟ୍' ଅପରେଶନ ବେଳେ ବୁଧବାର ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୬୨ କେ.ଜି.ର ହେରୋଇନ୍ ଜବତ କରାଯାଇଛି। ଏହାର ମୂଲ୍ୟ ୪୩୪ କୋଟି ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏକ ଟ୍ରଲି ବ୍ୟାଗ୍‌ରୁ ପ୍ରଥମେ ୫୫ କେଜିର ହେରୋଇନ୍ ବାହାରିଥିଲା। ଏହି କାର୍ଗୋ ଉଗାଣ୍ଡାର ଏଣ୍ଟେବେରୁ ଦୁବାଇ ଦେଇ ଦିଲ୍ଲୀରେ ପହଞ୍ଚିଥିଲା। ତଦନ୍ତ ପରେ ପଞ୍ଜାବ ଓ ହରିୟାଣାରୁ ଆଉ ୭ କେଜିର ଡ୍ରଗ୍ସ ଏବଂ ୫୦ ଲକ୍ଷ ଟଙ୍କା ମିଳିଥିଲା।

### ଶ୍ରୀଲଙ୍କାରେ ଖୁବ୍‌ଶୀଘ୍ର ନୂଆ ପ୍ରଧାନମନ୍ତ୍ରୀ

**କଲୋମ୍ବୋ, ୧୧।୫:** ଶ୍ରୀଲଙ୍କାରେ ଚଳିତ ସପ୍ତାହରେ ନୂଆ ପ୍ରଧାନମନ୍ତ୍ରୀ ଓ କ୍ୟାବିନେଟ ସଦସ୍ୟମାନଙ୍କୁ ନିଯୁକ୍ତ କରାଯିବ। ଏହାଦ୍ୱାରା ସାମ୍ବିଧାନିକ ସଂସ୍କାର ଅଣାଯାଇପାରିବ ବୋଲି ବୁଧବାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ କହିଛନ୍ତି। ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପରାଷ୍ଟ୍ରରେ ସରକାର ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଗୋଟାବାୟା ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରିଛନ୍ତି। ଏକ ଟେଲିଭିଜନ ବାର୍ତ୍ତାରେ ସେ କହିଛନ୍ତି, ନୂଆ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦେବା ପରେ ସମ୍ବିଧାନ ସଂଶୋଧନ କରାଯିବ। ଫଳରେ ପାର୍ଲାମେଣ୍ଟକୁ ଅଧିକ କ୍ଷମତା ମିଳିବ। କ୍ୟାବିନେଟ୍‌ରେ ରାଜପାକ୍‌ସେ ପରିବାରର କୌଣସି ସଦସ୍ୟ ସାମିଲ ହେବେ ନାହିଁ। ଦେଶରେ ଦେଖାଦେଇଥିବା ଅରାଜକତାକୁ ଶେଷ କରିବା ପାଇଁ ସମସ୍ତ ରାଜନୈତିକ ଦଳ ସହ ଆଲୋଚନା ଚାଲିଥିବା ଗୋଟାବାୟା କହିଛନ୍ତି। ପ୍ରକାଶ ଯେ, ଗୋଟାବାୟାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍‌ସେ ସୋମବାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବିନା ସରକାରରେ ଦେଶ ଚାଲିଛି।

# ଇସ୍ରାଏଲ ଗୁଳିରେ ଟଳିଲେ ଖବରଦାତା

ଜେନିନ୍(ୱେଷ୍ଟବ୍ୟାଙ୍କ), ୧୧।୫

ପାଲେଷ୍ଟାଇନ କବ୍‌ଜାରେ ଥିବା ୱେଷ୍ଟବ୍ୟାଙ୍କରେ ଅଲ୍-ଜଜିରା ସାମ୍ବାଦିକା ଶିରିନ୍ ଅବୁ ଅକ୍‌ଲେହ(୫୧) ଇସ୍ରାଏଲ ସେନା ଗୁଳିରେ ବୁଧବାର ପ୍ରାଣ ହରାଇଛନ୍ତି। ଜେନିନ୍ ସହରରେ ଇସ୍ରାଏଲ ପ୍ରତିରକ୍ଷା ବଳ (ଆଇଡିଏଫ୍) ଟାର୍ଗେଟ କରିବାବେଳେ ଶିରିନ୍ ଏହାର ରିପୋର୍ଟ କରିବାକୁ ଯାଇଥିଲେ। ସେହି ସମୟରେ ତାଙ୍କ ମୁହଁରେ ଗୁଳି ବାଜିଥିଲା। ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ପାଲେଷ୍ଟାଇନର ଆଉ ଜଣେ ରିପୋର୍ଟର ଅଲି ସମାଉଦି ଆହତ ହୋଇଛନ୍ତି। ଶିରିନ୍‌ଙ୍କ ହତ୍ୟା ପାଇଁ ପାଲେଷ୍ଟାଇନ ଇସ୍ରାଏଲକୁ ଦାୟୀ କରିଛି। ପାଲେଷ୍ଟାଇନ ପକ୍ଷରୁ ଚଳା ଯାଇଥିବା ଗୁଳି ଶିରିନ୍‌ଙ୍କ ମୁହଁରେ ବାଜିଥିବା ଇସ୍ରାଏଲ ପାଲଟା ଅଭିଯୋଗ ଆଣିଛି। ଏହି ଆମେରିକୀୟ-ପାଲେଷ୍ଟିନୀୟ ସାମ୍ବାଦିକାଙ୍କ ମୃତ୍ୟୁକୁ ନେଇ ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାକୁ କାତାର ଡେପୁଟି ବହିର୍ବ୍ୟାପାର ମନ୍ତ୍ରୀ ଲଲ୍‌ୱାହ ଅଲ୍‌ଖତର ନିନ୍ଦା କରିଛନ୍ତି। ଏହାକୁ ସେ ଇସ୍ରାଏଲ ପ୍ରାୟୋଜିତ ଆତଙ୍କବାଦ ଆଖ୍ୟା ଦେବା ସହ ଏହି ଦେଶ ପ୍ରତି ସମର୍ଥନ ବନ୍ଦ କରାଯିବାକୁ ସେ ଆହ୍ୱାନ ଦେଇଛନ୍ତି। ଜେନିନ୍‌ରେ ଅପରେଶନ ଚାଲିଥିବାବେଳେ ଇସ୍ରାଏଲ ସେନା ଉପରକୁ ଗୁଳି, ବିସ୍ଫୋରକରେ ଅତର୍କିତ ଭାବେ ଆକ୍ରମଣ କରାଯାଇଥିଲା। ତେଣୁ ଆଇଡିଏଫ୍ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲା। କିନ୍ତୁ ପାଲେଷ୍ଟିନୀୟଙ୍କ ଗୁଳିରେ ଶିରିନ ନିହତ ହୋଇଥିବା ଇସ୍ରାଏଲ ମିଲିଟାରି ପକ୍ଷରୁ କୁହାଯାଇଛି। ପାଲେଷ୍ଟାଇନ ସହ ଘଟଣାର ମିଳିତ ତଦନ୍ତ ପାଇଁ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ୟେର୍ ଲାପିଡ୍ ଦାବି କରିଛନ୍ତି। ଏଥିସହ ଆତଙ୍କବାଦ ଏବଂ ଇସ୍ରାଏଲ ନାଗରିକଙ୍କ ହତ୍ୟା ରୋକିବା ପାଇଁ ଆଇଡିଏଫ୍ ଏହାର କାର୍ଯ୍ୟ ଜାରି ରଖିବ ବୋଲି ସେ କହିଛନ୍ତି। ପାଲେଷ୍ଟାଇନ ପକ୍ଷରୁ ଆଖିବୁଜା ଆକ୍ରମଣରେ ଶିରିନ୍ ନିହତ ହୋଇଥିବା ନେଇ ଯଥେଷ୍ଟ ଆଶଙ୍କା ଥିବା ପ୍ରାପ୍ୟ ସୂଚନାରୁ ଜଣାପଡ଼ିଛି ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫ୍‌ଟାଲି ବେନେଟ୍ କହିଛନ୍ତି।

କିଛି ସପ୍ତାହ ହେଲା ଇସ୍ରାଏଲ ସେନା ପକ୍ଷରୁ ୱେଷ୍ଟ ବ୍ୟାଙ୍କରେ ବାରମ୍ବାର ଅପରେଶନ ଚଳାଯାଉଛି। ଇସ୍ରାଏଲରେ ଆତଙ୍କବାଦୀ ଆକ୍ରମଣ ବଢ଼ିବାରେ ଲାଗିଛି। ଆତଙ୍କବାଦୀଙ୍କ ମଧ୍ୟରୁ ଅଧିକାଂଶ ପାଲେଷ୍ଟାଇନ ପକ୍ଷରୁ ଆସୁଛନ୍ତି। ଜେନିନ୍‌ରେ ଥିବା ଶରଣାର୍ଥୀ ଶିବିରକୁ ଆତଙ୍କବାଦୀଙ୍କ ଗଡ଼ କୁହାଯାଉଥିବାବେଳେ ଇସ୍ରାଏଲ ସେନା ପକ୍ଷରୁ ୱେଷ୍ଟବ୍ୟାଙ୍କରେ ବାରମ୍ବାର ଚଢ଼ାଉ ସହ ଏଭଳି ସର୍ଚ୍ଚ ଅପରେଶନ କରାଯାଉଛି। ଶିରିନ୍‌ଙ୍କ ଶେଷକୃତ୍ୟବେଳେ ଶତାଧିକ ପାଲେଷ୍ଟାଇନ ନାଗରିକ, ମୁଖାପିନ୍ଧା ବନ୍ଧୁକଧାରୀ ଜେନିନ୍‌ରେ ସାମିଲ ହୋଇଥିଲେ।



ଶିରିନ୍ ଅବୁ ଅକ୍‌ଲେହ




ସାମ୍ବାଦିକା ଶିରିନ୍ ଅବୁ ଅକ୍‌ଲେହଙ୍କ ଶେଷକୃତ୍ୟରେ ସାମିଲ ହୋଇଥିବା ପାଲେଷ୍ଟାଇନ୍ ନାଗରିକମାନେ ତାଙ୍କ ଫଟୋ ଚିତ୍ର ଧରିଛନ୍ତି।

## ସାହସୀ ରିପୋର୍ଟର

ଶିରିନ୍ ଅବୁ ଅକ୍‌ଲେହ ଜଣେ ଜଣାଶୁଣା ରିପୋର୍ଟର। ଜେରୁଜେଲମରେ ଜନ୍ମିତ ଶିରିନ୍ ୧୯୯୭ରୁ ସେ ଆରବୀ ଭାଷାରେ ପ୍ରସାରିତ ଅଲ୍‌ଜଜିରାରେ କାର୍ଯ୍ୟ କରୁଥିଲେ। ତାଙ୍କ ସାହସିକତା ପାଇଁ ସେ ଜଣାଶୁଣା। ସେ ପ୍ରାୟ ୧୫ ବର୍ଷ ଧରି ଇସ୍ରାଏଲ-ପାଲେଷ୍ଟାଇନ୍ ମଧ୍ୟରେ ଚାଲିଆସୁଥିବା ସଂଘର୍ଷ ଉପରେ ରିପୋର୍ଟିଂ କରି ଆସୁଥିଲେ। ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ ସଂଘର୍ଷକୁ ନେଇ ଶିରିନ୍‌ଙ୍କ ବଳିଷ୍ଠ ଉପସ୍ଥାପନ ଉଚ୍ଚ ପ୍ରଶଂସିତ ହୋଇଥିଲା।

## ୱେଷ୍ଟବ୍ୟାଙ୍କ ବିବାଦ କ'ଣ

ଇସ୍ରାଏଲର ପୂର୍ବରେ ୱେଷ୍ଟବ୍ୟାଙ୍କ ଅବସ୍ଥିତ। ଜୋର୍ଡାନ ନଦୀର ପଶ୍ଚିମ ପଟରେ ଥିବାରୁ ଏହାକୁ ୱେଷ୍ଟବ୍ୟାଙ୍କ କୁହାଯାଏ। ୧୯୪୮ରେ ପ୍ରଥମ ଆରବ-ଇସ୍ରାଏଲ ଯୁଦ୍ଧରେ ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନ ୱେଷ୍ଟବ୍ୟାଙ୍କକୁ କବ୍‌ଜା କରିଥିଲା। କିନ୍ତୁ ୧୯୬୭ରେ ଆରବ-ଇସ୍ରାଏଲ ମଧ୍ୟରେ ହୋଇଥିବା ୬ ଦିନିଆ ଯୁଦ୍ଧରେ ଇସ୍ରାଏଲ ୱେଷ୍ଟବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ଆଣିଥିଲା। ଇସ୍ରାଏଲ ସେଠାରେ ଶତାଧିକ ବସ୍ତି ସ୍ଥାପନ କରି ନିଜ ନାଗରିକଙ୍କୁ ଥଇଥାନ କରିଛି। ଏଠାରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟାଇନ ନାଗରିକ ମଧ୍ୟ ରହୁଛନ୍ତି। ସମ୍ପୂର୍ଣ୍ଣ ୱେଷ୍ଟବ୍ୟାଙ୍କକୁ ଇସ୍ରାଏଲ ନିଜର ଦାବି କରୁଥିବାବେଳେ ପାଲେଷ୍ଟାଇନ ଏହାକୁ ନିଜର ଅଂଶ କରିବାକୁ ଚାହୁଁଛି।

### ମାନସିକ ନିର୍ଯାତନା: କର୍ଣ୍ଣାଟକ ଆଇପିଏସ୍ ଅଧିକାରୀଙ୍କ ଇସ୍ତଫା

ବେଙ୍ଗାଲୁରୁ, ୧୧।୫

ମାନସିକ ନିର୍ଯାତନା ଅସହ୍ୟ ହେବାରୁ କର୍ଣ୍ଣାଟକର ଆଇପିଏସ୍ ଅଧିକାରୀ ପି. ରବୀନ୍ଦ୍ରନାଥ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଜାଲ୍ ଜାତିଗତ ପ୍ରମାଣପତ୍ର ଇସ୍ୟୁ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରଠାରୁ ତାଙ୍କୁ ସମୟ ପୂର୍ବରୁ ବଦଳି କରାଯିବା ସହ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି କର୍ଣ୍ଣାଟକ ମନ୍ତ୍ରୀ ଶିବରାମ ହେବର କହିଛନ୍ତି, କେବଳ ଭାଜପା ନୁହେଁ, ପ୍ରତି ସରକାରରେ ଏଭଳି ଇସ୍ତଫା ଦେଖିବାକୁ ମିଳେ। ଚାପଗ୍ରସ୍ତ ହୋଇ ସେମାନେ ଇସ୍ତଫା ଦେଇଥିବା କୁହନ୍ତି, କିନ୍ତୁ ଭିତିରି କଥା କିଛି ଅଲଗା ଥାଏ। ବରିଷ୍ଠ ଅଧିକାରୀମାନେ ନିଜେ ନିଷ୍ପତ୍ତି ନେଇପାରିବେ। ତେବେ ସରକାରଙ୍କୁ ଏହି ଅଧିକାର ଜଣକ ଦୋଷ ଦେଇନାହାନ୍ତି। ଚାପରେ ରହିଲେ ଇସ୍ତଫା ସମାଧାନ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖ ରାମଙ୍କ ବିୟୋଗ



ନୂଆଦିଲ୍ଲୀ, ୧୧।୫

ହିମାଚଳ ପ୍ରଦେଶ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖ ରାମଙ୍କ ବିୟୋଗ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସାଢ଼େ ଗୋଟେ ସମୟରେ ତାଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ମନାଲିସ୍ଥିତ ବାସ ଭବନରେ ଥିବା ସମୟରେ ସୁଖ ରାମଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା ଯାହାଫଳରେ ଗତ ୭ ତାରିଖରେ ତାଙ୍କୁ ଦିଲ୍ଲୀ ସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସୁଖ ରାମଙ୍କ ମୃତଦେହକୁ ହିମାଚଳ ସ୍ଥିତ ସେରି ମଞ୍ଚରେ ରଖାଯିବାକୁ ଥିବାବେଳେ ସେଠାରେ ତାଙ୍କ ଶେଷ ଦର୍ଶକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ତାଙ୍କ ନାତି ଆଶ୍ରୟ ଶର୍ମା କହିଛନ୍ତି।

## ଆଇଏଏସ୍ ଅଧିକାରୀ ପୂଜା ସିଘଂଲ ଗିରଫ



ରାଞ୍ଚି, ୧୧।୫

ମନି ଲଣ୍ଡରିଂ ମାମଲାରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ପୂଜା ସିଘଂଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଗିରଫ କରିଛି। ଝାଡ଼ଖଣ୍ଡରେ ଖଣି ସଚିବ ଥିବା ପୂଜାଙ୍କ ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏ(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ) ପାଣ୍ଠିରୁ କୋଟି କୋଟି ଟଙ୍କା ହଡ଼ପ ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଛି। ଏହା ପୂର୍ବରୁ ଇଡି ପୂଜାଙ୍କୁ ମଙ୍ଗଳବାର ୯ ଘଣ୍ଟା ଧରି ପଚରାଉଚରା ପରେ ବୁଧବାର ମଧ୍ୟ ଜେରା କରିଥିଲା। ସେ ଏମ୍‌ଜିଏନ୍‌ଆର୍‌ଜିଇଏ ଅର୍ଥ ହେରଫେରରେ ସମ୍ପୃକ୍ତ ଥିବା ନେଇ ଜେରାରୁ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିବା ଇଡି ଅଧିକାରୀ କହିଛନ୍ତି। ଏଥିସହ ତାଙ୍କ ସ୍ୱାମୀ ଅଭିଷେକ ଝା'ଙ୍କ ବୟାନ ରେକର୍ଡ କରାଯାଇଛି।

ଏମ୍‌ଜିଏନ୍‌ଆର୍‌ଜିଇଏ ଦୁର୍ନୀତିସମୟରେ ପୂଜା ଖୁଣ୍ଟି ଜିଲାରେ ଡେପୁଟି ଜିଲାପାଳ ଥିଲେ। ଏହି ଯୋଜନା ଅଧୀନରେ ଖୁଣ୍ଟି ଜିଲାରେ ବିଭିନ୍ନ ସରକାରୀ କାମ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ହଡ଼ପ ନେଇ ଅଭିଯୋଗ ରହିଛି। ଗତ ସପ୍ତାହରେ ପୂଜାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁମନ କୁମାରଙ୍କ ଘରୁ ୧୭ କୋଟି ଟଙ୍କା ଜବତ ହୋଇଥିଲା। ଏଥିସହ ସୁମନ କୁମାର ଓ ଅନ୍ୟ ଅଭିଯୁକ୍ତଙ୍କ ନାଁରେ ଥିବା ୪ଟି ଏସ୍‌ୟୁଭି କାର୍, ଏକ ଜାଗୁଆର, ଏକ ଫର୍ଚ୍ୟୁନର, ୨ଟି ହୋଣ୍ଡା କାର୍ ଜବତ ପରେ ସୁମନଙ୍କୁ ଗିରଫ କରାଯାଇଥିଲା। ୨୦୨୦ରେ ଠକେଇ ଓ ଦୁର୍ନୀତି ଅଭିଯୋଗରେ ଝାଡ଼ଖଣ୍ଡର କନିଷ୍ଠ ଯନ୍ତ୍ରୀ ବିନୋଦ ପ୍ରସାଦ ସିହ୍ନାଙ୍କୁ ଇଡି ଗିରଫ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ସରକାରୀ ଅଧିକାରୀଙ୍କୁ ସେ କମିଶନ ଦେଇ ଏମ୍‌ଜିଏନ୍‌ଆର୍‌ଜିଏ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଚତ୍ରା, ଖୁଣ୍ଟି ଓ ପାଲାମୁ ଜିଲାରେ ପୂଜା ଜିଲାପାଳ/ଡେପୁଟି କମିଶନର ଥିବାବେଳେ ତାଙ୍କ ବିରୋଧରେ ଏହି ଅନିୟମିତତା ଅଭିଯୋଗ ଆସିଥିଲା। ଏଥିସହ ପୂଜା ଓ ତାଙ୍କ ସ୍ୱାମୀ ଅଭିଷେକ ଲାଞ୍ଚ ବାବଦରେ ୧.୪୩ କୋଟି ଟଙ୍କା ନେଇଥିବା ଇଡି କୋର୍ଟରେ ଉପସ୍ଥାପନ କରିଥିବା ରିମାଣ୍ଡ ନୋଟରେ କହିଛି।

## ଅସାନି ପ୍ରଭାବରୁ ଆନ୍ଧ୍ରରେ ପ୍ରବଳ ବର୍ଷା



ଅମରାବତୀ, ୧୧।୫

ସାମୁଦ୍ରିକ ଝଡ଼ ଅସାନି ବୁଧବାର ଅପରାହ୍ନ ୫.୩୦ରୁ ସନ୍ଧ୍ୟା ୭.୩୦ ମଧ୍ୟରେ ଗଭୀର ଅବପାତରେ ପରିଣତ ହୋଇଛି। ବାତ୍ୟା ଆନ୍ଧ୍ରପ୍ରଦେଶର ମଛଲିପଟନମ୍ ଏବଂ ନରସାପୁର ମଝିରେ ସ୍ଥଳଭାଗ ଛୁଇଁଛି। ଲ୍ୟାଣ୍ଡଫଲ ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୫ରୁ ୬୫ କିଲୋମିଟର ଥିଲା। କେତେକ ସ୍ଥାନରେ ୭୫ କି.ମି. ବେଗରେ ପବନ ବୋହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ରାତି ୮ଟା ୨୫ରେ ସୂଚନା ଦିଆଯାଇଛି। ବାତ୍ୟା ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ହୋଇଥିବାବେଳେ କେରଳ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର କେତେକ ସ୍ଥାନରେ ବୃଷ୍ଟିପାତ ହୋଇଛି।

ବାତ୍ୟା ପ୍ରଭାବରେ ଆନ୍ଧ୍ର ପ୍ରଦେଶର କାକିନାଡା ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହାବ୍ୟତୀତ ପୂର୍ବ ବିଶାଖାପାଟଣା, ଗୋଦାବରୀ, ଗୁଣ୍ଟୁର ଏବଂ ବିଜୟନଗରମ ଆଦି ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଏହା ପୂର୍ବରୁ ବିପଦ ଆଶଙ୍କା କରି ରାଜ୍ୟରେ ରେଡ୍ ଆଲର୍ଟ ଜାରି କରାଯାଇଥିଲା। ବାତ୍ୟାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଜରୁରୀ ବୈଠକ ଡକାଇବା ବାତ୍ୟା ସ୍ଥିତି ସମୀକ୍ଷା କରିଥିଲେ। ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ଉଚ୍ଚାଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିପଦକୁ ଏଡ଼ାଇବା ପାଇଁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରାୟ ୫୦ ଏନ୍‌ଡିଆର୍‌ଏଫ୍ ଟିମ୍‌ଙ୍କୁ ମୁତୟନ କରାଯାଇଛି। ୨୨ଟି ଟିମ୍‌କୁ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରେ ମୁତୟନ କରାଯାଇଥିବାବେଳେ ୨୮ଟି ଟିମ୍‌କୁ ହାଇ ଆଲର୍ଟ ମୋଡ୍‌ରେ ରହିବା ପାଇଁ କୁହାଯାଇଛି। ସେହିପରି ଅସାନି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡ଼ିକରେ ରିଲିଫ୍ ସାଙ୍ଗକୁ ଅନ୍ୟ ସାମଗ୍ରୀ ବ୍ୟବସ୍ଥା ମହଜୁଦ ରଖାଯାଇଛି। ସେହିପରି ଆସନ୍ତା ୧୩ ତାରିଖ ସକାଳ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ସାଉଥ୍ ୨୪ ପ୍ରାଗଣା ଏବଂ ନଦିଆ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ରିପୋର୍ଟରେ ପ୍ରବଳ ବର୍ଷା କାରଣରୁ କେତେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ହେବା ସହ ଯାତାୟାତ ଏବଂ ଚାଷ ପ୍ରଭାବିତ ହେବ ବୋଲି କୁହାଯାଇଛି।

### ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଜିନ୍‌ପିଙ୍ଗ୍

ବେଜିଂ, ୧୧।୫

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ 'ସେରେବ୍ରାଲ ଆନେୟୁରିଜମ୍' ନାମକ ଏକ ଗୁରୁତର ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ୨୦୨୧ ଶେଷଆଡ଼କୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ରିପୋର୍ଟ ଅନୁସାରେ ସେ ଅସ୍ତ୍ରୋପଚାର ପରିବର୍ତ୍ତେ ପାରମ୍ପରିକ ଚାଇନିଜ୍ ଔଷଧ ଦ୍ୱାରା ଚିକିତ୍ସା କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ଦିନ ହେଲା ଜିନ୍‌ପିଙ୍ଗ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଲାଗିରହିଛି। କୋଭିଡ୍ ମହାମାରୀ ଆରମ୍ଭରୁ ବେଜିଂ ଅଲମ୍ପିକ୍ ପର୍ଯ୍ୟନ୍ତ ସେ କୌଣସି ବିଦେଶୀ ନେତାଙ୍କୁ ଭେଟି ନାହାନ୍ତି। ସେରେବ୍ରାଲ ଆନେୟୁରିଜମ୍ ମସ୍ତିଷ୍କର କୌଣସି ଭାଗରେ ହୋଇପାରେ। ମସ୍ତିଷ୍କର ଶିରାପ୍ରଶିରାରେ ରକ୍ତ ଜମା ହୋଇ ତାହା ବେଲୁନ ଆକାରରେ ଫୁଲିବାକୁ ଲାଗେ। ଏଥିରେ ଆକ୍ରାନ୍ତଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବା ସହ ରୋଗୀ କୋମାକୁ ଯିବା ଏପରିକି ଏଥିରେ ଜୀବନ ଯିବାର ମଧ୍ୟ ଆଶଙ୍କା ରହିଥାଏ।

# ବୈବାହିକ ବଳାତ୍କାର: ହାଇକୋର୍ଟଙ୍କ ବିଭାଜିତ ମତ

ନୂଆଦିଲ୍ଲୀ, ୧୧।୫

ବୈବାହିକ ବଳାତ୍କାରର ଅପରାଧୀକରଣ ପ୍ରସଙ୍ଗରେ ବୁଧବାର ଦିଲ୍ଲୀ ହାଇକୋର୍ଟ ବିଭାଜିତ ମତ ଦେଇଛନ୍ତି। ଜଣେ ବିଚାପତି ଏହି ଆଇନକୁ ଉଚ୍ଛେଦ କରିବା ପାଇଁ ମତ ଦେଇଥିବାବେଳେ ଅନ୍ୟ ଜଣେ ବିଚାରପତି ଅସାମ୍ବିଧାନିକ ନୁହେଁ ବୋଲି କହିଛନ୍ତି। ଏଥିସହ ଉଭୟ ପକ୍ଷଙ୍କୁ ସୁପ୍ରିମକୋର୍ଟରେ ଅପିଲ ପିଟିଶନ ଦାଏର କରିବାକୁ ହାଇକୋର୍ଟଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ସ୍ତ୍ରୀ ନାବାଳିକା ହୋଇ ନ ଥିଲେ ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ବନ୍ଧ ରଖିଲେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୭୫ (ବଳାତ୍କାର)ର ବ୍ୟତିକ୍ରମ ୨ ଉକ୍ତ ଅପରାଧରୁ ସ୍ୱାମୀଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିଥାଏ। ଏହାକୁ ସ୍ୱାମୀଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହେଉଥିବା ମହିଳାମାନଙ୍କ ସହ ଭେଦଭାବ ଦର୍ଶାଇ ବ୍ୟତିକ୍ରମର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ହାଇକୋର୍ଟ ଏହି ପ୍ରସଙ୍ଗରେ ସହାୟତା ପାଇଁ ବରିଷ୍ଠ ଆଇନଜୀବୀ ରେବେକା ଜନ୍ ଏବଂ ରାଜଶେଖର ରାଓଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରିଥିଲେ। ଉଭୟେ ଏହି ବ୍ୟତିକ୍ରମକୁ ଉଚ୍ଛେଦ କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ ଯେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପକ୍ଷମାନଙ୍କୁ ମଗାଯାଇଥିବା ପ୍ରତିକ୍ରିୟାକୁ ଅପେକ୍ଷା କରିଛନ୍ତି। ତେଣୁ ସେମାନଙ୍କ ପ୍ରତିକ୍ରିୟା ଆସିବା ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିବାକୁ ସେ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ମହିଳାଙ୍କ ଗରିମା ଓ ସ୍ୱାଧୀନତା ବଜାୟ ରଖିବା ତଥା ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ ବୋଲି ସରକାରଙ୍କ ଆଭିମୁଖ୍ୟ ଦୋହରାଇଥିଲେ। ଫେବୃୟାରୀ ୨୧ରେ ହାଇକୋର୍ଟ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ, ଯାହା ବୁଧବାର ପ୍ରକାଶ ପାଇଛି। ଖଣ୍ଡପୀଠର ଅଧ୍ୟକ୍ଷତା କରୁଥିବା ଜଷ୍ଟିସ୍ ରାଜୀବ ଶକଧର ଏହି ବ୍ୟତିକ୍ରମକୁ ଉଚ୍ଛେଦ କରିବା ସପକ୍ଷରେ ରାୟ ଦେଇଛନ୍ତି। ତାଙ୍କ ମତରେ ବୈବାହିକ ବଳାତ୍କାର ଅପରାଧରୁ ସ୍ୱାମୀଙ୍କୁ ଛାଡ଼ ଦେବା ଅସାମ୍ବିଧାନିକ। ତେଣୁ ସେ ନିଜ ରାୟରେ ଆଇପିସି ୩୭୫ର ବ୍ୟତିକ୍ରମ ୨ ଏବଂ ୩୭୬କୁ ସମ୍ବିଧାନ ଅନୁଚ୍ଛେଦ ୧୪ (ଆଇନ ଆଗରେ ସମାନତା)ର ଉଲ୍ଲଂଘନ ଦର୍ଶାଇ ରଦ୍ଦ କରିଛନ୍ତି। ଅନ୍ୟପକ୍ଷେ ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ୍ ସି. ହରିଶଙ୍କର କହିଛନ୍ତି, ଏହି ବ୍ୟତିକ୍ରମ ଅସାମ୍ବିଧାନିକ ନୁହେଁ। ପ୍ରକାଶ ଯେ, ଆର୍‌ଆଇଟି ଫୋରମ୍, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଓମେନ୍‌ସ୍ ଆସୋସିଏଶନ୍ ସମେତ ଜଣେ ମହିଳା ଓ ପୁରୁଷ ଏହି ବ୍ୟତିକ୍ରମକୁ ଉଚ୍ଛେଦ କରାଯାଉ ବୋଲି ଦାବିକରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ଘଟଣାକ୍ରମ

୧୮୬୦: ଆଇପିସି କାର୍ଯ୍ୟକାରୀ ହେବାବେଳେ ୧୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କ କ୍ଷେତ୍ରରେ ବୈବାହିକ ବଳାତ୍କାର ବ୍ୟତିକ୍ରମ ଲାଗୁ ହେବ ବୋଲି ଉଲ୍ଲେଖ କରାଗଲା।

୧୯୪୦: ଆଇପିସିରେ ସଂଶୋଧନ ଆଣି ବୈବାହିକ ବଳାତ୍କାରରେ ଥିବା ବ୍ୟତିକ୍ରମ ପାଇଁ ବୟସକୁ ୧୫ ପର୍ଯ୍ୟନ୍ତ ବଢ଼ାଗଲା।

୨୦୧୬ ଜାନୁୟାରୀ ୧୧: ଆଇପିସିର ଏହି ବ୍ୟତିକ୍ରମକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକ ଉପରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ କହିଲେ।

୨୦୧୭ ଅଗଷ୍ଟ ୨୯: ବୈବାହିକ ବଳାତ୍କାରକୁ ଏକ ଅପରାଧ ଭାବେ ପରିଗଣିତ କରାଯାଇପାରିବ ନାହିଁ। କାରଣ ଏହା ବିବାହ ଅନୁଷ୍ଠାନକୁ ଅସ୍ଥିର କରିପାରେ ବୋଲି କେନ୍ଦ୍ର ସରକାର ହାଇକୋର୍ଟଙ୍କୁ ଅବଗତ କରାଇଲେ।

୨୦୨୨ ଜାନୁୟାରୀ ୭: ହାଇକୋର୍ଟ ଦୈନିକ ଶୁଣାଣି ଆରମ୍ଭ କଲେ।

୨୦୨୨ ଫେବୃୟାରୀ ୨୧: ହାଇକୋର୍ଟ ପିଟିଶନଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୮୭,୧୪,୭୦୦ | ୬୨,୮୦,୯୭୨ | ୪୭,୩୬,୦୭,୩୪୨ |
| ଭାରତ | ୪,୩୧,୨୦,୫୮୬ | ୫,୨୪,୧୫୭ | ୪,୨୫,୬୬,୯୩୫ |
| ଓଡ଼ିଶା | ୧୨,୮୮,୨୩୯ | ୯୧୨୬(+୫୩) | ୧୨,୭୮,୯୩୯ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚମ୍ପୁଆର ପୂର୍ବତନ ବିଧାୟକଙ୍କ ଘରେ ଇଡି

- ଯୋଡ଼ା, ଭୁବନେଶ୍ୱରରେ କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ାଉ
- ବହୁ କାଗଜପତ୍ର ଜବତ, ପଚରାଉଚରା ଜାରି

**ଭୁବନେଶ୍ୱର,(ବ୍ୟୁରୋ)/ଯୋଡ଼ା,୧୧।୫ (ଡିଏନଏ):** ବେଆଇନ୍ ଅର୍ଥ କାରବାର ମାମଲାରେ କେନ୍ଦୁଝର ଜିଲା ଚମ୍ପୁଆର ପୂର୍ବତନ ବିଧାୟକ ତଥା ଖଣି ମାଲିକ ଜିତୁ ପଟ୍ଟନାୟକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ବୁଧବାର ପୂର୍ବାହ୍ନରୁ ଇଡି ପକ୍ଷରୁ ଭୁବନେଶ୍ୱରର ଦୁଇଟି ସ୍ଥାନ ଏବଂ ଯୋଡ଼ାର ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏଥିମଧ୍ୟରେ ଭୁବନେଶ୍ୱର ସୂର୍ଯ୍ୟନଗରରେ ଥିବା ତାଙ୍କ ବାସଭବନ (୧୧୯-ବି), ରସୁଲଗଡସ୍ଥିତ ଅଫିସ୍ ଓ ଯୋଡ଼ାସ୍ଥିତ ବାସଭବନ ଏବଂ କାର୍ଯ୍ୟାଳୟ ରହିଛି। ଚଢ଼ାଉ ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ଜଣାପଡ଼ିଛି। ଇଡି ପକ୍ଷରୁ ଜିତୁଙ୍କ ବେଆଇନ ଅର୍ଥ କାରବାର ଉପରେ ପଚରାଉଚରା କରାଯାଇ ଏକାଧିକ ତଥ୍ୟ ଯୋଗାଡ଼ କରାଯାଇଥିବା ସୂଚନା ମିଳିଛି। ଚଢ଼ାଉ ଜାରି ରହିଥିବାରୁ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ।

ସୂଚନା ଅନୁଯାୟୀ, ୨୦୧୩ରେ ଭିଜିଲାନ୍ସ ଯୋଡ଼ାସ୍ଥିତ ବଂଶୀଧର ମାଇନ୍ସ ଉପରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ସେହି ସମୟରେ ଭିଜିଲାନ୍ସ ଜିତୁଙ୍କ ସମେତ ଅନେକଙ୍କ ନାମରେ ବେଆଇନ ଖଣି ସମ୍ପର୍କିତ ଏକ ମାମଲା ରୁଜୁ କରିଥିଲା। ତେବେ ଏହାପରେ ଇଡି ପକ୍ଷରୁ ବେଆଇନ ଅର୍ଥ କାରବାର ତଦନ୍ତ କରିବାକୁ ନିଜଆଡୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

# ସବ୍‌ସିଡି ଅର୍ଥ ଦିଅ, ବଳକା ଚାଉଳ ଉଠାଅ

## କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଧାନ ସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ପ୍ରଦାନ, ବଳକା ଚାଉଳ ଉଠାଣ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଶତପ୍ରତିଶତ ଚାଉଳ ଯୋଗାଣ ଆଦି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ବୁଧବାର ପୁଣି ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଧାନ ସଂଗ୍ରହ ବାବଦକୁ ମିଳୁଥିବା ସବ୍‌ସିଡି ଅର୍ଥ ପ୍ରଦାନରେ କେନ୍ଦ୍ର ସରକାରଙ୍କ ବିଳମ୍ବ ଯୋଗୁ ପ୍ରମୁଖ ଧାନ ସଂଗ୍ରହକାରୀ ସଂସ୍ଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଉପରେ ଆର୍ଥିକ ଚାପ ବଢ଼ିଚାଲିଛି। ୨୦୨୨ ଏପ୍ରିଲ ସୁଦ୍ଧା ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ସବ୍‌ସିଡି ବାବଦକୁ ମୋଟ ପ୍ରାୟ ୧୦୩୩୪ କୋଟି ଟଙ୍କା ବକେୟା ପ୍ରାପ୍ୟ ରହିଛି। ଏଥିରେ ପୋଭିଜନାଲ ସବ୍‌ସିଡି ବାବଦକୁ ୭୯୩୧.୯୦ କୋଟି ଏବଂ ଅଗ୍ରିମ ସବ୍‌ସିଡି ପ୍ରଦାନ ବାବଦକୁ ୨୪୦୨.୧୯ କୋଟି ଅନ୍ତର୍ଭୁକ୍ତ। କେନ୍ଦ୍ର ସରକାରଙ୍କ ଦ୍ୱାରା ସବ୍‌ସିଡି ଅର୍ଥ ପ୍ରଦାନରେ ବିଳମ୍ବ ଏବଂ ସ୍ୱଳ୍ପ ପରିମାଣରେ ଅର୍ଥ ପ୍ରଦାନ ଯୋଗୁ ନିଗମକୁ ୫୪୫୪.୬୭କୋଟି ଟଙ୍କାର ଅତିରିକ୍ତ ସୁଧ ବହନ କରିବାକୁ ପଡୁଛି। ଏଥିସହିତ ୨୦୨୧-୨୨ ଖରିଫ ବିପଣନ ଋତୁରେ ରାଜ୍ୟ ଦ୍ୱାରା ସଂଗୃହୀତ ୫୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅନ୍ୟ ଜନକଲ୍ୟାଣ ଯୋଜନାରେ ରାଜ୍ୟର ନିଜସ୍ୱ ଚାହିଦା ୩୯ ଲକ୍ଷ ମେଟ୍ରିକ୍ ଟନ ହେଉଥିବା ବେଳେ ୧୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ ବଳକା ହେଉଛି। ଏହି ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ତୁରନ୍ତ ଉଠାଣର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଦ୍ୱାରା ପ୍ରଦତ୍ତ ଧାର୍ଯ୍ୟ ଲକ୍ଷ୍ୟ ୫ ଲକ୍ଷ ଟନ ଫୋର୍ଟିଫାଏଡ୍ ଉଷୁନା ଚାଉଳ ଏଫ୍‌ସିଆଇକୁ ଯୋଗାଣ ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଛି। ରାଜ୍ୟ ଅଧିକ ପରିମାଣରେ ଫୋର୍ଟିଫାଏଡ୍ ଉଷୁନା ଚାଉଳ ଯୋଗାଇ ଦେବା ପାଇଁ ସକ୍ଷମ ହୋଇଥିବାରୁ ଭାରତ ସରକାରଙ୍କୁ ଅତିରିକ୍ତ ଲକ୍ଷ୍ୟ ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆସାମ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୋଆ ଏବଂ ତେଲଙ୍ଗାନା ଭଳି ଓଡ଼ିଶା ହିତାଧିକାରୀଙ୍କୁ ଶତପ୍ରତିଶତ ଚାଉଳ ଯୋଗାଇ ଦେବା ପାଇଁ ମନ୍ତ୍ରୀ ସ୍ୱାଇଁ କେନ୍ଦ୍ରମନ୍ତ୍ରୀ ଗୋୟଲଙ୍କୁ ଅନୁରୋଧ କରିଛନ୍ତି।

## ୪ ଜିଲାରେ ମିଳୁନି ପିଡିଏସ୍ ଗହମ

### ପରିବହନ ଗଣ୍ଡଗୋଳ

- ଅନ୍ୟ ଜିଲା ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ

ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ କଟକର କିଛି ଅଞ୍ଚଳକୁ ଗହମ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଯୋଗାଇ ଦିଆଯାଇପାରୁ ନାହିଁ। ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଜଟଣୀ ଗୋଦାମରୁ ଗତ ୪ ମାସ ହେବ ଗହମ ଉଠିପାରୁ ନାହିଁ। ପରିବହନଜନିତ ସମସ୍ୟା ଯୋଗୁ ଗହମ ଉଠିପାରୁ ନାହିଁ। ସ୍ଥାନୀୟ ଟ୍ରକ୍ ମାଲିକମାନେ ଅନ୍ୟ ଟ୍ରକ୍ ଦ୍ୱାରା ମାଲ ପରିବହନକୁ ବିରୋଧ କରୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏହି ସବୁ ଜିଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ କାର୍ଡଧାରୀଙ୍କୁ କେବଳ ଚାଉଳ ଯୋଗାଇ ଦିଆଯାଉଛି। ତେବେ ୱାନ ନେଶନ ୱାନ ରାଶନରେ ଅନ୍ୟ ଜିଲାର ହିତାଧିକାରୀ ଏହି ଜିଲାଗୁଡ଼ିକରୁ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ବିବାଦ ଲାଗି ରହିଛି। ଜଗତ୍‌ପୁର ଗୋଦାମକୁ ଗହମ ଯୋଗାଇଲେ ଅଧିକ ଖର୍ଚ୍ଚ ବହନ କରିବାକୁ ପଡ଼ିବ ବୋଲି ଏଫ୍‌ସିଆଇ ଅମଙ୍ଗ ହେଉଛି। ଫଳରେ ଗତ ୪ ମାସ ହେବ ଗହମ ଉଠାଣ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ପିଡିଏସ୍ ଗହମ ଯୋଗାଣ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରମାନେ ଅଧିକ ଭଡ଼ା ଦେଇ ଗହମ ନେବାକୁ ରାଜି ହେଉନାହାନ୍ତି। ସମସ୍ୟାର ସମାଧାନ ପାଇଁ ଜଟଣୀ ପରିବର୍ତ୍ତେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲା ପାଇଁ ଜଗତ୍‌ପୁରସ୍ଥିତ ଗୋଦାମକୁ ଗହମ ଯୋଗାଇ ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖିଛନ୍ତି।

# ୨ ପ୍ରେମିକ ହଟହଟା

## ଜଣେ ବାହାହେଲେ, ଜଣେ ଜରିମାନା ଗଣିଲେ

**ଭଦ୍ରକ ଅଫିସ, ୧୧।୫:** ପ୍ରେମ ପାଇଁ ଦୁଇଜଣ ପ୍ରେମିକଙ୍କୁ ହଟହଟା ହେବାକୁ ପଡ଼ିଛି। ଜଣଙ୍କୁ ବିବାହ କରିବାକୁ ପଡ଼ିଥିବା ବେଳେ ଅନ୍ୟ ଜଣଙ୍କୁ ଜରିମାନା ଗଣିବାକୁ ପଡିଛି। ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କାଉପୁର ସିରାପୁର ଅଞ୍ଚଳରେ ମଙ୍ଗଳବାର ଏଭଳି ଘଟଣା ଦେଖିବାକୁ ମିଳିଛି।

ଘଟଣାରୁ ପ୍ରକାଶ, ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବଡ଼ଝିଅ କଲେଜ ପଢ଼ା ସମୟରେ ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ଗ୍ରାମର ଗୋବିନ୍ଦ (ଛଦ୍ମନାମ)ଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହିପରି ମଝିଆ ଝିଅଙ୍କର ମଧ୍ୟ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିନା ଗାଁର ରାମଚନ୍ଦ୍ର(ଛଦ୍ମନାମ)ଙ୍କ ସହ ରଙ୍ଗ୍ ନମ୍ବରରୁ ପ୍ରେମ ଆରମ୍ଭ ହୋଇଥିଲା। ମଙ୍ଗଳବାର ଦୁଇଭଉଣୀ ସେମାନଙ୍କ ମାମୁ ବିବାହ ଉତ୍ସବକୁ ଉଭୟ ପ୍ରେମିକଙ୍କୁ ଡାକିଥିଲେ। ବାହାଘର ସରିବା ପରେ ଦୁଇ ଭଉଣୀ ଓ ଯୁବକଦ୍ୱୟ ଏକ ଘରେ ଥିବା ବେଳେ ଖବର ପାଇ ଗାଁ ଲୋକେ ଘେରିଯାଇଥିଲେ। ସେମାନଙ୍କ ମଧ୍ୟରୁ ଗୋବିନ୍ଦ ଅବିବାହିତ ଥିବାବେଳେ ରାମଚନ୍ଦ୍ର ବିବାହିତ ବୋଲି ଜଣାପଡ଼ିଥିଲା। ବହୁ ପାଟିତୁଣ୍ଡ ପରେ ବୁଧବାର ଗୋବିନ୍ଦ ବାହା ହେବାକୁ ରାଜିହେବାରୁ ତାଙ୍କ ପ୍ରେମିକା ସହ ବାହାଘର କରାଯାଇଥିଲା। ଅନ୍ୟପକ୍ଷେ ଗାଁ ଲୋକେ ରାମଚନ୍ଦ୍ରଙ୍କ ସ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଡାକି ସବୁ କଥା ଜଣାଇଥିଲେ। ରାମଚନ୍ଦ୍ର ଗ୍ରାମବାସୀଙ୍କୁ ଭୁଲ୍ ମାଗିବା ସହ ପୋଲିସ ଉପସ୍ଥିତିରେ ୨୦ ହଜାର ଟଙ୍କା ଜରିମାନା ଦେଇ ଘରକୁ ଫେରିଥିଲେ।

# ଶ୍ରୁତି ମହାପାତ୍ରଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ):** ଜାତୀୟ ପୁରସ୍କାରପ୍ରାପ୍ତ ସମାଜସେବୀ ଶ୍ରୁତି ମହାପାତ୍ରଙ୍କୁ ବିମାନରେ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଇଣ୍ଡିଗୋ ବିମାନର କର୍ମଚାରୀ ଏ. ଶଙ୍କର ଓ ନାଗପୁର ବିମାନବନ୍ଦର ସିଆଇଏସ୍‌ଏଫ୍ କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ଶ୍ରୁତି ବୁଧବାର ଟୁଇଟ୍ କରିଛନ୍ତି। ଏଥିରେ ସେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ସିଆଇଏସ୍‌ଏଫ୍ ହେଡ୍ କ୍ୱାର୍ଟର ଓ ନାଗପୁର ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଟ୍ୟାଗ୍ କରିଛନ୍ତି।




# ୧୦ଲକ୍ଷ କଇଁଛ ଶାବକ ସମୁଦ୍ରକୁ ଗଲେ



ଗହୀରମଥାଠାରେ ଅଲିଭ୍ ରିଡ୍‌ଲେ କଇଁଛ ଶାବକ ସମୁଦ୍ରରେ ଛଡ଼ାଯାଉଛି।

**ରାଜନଗର,୧୧।୫(ଡି.ଏନ.ଏ.)**

ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତର୍ଜାତୀୟ ଗହୀରମଥାର ନାସୀ-୨ ବେଳାଭୂମିରେ ସାମୂହିକ ଅଣ୍ଡାଦାନ ହୋଇଥିଲା। ୨ଦିନ ହେଲା କଇଁଛ ଅଣ୍ଡାରୁ ଛୁଆ ବାହାରିବା ଆରମ୍ଭ ହୋଇଛି। ୨ଦିନ ମଧ୍ୟରେ ୧୦ଲକ୍ଷ କଇଁଛ ଶାବକ ସମୁଦ୍ରକୁ ଯାଇ ସାରିଲେଣି। ଏହି ପ୍ରକ୍ରିୟା ଆହୁରି ୬ରୁ୭ ଦିନ ଧରିଚାଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ମାର୍ଚ୍ଚ ୨୩ରୁ ୨୮ ତାରିଖ ମଧ୍ୟରେ ନାସୀ-୨ ଦ୍ୱୀପରେ ୫ ଲକ୍ଷ ୧ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ମାଆ କଇଁଛ କୂଳଠାରୁ ନିରାପଦ ଦୂରତ୍ୱକୁ ଆସି ଗୋଟିଏ ଫୁଟରୁ ଦେଢ ଫୁଟ ଗଭୀରର ଗାତ ଖୋଳି ଅଣ୍ଡା ଦେଇଥିଲେ। ପ୍ରତ୍ୟେକ ମାଆ କଇଁଛ ୧୦୦ରୁ ଅଧିକ ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାହାର ଗାତକୁ ବାଲିରେ ଘୋଡାଇ ଅଣ୍ଡାଗୁଡିକୁ ଲୁଚାଇ ସମୁଦ୍ରକୁ ଚାଲି ଯାଇଥାଏ। ସୂର୍ଯ୍ୟଙ୍କ ଉତାପରେ ଉଷୁମ ହୋଇ ଅଣ୍ଡାଗୁଡିକ ଆପେ ଆପେ ୪୫ରୁ ୬୦ ଦିନ ମଧ୍ୟରେ ଫୁଟିଥାଏ। କଇଁଛ ଶାବକ ଗାତରୁ ବାହାରି ସିଧା ସମୁଦ୍ର ଆଡକୁ ଯାଇଥାନ୍ତି। ସନ୍ଧ୍ୟାରୁ ଭୋର ଯାଏଁ କଇଁଛ ଶାବକ ଗାତରୁ ବାହାରି ସମୁଦ୍ରକୁ ଯାଇଥାନ୍ତି। ରାତିର ଅନ୍ଧାର ସମୟରେ ହିଁ ବିରଳ କଇଁଛ ଶାବକଙ୍କ ସମୁଦ୍ରକୁ ଯିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥାଏ। ଆଲୋକ ପଡିଲେ କଇଁଛ ଶାବକ ଏଣେତେଣେ ଚାଲିଯିବାର ସମ୍ଭାବନା ଥାଏ ସେଥିପାଇଁ ନିକଟସ୍ଥ ଅବଦୁଲକାଲାମ ଦ୍ୱୀପର ଉଜ୍ଜ୍ୱଳ ଆଲୋକକୁ ବନ୍ଦ ରଖାଯାଇଛି। କଇଁଛ ଛୁଆଗୁଡିକୁ କୁକୁର, ବିଲୁଆ ଓ ଶିକାରୀ ପକ୍ଷୀମାନେ ଖାଇବାର ସମ୍ଭାବନା ଥିବାରୁ ସେମାନଙ୍କ ସୁରକ୍ଷାକୁ ବନ ବିଭାଗ ପକ୍ଷରୁ କଡାକଡି କରାଯାଇଛି ବୋଲି ଡିଏଫ୍‌ଓ ଯକ୍ଷଦତ୍ତ ପତି କହିଛନ୍ତି।

# ଶ୍ୱଶୁରଘରେ ପଶି ସ୍ତ୍ରୀଙ୍କୁ ହତ୍ୟା

**କେନ୍ଦୁଝର/ତେଲକୋଇ, ୧୧।୫(ସ୍ୱ.ପ୍ର./ଡି.ଏନ.ଏ.)**

### ପରକୀୟା ପ୍ରୀତି ସନ୍ଦେହ
### ସ୍ୱାମୀ ଗିରଫ

କେନ୍ଦୁଝର ଜିଲା ତେଲକୋଇ ଥାନା ଶିରିଗିଡା ଗ୍ରାମରେ ମଙ୍ଗଳବାର ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ଶ୍ୱଶୁରଘରେ ପଶି ଶୋଇଥିବା ଅବସ୍ଥାରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପରକୀୟା ପ୍ରୀତି ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବବିତା ପେଣ୍ଣେଇ। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ବିଲ ମଝିରୁ ଜବତ କରିଛି।

ସୂଚନା ଅନୁଯାୟୀ, ଶିରିଗିଡା ଗ୍ରାମ ରୁଗୁଡ଼ି ସାହିର ନରୋତ୍ତମ ପେଣ୍ଣେଇ ନାୟକ ସାହିର ବିଶ୍ୱନାଥ ପେଣ୍ଣେଇଙ୍କ ଝିଅ ବବିତାଙ୍କୁ ଭଲ ପାଇ ବିବାହ କରିଥିଲେ। ସେମାନଙ୍କ ଗୋଟିଏ ୩ବର୍ଷର ପୁଅ ଓ ଦେଢ଼ବର୍ଷର ଝିଅକୁ ନେଇ ସୁଖରେ ସଂସାର ଚାଲିଥିଲା। ନରୋତ୍ତମ ବାହାରେ କାମ କରୁଥିଲେ। ଏହି ସମୟରେ ବବିତାଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଗତ ୬ତାରିଖରେ ବବିତା ସ୍ୱାମୀ ଓ ଦୁଇ ଛୁଆଙ୍କୁ ଛାଡି ଉକ୍ତ ଯୁବକଙ୍କ ସହ କେଉଁଆଡେ ପଳାଇଥିଲେ। ଦୁଇ ଦିନ ପୂର୍ବରୁ ବବିତା ଓ ତାଙ୍କ ପ୍ରେମିକ ଗାଁ କୁ ଫେରିଥିଲେ। ହେଲେ ନରୋତ୍ତମ ବବିତାଙ୍କୁ ଆଉ ଗ୍ରହଣ କରି ନ ଥିଲେ। ଏନେଇ ଗ୍ରାମସଭା କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ବବିତା ନିଜ ବାପ ଘରେ ରହିଥିଲେ। ଏହି ଘଟଣା ପରଠାରୁ ନରୋତ୍ତମଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ମଙ୍ଗଳବାର ରାତିରେ ନରୋତ୍ତମ ଘରୁ ଏକ ଟାଙ୍ଗିଆ ଧରି ବବିତା ଶୋଇଥିବା ଘର ଝରକା ପଟେ ପଶି ବବିତାଙ୍କ ବେକକୁ ହାଣି ପକାଇଥିଲେ। ଶାଶୁ ଗୋମତୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଜ୍ୱାଇଁ ନରୋତ୍ତମ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ନରୋତ୍ତମ ଘରେ ଥିବା ବେଳେ ପୋଲିସ ଗିରଫ କରିଛି। ଏନେଇ ଏକ ମାମଲା(ନଂ. ୭୫/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି ବୋଲି ଥାନା ଅଧିକାରିଣୀ ସାଇପ୍ରଭା ରାଉତ କହିଛନ୍ତି।

# ଆବେଗରୁ ମେଧାବୀଙ୍କ ଆତ୍ମହତ୍ୟା

## ୯୦% ମାର୍କ ନ ଆସିବା ଆଶଙ୍କାରେ ଝୁଲିପଡ଼ିଲେ ଛାତ୍ର

- ସରାଙ୍ଗ ଆଇଜିଆଇଟି କ୍ୟାମ୍ପସ କ୍ୱାର୍ଟର୍ସରେ ଅଘଟଣ
- ମିଳିଲା ସୁଇସାଇଡ୍ ନୋଟ୍, ପୋଲିସର ତନାଘନା ଜାରି

**ପରଜଙ୍ଗ, ୧୧।୫(ଡି.ଏନ୍.ଏ.)**

ମେ’ ୯ରୁ ଆରମ୍ଭ ହୋଇଥିଲା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା। ସୋମବାର ପ୍ରଥମ ଦିନ ଇଂଲିଶ ପରୀକ୍ଷା ସରିଥିବାବେଳେ ବୁଧବାର ଥିଲା ରସାୟନ ବିଜ୍ଞାନ। ତେବେ ଏହାର ଅବ୍ୟବହିତ ପୂର୍ବରୁ ଆତ୍ମହତ୍ୟା କରିଛନ୍ତି ଜଣେ ଯୁକ୍ତ ୨ ବିଜ୍ଞାନ ପଢୁଆ ମେଧାବୀ ଛାତ୍ର। ୯୦%ରୁ କମ୍ ମାର୍କ ଆସିବା ଆଶଙ୍କାରେ ଆବେଗର ବଶବର୍ତ୍ତୀ ହୋଇ ସେ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ମୃତ୍ୟୁପୂର୍ବରୁ ସେ ଛାଡ଼ି ଯାଇଛନ୍ତି ସୁଇସାଇଡ୍ ନୋଟ୍, ଯେଉଁଥିରେ ସେ ଦର୍ଶାଇଛନ୍ତି ଆତ୍ମହତ୍ୟାର କାରଣ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଜିଆଇଟି) କ୍ୟାମ୍ପସ କ୍ୱାର୍ଟର୍ସ ନଂ. ଏଫ୍/୧୩ରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ତାଳଚେର ଥର୍ମାଲ ଡିଏଭି ସ୍କୁଲର ଛାତ୍ର ଅବିନାଶ ପ୍ରଧାନ।

ଅବିନାଶଙ୍କ ବାପା ଆନନ୍ଦ ଚନ୍ଦ୍ର ପ୍ରଧାନ ଆଇଜିଆଇଟି କଲେଜରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ପୈତୃକ ଗ୍ରାମ ବାରିହାପୁର ହୋଇଥିବାବେଳେ ସପରିବାର ଆଇଜିଆଇଟି କ୍ୟାମ୍ପସ୍ କ୍ୱାର୍ଟର୍ସରେ ରହୁଛନ୍ତି। ଗତ ମଙ୍ଗଳବାର ଆନନ୍ଦ ଏବଂ ତାଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ ବାରିହାପୁର ଯାଇଥିଲେ। ଘରେ ବଡ଼ଝିଅ ଅଳକା ଏବଂ ପୁଅ ଅବିନାଶ ଥିଲେ। ଏହି ସମୟରେ ଅବିନାଶ ରୋଷେଇ ଘରେ ଏକ ଚୁନିରେ ଫାଶ ଲଗାଇ ଝୁଲିପଡ଼ିଥିଲେ। ସରାଙ୍ଗ ଫାଣ୍ଡିରେ ଆନନ୍ଦ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି ଯେ, ସୋମବାର ଇଂଲିଶ ପରୀକ୍ଷାରେ ପୁଅ ଭଲ କରି ନ ଥିଲା। ଚାପରେ ଥିଲା। ଆମେ ତାକୁ ବୁଝାଶୁଝା କରିଥିଲୁ। ତେବେ ମାନସିକ ଚାପରେ ପୁଅ ଆତ୍ମହତ୍ୟା କରିଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଅଳକାଙ୍କଠାରୁ ଫୋନ୍‌ରେ ଏ ସମ୍ପର୍କରେ ସୂଚନା ପାଇବା ପରେ ଆନନ୍ଦ ସ୍ତ୍ରୀଙ୍କ ସହ ଘରେ ପହଞ୍ଚିଥିଲେ। ଅବିନାଶଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ପରଜଙ୍ଗ ଥାନାରେ ନଂ. ୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ମତେ କ୍ଷମା କରିଦେବ....

ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପୂର୍ବରୁ ଅବିନାଶ ଛାଡ଼ି ଯାଇଛନ୍ତି ସୁଇସାଇଡ୍ ନୋଟ୍। ଏଥିରେ ୯୦% ମାର୍କ ଆଣିବାକୁ ନେଇ ତାଙ୍କ ପ୍ରସ୍ତୁତି ଏବଂ ବିଫଳତା ବିଷୟରେ ଉଲ୍ଲେଖ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି ଯେ, ମା’ ଓ ବାପା ମୁଁ ତୁମ ଦୁହିଁଙ୍କୁ ଛାଡ଼ି ଦୂରକୁ ଯାଉଛି। ହୋଇପାରେ କି ଏହି କଥା ତୁମକୁ ଦୁଃଖ ଦେଇପାରେ। କିନ୍ତୁ ମୋ ପାଇଁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ମୁଁ ଆନୁଆଲ୍ ଏକ୍‌ଜାମ୍‌ରେ ୯୦% ଆଣିବା ପାଇଁ ପ୍ରସ୍ତୁତ ଥିଲି। ମୁଁ ମ୍ୟାଥ୍, ଫିଜିକ୍ସରେ ନିହାତି ଭଲ କରିବାର ଆଶା ରଖିଥିଲି। ହେଲେ ଦୁର୍ଭାଗ୍ୟବଶତଃ କେମେଷ୍ଟ୍ରି ପଢ଼ି ନ ଥିଲି। କେମେଷ୍ଟ୍ରିରେ ଖରାପ ହେଲେ ମୋର ଆଗକୁ ଏକ୍‌ଜାମ ଖରାପ ହେବ ବୋଲି ମୁଁ ଏହି ପଦକ୍ଷେପ ନେଉଛି। ମୀରାନାନୀ ତୁମମାନଙ୍କର ଭବିଷ୍ୟତରେ ଦେଖାଶୁଣା କରିବ ବୋଲି ଆଶା। ମୁଁ କୌଣସି ଅସତ୍ ଉପାୟ ଅବଲମ୍ବନ କରି କିମ୍ବା କପି କରି କୌଣସି ଏକ୍‌ଜାମରେ ଉତ୍ତୀର୍ଣ୍ଣ ହୋଇନାହିଁ। ତେଣୁ ମୁଁ ଚିଟିଂ କରି ଭଲ ନମ୍ବର ଆଣିପାରିବି ନାହିଁ। ହେଇପାରିବ ଯଦି ମୋତେ କ୍ଷମା କରିଦେବ। ମୋ ପରି ୯୦% ନ ଆଣି ପାରୁଥିବା ପିଲାର ବଞ୍ଚିବାର କୌଣସି ଅଧିକାର ନାହିଁ। ଏଥିରେ ମୋ ବାପା ଓ ମା’ ମୋତେ ୯୦% ଆଣିବା ପାଇଁ ବାଧ୍ୟ କରିନାହାନ୍ତି। ବରଂ ମୋର କନ୍‌ସାଇନମେଣ୍ଟ କହିଛି। ମୋ ସୁଇସାଇଡ୍ ପାଇଁ କେହି ଦାୟୀ ନୁହଁ। ବାପାଙ୍କୁ ମୋର ଏତିକି ଅନୁରୋଧ କି ମା’ ଓ ନାନୀ ସହ ଭଲରେ ଗୋଟିଏ ପରିବାର ପରି ସବୁବେଳେ ରହିବେ। ମୋର ପ୍ରିୟ ବନ୍ଧୁଗଣଙ୍କୁ ମଧ୍ୟ ମୋର ବିଦାୟ। ଗୁଡ୍ ବାଏ ଏଭ୍ରିବଡି...



**ଆଜିର ମନ୍ତବ୍ୟ**

“କେନ୍ଦ୍ର-ରାଜ୍ୟ ସମ୍ପର୍କ ରୁଷିଆ-ୟୁକ୍ରେନ ସଦୃଶ। ରାଜ୍ୟର ନିର୍ବାଚିତ ସରକାରଙ୍କୁ ଅସ୍ଥିର କରିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଅଭିଯାନ ନିନ୍ଦନୀୟ। **-ହେମନ୍ତ ସୋରେନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖୁ, କାକୁଡ଼ି, ନଡ଼ିଆ, ମକା**
**ଦାନ୍ତ ପଡ଼ିଲେ ତଳକୁ ପକା।**

ସାଧାରଣତଃ ଆଖୁ, କାକୁଡ଼ି, ନଡ଼ିଆ ଓ ମକା ଭଳି ଖାଦ୍ୟକୁ ଚୋବେଇ ଚୋବେଇ ଖାଇବା ପାଇଁ ଦାନ୍ତର ଆବଶ୍ୟକତା ପଡ଼ିଥାଏ। ଦାନ୍ତ ନ ଥିବା ବ୍ୟକ୍ତି ଏଭଳି ଖାଦ୍ୟକୁ ଖାଇବା ପାଇଁ ଅସୁବିଧା ଭୋଗିଥାନ୍ତି। ତେଣୁ ଦାନ୍ତ ପଡ଼ିଗଲେ ଚୋବେଇବା ଖାଦ୍ୟ ପଦାର୍ଥକୁ ହତାଦର କରାଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଜି ଖୁଦ ଜାଉ କାଲି ଗଇଁଠା,**
**ପଅରିଦିନକୁ ଦାରୀ ଅଇଁଠା।**

କେବେ ଖୁଦ ଜାଉ ତ କେବେ ଗଇଁଠା ଭଳି ସୁସ୍ୱାଦୁ ଭୋଜନ। ଆଉ କେବେ କିଛି ନ ମିଳିଲେ ପର ଆଗରେ ହାତପାତି ଜୀବିକା ନିର୍ବାହ। ସବୁଦିନ ସମାନ ଭାବରେ ସୁରୁଖୁରୁରେ ଯାଏ ନାହିଁ। ଯାହି ତାହି କରି ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଗକୁ ହେବ ଇ-କ୍ୟାବିନେଟ

■ **ଏନ୍ଆଇସି ସହାୟତାରେ କାର୍ଯ୍ୟକାରୀ ହେବ ପ୍ରକଳ୍ପ**
■ **ଉଚ୍ଛେଦ ହେବ ଫାଇଲ ବ୍ୟବସ୍ଥା**

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଆଗାମୀ ଦିନରେ ରାଜ୍ୟ କ୍ୟାବିନେଟ ‘ଇ-କ୍ୟାବିନେଟ’ ହେବା ସହିତ ଏହା କାଗଜରହିତ ହେବ। ରାଜ୍ୟ ସରକାର ଏଥିପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ନ୍ୟାଶନାଲ ଇନ୍ଫରମେଟିକ୍ସ ସେଣ୍ଟର(ଏନ୍ଆଇସି) ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବ। ଖୁବ୍ଶୀଘ୍ର ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗ ଏବଂ ଏନ୍ଆଇସି ମଧ୍ୟରେ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା ପାଇଁ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଥରେ ଅନ୍ଲାଇନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସମ୍ପୂର୍ଣ୍ଣ କ୍ୟାବିନେଟ ଏବଂ ମନ୍ତ୍ରିମଣ୍ଡଳ ସଂକ୍ରାନ୍ତୀୟ ସମସ୍ତ ସୂଚନା ୱେବ୍ ପ୍ଲାଟଫର୍ମରେ ଅପ୍ଲୋଡ କରାଯିବ। ଏ ସଂକ୍ରାନ୍ତୀୟ ଫାଇଲ କାର୍ଯ୍ୟ ଏକପ୍ରକାର ସମାପ୍ତ ହୋଇଯିବ।

କ୍ୟାବିନେଟ ବୈଠକ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଏକାଧିକ ବାର୍ତ୍ତାଳାପ ଓ ଫାଇଲ ନେଣଦେଣ ହୋଇଥାଏ। ପ୍ରତ୍ୟେକ ବୈଠକ ପାଇଁ ବ୍ୟାପକ କାଗଜ, ଇନ୍ଧନ, ମାନବ ସମ୍ବଳ ସହିତ ସମୟ ଖର୍ଚ୍ଚ ହୋଇଥାଏ। ଇ-କ୍ୟାବିନେଟ ବ୍ୟବସ୍ଥାରେ କ୍ୟାବିନେଟ ନିଷ୍ପତ୍ତିର ସମସ୍ତ ସୂଚନା ଡାଟାବେସ୍ରେ ରହିବ। ତେବେ କ୍ୟାବିନେଟ ସଂକ୍ରାନ୍ତୀୟ କେତେକ ଗୁପ୍ତ ତଥ୍ୟ ବ୍ୟତୀତ ଅନ୍ୟଗୁଡ଼ିକ ୱେବ୍ସାଇଟରେ ସହଜରେ ମିଳିପାରିବ। ଫାଇଲଗୁଡ଼ିକ ଇଲେକ୍ଟ୍ରୋନିକ ବ୍ୟବସ୍ଥାରେ ପରିଚାଳିତ ହେବ। ଫଳରେ କୌଣସି ଗୁପ୍ତ ତଥ୍ୟ ପ୍ରଘଟ ହେବାର ଆଶଙ୍କା କମ୍ ବୋଲି ଅଧିକାରୀମାନେ ମତ ଦେଉଛନ୍ତି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଏଥିସହିତ ସଂଶ୍ଳିଷ୍ଟ ବରିଷ୍ଠ ଅଧିକାରୀମାନେ ହିଁ କେବଳ ଏହି ଫାଇଲକୁ ଦେଖିପାରିବେ। ଭବିଷ୍ୟତରେ ସମସ୍ତ ସୂଚନା ଏସ୍ଏମ୍ଏସ୍, ଇ-ମେଲ୍ ଏବଂ ପୋର୍ଟାଲ ଜରିଆରେ ଯେକୌଣସି ସମୟରେ ଉପଲବ୍ଧ ହୋଇପାରିବ।

ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସଫଳତାର ସହ ଏଭଳି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ଇ-ବିଧାନ ବା କାଗଜରହିତ ବିଧାନସଭା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ବିଧାନସଭାର ପ୍ରଶ୍ନ ଏବଂ ଉତ୍ତର ନ୍ୟାଶନାଲ ଇ-ବିଧାନ ଆପ୍ଲିକେଶନ ବା ନେଭା ପୋର୍ଟାଲ ଏବଂ ମୋବାଇଲ ଫର୍ମାଟରେ ଉପଲବ୍ଧ ହେଉଛି। ବିଧାନସଭାର ସମସ୍ତ କାର୍ଯ୍ୟ ଏବେ ମୋବାଇଲ ଆପ୍ଲିକେଶନରେ ଉପଲବ୍ଧ। ଏପରି କି ଡିଜିଟାଲ ବ୍ୟବସ୍ଥାରେ ବଜେଟ ଉପସ୍ଥାପନ ହେବା ସହିତ ସମସ୍ତ ସଦସ୍ୟଙ୍କୁ ଏହା ନେଭା ଜରିଆରେ ଯୋଗାଇ ଦିଆଯାଉଛି। ସାଧାରଣ ଲୋକେ ବି ସହଜରେ ଏହାକୁ ପାଇପାରୁଛନ୍ତି।

# ୧୯ % ଘରେ ବ୍ୟବହାର ହେଉନି ଶୌଚାଳୟ

**ନୂଆଦିଲ୍ଲୀ,୧୧।୫**

ନ୍ୟାଶନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ରିପୋର୍ଟ ଅନୁସାରେ ଦେଶରେ ୧୯ ପ୍ରତିଶତ ଲୋକ ଘରେ ଶୌଚାଳୟ ବ୍ୟବହାର କରୁନାହାନ୍ତି। ଅର୍ଥାତ୍ ସେମାନେ ବର୍ତ୍ତମାନ ସୁଦ୍ଧା ବାହାରେ ମଳତ୍ୟାଗ କରୁଛନ୍ତି। ୨୦୧୯ରୁ ୨୦୨୧ ମସିହାର ତଥ୍ୟ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୫ରୁ ୧୬ ମଧ୍ୟରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରାୟ ୩୯ ପ୍ରତିଶତ ଲୋକଙ୍କ ଘରେ ଶୌଚାଳୟ ବ୍ୟବସ୍ଥା ନ ଥିଲା। ବିହାରରେ ସବୁଠାରୁ କମ୍ (୬୨%) ଶୌଚାଳୟ ବ୍ୟବସ୍ଥା ଥିବାବେଳେ ଝାଡ଼ଖଣ୍ଡରେ (୭୦%) ଏବଂ ଓଡ଼ିଶାରେ (୭୧%) ରହିଛି। ଏନ୍ଏଫ୍ଏଚ୍ଏସ୍-୫ ଅନୁସାରେ ଦେଶରେ ୬୯ ପ୍ରତିଶତ ଘରେ ଉନ୍ନତମାନର ଶୌଚାଳୟ ବ୍ୟବସ୍ଥା ଥିବାବେଳେ ୮ ପ୍ରତିଶତ ଲୋକ ବ୍ୟବହାର କରୁଥିବା ପାଇଖାନାକୁ ଯଦି ଶେୟାରିଂ ଭାବେ ବ୍ୟବହାର ନ କରନ୍ତି ତେବେ ସେଗୁଡ଼ିକ ମଧ୍ୟ ଉନ୍ନତମାନ ଟଏଲେଟରେ ଶ୍ରେଣୀଭୁକ୍ତ କରାଯାଇପାରିବ। ୮୩ ପ୍ରତିଶତ ପରିବାର ଘରେ ଟଏଲେଟ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ୭ ପ୍ରତିଶତ ଘରେ ଶେୟାରିଂ ଟଏଲେଟ ବ୍ୟବହାର ହେଉଥିବାବେଳେ ସହରାଞ୍ଚଳରେ ଏହାର ପରିମାଣ ୧୧ ପ୍ରତିଶତ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ମେଷ ସକାଶେ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମନାରେ କଥା କହିବାକୁ ଅନ୍ୟମାନେ ପଛେଇ ଯିବେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ବହୁତ ଚେଷ୍ଟାକରି ମଧ୍ୟ ଯେଉଁଥି ପାଇଁ ଚିନ୍ତିତ ଥିଲେ ଆଜି ତାହା ମିଳିପାରିବ।

**ବୃଷ**
କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥଙ୍କ ସାନ୍ନିଧ ଲାଭ କରିପାରନ୍ତି । ମୃଗଶିରା ନକ୍ଷତ୍ରର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ ।

**ମିଥୁନ**
କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ଆଶଙ୍କା ରହିଛି। କିନ୍ତୁ ପୁନର୍ବସୁ ନକ୍ଷତ୍ରର ସାଧାରଣ ତୋଷାମଦିଆ କଥାରେ ମନ ବଦଳି ଯାଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ ।

**କର୍କଟ**
ଉଦ୍ୟମ ଅବ୍ୟାହତ ରଖିଲେ ମଧ ଯେତିକି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। ଅର୍ଥର ଅଭାବ ନ ଥିଲେ ମଧ ପୁଷ୍ୟା ନକ୍ଷତ୍ର ପାଇଁ କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳ ହେବେ ।

**ସିଂହ**
ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଏ ଦିଗରେ ସାହାଯ୍ୟ କରିବ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ । କଚେରି ମାମଲାର ଶୁଣାଣିରୁ ମନ ଖୁସି ହୋଇଯିବ।

**କନ୍ୟା**
ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଆଜିର ଯାତ୍ରାକାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ଚିତ୍ରା ନକ୍ଷତ୍ର କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**
ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ କରି ପାରିବେନି। ବିଶାଖା ନକ୍ଷତ୍ର ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ । ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା**
ଆଜି ଆକସ୍ମିକ ଭାବରେ ସମସ୍ୟାର ସରଳ ସମାଧାନ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପ୍ରଯତ୍ନକଲେ ସଫଳ ହେବେ । ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧା ନକ୍ଷତ୍ରର ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ସକାଶେ କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ ସମସ୍ୟା ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରି ଚାଲିବେ । ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ ମାନସିକ ସ୍ତରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। କୌଣସି ବ୍ୟକ୍ତିଠାରୁ ହଠାତ୍ ଦୁଃଖଦ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶ୍ରବଣା ନକ୍ଷତ୍ର ସକାଶେ ପଡ଼ୋଶୀମାନେ ବିଭିନ୍ନ ପ୍ରକାରର ଝମେଲା କରିପାରନ୍ତି।

**କୁମ୍ଭ**
ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି । ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଧନିଷ୍ଠା ନକ୍ଷତ୍ରର ଦେହ ଭଲ ରହିଲେ ମଧ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି ।

**ମୀନ**
ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତା ପୂରଣ କରିବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉତ୍ତରଭାଦ୍ରପଦ ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିପାରନ୍ତି।

# ଏପ୍ରିଲରେ ୪,୪୪୬ ଅବକାରୀ ମାମଲା

■ **୩୭୮୧ ଗିରଫ**
■ **୬ କୋଟିର ଅବକାରୀ ସାମଗ୍ରୀ ଜବତ**

**ଭୁବନେଶ୍ୱର,୧୧।୫ (ବ୍ୟୁରୋ)**

ଅବକାରୀ ବିଭାଗର ଧରପଗଡ଼ ଯୋଗୁ ମାସକ ମଧ୍ୟରେ ୩୭୮୧ ଜଣ ଗିରଫ ହୋଇଥିବା ବେଳେ ୪,୪୪୬ଟି ମାମଲା ରୁଜୁ ହୋଇଛି। ଏପ୍ରିଲ ୨୦୨୨ର ଧରପଗଡ଼ ସଂକ୍ରାନ୍ତରେ ଅବକାରୀ କମିଶନର ଆଶିଷ କୁମାର ସିଂହ କରିଥିବା ସମୀକ୍ଷାରୁ ଏହା ଜଣାପଡ଼ିଛି। ଗତବର୍ଷ ଏପ୍ରିଲରେ ୨୮୦୭ ମାମଲା ରୁଜୁ ହୋଇଥିବାବେଳେ ୨୩୫୭ଜଣଙ୍କୁ ଗିରଫ କରାଯାଇଥିଲା।। କେବଳ ଗିରଫଦାରି ଓ ମାମଲା ନୁହେଁ, ଗତବର୍ଷ ଏପ୍ରିଲ ତୁଳନାରେ ଚଳିତବର୍ଷ ଏପ୍ରିଲରେ ପ୍ରାୟ ୬କୋଟି ଟଙ୍କାର ଅବକାରୀ ସାମଗ୍ରୀ ଜବତ ହୋଇଛି । ଏପ୍ରିଲ୍ରେ ଅବକାରୀ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କାରଖାନା ପ୍ରସ୍ତୁତ ୧,୦୨,୭୦୬ ଲିଟର ଦେଶୀମଦ, ୮,୬୪,୬୭୦ ଲିଟର ମଦ ପ୍ରସ୍ତୁତ ସାମଗ୍ରୀ, ୧୧୦୮ ଲିଟର ଦେଶୀ ମଦ, ୧୨୯୩କିଲୋ ଭାଙ୍ଗ, ୧୫୧୩କୁଇଣ୍ଟାଲ ମହୁଲ ଫୁଲ ସହିତ ଟିକସ ଫାଙ୍କି ଥିବା ୨୧ଲିଟର ବିଦେଶୀ ମଦ ଓ ୬୬୧ଲିଟର ନକଲି ବିଦେଶୀ ମଦ ଜବତ କରିଛନ୍ତି। ୧୮୪ ଗାଡ଼ିକୁ ମଧ ଜବତ କରିଛନ୍ତି। ସେହିପରି ୪୯୩୯ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ୧୪୨୫ ଗ୍ରାମ ବ୍ରାଉନସୁଗାର ଓ ୧୭୬ ଲିଟର କଫ୍ ସିରପ୍ ଜବତ କରାଯାଇଛି। ଜବତ ଗଞ୍ଜେଇର ପରିମାଣ ଗତବର୍ଷ ଏପ୍ରିଲ ମାସ ତୁଳନାରେ ପ୍ରାୟ ୨ହଜାର କିଲୋ ଅଧିକ ରହିଥିବାବେଳେ ବ୍ରାଉନସୁଗାର ବି ୬୦୦ ଗ୍ରାମ ଅଧିକ ରହିଛି। ଜବତ କଫ୍ ସିରପ ପରିମାଣ ଗତବର୍ଷ ତୁଳନାରେ ୧୦ଗୁଣାରୁ ଅଧିକ ରହିଛି ।

ଚଳିତ ମେ ମାସ ପ୍ରଥମ ଦିନରେ ଅବକାରୀ ବିଭାଗ ୧୨୪୫ ମାମଲା ରୁଜୁ ସହିତ ୧୦୭୬ ଜଣଙ୍କୁ ବାନ୍ଧିଥିବା ଜଣାଯାଇଛି। ଏହି ୧୦ଦିନ ମଧ୍ୟରେ ପ୍ରାୟ ୪.୫ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଛି ।

# ୧୧ ଏଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ରାଜ୍ୟ ସରକାର ୧୧ ଜଣ ଓଡ଼ିଶା ପୋଲିସ ସେବା (ଓପିଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ସେହି ଅଧିକାରୀମାନଙ୍କୁ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ(ଏଏସ୍‌ପି)ରୁ ଏସ୍‌ପି(ସୁପରଟାଇମ ସ୍କେଲ)କୁ ପଦୋନ୍ନତି ଦିଆଯାଇଛି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ନୂଆପଡ଼ା ଆଡିଶନାଲ ଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟଙ୍କୁ ପଦୋନ୍ନତି ପରେ କଟକ ଏଆରପିରେ ନିଯୁକ୍ତି ଦିଆଯାଇଥିବା ବେଳେ ଅମରେଶ କୁମାର ପଣ୍ଡାଙ୍କୁ ସୋନପୁର ଏସ୍‌ପି, ଦିଲୀପ କୁମାର ପଟେଲଙ୍କୁ ଏଚଆରପିସି ଏସ୍‌ପି, ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପିଟିଆଇ, ବିଓ୍ୱାଇଆରଇଇ ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ପହିଙ୍କୁ ନୟାଗଡ଼ ଏସ୍‌ପି, ଅନନ୍ତ ନାରାୟଣ ମହାନ୍ତିଙ୍କୁ ଇଓଡବ୍ଲ୍ୟୁ ଏସ୍‌ପି, ଗୋବିନ୍ଦ ଚନ୍ଦ୍ର ସେଠୀଙ୍କୁ ଏଆଇଜିପି ମେରାଇନ, ଦୀପକ କୁମାର ରଥଙ୍କୁ ଏସ୍‌ପି କମ୍ପ୍ୟୁଟର୍ସ, ଭବାନୀ ଶଙ୍କର ମିଶ୍ରଙ୍କୁ ଏସ୍ଆଇଡବ୍ଲ୍ୟୁ ଏସ୍‌ପି, ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନାର୍କୋଟିକ୍ସ ଏସ୍‌ପି ଏବଂ ଠାକୁର ପ୍ରସାଦ ପାତ୍ରଙ୍କୁ ଟ୍ରାଫିକ ଡିସିପି ଭାବେ ନିଯୁକ୍ତି ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଦେଶଦ୍ରୋହ ଆଇନ ...

କରିବାରୁ କ୍ଷାନ୍ତ ରୁହନ୍ତୁ। ଜୁଲାଇ ତୃତୀୟ ସପ୍ତାହରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସେହି ଦିନ ପର୍ଯ୍ୟନ୍ତ ଉକ୍ତ ନିର୍ଦ୍ଦେଶନାମା ବଳବତ୍ତର ରହିବ। କୌଣସି ପ୍ରଭାବିତ ପକ୍ଷ ଚାହିଁଲେ ସମ୍ପୃକ୍ତ କୋର୍ଟଙ୍କ ଆଶ୍ରୟ ନେଇପାରିବେ। ଅର୍ଥାତ୍ ପୂର୍ବରୁ ଏହି ନିୟମ ବଳରେ ଗିରଫ ହୋଇ ଜେଲରେ ଥିବା ଲୋକେ ଜାମିନ ପାଇଁ ଅଦାଲତରେ ପିଟିଶନ ଦାଏର କରିପାରିବେ। ଅଦାଲତଗୁଡ଼ିକ ବର୍ତ୍ତମାନର ଆଦେଶକୁ ବିଚାରକୁ ନେଇ ପୀଡ଼ିତଙ୍କ ଆବେଦନର ଶୁଣାଣି କରିପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।
ସିଜେଆଇ ରମନା ଆହୁରି କହିଛନ୍ତି, ପୂର୍ବ ଶୁଣାଣି ବେଳେ ଆଟର୍ନି ଜେନେରାଲ ଦେଶଦ୍ରୋହ ଆଇନର ଦୁରୁପଯୋଗ ନେଇ ସ୍ପଷ୍ଟ ଭାବେ କେତେକ ଉଦାହରଣ ଦେଇଥିଲେ। ଯେପରି କି ହନୁମାନ ଚାଳିଶା ପାଠ କଲେ ବି ଏହି ଆଇନ ବଳରେ ମାମଲା ରୁଜୁ କରାଯାଉଛି। ତେଣୁ ଦେଶଦ୍ରୋହ ଆଇନର ପୁନଃ ସମୀକ୍ଷା ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ସରକାର ୧୨୪ଏ ଅନୁସାରେ ମାମଲା ରୁଜୁ କରିପାରିବେ ନାହିଁ ବୋଲି କହିଛନ୍ତି। ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସେଡିଶନ୍ ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ ୨୪ ଘଣ୍ଟା ମହଲତ ଦେଇଥିଲେ। ପୋଲିସ ଅଧୀକ୍ଷକ (ଏସ୍‌ପି) ପାହ୍ୟାର ଜଣେ ଅଧିକାରୀଙ୍କୁ ଦେଶଦ୍ରୋହ ମାମଲାରେ ଏଫ୍ଆଇଆର୍ ପଞ୍ଜୀକରଣ ତଦାରଖ ଦାୟିତ୍ୱ ଦିଆଯାଉ ବୋଲି କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଛନ୍ତି। ୧୯୬୨ ମସିହାରେ ସମ୍ବିଧାନ ଦ୍ୱାରା ଏହି ପ୍ରୋଭିଜନ୍‌କୁ ବଳବତ୍ତର ରଖାଯାଇଥିବାରୁ ମାମଲା ରୁଜୁ ବନ୍ଦ କରାଯାଇପାରିବ ନାହିଁ ବୋଲି ମଧ କେନ୍ଦ୍ର କହିଥିଲା। ତେବେ ଏହା ଉପରେ ଗଭୀର ଅନୁଧ୍ୟାନ କରିବା ପରେ ଦେଶଦ୍ରୋହ ଆଇନକୁ ସ୍ଥଗିତ ରଖିବା ପାଇଁ ଖଣ୍ଡପୀଠ ନିଷ୍ପତ୍ତି ନେଇଥିବା ରୋକ୍ଠୋକ୍ ଶୁଣାଇଛନ୍ତି। ଫଳରେ କେନ୍ଦ୍ରକୁ ବଡ଼ ଅଦାଲତୀ ଝଟକା ଲାଗିଛି।

### କୋର୍ଟ ପରିସରରେ ବିଷ ...

ବୁଧବାର କୋର୍ଟ ଭିତରେ ବିଚାରପତିଙ୍କ ଆଗରେ ଉଭୟ ସ୍ତ୍ରୀସ୍ୱାମୀଙ୍କ ଜେରା ଚାଲିଥିଲା। ରାଜଶ୍ରୀ ଅଦାଲତଙ୍କ ଅନୁମତିରେ ନିଜ ପକ୍ଷ ରଖିଥିଲେ। ପରେ ପ୍ରତିପକ୍ଷ ଆଇନଜୀବୀଙ୍କ ଜେରାରେ ଅତିଷ୍ଠ ହୋଇପଡ଼ିଥିଲେ। ଅଦାଲତଙ୍କଠାରୁ ଗୋଟିଏ ଦିନ ମହଲତ ମାଗି କୋର୍ଟ ରୁମ୍ ବାହାରକୁ ଚାଲି ଆସିଥିଲେ। ପରେ ସେ ନୂଆବଜାରସ୍ଥିତ ଏକ ଦୋକାନରୁ ବିଷ(ଥିମେଟ୍) କିଣି ପୁଣି ପରିବାର ଅଦାଲତ ପ୍ରକୋଷ୍ଠକୁ ଆସିଥିଲେ। ସେଠାରେ ବସି ଏକ ସୁଇସାଇଡ୍ ନୋଟ୍ ଲେଖି ବିଷ ପାନ କରିଥିଲେ। କିଛି ସମୟ ମଧ୍ୟରେ ସେ ଚେତାଶୂନ୍ୟ ହୋଇପଡ଼ିବାରୁ ପାଖରେ ଥିବା ଆଇନଜୀବୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତାଙ୍କର ଏକମାତ୍ର ପୁଅ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ଏନେଇ ବାର୍ ଆସୋସିଏଶନ ସମ୍ପାଦକ ସମିତ ନନ୍ଦୀ କହିଛନ୍ତି, ଏହି ମାମଲା ପାଇଁ ସେ ଦୀର୍ଘଦିନ ହେଲା ଚାପରେ ରହିଥିଲେ। ନ୍ୟାୟ ମିଳିବାରେ ବିଳମ୍ବ ହେଉଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

### ଆନ୍ଧ୍ର ଉପକୂଳ ଛୁଇଁ ...

ବିଶେଷ ବର୍ଷା କିମ୍ବା ପବନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯଦି କେଉଁଠି କିଛି ସ୍ଥାନୀୟ ସ୍ତରରେ ସମସ୍ୟା ଦେଖାଦିଏ, ତା’ହେଲେ ଜିଲାପାଳମାନେ ସେମାନଙ୍କ ଜିଲାରେ ମୁତୟନ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଟିମ୍ ସହାୟତାରେ ପରିସ୍ଥିତିର ମୁକାବିଲା କରିପାରିବେ । ବାତ୍ୟା ଯୋଗୁ ରାଜ୍ୟର କିଛି ଜିଲାରେ ବର୍ଷା ହୋଇଛି । ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ଖୋର୍ଦ୍ଧାରେ ସର୍ବାଧିକ ୨୮.୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ୨୩.୯ ମିମି, ନୟାଗଡ଼ରେ ୧୯.୩ ମିମି, ଗଞ୍ଜାମରେ ୧୯.୧ ମିମି ଓ ଢେଙ୍କାନାଳରେ ୧୮.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କେନ୍ଦୁଝର ଜିଲାର ଘସିପୁରା ବ୍ଲକରେ ସର୍ବାଧିକ ୭୨ମିମି ଓ ଖୋର୍ଦ୍ଧା ବ୍ଲକରେ ୭୦ ମିମି ବର୍ଷା ହୋଇଥିବାବେଳେ ୪୨ଟି ବ୍ଲକରେ ୨୦ରୁ ୫୦ମିମି ବର୍ଷା ହୋଇଛି।
ବାତ୍ୟା ଗୁରୁବାର ସକାଳ ସୁଦ୍ଧା ଅବପାତରେ ପରିଣତ ହେବାର ଥିବାରୁ ଏହାର ପ୍ରଭାବରେ ୪୦ରୁ ୫୦କିମି ବେଗରେ ପବନ ସହ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ସମେତ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ୭ରୁ ୧୧ ସେଣ୍ଟିମିଟର ଭିତରେ ବର୍ଷା ହୋଇପାରେ। ବର୍ଷା ଯୋଗୁ ବିଶେଷ କିଛି କ୍ଷତି ହେବାର ସମ୍ଭାବନା ନାହିଁ। ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କ ଯିବା ଉପରେ କଟକଣା ଜାରି ରହିଥିବା ଏସ୍ଆରସି କହିଛନ୍ତି।
ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି । ଘସିପୁରାରେ ୭ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଖୋର୍ଦ୍ଧା ୭, ଆନନ୍ଦପୁର ୬, ମହେନ୍ଦ୍ରଗଡ଼ ୫, ଦିଗପହଣ୍ଡି ୫, ଧରାକୋଟ ୪, ଦୈତାରି ୪, ମୋହନା ୪, ଦାରିଙ୍ଗବାଡ଼ି ୪, ଭୁବନେଶ୍ୱର ବିମାନବନ୍ଦର ୪, ପରଜଙ୍ଗ ୪, ପଟ୍ଟାଙ୍ଗୀ ୩, ଟାଙ୍ଗରପାଲି ୩, ତିଗିରିଆ ୩, ବେଗୁନିଆ ୩, ଦଶପଲ୍ଲା ୩, ହିନ୍ଦୋଳ ୩, ବାଙ୍କୀ ୩, ସୋରଡ଼ା ୩, ବାଣପୁର ୩, କଙ୍କଡ଼ାହାଡ଼ ୩, ଘଟଗାଁ ୩, ଭାପୁର ୩, ଭଞ୍ଜନଗର ୩, ରଣପୁର ୩, ଟାଙ୍ଗୀ ୩, ଆର.ଉଦୟଗିରି ୩, ପିପିଲି ୩, ଜଟଣୀ ୩ ଏବଂ ଶେରଗଡ଼ରେ ୩ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

### ଜିଲାପାଳ, ଓବିସିସି, ...

ସଂଘ ପକ୍ଷରୁ ପ୍ରଥମେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପରେ ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରାଯାଉଥିବା ଅଭିଯୋଗ କରି ପୁରୀ ଜିଲାପାଳ, ଓବିସିସିର ଅଧିକାରୀ ଏବଂ ଟାଟା ପ୍ରୋଜେକ୍ଟ ଲିମିଟେଡ୍ର ପ୍ରୋଜେକ୍ଟ ମ୍ୟାନେଜରଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଗତ ମାର୍ଚ୍ଚ ୧୬ତାରିଖରେ ଏତଲା ଦିଆଯାଇଥିଲା। ହେଲେ ପୋଲିସ ଏତଲାକୁ ଗ୍ରହଣ ନ କରିବାରୁ ଏସ୍‌ଡିଜେଏମ୍ କୋର୍ଟରେ ଏନେଇ ଏକ ମାମଲା ଦାୟର ହୋଇଥିଲା। ଆନ୍‌ସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍ସ ରିମେନ୍ସ(ଆମସାର୍) ଆକ୍ଟ-୧୯୫୮ ଧାରା ୩୦(ଏ) ଓ ଆଇପିସି ଧାରା ୧୬୬(ଏ)ରେ ତଦନ୍ତ କରିବାକୁ ସିଂହଦ୍ୱାର ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଆମ୍ସାର୍ ଆକ୍ଟକୁ ଉଲ୍ଲଂଘନ କରି ବେଆଇନ ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ କରିଥିଲୁ। ଏତଲାକୁ ଗ୍ରହଣ କରା ନ ଯିବାରୁ ଗତ ଏପ୍ରିଲ ୧୩ରେ ଏସ୍‌ଡିଏଜେଏମ୍‌ଙ୍କ ନିକଟରେ ଏକ ଓ୍ୱାନ୍‌ସିସି ମକଦ୍ଦମା (ନଂ.୧୦୨/୨୦୨୨) ଦାଖଲ କରିଥିଲୁ। ମାମଲାରେ ଉଲ୍ଲେଖ ରହିଥିଲା ଯେ, ଶ୍ରୀମନ୍ଦିର ଚାରିପାଖରେ ବେଆଇନ ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଏନେଇ ଏତଲା ଗ୍ରହଣ କରାଯାଉନାହିଁ। ଆମ୍ସାର୍ ଆକ୍ଟ-୧୯୫୮ ଅନୁଯାୟୀ, ୨ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କାର ଜରିମାନାର ପ୍ରାବଧାନ ରହିଛି। ଆମସାର୍ ଆକ୍ଟ- ୩୦(ଏ) ଦଣ୍ଡ ବିଧାନ ଅନୁଯାୟୀ ଦଫା ଲଗାଯାଇ ମକଦ୍ଦମା କରାଯାଇଥିଲା। ଏହା ବ୍ୟତୀତ ଆମ୍ସାର୍ ଆକ୍ଟ (୧୯୫୮)ର ୩୦(ବି), ୩୦(ସି) ଓ ୧୬୬ ଓ ୩୪ ଆଇପିସି ଧାରା ଆଧାରରେ ଥାନାରେ ମାମଲା ରୁଜୁ ହୋଇଥିବା ଏସ୍‌ଡିଜେଏମ୍ କୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏସଡିଜେଏମ୍ କୋର୍ଟରେ ମାମଲା ରୁଜୁ କରିଥିବା ଆବେଦନକାରୀ ତଥା ପୁରୀ ଜିଲା ଓକିଲ ସଂଘର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି, ଏସ୍‌ଡିଜେଏମ୍ କୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। କୋର୍ଟ ନିଷ୍ପତ୍ତି କ୍ରମେ ପୋଲିସ ଏତଲା ପଞ୍ଜୀକୃତ କରି କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଶା ରହିଛି।


# classifieds

**Everyday**
**0674-2580101, 2549302**

real estate

**SALE**

Bhubaneswar-Puri bypass gharabari plot 1200sqft. @4,80,000/-.9853415415, 9777160796, 8144044975. D-71991

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50= (1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

ପୁରୀ ମାଳତିପାଟପୁର ବସ୍ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ Immediate ଘରକରି ରହିବା ପାଇଁ Low cost plot ମିଳୁଛି. 9692213354. D-71898

healthcare

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

Refreshing your mind and body with the best therapy, 7873794731. D-317

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefits expert therapist, Kalpana. 7846814019. D-73602

Ayurvedic full body massage ladies & jents. Contact: 8093860513, 8658994614. D-71897

Newly open SPA positively health benefit with expert. Contact: 7749976301. D-71995

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Dutika Sahoo to Susama Sahoo, W/o. Late Bholeswar Sahoo, Vill-Sansailo, PO-Bhaliabolakateni, PS-Sadar, Dist.-Dhenkanal for purpose of LIC Policy-599230392 and all purposes. D-70390

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କମ୍ପାନୀ ଟେରିଟୋରିଆଲ ସେଲ୍ସ ମ୍ୟାନେଜର ଗିରଫ

**ସାଇବର ଠକଙ୍କୁ ପ୍ରି-ଆକ୍ଟିଭେଟ୍ ସିମ୍ ଯୋଗାଣ ମାମଲା**

■ ପ୍ରି-ଆକ୍ଟିଭେଟ୍ ସିମ୍ ଆଣି ପୋର୍ଟିଂ କରୁଥିଲେ

■ ୫ରେ ପହଞ୍ଚିଲା ଗିରଫ ସଂଖ୍ୟା

**ଭୁବନେଶ୍ୱର,(ବ୍ୟୁରୋ),୧୧।୫**

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଲକାନଗିରି ଜିଲା ଓର୍‌କେଲ ଥାନା ବାଲିମେଳା ଗ୍ରାମର ଦୀପକ କୁମାର ନାୟକ(୨୪)। ସେ ଗଜପତି ଜିଲା ପାରଳାଖେମୁଣ୍ଡିରେ ଏୟାରଟେଲର ଟେରିଟୋରିଆଲ ସେଲ୍ସ ମ୍ୟାନେଜର ଭାବେ କାମ କରନ୍ତି। ଗିରଫ ପରେ ଦୀପକଙ୍କୁ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ବୁଧବାର ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦୀପକ ୨୦୧୯ ଏପ୍ରିଲ ୨୯ରେ ଏକ ଚୋରି ମାମଲାରେ ଓର୍‌କେଲ ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇ ପରବର୍ତ୍ତୀ ସମୟରେ ଜାମିନରେ ଆସିଥିଲେ। ୨୦୧୯ ଡିସେମ୍ବର ୨୦ରେ ପୋଲିସ ତାଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ପୂର୍ବରୁ ଏହି ମାମଲାରେ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ ସାହୁଙ୍କ ସମେତ ୪ଜଣ ଗିରଫ ହୋଇଛନ୍ତି। ତେବେ ଏୟାରଟେଲର ଟେରିଟୋରିଆଲ ସେଲ୍ସ ମ୍ୟାନେଜର ଦୀପକଙ୍କ ସହାୟତାରେ ଦୁଷ୍ମନ୍ତ ସମସ୍ତ ପ୍ରି-ଆକ୍ଟିଭେଟ୍ ସିମ୍‌କୁ ଏୟାରଟେଲ୍‌କୁ ପୋର୍ଟିଂ କରୁଥିଲେ। ସିମ୍ ଆକ୍ଟିଭ୍ ହେବାର ୩ ମାସ ପରେ ଅନ୍ୟ କୌଣସି କମ୍ପାନୀକୁ ପୋର୍ଟିଂ କରିବାର ନିୟମ ରହିଛି। ତେଣୁ ଦୁଷ୍ମନ୍ତ ବିଶେଷକରି ଭୋଡ଼ାଫୋନ୍ ଓ ବିଏସ୍‌ଏନ୍‌ଏଲ୍‌ର ପ୍ରି-ଆକ୍ଟିଭେଟ ସିମ୍‌କୁ ପୋର୍ଟିଂ କରି ଦୀପକଙ୍କଠାରୁ ଟଙ୍କା ପାଉଥିଲେ। ଦୀପକ ବିଭିନ୍ନ ଲୋକଙ୍କ ଫଟୋ ଓ ଆଧାର କାର୍ଡ ଯୋଗାଡ଼ କରୁଥିଲେ। ଏହାଦ୍ୱାରା କମ୍ପାନୀର ଗ୍ରାହକ ବଢ଼ିବା ସହ କମିଶନ ମିଳୁଥିବାରୁ ଦୀପକ ଏଭଳି କରୁଥିଲେ ବୋଲି କ୍ରାଇମବ୍ରାଞ୍ଚକୁ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାରଠାରୁ କ୍ରାଇମବ୍ରାଞ୍ଚ ମାଷ୍ଟରମାଇଣ୍ଡ ଦୁଷ୍ମନ୍ତଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୪ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି। ପଚରାଉଚରା ସମୟରେ ଏହି ମାମଲାରେ ଦୀପକଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ମଙ୍ଗଳବାର ପାରଳାଖେମୁଣ୍ଡିରୁ ଆଣି ପଚରାଉଚରା କରିଥିଲା। ସମ୍ପୃକ୍ତି ରହିଥିବା ପ୍ରମାଣ ମିଳିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ ଦର୍ଶାଇଛି। ତେବେ ଏହି ମାମଲାକୁ କ୍ରାଇମବ୍ରାଞ୍ଚ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ଗିରଫ ସଂଖ୍ୟା ବଢ଼ିବା ସମ୍ଭାବନା ଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ଏହା ଏକ ବଡ଼ ର୍‍ୟାକେଟ ହୋଇଥିବାରୁ ଏହାର ଚେର ଖୋଜିବା କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

## ସଂକ୍ଷେପରେ

### ନନ୍ଦନକାନନ ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟଶାସନ ସଚିବ

ବାରଙ୍ଗ,୧୧।୫(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ବୁଧବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଚାନକ ଗସ୍ତ କରିଛନ୍ତି। ସେ ନନ୍ଦନକାନନରେ ପହଞ୍ଚି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ନନ୍ଦନକାନନର ଡାକବଙ୍ଗଳାରେ ନନ୍ଦନକାନନ ପଦାଧିକାରୀ, ଭୁବନେଶ୍ୱର ଓ କଟକ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ମହାନଦୀ କୋଲଫିଲ୍ଡ ଲିମିଟେଡ ବିଭାଗ ସମେତ ବିଭିନ୍ନ ବିଭାଗର ପଦାଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟ ଉପରେ ସେ ସମୀକ୍ଷା କରିଥିଲେ। ବିଶେଷତଃ ବହୁତଳ ରହଣିସ୍ଥଳ, ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ନୂତନ ସଂଯୋଗୀକରଣ ରାସ୍ତା, ଶିଶୁ ରେଳଗାଡ଼ି ଚାଳନାରେ ବାରମ୍ବାର ବିଭ୍ରାଟ, ଜୀବଜନ୍ତୁଙ୍କ ମୃତ୍ୟୁ ହାର ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତେବେ ମୁଖ୍ୟ ଶାସନ ସଚିବ ୨୦୧୭ ମସିହାରେ ଜଙ୍ଗଲ ସଚିବ ଥିବା ସମୟରେ ବହୁତଳ ରହଣିସ୍ଥଳ, ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ନୂତନ ସଂଯୋଗୀକରଣ ରାସ୍ତା ଓ ଶିଶୁ ରେଳଗାଡି ଆଦି ପ୍ରକଳ୍ପ ପାଇଁ ପ୍ରସ୍ତାବ ସହ ଅର୍ଥ ମଞ୍ଜୁର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟଗୁଡ଼ିକର ବିଶେଷ ଅଗ୍ରଗତି ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ତୁରନ୍ତ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପିସିସିଏଫ୍ ଶଶି ପଲ, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି ନାୟର, ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ୮୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ, ୧୧।୫- କଟକସ୍ଥିତ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକଠାରେ ବୁଧବାର ଚଢ଼ାଉ କରାଯାଇ ଏକ ବୋଲେରୋରୁ ୮୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଜିଲାର ଅନନ୍ତ ଛାଉଲିଆ ଓ ସିଦ୍ଧାକର ପ୍ରଧାନଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ସ୍କ୍ୱାଡ ପକ୍ଷରୁ ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ବୋଲେରୋରେ କନ୍ଧମାଳରୁ ବାଲେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିକଟରେ ଖବର ପହଞ୍ଚିଥିଲା। ପରେ ସିଂଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ଓ କର୍ମଚାରୀମାନେ ବୋଲେରୋର ପିଛା କରି ମଙ୍ଗୁଳି ଛକ ନିକଟରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା।

### ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କଣାସ, ୧୧।୫(ସ୍ୱ.ପ୍ର):

କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତ ଅଧୀନ ସିରେଇ ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ସ୍ତ୍ରୀ ରମାମଣି ପ୍ରଧାନ(୫୫)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରମାମଣି ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନିଜ ଘର ପଛପଟ ପୋଖରୀକୁ ଯାଉଥିବା ବେଳେ ତାଙ୍କୁ ଏକ ନାଗସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଥିଲେ। ତେବେ ଭୁବନେଶ୍ୱର ଡାକ୍ତରଖାନା କର୍ତ୍ତୃପକ୍ଷ ରମାମଣିଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରମାମଣିଙ୍କ ମୃତ୍ୟୁ ଘଟିଛି। ମୃତଦେହକୁ ଗ୍ରାମକୁ ଅଣାଯାଇ ଶ୍ମଶାନରେ ଦାହ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ନାଗସାପଟିକୁ ଜଣେ ସାପୁଆ କେଳା ଧରି ତା'ର ବିଷଦାନ୍ତ ଭାଙ୍ଗି ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୧୧।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ନୁନ୍‌ପିକିରୀ ଗ୍ରାମର ଏକ ନିର୍ମାଣାଧୀନ କୋଠାରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ନୁନ୍‌ପିକିରୀ ଗ୍ରାମର ଏକ ନିର୍ମାଣାଧୀନ କୋଠାଘର ନିକଟରେ ରହୁଥିବା ମୟୂରଭଞ୍ଜ ଜିଲା ରୁମୁକା ପାହାଡ଼ି ଗ୍ରାମର ବିଶ୍ୱନାଥ ମାଡ଼ିଙ୍କ ସ୍ତ୍ରୀ ହୀରାମଣୀ ମାଡ଼ି(୩୫)। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱନାଥ ଜଣେ ଦିନ ମଜୁରିଆ। ତାଙ୍କର ୨ ଜଣ ସ୍ତ୍ରୀ ଅଛନ୍ତି। ଜଣେ ହୀରାମଣୀ ଓ ଅନ୍ୟଜଣେ ହୀରା ମଡ଼ି। ସ୍ୱାମୀ-ସ୍ତ୍ରୀ ୩ଜଣ ନୁନ୍‌ପିକିରୀର ଏକ ନିର୍ମାଣାଧୀନ କୋଠାରେ କାମ କରୁଥିଲେ। ଏଥିସହ ସେହି କୋଠା ନିକଟ ଏକ ଝୁମ୍ପୁଡି ଘରେ ରହୁଥିଲେ। ୧୫ ଦିନ ତଳେ ସେମାନେ ରୁମୁକା ପାହାଡ଼ି ଗ୍ରାମକୁ ଯାଇ ମଙ୍ଗଳବାର ରାତିରେ ନୁନ୍‌ପିକିରୀକୁ ଫେରିଥିଲେ। ବୁଧବାର ସକାଳେ ନିର୍ମାଣାଧୀନ କୋଠାର ପିଲାର ରଡରେ ହୀରାମଣୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଶ୍ୱନାଥ ଚୌଦ୍ୱାର ଥାନାରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୨) ରୁଜୁ କରିଛି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମହାନ ଋଷି, ଦାର୍ଶନିକ ତଥା ଧର୍ମଗୁରୁ ଶ୍ରୀଶ୍ରୀ ଆନନ୍ଦମୂର୍ତ୍ତିଙ୍କ ଜନ୍ମ ଶତବାର୍ଷିକୀର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ଦୁଇ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ହସ୍ତକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୟନ୍ତ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ**

**ପୁରୀ ଅଫିସ,୧୧।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) କର୍ତ୍ତୃପକ୍ଷଙ୍କ ସହଯୋଗିତାରେ ରାଜ୍ୟ ସରକାର କାର୍ଯ୍ୟ କରୁନାହାନ୍ତି। ସେହିଭଳି ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଏଏସ୍‌ଆଇ ଅନୁମୋଦନ ଦେଇ ନାହିଁ। ଏହି ପ୍ରକଳ୍ପ ନିର୍ମାଣ ଫଳରେ ଶ୍ରୀମନ୍ଦିର ଭିତ୍ତିଭୂମିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ହେଉନାହିଁ। ସଚେତନତା ଓ ଦୂରଦୃଷ୍ଟିର ଅଭାବ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ସଙ୍କଟ ଭିତରକୁ ଠେଲିଦେଇଛି ବୋଲି ଚିଠିରେ ଉଲ୍ଲେଖ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ଅସ୍ମିତାର ପରିଚୟ। ସେହିପରି ଶ୍ରୀମନ୍ଦିର ସହ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆଧ୍ୟାତ୍ମିକ ଚେତନା ଜଡ଼ିତ ହୋଇ ରହିଛି। ଦେଶରେ ଯେପରି ବସୁଧୈବ କୁଟୁମ୍ବକମ୍ ଭାବନାକୁ ଉଦ୍ରେକ କରି ବିଭିନ୍ନ ଧାମର ବିକାଶ କରାଯାଇଛି, ପୁରୀରେ ମଧ୍ୟ ସେହିଭଳି ସମନ୍ୱୟରେ କାର୍ଯ୍ୟ କରାଯିବା ଦରକାର। ତେଣୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ଜୟନ୍ତ ତାଙ୍କ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ କାର୍ଯ୍ୟ ହୋଇପାରିଲେ, ତୀର୍ଥଯାତ୍ରୀ ଓ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବିକାଶର ରୂପ ଦେଖିପାରିବେ ବୋଲି ଚିଠିରେ ଲେଖାଯାଇଛି। ଅନ୍ୟପକ୍ଷରେ ଜୟନ୍ତ ପରିକ୍ରମା ପ୍ରକଳ୍ପରେ ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କୁ ଖୋଲାଖୋଲି ଭାବେ ବିରୋଧ କରୁନାହାନ୍ତି। ପ୍ରକଳ୍ପ କାର୍ଯ୍ୟ କିଭଳି ଭାବେ ଶୀଘ୍ର ଶେଷ ହେବ ସେ ଉପରେ ଧ୍ୟାନ ଦେଉଛନ୍ତି। ଖନନ କାର୍ଯ୍ୟ ଅଧାହୋଇ ପଡ଼ିଥିବା ବେଳେ ପୁରୀ ସହରକୁ ଏକ ବ୍ୟବସ୍ଥିତ ରୂପ ଦେବା ପାଇଁ ଚେଷ୍ଟା କରାଯିବା ଦରକାର ବୋଲି ସେ କହିଆସୁଛନ୍ତି। ଯାହା ହୋଇସାରିଛି ତାହାକୁ ଭୁଲି, ଏବେ କିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ କାର୍ଯ୍ୟ ତ୍ୱରାନ୍ୱିତ ହେବ ସେନେଇ ଧ୍ୟାନ ଦେବା ପାଇଁ ସେ ଅପିଲ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସେ ସମାନ କଥା ଦୋହରାଇଛନ୍ତି।



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-340ER ତା.09.05.2022ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ତାଳଚେର-ବିମଳାଗଡ଼ ନୂଆ BG ଲାଇନ୍‌ର ପରବିଲ୍-ଶ୍ରୀରାମପୁର ସେକ୍ସନରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗର ରୂପାନ୍ତରଣ ଏବଂ ତାଳଚେର-ସମ୍ବଲପୁର ମାର୍ଗର ଦୋହରୀକରଣ ଲାଇନ୍‌ର ନିର୍ମାଣ ନିମନ୍ତେ ସମ୍ବଲପୁର ସିଟି-ମାନେଶ୍ୱର ସେକ୍ସନରେ କି.ମି. 8/2 ଠାରୁ କି.ମି. 11/2 ପର୍ଯ୍ୟନ୍ତ 33KV ଓଭର ହେଡ୍ ଫିଡର ଲାଇନ୍ (IOCL ଫିଡର) ର ସ୍ଥାନାନ୍ତରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 59.55 ଲକ୍ଷ,

କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.31.05.2022 ରିଖ 1200 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଷ୍ଟର୍ଡ଼ି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/F ଏବଂ F1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଅନୁଗୁଳ

PR-24/CF/22-23

## ଉଲ୍ଲେଖନୀୟ ସେବା ପାଇଁ ଆମ୍ବୁଲାନ୍ସ କର୍ମଚାରୀ ପୁରସ୍କୃତ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରୁଥିବା ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍ ପକ୍ଷରୁ ବୁଧବାର ସୂଚନା ଭବନଠାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୋଗୀଙ୍କୁ ଜଟିଳ ସମୟରେ ଉଲ୍ଲେଖନୀୟ ମାନବିକ ସହଯୋଗ ପ୍ରଦର୍ଶନ କରିଥିବା ୩୫ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କୃତ ଏହି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ମଧ୍ୟରେ ଅଛନ୍ତି ୭ କ୍ଲଷ୍ଟର ଲିଡର, ୭ ମେଣ୍ଟେନାନ୍ସ ଏକ୍‌ଜିକ୍ୟୁଟିଭ, ଜଣେ କ୍ୱାଲିଟି ଅଡିଟର, ୨୧ଜଣ କ୍ରିଉ ମେମ୍ବର। ଏଥିସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭଲ ମାର୍କ ରଖିଥିବା କର୍ମଚାରୀଙ୍କ ୧୩ ମେଧାବୀ ପିଲାଙ୍କୁ ସ୍କଲାଶିପ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିକିତ୍ସା ଓଡ଼ିଶାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମର କ୍ରିୟୁ ସଦସ୍ୟମାନେ ଅନେକ ଅବସରରେ ଲୋକଙ୍କୁ ସେବା ପ୍ରଦାନ କରିବା କ୍ଷେତ୍ରରେ ସର୍ବୋଚ୍ଚ ସଙ୍କଳ୍ପ ଦେଖାଇଛନ୍ତି। ଯେଉଁଠି ରାସ୍ତା ନାହିଁ ସେଠାରେ ରୋଗୀଙ୍କୁ ସେମାନଙ୍କ ଘରୁ ଷ୍ଟ୍ରେଚରରେ ଆଣିବା, ଜଟିଳ ସମୟରେ ରୋଗୀଙ୍କୁ ରକ୍ତଦାନ କରିବା, ପ୍ରାକୃତିକ ବିପତ୍ତିବେଳେ କାର୍ଯ୍ୟ ପ୍ରତି ସର୍ବୋଚ୍ଚ ସଙ୍କଳ୍ପ ପ୍ରଦର୍ଶନ କରିବା, ରୋଗୀଙ୍କୁ ସେମାନଙ୍କ ଟଙ୍କା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଫେରାଇବା ଆଦି ଅନୁକରଣୀୟ କାର୍ଯ୍ୟ ମଧ୍ୟରୁ ଅନ୍ୟତମ। ଜିକିତ୍ସା ହେଲ୍‌ଥକେୟାର ଓଡ଼ିଶାର ୩୦ ଜିଲାରେ ୧,୧୨୪ଟି ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଛି। ଏଥିସହ ୬ଟି ୧୦୮ ବୋଟ ଆମ୍ବୁଲାନ୍ସ ମାଧ୍ୟମରେ ରାଜ୍ୟର ଜଳବନ୍ଦୀ ଓ ବିଚ୍ଛିନ୍ନାଞ୍ଚଳର ଲୋକଙ୍କୁ ସେବା ପ୍ରଦାନ କରୁଛି।




## ଗାଡ଼ି ଧକ୍କାରେ ଯୁବକ ମୃତ

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

ନେତାଜୀ ସୁଭାଷ ବୋଷ ସେତୁ ଉପରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଗରଡାମାଳ ଗ୍ରାମର ଚିରଞ୍ଜୀବ ମହାନ୍ତି(୨୫)। ଏ ନେଇ ବାରଙ୍ଗ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଚିରଞ୍ଜୀବ କଟକରେ ରହି ଆଇନ ପାଠ ପଢୁଥିଲେ। ସେ ବୁଧବାର ଅପରାହ୍ନ ୩ଟାରେ କୌଣସି ଏକ କାର୍ଯ୍ୟରେ ନଂ.ଓଡି ୦୫ ଏସି ୧୯୪୯ ବିଶିଷ୍ଟ ବାଇକ୍ ନେଇ କଟକରୁ ତ୍ରିଶୂଳିଆ ଯାଉଥିଲେ। ହେଲେ ସୁଭାଷ ସେତୁ ଉପରେ ପଛପଟୁ କୌଣସି ଏକ ଗାଡ଼ି ଧକ୍କା ଦେଇଥିଲା। ସେ ବାଇକ୍‌ରୁ ଛିଟିକି ତଳେ ପଡ଼ି ଶରୀରରେ ଗଭୀର ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ଚିରଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା।

FORM No.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A. No. 103/2020

SBI, SARB, CUTTACK ...Applicant
Versus
M/s Mahaveer Agencies, Prop: Subash Chandra Lenka ...Defendants

To,
Subash Chandra Lenka, Prop: M/s Mahaveer Agencies, At: Sagadia Sahi, Ranihat, Cuttack

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.103/2020** in the court of the Debts of Recovery Tribunal, Cuttack for recovery of **Rs.11,16,632.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the publication or on **24/06/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 06th day of May 2022.

Sd/- (M. K. Patnaik)
REGISTRAR

## ଥିଓଫାନି ପକ୍ଷରୁ ପ୍ରମୋଦ ଚନ୍ଦ୍ର ରଥଙ୍କୁ ଡକ୍ଟରେଟ୍ ପ୍ରଦାନ

**କଟକ,୧୧।୫**



ଓଡ଼ିଶାର ଗ୍ରାମାଞ୍ଚଳରେ ବୈଷୟିକ ଓ ଡାକ୍ତରୀ ଶିକ୍ଷା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷୋଦ୍ୟୋଗୀ ପ୍ରମୋଦ ଚନ୍ଦ୍ର ରଥଙ୍କୁ ଥିଓଫାନି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ବିଶ୍ୱ ଗବେଷକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନସୂଚକ ଉପାଧିରେ ଭୂଷିତ କରାଯାଇଛି। ଉକ୍ତ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଦେଶ ତଥା ଦେଶ ବାହାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଉପସ୍ଥିତ ଥିଲେ।

କଟକ ଜିଲାର ଟାଙ୍ଗୀଠାରେ ଜନ୍ମିତ ପ୍ରମୋଦ ପ୍ରାରମ୍ଭିକ ପର୍ଯ୍ୟାୟରେ ଆତ୍ମନିର୍ଭରଶୀଳ ଦୃଷ୍ଟିଭଙ୍ଗୀ ନେଇ ସ୍ଥାନୀୟ ଉଦ୍ୟୋଗ ସ୍ଥାପନ କ୍ଷେତ୍ରରେ ପାଦଦେଇଥିଲେ। ତାଙ୍କର କଠିନ ପରିଶ୍ରମ, ବୃତ୍ତିଗତ ନିଷ୍ଠା ଓ ଦୂରଦୃଷ୍ଟି ବଳରେ ସେ ରାଜ୍ୟର ଜଣେ ପ୍ରତିଷ୍ଠିତ ଶିକ୍ଷୋଦ୍ୟୋଗୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୧୯୯୯ରେ ନିଜ ଗାଁ ମାଟିରେ ସ୍ୱର୍ଗତ ପିତାଙ୍କ ସ୍ମୃତିରେ ଧନେଶ୍ୱର ରଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଓ ମେଡିକାଲ ସାଇନ୍ସ (ଡ୍ରିମ୍‌ସ) ସ୍ଥାପନ କରି ଉଚ୍ଚତର ଶିକ୍ଷା ବିସ୍ତାର କ୍ଷେତ୍ରରେ ପ୍ରୟାସ ଜାରି ରଖିଛନ୍ତି। ଫଳସ୍ୱରୂପ 'ଡ୍ରିମ୍‌ସ' ଆଜି ରାଜ୍ୟରେ ଏକ ପ୍ରମୁଖ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାସଲ କରିପାରିଛି। ରାଜ୍ୟ ତଥା ଜାତୀୟସ୍ତରରେ ବହୁ ସମ୍ମାନ ଓ ପୁରସ୍କାର ପାଇଥିବା ଏଭଳି ଜଣେ ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ମିଳିଥିବାରୁ ବିଭିନ୍ନ ମହଲରୁ ରଥଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଜଟଣୀର ୩ ସ୍ଥାନରେ ବୋମାମାଡ଼

**ଜଟଣୀ,୧୧।୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳରେ ବୁଧବାର ଅପରାହ୍ନରେ ପୃଥକ ୩ଟି ସ୍ଥାନରେ ବୋମାମାଡ଼ ହୋଇଛି। ୱାର୍ଡ ନମ୍ବର ୪ ରାଜା ବଜାର ଜଟଣୀ ବ୍ୟବସାୟ ପେଣ୍ଠସ୍ଥଳୀ ମଧ୍ୟରୁ ଏକ ପ୍ରମୁଖ ବ୍ୟସ୍ତବହୁଳ ବଜାର। ଉକ୍ତ ବଜାର ସୁନା ଦୋକାନ ଏବଂ ବିଭିନ୍ନ ଇଲେକ୍ଟ୍ରିକ ଯନ୍ତ୍ରପାତି ଓ ଉପକରଣ ଥିବାରୁ ପ୍ରତିଦିନ ଶତାଧିକ ଲୋକ ଯିବାଆସିବା କରିଥାନ୍ତି। ଏଭଳି ବ୍ୟସ୍ତବହୁଳ ସ୍ଥାନରେ ଅପରାହ୍ନରେ ଜଣେ ଦୁର୍ବୃତ୍ତ ଚାଲିଚାଲି ଆସି ହଠାତ୍ ବଜାର ଉପରେ ଗୋଟିଏ ବୋମା ମାଡ଼ କରିଥିଲେ। ବୋମା ଶବ୍ଦ ଶୁଣି ସ୍ଥାନୀୟ ବ୍ୟବସାୟୀ ଓ ଲୋକମାନେ ଭୟରେ ଦୌଡ଼ିବାକୁ ଲାଗିଥିଲେ। ବୋମାମାଡ଼ରେ କେହି ଆହତ ହୋଇ ନ ଥିବାବେଳେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଖବରପାଇ ଜଟଣୀ ଥାନା ପୋଲିସ ତଦନ୍ତ ଚଳାଇଥିବା ବେଳେ ବୋମା ମାଡ଼ ହୋଇଥିବା ସ୍ଥାନୀୟ ଏକ ଦୋକାନରେ ଲାଗିଥିବା ସିସିଟିଭିରେ ରେକର୍ଡ ହୋଇଛି। ସେହିପରି ସ୍ଥାନୀୟ ମାଛ ମାର୍କେଟ ଏବଂ ଗଣେଶ ମଣ୍ଡପ ନିକଟରେ ମଧ୍ୟ ଅପରାହ୍ନରେ କେତେଜଣ ଦୁର୍ବୃତ୍ତ ଦୁଇରୁ ତିନୋଟି ବୋମା ଫୁଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜଟଣୀ ପୋଲିସର ଢିଲା ପାଟ୍ରୋଲିଂ ପାଇଁ ଏଭଳି ଛୋଟ ବଡ଼ ଅପରାଧ ଓ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗୁଥିବା ସାଧାରଣରେ ଅଭିଯୋଗ ହେଉଛି। ପୋଲିସ ପାଟ୍ରୋଲିଂ ବଢ଼ାଇବା ସହ ଜଟଣୀର ବ୍ୟସ୍ତବହୁଳ ବ୍ୟବସାୟ ସ୍ଥଳୀରେ ପୋଲିସ ନିୟୋଜିତ କରିବାକୁ ସ୍ଥାନୀୟ ବ୍ୟବସାୟୀ ଦାବି କରିଛନ୍ତି।

**ବୋମା ପକାଇବାର ଦୃଶ୍ୟ ସିସିଟିଭିରେ କଏଦ**



ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
OFFICE OF THE PROJECT ADMINSTRATOR, ITDA, PHULBANI
ST & SC Development Department, Government of Odisha
Tel.: (06842) 254149, E-Mail: itdaphulbani@gmail.com
No. 966 Date: 10.05.2022

**TENDER CALL NOTICE**

Sealed tenders are invited from intending firms/companies having valid registration PAN/GSTIN No. for supply & installation of (1) Jack Fruit Processing unit in the Kaladi Village or nearby village of Panga Uppersahi GP of Phiringia Block in Kandhamal District. Jack Fruit Processing unit should have the capacity of Dryer of 200/300 Kg. Per day, Hammer Mill (Pulverisering Dried Pods & Seeds) - 10 HP, Pulper - 1 HP, Fruit Mill - 3 HP, Electric Kettle (Sautiner for preparing the Jam, Sauce, Squach, Pulp Concentric etc.), Freeger - 700 Liter, Band Sealing Machine - 1, Weighing Machine, Cutting Knife, Small Knifes, Vessels, Commercial Burner, Industrial Gas Strainer (Steel/Aluminum), Working table, Racks and Pre-fabricated Factory shed 40 × 20 × 12 feet with partition and 03 Nos. door. (2) Mango Processing Unit in the Gagadpadar Village or nearby village of Sumurbandha GP of Phiringia Block in Kandhamal District. Mango Processing Unit should have the capacity of Pulper Machine - 2 HP, Deep Freeger - 500 Liter, Fruit Mill Crusher/Fine Pulper, Vaccum Evaporator Kettle, Boiler (Wooden Fired), Stainless Steel Tank, Volumetric Liquid Filling Machine, Lug cap sealing machine and Pre-fabricated Factory Shed structure 40 × 20 × 12 feet with two parturition and 03 Nos. door. The component wise details must be mentioned in the tender call notice. The financial bid paper must be submitted separately. The details of tender call notice can be downloaded from district website **www.kandhamal.nic.in**. The sealed tender must reach in the Office of the Project Administrator, ITDA, Phulbani, Dist.- Kandhamal, Odisha, PIN - 762001 latest by 24.05.2022 by 5.00 P.M. through Registered/ Courier/Speed Post. The tender will be opened on 25.05.2022 at 11.00 A.M. in the Office of Project Administrator, ITDA, Phulbani in presence of the Technical Committee. The tender paper can be obtained in the Office of the PA, ITDA, in any working day during the official hours on payment of 5000/- (Rupees five thousand) only or can be downloaded from the district website. The bidders those who download tender paper online should pay the tender paper cost in shape of DD in favour of Project Administrator, ITDA, Phulabni payable at Phulbani.

Sd./- Project Administrator, ITDA, Phulbani

> ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ । ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ । କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ । –ଶ୍ରୀମା

# ଆୟ ଓ ସମ୍ପତ୍ତି ଅସମାନତା



ଅମିତ ତ୍ୟାଗୀ

କିଛି ମାସ ହେଲା ଭାରତରେ ଆୟ ଏବଂ ସମ୍ପତ୍ତିରେ ବୃଦ୍ଧି ପାଉଥିବା ଅସମାନତାକୁ ନେଇ ବହୁ ରିପୋର୍ଟ ସତର୍କ କରିଛନ୍ତି । ଦର୍ଶାଯାଇଥିବା ପରିସଂଖ୍ୟାନ ସବୁ ଭୁଲ୍ ନୁହେଁ, କିନ୍ତୁ ସେଗୁଡ଼ିକ ଅସମ୍ପୂର୍ଣ୍ଣ । ରିପୋର୍ଟଗୁଡ଼ିକ ସମ୍ବେଦନାତ୍ମକ ନୂଆ ଖବର ପ୍ରସ୍ତୁତ କରିଛନ୍ତି ସତ, ହେଲେ ସେଗୁଡ଼ିକ ଭ୍ରମାତ୍ମକ । ଉଦାହରଣ ସ୍ୱରୂପ, ନିକଟରେ ଅକ୍ସଫାମ୍‌ର ଆର୍ଟିକିଲ ଆଧାରିତ 'ଇନିକ୍ୱାଲିଟି କିଲ୍ସ' ରିପୋର୍ଟ ଉଲ୍ଲେଖ କରିଛି ଯେ, ସାରା ବିଶ୍ୱରେ ଭାରତରେ ତୃତୀୟ ସର୍ବାଧିକ ବିଲିୟନେୟାର ବା ଅତି ଧନୀ ବିଶେଷ ରହିଛନ୍ତି । ଏହା ସୂଚାଇଦେଇଛି ଯେ, ଭାରତରେ ୧୪୨ ବିଲିୟନେୟାର ଅଛନ୍ତି, କିନ୍ତୁ ଭାରତର ଲୋକସଂଖ୍ୟା ୧.୪ ବିଲିୟନ (୧୪୦ କୋଟି) ବୋଲି କହିବାକୁ ଭୁଲିଯାଇଛି । ଭାରତରେ ୧୦ ମିଲିୟନ ବା ୧ କୋଟି ଜନସଂଖ୍ୟାରେ ଜଣେ ବିଲିୟନେୟାର (ବିଲିୟନେୟାର ଡେନ୍‌ସିଟି) ଥିବା ବେଳେ ରୁଷିଆରେ ୮, ବ୍ରାଜିଲରେ ୩ , ଚାଇନାରେ ୪ରୁ ଅଧିକ ଏବଂ ଆମେରିକାରେ ୨୨ ଜଣ ବିଲିୟନେୟାର ଅଛନ୍ତି । ସେହିଭଳି ଭାରତର ବିଲିୟନେୟାରଙ୍କ ସଂଖ୍ୟା ଫ୍ରାନ୍ସ, ସୁଇଡେନ ଏବଂ ସୁଇଜରଲାଣ୍ଡର ମୋଟ ବିଲିୟନେୟାରଙ୍କଠାରୁ ଅଧିକ । କିନ୍ତୁ ବିଲିୟନେୟାର ଡେନସିଟିକୁ ଦେଖିଲେ ଏହି ତିନି ଦେଶରେ ଭାରତଠାରୁ ୧୮ଗୁଣ ଅଧିକ ବିଲିୟନେୟାର ରହିଛନ୍ତି । ଗରିବ ଦେଶମାନଙ୍କଠାରୁ ଧନୀଦେଶଗୁଡ଼ିକରେ ସେମାନଙ୍କ ଜନସଂଖ୍ୟା ତୁଳନାରେ ଅଧିକ ବିଲିୟନେୟାର ତ ରହିବା ସ୍ୱାଭାବିକ ଓ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ଠିକ୍ ଭାବେ ତୁଳନା କରିବାକୁ ହେଲେ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକର ବିଲିୟନେୟାର ଡେନ୍‌ସିଟିକୁ ବିଚାରକୁ ନେବା । ତୁଳନାତ୍ମକ ଭାବେ ବିଶ୍ୱର ଶୀର୍ଷ ୨୦ ମଧ୍ୟମ ଆୟ ବର୍ଗର ଦେଶ ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ତଳେ ଅଛି । ବ୍ରାଜିଲ, ମାଲେସିଆ ଏବଂ ଥାଇଲାଣ୍ଡ୍‌ରେ ସେମାନଙ୍କ ଜନସଂଖ୍ୟା ତୁଳନାରେ ବହୁ ସଂଖ୍ୟକ ବିଲିୟନେୟାର ରହିଛନ୍ତି ।

କେବଳ ଅକ୍ସଫାମ୍ ଭାରତର ସମ୍ପତ୍ତି ଅସମାନତାକୁ ସୂଚାଇ ନାହିଁ । ଗତ ବର୍ଷ ଡିସେମ୍ବରରେ ପ୍ୟାରିସ ସ୍କୁଲ ଅଫ୍ ଇକୋନୋମିକ୍ସର ୱାର୍ଲ୍ଡ ଇନିକ୍ୱାଲିଟି ଲାବ୍‌ର ବିଶ୍ୱ ଅସମାନତା ରିପୋର୍ଟ ୨୦୨୨ ପ୍ରକାଶ ପାଇଥିଲା । ଏହା ବିଶ୍ୱର ସବୁଠୁ ଅସମାନ ଦେଶଗୁଡ଼ିକର ତାଲିକାରେ ଭାରତକୁ ସାମିଲ କରିଥିଲା । ପ୍ରତିଷ୍ଠିତ ଅର୍ଥନୀତିଜ୍ଞଙ୍କ ସହଯୋଗରେ ଏହି ଗବେଷଣାତ୍ମକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ଏହା ସମ୍ବେଦନାତ୍ମକ ଶୀର୍ଷକକୁ ସ୍ଥାନ ଦେଇଥିଲା । ତାହା ଥିଲା ଏହିଭଳି – 'ଗରିବ ଦେଶରେ ଆଭିଜାତ୍ୟ ବର୍ଗ, ଭାରତର ପରିବର୍ତ୍ତନ ବା ପ୍ରଗତି ହେଉନାହିଁ । ଏହାଠାରୁ ଆହୁରି ଖରାପ ଶୀର୍ଷକ– 'ହିନ୍ଦୁ ଜାତୀୟତାବାଦ କିଭଳି ଭାରତକୁ ଅସମାନତା ମଧ୍ୟକୁ ଠେଲିଦେବାକୁ ସକ୍ଷମ ହୋଇଛି' ପ୍ରକାଶ କରିଥିଲା । ବାସ୍ତବରେ ଏହା ସମ୍ପୂର୍ଣ୍ଣ ବିଷୟକୁ ଏକ ଘରୋଇ ରାଜନୈତିକ ଘଟଣା ଭାବେ ପରିବର୍ତ୍ତନ କରିଦେଇଥିଲା । ନିଶ୍ଚିତ ହେବାକୁ ପଡ଼ିବ ଯେ,ଦୁଇ ତିନ ବର୍ଷ ହେଲା ଭାରତରେ ଉଭୟ ଆୟ ଏବଂ ସମ୍ପତ୍ତି ଅସମାନତା ବୃଦ୍ଧି ପାଇଛି । ବିଶ୍ୱ ଅସମାନତା ରିପୋର୍ଟ ଅନୁଯାୟୀ, ଦେଶରେ ମୋଟ ଆୟର ୫୭.୧% ହେଉଛି ୧୦% ଅତିଧନୀ ଭାରତୀୟଙ୍କର ଓ ଏହି ତୁଳନାରେ ଦେଶର ଜନସଂଖ୍ୟାର ଅଧା ଅତିଗରିବଙ୍କ ଭାଗ ରହିଛି ୧୩.୨% । ସମ୍ପତ୍ତି ଅସମାନତା ମଧ୍ୟ ଅଧିକ ସ୍ପଷ୍ଟ ହୋଇଛି । ଜନସଂଖ୍ୟାର ଅଧା ଅତିଗରିବଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ମାତ୍ର ୫.୯% ରହିଥିବାବେଳେ ୧୦% ଧନୀଙ୍କ ନିୟନ୍ତ୍ରଣରେ ରହିଛି ୬୪,୭% ।



ଭାରତର ଜନସଂଖ୍ୟାର ଅର୍ଦ୍ଧେକ ଅତିଗରିବଙ୍କ ନିକଟରେ ଯଦିଓ ଦେଶର ମୋଟ ସମ୍ପତ୍ତିର କମ୍ ପ୍ରତିଶତ ରହିଛି, ତଥାପି ଅଧିକାଂଶ ଦେଶରେ ଏମାନଙ୍କ ସମକକ୍ଷଙ୍କ ତୁଳନାରେ ଏମାନେ ଧନୀ । ୫୦% ଅତିଗରିବଙ୍କ ଆୟ ଦୃଷ୍ଟିକୋଣରୁ ବିଶ୍ୱର ସର୍ବବୃହତ୍ ଅର୍ଥ ବ୍ୟବସ୍ଥାଗୁଡ଼ିକର ତାଲିକାରେ ଭାରତର ସ୍ଥାନ ୬୭ ରହିଥିବାବେଳେ, ୫୦% ଅତିଗରିବଙ୍କ ପାଖରେ ଥିବା ସମ୍ପତ୍ତିର ହାରକୁ ଦେଖିଲେ ଏହାର ସ୍ଥାନ ୧୭ରେ ରହିଛି । ପ୍ରତ୍ୟେକ କ୍ଷେତ୍ରରେ, ଶୀର୍ଷ ୧୦% ଏବଂ ନିମ୍ନରେ ଥିବା ୫୦%ର ତୁଳନାତ୍ମକ ପରିସଂଖ୍ୟାନକୁ ବୁଝିବା ସହଜ ହେଉଥିଲେ ବି ଏହା ଅସମାନତାର ଏକମାତ୍ର ପରିମାପକ ନୁହେଁ । ବିଶ୍ୱ ଅସମାନତା ରିପୋର୍ଟର ଗଣନାରୁ ଜଣାପଡ଼ିଛି ଯେ, ଭାରତର ଗିନି କୋଏଫିସିଏଣ୍ଟ (ଆୟ ଅସମାନତା ଯାଞ୍ଚ କରିବାରେ ଏକ ପରିସଂଖ୍ୟାନାତ୍ମକ ମାପାଙ୍କ)କୁ ଏକ ସୂଚକାଙ୍କ ଭାବେ ବ୍ୟାପକ ବ୍ୟବହାର କରାଯାଇଛି । ଏଥିରେ ବିଶ୍ୱର ସର୍ବବୃହତ୍ ୧୦୦ ଅର୍ଥ ବ୍ୟବସ୍ଥା ତୁଳନାରେ ଭାରତ ସମ୍ପତ୍ତି ଅସମାନତାର ମଝିରେ ଏବଂ ଆୟ ଅସମାନତା କ୍ଷେତ୍ରରେ ଶୀର୍ଷ ୨୦ ଦେଶ ମଧ୍ୟରେ ରହିଛି । ସବୁ ଦିଗରୁ ବିଚାର କଲେ ଜଣାଯାଏ,ଭାରତ ସମ୍ପୂର୍ଣ୍ଣ ସମତାବାଦ ଆଦର୍ଶର ଦେଶ ନୁହେଁ କି ଏହା ବିଶ୍ୱର ସବୁଠୁ ଅସମାନ ଦେଶ ମଧ୍ୟ ନୁହେଁ ।

ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ଭାରତ ଦାରିଦ୍ର୍ୟ ହ୍ରାସ ପାଇଁ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଜାରି ରଖିବ ନା ନାହିଁ; ଆର୍ଥିକ ଅଭିବୃଦ୍ଧି ଯଦି ଅସମାନତା ବୃଦ୍ଧି କରେ, ତେବେ ଏହା ଅବ୍ୟାହତ ରହିବ କି ନାହିଁ । ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ ୨୦୨୧ ଅନୁଯାୟୀ ଏହା ଉତ୍ତର ହେଉଛି ହଁ । ଏହା ଆଶ୍ଚର୍ଯ୍ୟଜନକ ଓ ଅପରିପକ୍ୱ ଉତ୍ତର । ସରକାର ଦାବି କରୁଛନ୍ତି ଯେ, ଏକ ସୁସ୍ଥ ଓ ଉତ୍ତମ ଅର୍ଥ ବ୍ୟବସ୍ଥାରୁ ସମସ୍ତେ ଲାଭପାଇବେ । ତେବେ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଏହି ସିଦ୍ଧାନ୍ତକୁ ସମର୍ଥନ କରୁଥିବା ମନେ ହେଉଛି । ୨୦୦୬ରୁ ୨୦୧୬ ଯାଏ ଭାରତର ଅର୍ଥ ବ୍ୟବସ୍ଥାର ବାର୍ଷିକ ହାରାହାରି ଅଭିବୃଦ୍ଧି ୭.୬% ଥିଲା । ଦେଶ ଇତିହାସରେ ଏହା ଏକ ସବୁଠୁ ଶୀଘ୍ର ଦଶ ବର୍ଷିଆ ଅଭିବୃଦ୍ଧି ଥିଲା । କିନ୍ତୁ ସେହି ଅଭିବୃଦ୍ଧି ସହିତ ଅସମାନତା ମଧ୍ୟ ବଢ଼ିଥିଲା । ୧୦% ଧନୀଙ୍କ ପାଖକୁ ଯାଉଥିବା ଆୟର ଭାଗ ସେତେବେଳେ ୪୭.୮%ରୁ ୫୭.୧%କୁ ବୃଦ୍ଧି ପାଇଥିଲାବେଳେ ଅଧା ଗରିବଙ୍କ ଭାଗ ୧୬.୧%ରୁ ୧୩.୧%କୁ ହ୍ରାସ ପାଇଥିଲା । କିନ୍ତୁ ସେହି ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନମାନର ଅଭାବରେ ବଞ୍ଚୁଥିବା ଲୋକମାନଙ୍କ ସଂଖ୍ୟା ୬୪.୨କୋଟିରୁ ୩୭ କୋଟିକୁ କମିଥିଲା ।

ଏହିସବୁ ଲାଭକୁ କୋଭିଡ୍–୧୯ ମହାମାରୀ ଓଲଟପାଲଟ କରିଦେଲା । ତଥାପି ନ୍ୟାଶନାଲ ବ୍ୟୁରୋ ଅଫ୍ ଇକୋନୋମିକ୍ସ ରିସର୍ଚ୍ଚ ଦ୍ୱାରା ନିକଟରେ ପ୍ରକାଶିତ ରିର୍ପୋଟରୁ ଜଣାପଡ଼ିଛି ଯେ, ଭାରତରେ ଆୟ ଅସମାନତା ହ୍ରାସ ପାଇଛି । ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହେବା ଫଳରେ ବ୍ୟବସାୟ ସାଂଘାତିକ ଭାବେ ପ୍ରଭାବିତ ହେବା ଯୋଗୁ ଧନୀ ଭାରତୀୟମାନଙ୍କ ଆୟ ଗରିବଙ୍କ ତୁଳନାରେ ଅତ୍ୟଧିକ ହ୍ରାସ ପାଇଲା । ଧନିକମାନଙ୍କ ପାଖରେ ଥିବା ସେବା କ୍ଷେତ୍ରଗୁଡ଼ିକରେ ଚାକିରି ଚାହିଦା ସମ୍ପୂର୍ଣ୍ଣ କମିଗଲା । ତେବେ ୨୦୨୧–୨୩ରେ ଭାରତର ଅର୍ଥ ବ୍ୟବସ୍ଥାରେ ୨୪% ଅଭିବୃଦ୍ଧି ଘଟିବ ବୋଲି ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଆକଳନ କରିଛି । ଏହାଯୋଗୁ ଭାରତର ଉଭୟ ଗରିବୀ ଓ ଅସମାନତା ହ୍ରାସ ପାଇବ ବୋଲି ଜଣେ ଆଶା କରିବା ସ୍ୱାଭାବିକ ।

ଆର୍ଥିକ ଅଭିବୃଦ୍ଧି, ଦାରିଦ୍ର୍ୟ ଏବଂ ଅସମାନତା ମଧ୍ୟରେ ଜଟିଳ ସମ୍ପର୍କ ରହିଛି । ଧନୀ ଦେଶଗୁଡ଼ିକରେ ଏହାକୁ ପ୍ରଭାବିତ କରୁଥିବା ଶକ୍ତିସବୁ ଭାରତରେ ପ୍ରଭାବ ପକାଇ ନ ପାରେ । ଅପେକ୍ଷାକୃତ କମ୍ ସମୟରେ ଆର୍ଥିକ ଅଭିବୃଦ୍ଧି ୨୫ କୋଟି ଭାରତୀୟଙ୍କୁ ଦାରିର୍ଦ୍ୟରୁ ମୁକ୍ତ କରିଛି । ପରିଣାମ ସ୍ୱରୂପ,ଅସମାନତା ବି ବୃଦ୍ଧି ପାଇଛି; କିନ୍ତୁ ସେଭଳି ସ୍ତରକୁ ନୁହେଁ, ଯାହାକୁ ନେଇ ଲୋକେ ଚିନ୍ତିତ ବା ବିବ୍ରତ ହେବା ଉଚିତ ।

**ଚିଫ୍ ରସ୍କ ଅଫିସର, ଜାଣ୍ଡ**

## ଏଇ ଭାରତରେ

ଘରେ ଯାଇ ପହଞ୍ଚୁଛି 'ୱାକିଂ ଲାଇବ୍ରେରି' । ଶୁଣିଲେ ଅଜବ ଲାଗୁଛି, ହେଲେ କେରଳ ୱେନାଡାର ରାଧାମନିଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ସେ ପ୍ରତିଦିନ ୬ କି.ମି. ଚାଲି ଚାଲି ଯାଇ ଘରେ ଘରେ ବହି ଦେଉଛନ୍ତି । ସେଥିପାଇଁ ଲୋକେ ଏହାକୁ କହୁଛନ୍ତି 'ୱାକିଂ ଲାଇବେରି' । ଦୁର୍ଗମ ଗାଁଗୁଡ଼ିକରେ, ଯେଉଁଠିକୁ କେବେ ଗାଡ଼ି ଯାଇପାରେ ନାହିଁ, ସେଠାରେ ସେ ଲୋକମାନଙ୍କୁ ମାତ୍ର ୫ ଟଙ୍କାରେ ବହି ଯୋଗାଇ ଦେଉଛନ୍ତି । ବ୍ୟାଗ୍‌ରେ ବହି ନେଇ ଲୋକମାନଙ୍କୁ ଦେବା କଷ୍ଟକର ହେଲେ ମଧ୍ୟ ୬୩ ବର୍ଷୀୟା ରାଧାମନି ଏହି କାର୍ଯ୍ୟ ଜାରି ରଖିଛନ୍ତି । ଏକ ଦଶନ୍ଧି ହେଲା ସେ ଏହି କାର୍ଯ୍ୟ କରୁଛନ୍ତି ଓ ମାସକୁ ହାରାହାରି ୫୦୦ ବହି ଯୋଗାଇ ଦେଉଛନ୍ତି । ରାଧାମନି ପ୍ରତିଭା ପବ୍ଲିକ ଲାଇବ୍ରେରିରେ କାର୍ଯ୍ୟ କରନ୍ତି । ଏହି ଲାଇବ୍ରେରି ଦୀର୍ଘ ୬୦ ବର୍ଷ ହେଲା ଚାଲିଛି । ରାଧାମନିଙ୍କ ନିଆରା ପ୍ରୟାସ ଦ୍ୱାରା ଲାଇବ୍ରେରି ପାଠକ ତାଲିକାରେ ବହୁ ବୟସ୍କ ମହିଳା ଓ ପୁରୁଷ, ସ୍କୁଲ ଓ କଲେଜ ପିଲା ସାମିଲ ହୋଇପାରିଛନ୍ତି । ଦୁର୍ଗମ ଗାଁଗୁଡ଼ିକରେ ବହି ପଢ଼ି ବିଭିନ୍ନ ବିଷୟରେ ଲୋକେ ବହୁତ କିଛି ଜାଣିପାରୁଛନ୍ତି ବୋଲି କହନ୍ତି ରାଧାମନି ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୨ ମେ ୧୯୯୭**

- ପୂର୍ବ ଇରାନରେ ପ୍ରଚଣ୍ଡ ଭୂମିକମ୍ପ ଘଟି ଖୋରାସାନ ପ୍ରଦେଶର ପ୍ରାୟ ୨୦୦ ଗ୍ରାମ ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବା ସହ ୨୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ।
- ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ କ୍ଷମତାଚ୍ୟୁତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ୧୩ ଜଣ ଇରାକୀ ନାଗରିକ ଆମେରିକାରୁ ବିତାଡ଼ିତ ।
- ରାଜ୍ୟ ଛାତ୍ରଜନତାର ପୂର୍ବତନ ସାଧାରଣ ସମ୍ପାଦକ ତ୍ରମ୍ବନାଥ ପଣ୍ଡାଙ୍କ କଂଗ୍ରେସରେ ଯୋଗଦାନ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | |
| | | | | | 3 | | | 2 |
| 3 | | 7 | | 5 | | 1 | | 4 |
| 5 | | | | | 2 | | | |
| 1 | 6 | | | | | 7 | | |
| | | | | | | | | 8 |
| | | 4 | | | 8 | 9 | | |
| 2 | | | | 1 | 5 | | | 3 |
| 7 | | | | 6 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 1 | 4 | 2 | 5 | 7 | 8 |
| 4 | 7 | 1 | 8 | 5 | 6 | 2 | 9 | 3 |
| 5 | 8 | 2 | 3 | 9 | 7 | 4 | 1 | 6 |
| 2 | 4 | 5 | 7 | 6 | 3 | 1 | 8 | 9 |
| 7 | 1 | 3 | 9 | 8 | 5 | 6 | 2 | 4 |
| 8 | 9 | 6 | 4 | 2 | 1 | 7 | 3 | 5 |
| 9 | 3 | 7 | 6 | 1 | 4 | 8 | 5 | 2 |
| 1 | 5 | 4 | 2 | 3 | 8 | 9 | 6 | 7 |
| 6 | 2 | 8 | 5 | 7 | 9 | 3 | 4 | 1 |

ଗତକାଲିର ଉତ୍ତର

# ତାଲିବାନଙ୍କ ସଦ୍‌ବୁଦ୍ଧି



ପ୍ରକାଶ ତ୍ରିପାଠୀ

ତାଲିବାନ ସରକାର ଆଫଗାନିସ୍ତାନରେ ଅଫିମ ଚାଷ ଉପରେ କଟକଣା ଲଗାଇଛନ୍ତି । ଫଳରେ ଅଫିମ ଅମଳକୁ ନେଇ ସମ୍ପ୍ରତି ଆଫଗାନ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଅଫିମ କ୍ଷେତରେ ନିଆଁ ଲଗାଇ ନଷ୍ଟ କରିଦିଆଯିବ ଓ ଯଦି କୌଣସି ଚାଷୀ ସରକାରଙ୍କ ଆଦେଶନାମାକୁ ଅବଜ୍ଞା କରି ଅମଳ କରନ୍ତି ତେବେ ତାଙ୍କୁ ସରୀୟା ଆଇନ ଅନୁଯାୟୀ ଦଣ୍ଡ ମିଳିବ ବୋଲି ତାଲିବାନ ପ୍ରଶାସନର ମୁଖ୍ୟ ହୈବତୁଲାଃ ଆଖୁନଯାଦା ଘୋଷଣା କରିଛନ୍ତି । ୧୯୯୦ ଦଶକରେ ତତ୍କାଳୀନ ତାଲିବାନ ଶାସକ ଅଫିମ ଉତ୍ପାଦନ ଉପରେ ମଧ୍ୟ ଅନୁରୂପ କଟକଣା ଲଗାଇଥିଲେ ଓ ଫଳ ସ୍ୱରୂପ ଆଫଗାନିସ୍ତାନର ଅଧିକାଂଶ ଅଞ୍ଚଳରେ ଅଫିମ ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ପରେ ସେଠାରେ ଗହମ ଚାଷକୁ ଗୁରୁତ୍ୱ ଦିଆଯାଇଥିଲା, ମାତ୍ର ୨୦୦୧ରେ ତାଲିବାନ କ୍ଷମତାରୁ ହଟିବା ପରେ ଗହମ କ୍ଷେତ ପୁନର୍ବାର ଅଫିମ କ୍ଷେତକୁ ରୂପାନ୍ତରିତ ହୋଇଥିଲା । ଗହମ ଚାଷ ପ୍ରତି ଆଫଗାନୀ ଚାଷୀଙ୍କର ମୋହ ଭଙ୍ଗ ହେବାର ମୁଖ୍ୟ କାରଣ ଥିଲା ଗହମ ଅମଳପରେ ତାକୁ ରଖିବାର ଓ ପରିବହନ କରିବାର କୌଣସି ସୁବିଧା ନ ଥିଲା । ଏହା ବ୍ୟତୀତ ଗହମ ଓ ଅନ୍ୟାନ୍ୟ ଚାଷ ପାଇଁ ଅଧିକ ପାଣି ଆବଶ୍ୟକ । ଏହା ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ କରୁଥିଲା ଓ ସେହି ଅନୁପାତରେ ଲାଭ ମିଳୁ ନ ଥିଲା । ଭିତ୍ତିଭୂମିର ବିକାଶ ନ ହେବା ଯୋଗୁ ଆଫଗାନୀମାନେ ପୁଣି ଥରେ ଅଫିମ ଚାଷ ପ୍ରତି ମନ ବଳାଇ ଥିଲେ । ଏହି ଚାଷରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ସମ୍ପୃକ୍ତି ଅଧିକ ଥିଲା ଓ ଅଫିମ କ୍ଷେତରେ ମଜୁରି ଲାଗୁଥିବା ଶ୍ରମିକମାନେ ଏଥିରୁ ମାସିକ ୩୦୦ ଡଲାରରୁ ଅଧିକ ପାରିଶ୍ରମିକ ପାଉଥିଲେ । ଅଫିମ ଫୁଲ ସଂଗ୍ରହ ଓ ସେଥିରୁ ଅଫିମ ସଂଗ୍ରହ ସେମାନଙ୍କ ମୁଖ୍ୟ କାମ ଥିଲା । ଏହାକୁ ସେତେବେଳେ ପ୍ରୋତ୍ସାହନ ଦେଉଥିଲା କ୍ଷମତାରୁ ଦୂରେଇଯାଇଥିବା ସେଇ ତାଲିବାନ ।

ଆଫଗାନିସ୍ତାନରେ ଅଫିମ ଚାଷ ବନ୍ଦ ହେବ ଓ ଏହାଦ୍ୱାରା ଅଫିମରୁ ପ୍ରସ୍ତୁତ ହେରୋଇନର ଏଣିକି ବିଶ୍ୱବ୍ୟାପୀ ଚୋରା ଚାଲାଣ କମିଯିବ । ଏଭଳି ଖବର ଧର୍ମକୁ ଆଖିଠାର ଭଳି ମନେ ହୁଏ । ଅଫିମ ଉତ୍ପାଦନରେ ସମଗ୍ର ବିଶ୍ୱରେ ଆଫଗାନିସ୍ତାନର ସ୍ଥାନ ପ୍ରଥମ । ବିଗତ ପାଞ୍ଚ ବର୍ଷରେ ସେଠାରେ ବାର୍ଷିକ ୬ ହଜାର ଟନ୍‌ରୁ ଅଧିକ ଅଫିମ ଉତ୍ପାଦନ ହେଉଥିଲା; ଯେଉଁଥିରୁ କି ୩୨୦ ଟନ୍ ମାରାତ୍ମକ ନିଶାଦ୍ରବ୍ୟ ହେରୋଇନ ପ୍ରସ୍ତୁତ ହେଉଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଓ ଅନେକ ଅନ୍ତର୍ଜାତୀୟ ସଂଗଠନ ଅଫିମ ଏବଂ ଏଥିରୁ ଉତ୍ପନ୍ନ ହେରୋଇନ ଉତ୍ପାଦନକୁ ରୋକିବା ପାଇଁ ବାର୍ଷିକ ନିୟୁତ ନିୟୁତ ଡଲାର ଖର୍ଚ୍ଚ କରୁଥିଲେ ହେଁ କ୍ଷମତାରୁ ବିଦାୟ ନେଇଥିବା ତାଲିବାନମାନେ ଅଫିମ ଓ ହେରୋଇନ ବିଦେଶକୁ ଚୋରାରେ ପଠାଇ ବିପୁଳ ଅର୍ଥ ରୋଜଗାର କରୁଥିଲେ । ଏହି ଅର୍ଥ ସେମାନଙ୍କୁ ବିପୁଳ ଅସ୍ତ୍ରଶସ୍ତ୍ର କିଣିବାରେ ସହାୟକ ହେଉଥିଲା । ମଧ୍ୟ ଏସିଆ ଓ ପାକିସ୍ତାନ ବାଟ ଦେଇ ୟୁରୋପୀୟ ଦେଶକୁ ଏହା ପଠାଯାଉଥିଲା । ଆଫଗାନିସ୍ତାନକୁ ଦୀର୍ଘ ୨୦ ବର୍ଷ ଧରି ନିୟନ୍ତ୍ରଣରେ ରଖି ମଧ୍ୟ ଅଫିମ ଚାଷକୁ ସମ୍ପୂର୍ଣ୍ଣ ନିରାକରଣ କରିପାରି ନ ଥିଲା ଆମେରିକା । ତେବେ ବର୍ତ୍ତମାନ ଅନ୍ତର୍ଜାତୀୟ ଚାପର ସମ୍ମୁଖୀନ ହୋଇ ତାଲିବାନ ସରକାର ଅଫିମ ଚାଷ ବନ୍ଦ କରିବାକୁ ଯାଉଛନ୍ତି; ଯଦ୍ୱାରା କି ସେଠାକାର ସଂଖ୍ୟାଧିକ ଗରିବ ଚାଷୀ ଓ ମଜୁରିଆଙ୍କ ଜୀବନ ଜୀବିକା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଅଫିମ ବଦଳରେ ସେମାନଙ୍କୁ ଅଟା, ଚିନି, ଖାଇବା ତେଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ମିଳୁଥିଲା । ବର୍ତ୍ତମାନ ସେମାନଙ୍କୁ କେଉଁ ପ୍ରକାର ଥଇଥାନ କରାଯିବ ତାହା ତାଲିବାନ ପାଇଁ ମୁଖ୍ୟ ଚିନ୍ତା ହୋଇଛି । ଏବେ ଆଫଗାନିସ୍ତାନରେ ଅଫିମ ସହ ସମସ୍ତ ନିଶାଦ୍ରବ୍ୟ ଆମଦାନୀ, ରପ୍ତାନି, ପ୍ରସ୍ତୁତି ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି । ଏହା କେତେଦିନ ଓ କିପରି କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା । କାରଣ ନିଶାଦ୍ରବ୍ୟ ଆମଦାନୀ ଓ ରପ୍ତାନିରୁ ଭଲ ରାଜସ୍ୱ ମିଳିଥାଏ ସେଠାକାର ସରକାରଙ୍କୁ ।



ରାଜନୈତିକ ବିଶାରଦଙ୍କ ମତରେ ତାଲିବାନର ହଠାତ ଏପରି କଟକଣା ନିଷ୍ପତ୍ତି କେବଳ ୟୁରୋପୀୟ ରାଷ୍ଟ୍ରକୁ ଖୁସି କରାଇବା ପାଇଁ ନିଆଯାଇଛି, ଯେଉଁମାନେ କି ଏପର୍ଯ୍ୟନ୍ତ ତାଲିବାନ ଶାସନକୁ ରାଜନୈତିକ ସ୍ୱୀକୃତି ଦେଇନାହାନ୍ତି । ତାଲିବାନ ସରକାରଙ୍କ ମୁଖ୍ୟ ଚିନ୍ତା ହେଉଛି କିପରି ଅନ୍ତର୍ଜାତୀୟ ସମୁଦାୟରେ ତାଲିବାନ ସରକାରକୁ ସ୍ୱୀକୃତି ମିଳିବ । ତେବେ ତାଲିବାନର କିଛି ନେତା ସରକାରଙ୍କ ଏଭଳି ନିଷ୍ପତ୍ତିକୁ ମୃଦୁ ବିରୋଧ କରିଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହକୁ ଯଦି ମନେଇବାକୁ ଚାହୁଁଛ, ତେବେ ମାନବିକ ଅଧିକାର, ମହିଳାଙ୍କୁ ସ୍ୱାଧୀନତା ଓ ଆତଙ୍କବାଦ ନିରୋଧ ନୀତିକୁ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରସ୍ତାବ ଦେଉଛନ୍ତି । ଗରିବ ଜନସାଧାରଣଙ୍କ ରୋଜଗାରର ମୁଖ୍ୟ ପନ୍ଥା ଥିବା ଅଫିମ ଚାଷ କଟକଣାକୁ ସେମାନେ ବିରୋଧ କରିଛନ୍ତି । ଇତିମଧ୍ୟରେ ଅଫିମ ଚାଷ କଟକଣାକୁ ନେଇ ତାଲିବାନ ଗୋଷ୍ଠୀ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି । ସରକାର ତୁରନ୍ତ ଏହି କଟକଣାକୁ ଉଠାଇନେବେ ବୋଲି ସେମାନେ ବିଶ୍ୱାସ କରୁଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ଥରେ ତାଲିବାନ ସରକାରକୁ ସ୍ୱୀକୃତି ମିଳିଗଲା ପରେ ତାଲିବାନର ନିଶା କାରବାର ନୀତି କ'ଣ ରହିବ ତାହା ଭବିଷ୍ୟତ କହିବ । ଜାତିସଂଘର ଡ୍ରଗ୍ସ ଆଣ୍ଡ କ୍ରାଇମ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ସାରା ବିଶ୍ୱରେ କାରବାର ହେଉଥିବା ଅଫିମର ୮୦ ଭାଗ କେବଳ ଆଫଗାନିସ୍ତାନରେ ଉତ୍ପନ୍ନ ହୋଇଥାଏ । ୨୦୧୮ରେ ଆଫଗାନ ଅର୍ଥ ବ୍ୟବସ୍ଥାରେ ଅଫିମର ଶତକଡା ୧୧ ଭାଗ ଅବଦାନ ଥିଲା । ଏହିବର୍ଷ ଆଫଗାନିସ୍ତାନର ଅଫିମ ରପ୍ତାନିର ମୂଲ୍ୟ ଥିଲା ପ୍ରାୟ ଦୁଇ ବିଲିୟନ ଡଲାର ।

ଯେଉଁ ତାଲିବାନ ଗୋଷ୍ଠୀ ଅଫିମ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଉଥିଲା ସେହି ଗୋଷ୍ଠୀ ଏବେ ଅଫିମ ଚାଷ ଉପରେ ପ୍ରତିବନ୍ଧ ଲଗାଇବା ପରେ ଦେଶରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ମାତ୍ର ନିଶା ଦ୍ରବ୍ୟ ଉତ୍ପାଦନକୁ ବନ୍ଦ କରିଦେଲେ ବିଦେଶୀ ସହାୟତା ଅଧିକ ମିଳିପାରିବ ବୋଲି ତାଲିବାନର ଶୀର୍ଷ ନେତାମାନେ ଆଶା ରଖିଛନ୍ତି । ତେବେ ସେ ଯାହାହେଉ ତାଲିବାନ ସରକାର ପକ୍ଷରୁ ଆଫଗାନିସ୍ତାନରେ ନିଶାଦ୍ରବ୍ୟ କାରବାର ଓ ଏହାର ଉତ୍ପାଦନ ଉପରେ ଲଗାଯାଇଥିବା କଟକଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତାଲିବାନଙ୍କ ମୁଣ୍ଡରେ ସଦ୍‌ବୁଦ୍ଧି ଉଦୟ ହୋଇଛି । ମାତ୍ର ଏହି ନିଷ୍ପତ୍ତି ଚିରସ୍ଥାୟୀ ହେବା ଉଚିତ । ଏହା ହୋଇପାରିଲେ ଭାରତ ସମେତ ସମଗ୍ର ବଶ୍ୱ ବିଷାକ୍ତ ନିଶା କବଳରୁ ଅନେକାଂଶରେ ମୁକ୍ତ ହୋଇପାରିବ ।

**ମୋ– ୯୪୩୭୨୩୨୪୬୩**
prakas.tripathy09@gmail.com

# ଭାରତୀୟ ସଂସ୍କୃତି ଐକ୍ୟର ଆଧାରଶିଳା



ବିମଳ ପ୍ରସନ୍ନ ଦାସ

ବିବିଧତା ମଧ୍ୟରେ ଐକ୍ୟ ହିଁ ଭାରତୀୟ ସଂସ୍କୃତିର ଆକର୍ଷଣ ଓ ଆଧାରଶିଳା, ଶ୍ରୀରାମକୃଷ୍ଣ ଯେଉଁ ଏକେଶ୍ୱରବାଦ କଥା କହିଥିଲେ ତାଙ୍କର ପଟ୍ଟଶିଷ୍ୟ ସ୍ୱାମୀ ବିବେକାନନ୍ଦ ଆମେରିକା ଭ୍ରମଣ କାଳରେ ମଧ୍ୟ ସେକଥା ହିଁ କହିଥିଲେ । ଆମେରିକାରେ ଆୟୋଜିତ ଧର୍ମସଭାରେ ତାଙ୍କର ଶ୍ରୋତାମାନଙ୍କୁ ସେ କହିଥିଲେ, ''ହେ ଅମୃତର ସନ୍ତାନ! ସମସ୍ତେ ଶୁଣ, ଧର୍ମ କହିଲେ ଏହାର ବ୍ୟାପକତା ଓ ଶକ୍ତିକୁ ବୁଝିବାକୁ ହୁଏ । ଶ୍ରୀରାମକୃଷ୍ଣ ମଧ୍ୟ ସ୍ପଷ୍ଟ କରିଥିଲେ – ଯେତେ ମତ, ସେତେ ପଥ, ସେଥିପାଇଁ ଈଶ୍ୱର ଏକ ହେବାବେଳେ ଧର୍ମ ଅନେକ, କାରଣ ପ୍ରତ୍ୟେକ ଧର୍ମର ପଥ ଭିନ୍ନ ହେବା ନିଶ୍ଚିତ । ଯିଏ ଯେଉଁ ଧର୍ମ ଅନୁସାରେ ଅଗ୍ରଗାମୀ ହେଉନା କାହିଁକି, ସେ ଜଣେ ଈଶ୍ୱରଙ୍କୁ ଭେଟିବ, ସେ ଜଣେ ଈଶ୍ୱରଙ୍କୁ ଦେଖିବ । ଈଶ୍ୱର ଏକ ନା ଅଲଗା ଅଲଗା, ଏହା ପରୀକ୍ଷା କରିବା ପାଇଁ ସ୍ୱାମୀ ବିବେକାନନ୍ଦ ତାଙ୍କ ପରମଗୁରୁଙ୍କ ବାଟ ବାଛି ନେଇଥିଲେ । ହିନ୍ଦୁ ମନ୍ଦିର, ବୌଦ୍ଧ ମନ୍ଦିର, ଗିର୍ଜା, ମସ୍‌ଜିଦ, ଗୁରୁଦ୍ୱାର ସବୁ ଆଡ଼କୁ ଯାଇଥିଲେ ଓ ଧର୍ମର ରୀତିନୀତି ପାଳନ କରି ଜ୍ଞାନ ଆହରଣ କରୁଥିଲେ । ପରେ ବିଭିନ୍ନ ସ୍ଥାନରୁ ଜ୍ଞାନ ଆହରଣରେ ସେ ବିସ୍ମିତ ହୋଇଯାଇଥିଲେ । ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇପଡୁଥିଲେ ।

ସେ ଅନୁଭବ କଲେ ଯେ ତାଙ୍କ ଗୁରୁ ଯାହା କହିଥିଲେ ତାହା ହିଁ ସତ୍ୟ, ଈଶ୍ୱର ଜଣେ ବା ଏକ କିନ୍ତୁ ଧର୍ମ ଅନେକ । ଯେଉଁଠି ଯେଉଁ ଧର୍ମର ବିଶ୍ୱାସୀ ରହିବେ, ସେମାନେ ସେମାନଙ୍କର ଈଶ୍ୱରଙ୍କୁ ପୂଜା ବା ଆରାଧନା କରିବେ । ଏ ପର୍ଯ୍ୟନ୍ତ ପ୍ରାୟ ୮ଟି ଧର୍ମ ପ୍ରାଚୀନ କାଳରୁ ସେମାନଙ୍କର ପ୍ରଥା ଅନୁସାରେ ଚଳି ଆସୁଛି । ଭାରତ ଏପରି ଏକ ଦେଶ ଯେଉଁଠାରେ ହିନ୍ଦୁଧର୍ମ ବ୍ୟତୀତ ଇସଲାମ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ ଆଦି ବିଭିନ୍ନ ଧର୍ମ ରହିଛି । ବୌଦ୍ଧ ଓ ହିନ୍ଦୁ ଧର୍ମର ଚଳଣିରେ କିଛି ପାର୍ଥକ୍ୟ ଥିଲେ ମଧ୍ୟ ବୁଦ୍ଧଙ୍କୁ ହିନ୍ଦୁମାନେ ଅବତାର ଭାବରେ ପ୍ରାର୍ଥନା କରନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଅନେକ ସମୟରେ ଅମୃତର ସନ୍ତାନମାନେ ଧର୍ମନାମରେ ଈଶ୍ୱରଙ୍କୁ ଖୋଜୁଥିବାବେଳେ ବାଟବଣା ହୋଇ ସେହି ଗୋଟିଏ ଧର୍ମକୁ ଗ୍ରହଣ କରି ଅନ୍ୟସବୁ ଧର୍ମକୁ ଅଲଗା କରିଦିଅନ୍ତି । ଏହି କାରଣରୁ ଈଶ୍ୱର ଏକ ଥିଲେ ମଧ୍ୟ ବିଭିନ୍ନ ଧର୍ମ ବିଭିନ୍ନ ସ୍ଥାନରେ ରହିଛି । ଭାରତରେ ସବୁ ଧର୍ମର ଲୋକ ଅଛନ୍ତି । ହିନ୍ଦୁ ଧର୍ମ କିନ୍ତୁ ଏ ଦେଶରେ ପ୍ରଥମେ ସୃଷ୍ଟି ହୋଇଥିଲା । ବିଭିନ୍ନ ଧର୍ମର ପ୍ରତିଷ୍ଠାତାମାନେ ଈଶ୍ୱରଙ୍କୁ ପ୍ରାର୍ଥନା ଓ ତାଙ୍କର ଗୁଣ ଗାନ କଲାବେଳେ କେବେ ଅନ୍ୟ ଧର୍ମ ବିରୋଧରେ ପ୍ରାର୍ଥନା କରନ୍ତି ନାହିଁ । ବିଭିନ୍ନ ଧର୍ମ ମଧ୍ୟରେ ସଂଘର୍ଷ ହୋଇପାରେ କାରଣ ସେମାନେ ଭିନ୍ନ ଭିନ୍ନ ବାଟରେ ଈଶ୍ୱରଙ୍କୁ ଆରାଧନା କରନ୍ତି । କିନ୍ତୁ ଯେଉଁମାନେ ଶୀର୍ଷ ସ୍ଥାନରେ ଉପନୀତ ହୋଇଯାଇଛନ୍ତି, ସେମାନଙ୍କ ମଧ୍ୟରେ କିଛି ବିରୋଧ ନାହିଁ ।

ବୌଦ୍ଧ ଧର୍ମର ପ୍ରଥା ଅନୁସାରେ ଥରେ ବୁଦ୍ଧଦେବ ପ୍ରାତଃ ପୂଜା ଶେଷ କରି ଆଶ୍ରମ ଛାଡ଼ି ପ୍ରଥମେ ବାଟରେ ଯେଉଁଘର ପଡ଼ିଲା ସେଠାରେ ପହଞ୍ଚିବା ପରେ କହିଲେ ''ଭିକ୍ଷାଂ ଦେହୀ'' । ଗୃହଣୀ ଏଇ ଦୁଇପଦ କଥା ଶୁଣି ବୁଦ୍ଧଦେବଙ୍କୁ ଅକଥ୍ୟ ଭାଷାରେ ଗାଳିକଲେ କିଛି କାମ ନ କରି ତୁମେ ଭିକ୍ଷା କାହିଁକି ମାଗୁଛ ? ତାଙ୍କ କଥା ଶୁଣି ବୁଦ୍ଧ କହିଲେ ମା' ଆପଣ ଭିକ୍ଷା ନ ଦେଲେ ନାହିଁ – ଯେଉଁସବୁ ଗାଳିଦେଲେ ସେସବୁ ଆପଣଙ୍କୁ ଛାଡ଼ି ଦେଇ ମୁଁ ମୋ ବାଟରେ ଯାଉଛି । ସେ କିଛି ବାଟ ଗଲାପରେ ଗୃହିଣୀଙ୍କ ଜ୍ଞାନ ଉଦୟ ହେଲା ଏବଂ ସେ ଜାଣିଲେ ଯେ ଏକ ବଡ଼ ଭୁଲ୍ ହୋଇଯାଇଛି । ସେ ବୁଦ୍ଧଙ୍କ ପଛେ ପଛେ ଦୌଡ଼ିଲେ ଓ ତାଙ୍କ ପାଦତଳେ ପଡ଼ି କହିଲେ ପ୍ରଭୁ! ମତେ କ୍ଷମା କରନ୍ତୁ । ବୁଦ୍ଧ ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ । ଏହିପରି ବହୁ ଘଟଣାର ଦୃଷ୍ଟାନ୍ତ ବିଭିନ୍ନ ଧର୍ମରେ ନିହିତ । ଈଶ୍ୱରପୁତ୍ର, ପରମକାରୁଣିକ ଯିଶୁଙ୍କୁ କଣ୍ଟକିତ କରି ରୁଧିରାକ୍ତ କଲାବେଳେ ଯିଶୁ ପ୍ରାର୍ଥନା କରିଛନ୍ତି ପ୍ରଭୁ! ଏମାନେ ଅଜ୍ଞାନ, କ'ଣ କରୁଛନ୍ତି ନିଜେ ଜାଣନ୍ତି ନାହିଁ । ଏମାନଙ୍କୁ କ୍ଷମା କରନ୍ତୁ । ଧର୍ମର ଇତିହାସରେ ଏହା ଏକ ଅବିସ୍ମରଣୀୟ ଦୃଷ୍ଟାନ୍ତ ।

ବିଶ୍ୱସ୍ରଷ୍ଟା ଈଶ୍ୱର ଏକ ସତ୍ତ୍ୱେ ବିଭିନ୍ନ ଧର୍ମର ଲୋକମାନେ ଈଶ୍ୱରଙ୍କୁ ବିଭିନ୍ନ ଭାବରେ ସ୍ମରଣ କରିଛନ୍ତି । ସେଥିପାଇଁ ପରସ୍ପର ବିରୋଧରେ ସଂଗ୍ରାମ ଓ ସଂଘର୍ଷ । ସେଥିପାଇଁ ଅମୃତର ପୁତ୍ରମାନେ ବିଭିନ୍ନ ଶିବିରରେ ବିଭକ୍ତ ହୋଇଛନ୍ତି । ସୁତରାଂ ଅମୃତର ସନ୍ତାନମାନେ ଈଶ୍ୱର ଏକ – ଏତିକି ଚିନ୍ତା କଲେ ଅନ୍ଧାରରୁ ବାହାରି ଆଲୋକ ପଥରେ ଯିବା ଲାଗି ସକ୍ଷମ ହୋଇଯିବେ ।

**ମୋ: ୯୪୩୮୧୮୬୨୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସାହାଯ୍ୟ ମିଳୁ

ମହାଶୟ,

ସମୁଦ୍ର ମାଛ ବଂଶ ବୃଦ୍ଧି ପାଇଁ କୈବର୍ତ୍ତ ପୂର୍ଣ୍ଣିମାଠାରୁ ରଜ ପର୍ଯ୍ୟନ୍ତ ଗଭୀର ସମୁଦ୍ରରେ ମାଛ ଧରିବା ମନା । ମାଛମରା ବୋଟ୍‌ଗୁଡ଼ିକ ମୁହାଣରେ ଡେରା ପକାଇଥିବା ବେଳେ ଅନେକ ମରାମତି ପାଇଁ ଉପରକୁ ଉଠିଆସିଛି । ସମୁଦ୍ର କୂଳେ କୂଳେ ମାଛ ଧରୁଥିବା ଡଙ୍ଗା ଓ ନୌକା ବ୍ୟତୀତ ମାଳରେ ପ୍ରଚୁର ମାଛ ପଡ଼ିବା ସଙ୍ଗେ ସଙ୍ଗେ ବଜାର ଦର ଚଢ଼ା ଥିବାରୁ ମତ୍ସ୍ୟଜୀବୀଙ୍କ ରୋଜଗାର ବଢ଼େ । କିନ୍ତୁ କରୋନା ଅନିଶ୍ଚିତତା ମଧ୍ୟରେ ଏବର୍ଷ ରାଜ୍ୟରେ ଗୋଟିଏ ହେଲେ ନୂଆ ମାଛଧରା ବୋଟ୍ ତିଆରି ହୋଇନାହିଁ । ଏଣୁ ରୋଜଗାର ମାନ୍ଦା ରହିଛି । ଆନ୍ଧ୍ରା ଓ ବେଙ୍ଗଲ ମିସ୍ତ୍ରିଙ୍କ ହାତ ମଧ୍ୟ ଖାଲି । ରୋଜଗାର ବନ୍ଦ ହୋଇଯାଇଥିଲେ ହେଁ ମାଛଧରା ବୋଟ୍‌ରେ କାମ କରୁଥିବା ମତ୍ସ୍ୟ ଶ୍ରମିକଙ୍କ ବ୍ୟତୀତ ବୋଟ୍ ଡ୍ରାଇଭରଙ୍କ ହାତକୁ ମୋଟା ଅଙ୍କର ଟଙ୍କା ଆସିବାର ବେଳ ଆସୁଛି । ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଉପଗ୍ରହ ମାଧ୍ୟମରେ ସମୁଦ୍ରରେ କେତେବେଳେ କେଉଁଠି ଚମ୍ପା, କେଉଁଠି ଫିରିକି ତ କେଉଁଠି ଇଲିଶି ଅଛନ୍ତି ମତ୍ସ୍ୟଜୀବୀଙ୍କୁ ସୂଚନା ହେବା ସହ ଡଙ୍ଗା ନିର୍ମାଣ ଲାଗି ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇଦେଲେ ସମସ୍ତଙ୍କ ରୋଜଗାରର ବାଟ ଖୋଲିଯିବ । ତେବେ କେତେ ଓଡ଼ିଆ ମତ୍ସ୍ୟଜୀବୀ ରୋଜଗାର ହରାଇଛନ୍ତି ତାହା ଜାଣିବାରେ ରାଜ୍ୟ ସରକାର ବିଫଳ ହୋଇଥିବାରୁ କାହାରିକୁ ଆର୍ଥିକ ସାହାଯ୍ୟ ମିଳୁନାହିଁ ।

**–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା ଆସେ ପଡ଼ି
ଦୂର ଗ୍ରାମୁଁ ବହି ଆସେ ପକ୍ଷୀର କାକଳି
ଦିଗନ୍ତ–ବିସ୍ତାରୀ ପକ୍ୱ ଧାନ୍ୟକ୍ଷେତ୍ର ପରେ
ପଉଷ–କାକର ରାଶି ଝରେ
ବିଜନ ପଥଟି ମୋର ମିଶିଅଛି ଦିଗନ୍ତ ଅନ୍ଧାରେ
ଆଜି ଏହି ଉଦାସ ସନ୍ଧ୍ୟାରେ !

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୫।୨୦୨୨

| | |
|---|---|
| ୧,୭୫,୭୨୯ ଟଙ୍କା | |
| ସୁନା | ୨୩୦ ମିଲିଗ୍ରାମ୍ |
| ରୁପା | ୩୯.୨୮୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ (ଆଇସିଏଆର୍)ର ୩୫ତମ ପ୍ରତିଷ୍ଠା ଦିବସ, ସଂସ୍ଥାନ ପରିସର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ପୂର୍ବତନ ଲୋକ ସଭା ସଦସ୍ୟ ତଥା ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା, ଭଗବତୀ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ନର୍ସିଂ କର୍ମଚାରୀ ସଂଘ, କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳନ, ଆଇଏମ୍ଏ ଇନ୍‌ଷ୍ଟିଚ୍ୟୁଟ୍, ୟୁନିଟ୍-୬, ପୂର୍ବାହ୍ନ ୧୧ଟା ୩୦।
- ବିଭିନ୍ନ ଶିକ୍ଷାଞ୍ଚଳର ବାର୍ଷିକ ସମ୍ମିଳନୀ, ସ୍ୱସ୍ତି ପ୍ରିମିୟମ୍, ମଧ୍ୟାହ୍ନ ୧୨ଟା।
- ନେତାଜୀ ସୁଭାଷ ବୋଷ ୪ର୍ଥ ପ୍ରତିଭା ସମ୍ମାନ ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା।
- ୪ର୍ଥ ଜାତୀୟ ନାଟ୍ୟ ମହୋତ୍ସବ ୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀଶ୍ରୀ ଠାକୁର ନୃସିଂହନାଥଙ୍କ ଜନ୍ମ ମହୋତ୍ସବର ୧୧ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ, ନୃସିଂହନାଥ ମନ୍ଦିର ପ୍ରାଙ୍ଗଣ, ପାରିବାସୁଦେଇପୁର, ସକାଳ ୬ଟା।
- ଶ୍ରୀ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଭୁବନପୁର, ପୂର୍ବାହ୍ନ ୯ଟା।
- ଭଗବତ ମେଳଣର ପ୍ରଥମ ଦିବସ, ବଇଁଚୁଆ ମେଳଣ ପଡିଆ, ଅପରାହ୍ନ ୩ଟା।

## ହୋମିଓପାଥିକ୍ କ୍ଲିନିକ୍‌ରୁ ଚୋରି

### ଗ୍ରିଲ୍ ତାଡ଼ି ନେଇଗଲେ ୩.୬ ଲକ୍ଷ ଟଙ୍କା

**ଭୁବନେଶ୍ୱର,(ବ୍ୟୁରୋ),୧୧।୫:** ରାଜଧାନୀରେ ଏବେ ଚୋରି ଓ ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଖାରବେଳନଗର ଥାନା ୟୁନିଟ୍-୩ ଅଞ୍ଚଳରେ ଥିବା ଡାଇନାମିକ୍ ହୋମିଓପାଥିକ୍ କ୍ଲିନିକ୍‌ର ଗ୍ରୀଲ୍ ତାଡ଼ି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଛନ୍ତି। ଏପରିକି ପ୍ରମାଣ ନଷ୍ଟ କରିବାକୁ ସେମାନେ ଦୋକାନରେ ଥିବା ସିସିଟିଭିର ହାର୍ଡ ଡିସ୍କକୁ ମଧ ନେଇଯାଇଛନ୍ତି। ୩ ଲକ୍ଷ ୬୦ ହଜାର ଟଙ୍କା ଚୋରି ହୋଇଥିବା ଦୋକାନୀ ସୁଶାନ୍ତ କୁମାର ସାହୁ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ବୁଧବାର ସକାଳେ ପୋଲିସ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ବିଭିନ୍ନ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୧୪୨/୨୦୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ମାମଲାକୁ ଗୁରୁତ୍ୱର ସହ ନିଆଯାଇ ଚୋରଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା କରାଯାଉଥିବା ଖାରବେଳନଗର ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

# ମହିଳାଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍ କନଷ୍ଟେବଳ

ଭୁବନେଶ୍ୱର,(ବ୍ୟୁରୋ),୧୧।୫

ଭୁବନେଶ୍ୱର ରେଳ ଷ୍ଟେଶନରେ ଜଣେ ମହିଳା ଯାତ୍ରୀଙ୍କ ଜୀବନ ବଞ୍ଚାଇ ଚର୍ଚ୍ଚାକୁ ଆସିଛନ୍ତି ରେଳ ସୁରକ୍ଷା ବଳର (ଆର୍‌ପିଏଫ୍) ହେଡ୍ କନଷ୍ଟେବଳ ସନାତନ ମୁଣ୍ଡା। ଚଳନ୍ତା ଟ୍ରେନରୁ ଓହ୍ଲାଉଥିବାବେଳେ ଆନ୍ଧ୍ରପ୍ରଦେଶର ମହିଳା କେ. ସରସ୍ୱତୀ (୫୫) ପ୍ଲାଟ୍‌ଫର୍ମରୁ ତଳକୁ ଚାଲିଯାଉଥିଲେ। ହେଲେ ସନାତନ ଦେବଦୂତ ସାଜି ତାଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଛନ୍ତି। ବୁଧବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବାବେଳେ ସନାତନଙ୍କ ଏଭଳି ସାହସ ଓ ମହାନ୍ କାର୍ଯ୍ୟ ପାଇଁ ବିଭିନ୍ନ ମହଲରରୁ ପ୍ରଶଂସାର ସୁଅ ଛୁଟିବାର ଲାଗିଛି।

ସୂଚନା ଅନୁଯାୟୀ, ସରସ୍ୱତୀଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଇଛାପୁର ଥାନା ପୁରୁଷୋତ୍ତମପୁର ଅଞ୍ଚଳରେ। ସେ ତାଙ୍କ ଭଉଣୀ, ପୁଅ-ବୋହୂ ଓ ନାତିନାତୁଣୀଙ୍କ ସହ ୭ଜଣଙ୍କୁ ଧରି ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ଓ ନନ୍ଦନକାନନ ବୁଲିବାକୁ ପଲାସା-କଟକ ପାସେଞ୍ଜରରେ ଇଛାପୁରମରୁ ଆସିଥିଲେ। ଟ୍ରେନ୍‌ଟି ବୁଧବାର ପୂର୍ବାହ୍ନ ୧୦ଟା ୫ରେ ଭୁବନେଶ୍ୱର ରେଳ ଷ୍ଟେଶନ ପ୍ଲାଟ୍‌ଫର୍ମ ନଂ.୩ରେ ଲାଗି ୧୦ଟା ୧୦ରେ ଛାଡ଼ିଥିଲା। ହେଲେ ଟ୍ରେନ୍‌ଟି ଭୁବନେଶ୍ୱରରେ ରହିଯିବ ବୋଲି ଭାବି ସେମାନେ ଶୀଘ୍ର ଓହ୍ଲାଇ ପାରି ନ ଥିଲେ। ଟ୍ରେନ୍‌ଟି ପ୍ଲାଟଫର୍ମରେ ୫ ମିନିଟ୍ ରହିବାପରେ ପୁଣି ଛାଡ଼ିଥିଲା।



ସିସିଟିଭିରେ କଏଦ ହୋଇଥିବା ଘଟଣା ସମୟର ଦୃଶ୍ୟ।

- ସନାତନଙ୍କୁ ପ୍ରଭୁ ଲିଙ୍ଗରାଜ ବୋଲି ସମ୍ବୋଧନ କଲେ ପରିବାର
- ପୁରସ୍କାର ଦେବାକୁ ଡିଜିଙ୍କୁ ଲେଖାଯିବ ଚିଠି

ଧୀରେ ଧୀରେ ଗଡୁଥିବାବେଳେ ପ୍ରଥମେ କେ. ସରସ୍ୱତୀ ଓ ଭଉଣୀ ବି. ଚନ୍ଦ୍ରମା ତରବରରେ ଟ୍ରେନ୍‌ରୁ ଓହ୍ଲାଇବାକୁ ଉଦ୍ୟମ କରିଥିଲେ। ସରସ୍ୱତୀ ହଠାତ୍ ପ୍ଲାଟ୍‌ଫର୍ମକୁ ଡେଇଁବାବେଳେ ଗୋଡ଼ ଖସିଯିବାରୁ ଟ୍ରେନ୍ ତଳକୁ ଚାଲିଯାଉଥିଲେ। ତାଙ୍କ ଭଉଣୀ ଚନ୍ଦ୍ରମା ମଧ ତାଙ୍କ ହାତକୁ ଧରିପକାଇବାରୁ ସେ ମଧ ଟାଣି ହୋଇ ଆସିଥିଲେ। ଏହି ସମୟରେ ନିକଟରେ ଡ୍ୟୁଟିରେ ଥିବା କନଷ୍ଟେବଳ ସନାତନ ଦୌଡ଼ିଯାଇ ସରସ୍ୱତୀଙ୍କୁ ପ୍ଲାଟ୍‌ଫର୍ମ ଉପରକୁ ଭିଡ଼ି



ସନାତନ ମୁଣ୍ଡା

ଆଣିଥିଲେ। ଭଉଣୀ ଚନ୍ଦ୍ରମା ମଧ ପ୍ଲାଟ୍‌ଫର୍ମ ଉପରକୁ ଛିଟିକି ପଡିଥିଲେ। ଟ୍ରେନ୍ ପଛରେ ଥିବା ଗାର୍ଡ ଏହା ଦେଖି ତୁରନ୍ତ ଅଟକିବାକୁ ଚାଳକଙ୍କୁ ଜଣାଇଥିଲେ। ଟ୍ରେନ୍ ରହିବା ପରେ ପରିବାରର ଅନ୍ୟ ସମସ୍ତ ସଦସ୍ୟ ସୁରକ୍ଷିତ ଭାବେ ଟ୍ରେନ୍‌ରୁ ଓହ୍ଲାଇଥିଲେ। ତେବେ ସରସ୍ୱତୀଙ୍କ ଜୀବନ ବଞ୍ଚାଇଥିବାରୁ ସନାତନଙ୍କୁ ତାଙ୍କ ପୁଅ ଓ ପରିବାର ସଦସ୍ୟ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ତାଙ୍କୁ ପ୍ରଭୁ ଶ୍ରୀଲିଙ୍ଗରାଜ ବୋଲି ସମ୍ବୋଧନ କରିଛନ୍ତି।

କନଷ୍ଟେବଳ ତଥା ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅନ୍ତର୍ଗତ ଘର୍ମାବେଢ଼ାର ସନାତନ କହିଛନ୍ତି, ଯଦି ସେହି ସମୟରେ ମୁଁ ନ ଥାନ୍ତି ସରସ୍ୱତୀଙ୍କର କି ଅବସ୍ଥା ହୋଇଥାନ୍ତା ତାହା ମୁଁ ଭାବିପାରୁ ନାହିଁ। ଏହା ମୋର କର୍ତ୍ତବ୍ୟ। କିନ୍ତୁ ତାଙ୍କ ଜୀବନ ବଞ୍ଚାଇଥିବାରୁ ମୋତେ ବହୁତ ଖୁସି ଲାଗୁଛି। ଅନ୍ୟପକ୍ଷରେ ଆର୍‌ପିଏଫ୍ ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ପଟ୍ଟନାୟକ କହିଛନ୍ତି, ରେଲ୍‌ୱେ ଆଇଜିଙ୍କୁ ଏହି ଘଟଣା ବିଷୟରେ ଅବଗତ କରାଯିବ। ଏଥିସହ ସନାତନଙ୍କୁ ପୁରସ୍କାର ପ୍ରଦାନ ପାଇଁ ଡିଜି ଓ ଜିଏମ୍‌ଙ୍କୁ ଚିଠି ଲେଖାଯିବ ବୋଲି ସେ କହିଛନ୍ତି।




# 'ଜଙ୍ଗଲ କ୍ରାଏ': ୧୨ ଓଡ଼ିଆ ଅନାଥ ଆଦିବାସୀଙ୍କ ସଫଳ କାହାଣୀ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ) :** ହିନ୍ଦୀ ଚଳଚ୍ଚିତ୍ର 'ଜଙ୍ଗଲ କ୍ରାଏ'ରେ ଦର୍ଶକ ଦେଖିବେ ଓଡ଼ିଆ ଆଦିବାସୀଙ୍କ ସଂଘର୍ଷ ଓ ସଫଳତାର କାହାଣୀ। ଆମେରିକାର ଅଭିନେତ୍ରୀ ଇମ୍‌ଲି ଶା ଓ ବଲିଉଡ୍ ଅଭିନେତା ଅଭୟ ଦେଓଲଙ୍କୁ ନେଇ ଆସନ୍ତା ୨୦ ତାରିଖରେ ରିଲିଜ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରଟି ଓଡ଼ିଶାର ୧୨ଜଣ ପୁରୁଷ ଅବହେଳିତ ଅନାଥ ଆଦିବାସୀ ଖେଳାଳିଙ୍କ ସଫଳ କାହାଣୀ ଉପରେ ପ୍ରସ୍ତୁତ ହୋଇଛି। ଦୁର୍ଗମ ଅଞ୍ଚଳରୁ କିପରି ଭୁବନେଶ୍ୱର ଆସି କିସ୍‌ରେ ପାଠପଢ଼ିଲେ ଓ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଭାବେ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସାଉଣ୍ଟିଲେ ସେସବୁର କାହାଣୀ କହିବ ଏହି ଚଳଚ୍ଚିତ୍ର। ୨୦୦୭ରେ ଇଂଲଣ୍ଡରେ ହୋଇଥିବା ଅନ୍ତର୍ଜାତୀୟ ଜୁନିୟର ରଗ୍‌ବୀ ଟୁର୍ନାମେଣ୍ଟରେ ଏମାନେ ଭାଗନେଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ସାଗର ବଲ୍ଲାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିର ଅଧିକାଂଶ ଶୁଟିଂ ଲଣ୍ଡନ, ଇଂଲଣ୍ଡ ଓ ବ୍ରିଟେନରେ କରାଯାଇଛି। ରୁଦ୍ର ଚରିତ୍ରରେ ଅଭିନେତା ଅଭୟ ଓ ରୋଶନୀ ଭୂମିକାରେ ଅଭିନେତ୍ରୀ ଇମ୍‌ଲି ନଜରକୁ ଆସିବେ। ଏ ସଂକ୍ରାନ୍ତରେ ଇମ୍‌ଲି କୁହନ୍ତି, ଏହି କାହାଣୀ ହୃଦୟ ଛୁଆଁ ସହ ରଗ୍‌ବୀ ସହ ସମ୍ପର୍କିତ ଥିବାରୁ ଅଭିନୟ ପାଇଁ ମୁଁ ବେଶି ଆକୃଷ୍ଟ ହେଲି। ୧୨ ଅବହେଳିତ ଆଦିବାସୀ ଖେଳାଳିଙ୍କ ନିଷ୍ଠା ଓ ସଫଳତାର କାହାଣୀ ସମସ୍ତଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ପ୍ରଥମଥର ପାଇଁ ବଲିଉଡ୍‌ରେ ଅଭିନୟ କରିଛି। ପୁଣି ଏଭଳି ଏକ ନୂଆ କାହାଣୀ ମୋତେ ବହୁତ ଖୁସି ଦେଇଛି। ଏଥିସହ ଅଭିନେତା ଅଭୟଙ୍କ ସହ କାମ କରି ନୂଆ କିଛି ଶିଖିବା ଓ ତାଙ୍କ କାହାଣୀରେ ନିଜର ଶ୍ରେଷ୍ଠତା ପ୍ରଦାନ କରିଥିବା ଆଶାବ୍ୟକ୍ତ କରିଛନ୍ତି ଇମ୍‌ଲି। ସୂଚନାଯୋଗ୍ୟ, ପୂର୍ବରୁ 'ଫାଷ୍ଟ ଆଣ୍ଡ୍ ଫ୍ୟୁରିୟସ ୭', 'ଦ ୱିଣ୍ଟର ସୋଲଜର', 'ମନଷ୍ଟର ଟ୍ରକ୍ସ' ଭଳି ବ୍ଲକବଷ୍ଟର ହଲିଓଡ୍ ଫିଲ୍ମର ଅଭିନେତ୍ରୀ ଇମ୍‌ଲି ବିଶ୍ୱରେ ବେଶ୍ ଲୋକପ୍ରିୟ।

# 'ମୋ ସ୍କୁଲ୍' ଗୋଷ୍ଠୀ ସହଭାଗିତାର ଏକ ସଫଳ ନିଦର୍ଶନ

ଭୁବନେଶ୍ୱର, ୧୧।୫(ବ୍ୟୁରୋ)



ଜାତୀୟ ଶିକ୍ଷାନୀତି ୨୦୨୦ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ଫୋକସ୍ ଗ୍ରୁପ୍ ବୁଧବାର 'ମୋ ସ୍କୁଲ୍ ଅଭିଯାନ' କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ଗ୍ରୁପ୍ ଅଧକ୍ଷ ପଦ୍ମଶ୍ରୀ ଗିରୀଶ ପ୍ରଭୁଣେ ଓ ଅନ୍ୟ ସଦସ୍ୟମାନେ ଶିକ୍ଷା କ୍ଷେତ୍ରରେ ଗୋଷ୍ଠୀ ସହଭାଗିତାର ଗୁରୁତ୍ୱ ସମ୍ପର୍କରେ ଅଭିଯାନ ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗିରୀଶ ପ୍ରଭୁଣେ 'ମୋ ସ୍କୁଲ୍' କାର୍ଯ୍ୟକ୍ରମ ଗୋଷ୍ଠୀ ସହଭାଗିତାର ଏକ ସଫଳ ନିଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ରୀଛାତ୍ର, ସ୍ଥାନୀୟ ଗୋଷ୍ଠୀ, ବେସରକାରୀ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଭାଗିତାରେ ସରକାରୀ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ 'ମୋ ସ୍କୁଲ୍' କାର୍ଯ୍ୟକ୍ରମ ଏକ ମାଇଲ୍‌ଷ୍ଟୋନ୍ ପ୍ରତିଷ୍ଠା କରିଛି। ଆଗାମୀ ଦିନରେ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଭାଷାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଶିଶୁଯତ୍ନ ଶିକ୍ଷା, ବିଦ୍ୟାଳୟ ଶିକ୍ଷା ଏବଂ ପ୍ରୌଢ଼ ଶିକ୍ଷାର ପାଠ୍ୟଖସଡ଼ା ପ୍ରସ୍ତୁତି ଲାଗି କେନ୍ଦ୍ର ସରକାର ୨୫ଟି ଜାତୀୟ ଫୋକସ୍ ଗ୍ରୁପ୍ ଗଠନ କରିଛନ୍ତି। ପଦ୍ମଶ୍ରୀ ପ୍ରଭୁଣେଙ୍କ ନେତୃତ୍ୱରେ ଆସିଥିବା ଗୋଟିଏ ଗ୍ରୁପ୍ ଓଡ଼ିଶାର ଶିକ୍ଷା ସ୍ଥିତି ଓ ଯୋଜନାକୁ ଅନୁଧ୍ୟାନ କରିଛନ୍ତି। ତେବେ ଆଲୋଚନାବେଳେ 'ମୋ ସ୍କୁଲ୍' ଅଧକ୍ଷା ବାଗ୍‌ଚୀ କହିଛନ୍ତି, ମାତ୍ର ୪ବର୍ଷ ମଧ୍ୟରେ ଏହି ଅଭିଯାନ ବିଶ୍ୱର ସର୍ବବୃହତ୍ ପୁରାତନ ଛାତ୍ରୀଛାତ୍ର ସଂଯୋଗ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ସହଯୋଗରେ 'ମୋ ସ୍କୁଲ୍' କେବଳ ଓଡ଼ିଶାର ସରକାରୀ ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି ଆଣିନାହିଁ, ଏହା ମାଧ୍ୟମରେ ଶିକ୍ଷା

### ପ୍ରଶଂସା କଲା କେନ୍ଦ୍ର ସରକାରଙ୍କ ଫୋକସ୍ ଗ୍ରୁପ୍

କ୍ଷେତ୍ରରେ ମଧ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିଛି। ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢ଼ିବା ସହ ପରୀକ୍ଷା ଫଳରେ ମଧ ଉନ୍ନତି ଆସିଛି। ସେହିଭଳି 'ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମ' ଏବଂ 'ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପୂର୍ବଗୌରବ ଫେରାଇ ଅଣାଯାଇପାରିଛି। 'ମୋ ସ୍କୁଲ୍' ଏକ ଅଭିନବ କାର୍ଯ୍ୟକ୍ରମ ଏବଂ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ଦେଶର ସର୍ବବୃହତ୍ ପୁରାତନ ଛାତ୍ରୀଛାତ୍ର ସଂଯୋଗ କାର୍ଯ୍ୟକ୍ରମ ବୋଲି ଜାତୀୟ ଫୋକସ୍ ଗ୍ରୁପ୍‌ର ସଦସ୍ୟ ସଚିବ ଡ. ଲକ୍ଷ୍ମୀଧର ବେହେରା ମତବ୍ୟକ୍ତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିକାଶ



@ ବାବୁନି



@ ଆକାଶ



@ ଶଙ୍କର



@ ମିଳନ



@ ପ୍ରଭାତ

# 'କିଛି ନୂଆ କରି ଦେଖାଇଲେ ବୈଜ୍ଞାନିକ ହୋଇପାରିବା'

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

### ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସରେ ବିଜ୍ଞାନ ପ୍ରଦର୍ଶନୀ

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ବୁଧବାର ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ୟାମ୍ପସ୍‌ରେ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରତିଯୋଗିତା (ବିଜ୍ଞାନ ମେଳା) ଆୟୋଜିତ ହୋଇଥିଲା। ଜିଜ୍ଞାସା ପ୍ରୋଗ୍ରାମ ଅଧୀନରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ୩୫ରୁ ଉର୍ଦ୍ଧ୍ୱ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ଅତିଥି, ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ଉପସ୍ଥିତିରେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ପ୍ରଯୁକ୍ତିବିଦ୍ୟା ଜଗତରୁ ଶିକ୍ଷା' ଉପରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡିଶା ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟିର ଅଧକ୍ଷ ସୁବ୍ରତୋ ବାଗ୍‌ଚୀ ଯୋଗଦେଇ କହିଲେ, କିଛି ଅଦ୍ଭୁତ ଓ ନୂଆ କରି ଦେଖାଇଲେ ବୈଜ୍ଞାନିକ ହୋଇପାରିବା। ଟେକ୍ନୋଲୋଜି ଆମ ସମସ୍ତଙ୍କ ଦୈନନ୍ଦିନ ଜୀବନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଓଡିଶାରେ ବହୁତ ଖଣିଜ ପ୍ରଦାର୍ଥ ଅଛି, ଯାହାର ବିକାଶ ନିମନ୍ତେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି କାର୍ଯ୍ୟ କରେ। ଅନୁଷ୍ଠାନର ନିର୍ଦ୍ଦେଶକ ଏସ୍. ବାସୁ, ଜିଜ୍ଞାସା ପ୍ରୋଗ୍ରାମର ସଂଯୋଜକ ତଥା ନୋଡାଲ୍ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାସ ଓ ଅନ୍ୟମାନେ ଯୋଗଦେଇ ମତ ରଖିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ମହାନଦୀର କଟକ ନରାଜ ଆନିକଟଠାରେ ବୁଧବାର ଧୀବରମାନେ ଜାଲ ପକାଇ ମାଛ ଧରୁଛନ୍ତି।



ଶିକ୍ଷା ବଞ୍ଚାଅ-ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ମାଧମିକ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ବିରୋଧ ଓ ମେଧାବୀ ଆଶାୟୀ ଶିକ୍ଷକଙ୍କୁ ନିଯୁକ୍ତି ଦାବିରେ ଭୁବନେଶ୍ୱରସ୍ଥିତ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମୁଖରେ ବୁଧବାର ଦିଆଯାଇଥିବା ଧାରଣା।



ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସରେ ବୁଧବାର ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଅନୁଷ୍ଠିତ ବିଜ୍ଞାନମେଳାକୁ ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ଉଦ୍‌ଘାଟନ କରିବା ପରେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ୱାର୍ଡ ବୁଲି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ମେୟର

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ସାମ୍ଭାବ୍ୟ ବାତ୍ୟାକୁ ଲକ୍ଷ୍ୟ ରଖି ଭୁବନେଶ୍ୱର ମେୟର ସୁଲୋଚନା ଦାସ ବୁଧବାର ପାଣ୍ଡାକୁଦିଆ ବସ୍ତିର ୱାର୍ଡ ନଂ. ୨୩ରେ ପହଞ୍ଚିଥିଲେ। ସେଠାକାର ଅଧିବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିସହ ପିଇବା ପାଣି, ବିଦ୍ୟୁତ୍ ସେବା, ସର୍ବସାଧାରଣ ଶୌଚାଳୟ ଆଦି ସମସ୍ୟାର ସମାଧାନ ସହ ବାତ୍ୟା ସମୟରେ ଆବଶ୍ୟକ ଜିନିଷ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ।

### ସେସ୍‌ପୁଲ ଗାଡ଼ି ଜବତ



**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକାରୀ ବୁଧବାର ସେସ୍‌ପୁଲ ଗାଡ଼ି ଜବତ କରିଛି। ଲୟେଲା ଇଂଲିଶ ମିଡିୟମ ସ୍କୁଲ ନିକଟରେ ଗାଡ଼ିଟି ଜନଗହଳିପୂର୍ଣ୍ଣ ସ୍ଥାନରେ ଅପରାହ୍ନ ୫ଟା ସମୟରେ ଆବର୍ଜନା ନିଷ୍କାସନ କରୁଥିବାବେଳେ ଧରାପଡ଼ିଥିଲା। ଗାଡ଼ିଟିକୁ ଜବତ କରି ଉତ୍ତର ଜୋନ୍ କାର୍ଯ୍ୟାଳୟ ପରିସରକୁ ନିଆଯାଇଥିଲା। ଗାଡ଼ି ମାଲିକଙ୍କୁ ଏଭଳି ବେଆଇନ୍ କାର୍ଯ୍ୟ ପାଇଁ ଅବଗତ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

### ପଦ୍ମଶ୍ରୀ ଭବାନୀ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀରେ ଚିତ୍ରାଙ୍କନ ପ୍ରତିଯୋଗିତା

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ପଟ୍ଟନାୟକଙ୍କ ୧୦୧ତମ ଜନ୍ମବାର୍ଷିକ ବୁଧବାର ଭୁବନେଶ୍ୱର ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ନାମ 'ପ୍ରେରଣା' ରଖାଯାଇଛି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ, ଡ. ଅରୁନ୍ଧତୀ ଦେବୀ, ପରିବେଶବିତ୍ ସୁଦର୍ଶନ ଦାସ, ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନର ୫୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ ଓ ପରିବେଶବିତ୍‌ମାନଙ୍କ ଚିତ୍ର ଆଙ୍କିବାକୁ ଦିଆଯାଇଥିଲା। ସେଥିମଧ୍ୟରୁ ୨୦ ଶ୍ରେଷ୍ଠ ଚିତ୍ରକଳାକୁ ବଛାଯାଇ ଚିତ୍ରକରମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

### ଓୟୁଏଟି ଶିକ୍ଷକ, ବୈଜ୍ଞାନିକ ମାରଣନୀତିର ପ୍ରତିବାଦ

**ସାକ୍ଷୀଗୋପାଳ,୧୧।୫(ଡି.ଏନ୍.ଏ.):** ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଶିକ୍ଷକ ଓ ବୈଜ୍ଞାନିକ ମାରଣନୀତି ପ୍ରତିବାଦରେ ଓୟୁଏଟି ଶିକ୍ଷକ ପ୍ରତୀକାତ୍ମକ ଆନ୍ଦୋଳନ ଚଳାଇଛି। ୧୮ ଦଫା ସମ୍ବଳିତ ଦାବିପୂରଣ ନିମନ୍ତେ ୧୯୨ଦିନ ଧରି ଆନ୍ଦୋଳନ ପରେ ବି ସୁଫଳ ମିଳିନାହିଁ ବୋଲି ସାକ୍ଷୀଗୋପାଳଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ତଥା ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ ମହାନ୍ତି, ସମ୍ପାଦକ ଡ. ପ୍ରଦୀପ୍ତ ସାହୁ ପ୍ରମୁଖ କ୍ଷୋଭର ସହ କହିଛନ୍ତି।

# ଖାଓଗଳିରେ ବିଏମ୍‌ସିର ଚଢ଼ାଉ

■ ବେଆଇନ ଷ୍ଟଲ୍, ଅପରିଷ୍କାର ହେଉଥିବା ଅଭିଯୋଗ
■ କାର୍ଯ୍ୟାନୁଷ୍ଠାନ ହେବ: ମେୟର

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ରାଜଧାନୀରେ ଖାଦ୍ୟପ୍ରେମୀଙ୍କ ଭିଡ଼ ଜମୁଥିବା ସ୍ଥାନ ଖାଓଗଳିରେ ବିଏମ୍‌ସି ପକ୍ଷରୁ ଚଢ଼ାଉ ହୋଇଛି। ଖାଓଗଳି ପଛରେ ଥିବା କନ୍‌ଭେଣ୍ଟ ବିଦ୍ୟାଳୟର କିଛି ଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଉକ୍ତ ସ୍ଥାନ ଅପରିଷ୍କାର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ବୁଧବାର ସନ୍ଧ୍ୟାରେ ମେୟର ସୁଲୋଚନା ଦାସ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ଓ ଏନ୍‌ଫୋର୍ସମେଣ୍ଟ କର୍ମଚାରୀ ଖାଓଗଳିରେ ପହଞ୍ଚି ଅନେକ ମଦ ବୋତଲ ପଡ଼ିଥିବା ସହ, ବିକ୍ରେତାମାନେ ଅପରିଷ୍କାର ଭାବେ ଖାଦ୍ୟ ପରିବେଷଣ କରୁଥିବା ଦେଖିବାକୁ ପାଇଥିଲେ। ଅନେକ ବିକ୍ରେତା ବେଆଇନ ଭାବେ ସେଠାରେ ନିଜର ଷ୍ଟଲ ମଧ୍ୟ ଲଗାଇଛନ୍ତି। ମେୟର ଦାସ ଷ୍ଟଲ୍‌ଗୁଡ଼ିକୁ ବୁଲି ତଦାରଖ କରିବାବେଳେ ଅନେକ ଅନୁପସ୍ଥିତ ଥିଲେ। ଦାସ କହିଛନ୍ତି, ଖାଓଗଳି ରାଜଧାନୀର ଆକର୍ଷଣର କେନ୍ଦ୍ରବିନ୍ଦୁ। ଖାଦ୍ୟକୁ ଭଲ ପାଉଥିବା ଲୋକମାନେ ଏଠାକୁ ଆସନ୍ତି। ଖାଓଗଳିର ଥିବା ପରିଚୟ ଓ ଗୁରୁତ୍ୱକୁ ବିକ୍ରେତାମାନେ ନଷ୍ଟ କରୁଥିବା ଜଣାପଡ଼ିଛି। ଚଢ଼ାଉ ଯୋଗୁ ସବୁ ଦୋକାନ ବନ୍ଦ ହେବା ସହ ଗୁରୁବାର ସୁଦ୍ଧା ବ୍ୟବସାୟ ଚଳାଇବାର ନିର୍ଦ୍ଦିଷ୍ଟ କାରଣ ଦର୍ଶାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନଚେତ୍ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର କହିଛନ୍ତି।



ମେୟର ସୁଲୋଚନା ଦାସ ଓ ବିଏମ୍‌ସି ଅଧିକାରୀମାନେ ଏକ ଷ୍ଟଲ୍‌ରେ ଚଢ଼ାଉ କରୁଛନ୍ତି।

# ଜବରଦଖଲ କରି ନିଶା କାରବାର

■ ସରକାରୀ ଜାଗାରେ କରୁଥିଲେ ବେଆଇନ ବେପାର
■ ଉଚ୍ଛେଦ କଲା ସ୍ଥାନୀୟ ପ୍ରଶାସନ

**ବାଲକାଟୀ,୧୧।୫(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତ ଅନ୍ତର୍ଗତ ସାତକାଣିଆ ଗ୍ରାମ ଭାର୍ଗବୀ ନଦୀବନ୍ଧ ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜାଗାରେ ଜବରଦଖଲ କରି ହୋଇଥିବା ବ୍ୟବସାୟ ପ୍ରତିଷ୍ଠାନକୁ ବୁଧବାର ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିଛି। ଏହି ସ୍ଥାନରେ କେତେଜଣ ବ୍ୟବସାୟୀ ବ୍ୟବସାୟ ଆଳରେ ନିଶା କାରବାର କରୁଥିବା ଅଭିଯୋଗ ହୋଇ ଆସୁଥିଲା। ସୂଚନାଯୋଗ୍ୟ, ବାଲକାଟୀ ଫାଣ୍ଡିଠାରୁ ମାତ୍ର କେଇ ମିଟର ଦୂର ସାତକାଣିଆ ଗ୍ରାମ ଭାର୍ଗବୀ ନଦୀବନ୍ଧ ରାସ୍ତାପାର୍ଶ୍ୱ ସରକାରୀ ଜାଗାରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ବେଆଇନ ନିର୍ମାଣ କରି ଦୀର୍ଘଦିନ ହେବ ବିଭିନ୍ନ ବ୍ୟବସାୟ କରିଆସୁଥିଲେ। ହେଲେ କେତେଜଣ ଅସାଧୁ ବ୍ୟକ୍ତି ଅଣ୍ଡା ବ୍ୟବସାୟ ଆଳରେ ମଦ, ନିଶା କାରବାର ଚଳାଉଥିଲେ। ଏହି କଥା ଫାଣ୍ଡି ପୋଲିସ ଜାଣିଥିଲେ ମଧ୍ୟ ଉକ୍ତ ବ୍ୟବସାୟୀଙ୍କଠାରୁ ବଟି ଆଦାୟ କରି ଚୁପ୍ ବସିଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରିକି ଏଠାରେ ବ୍ୟବସାୟକୁ ନେଇ ଗତ ସପ୍ତାହ ତଳେ ଦୁଇ ବେପାରୀଙ୍କ ମଧ୍ୟରେ ହାତାହାତି ହୋଇ ମାମଲା ଥାନାରେ ପହଞ୍ଚିଥିଲା। ଘଟଣା ବିଷୟରେ ଡିଜିପି ଜାଣିବା ପରେ ସେଠାରେ ବେଆଇନ ଭାବେ ବ୍ୟବସାୟ ପ୍ରତିଷ୍ଠାନ ହୋଇଥିବା ଜଣାପଡ଼ିଥିଲା। ତେବେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା, ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ବେଆଇନ କରିଥିବା ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ପ୍ରକାଶ ଥାଉକି, ବାଲକାଟୀ ଫାଣ୍ଡି ପାର୍ଶ୍ୱ, ବଜାର, ବସନ୍ତପେଡ଼ି କେନାଲ ନିକଟ, ସାଇଫନ ଛକ ଏଭଳି ଏକାଧିକ ସ୍ଥାନରେ ସରକାରୀ ଜାଗାରେ ଦୋକାନ କରି ଅବାଧରେ ନିଶା କାରବାର ହେଉଥିବା ଅଭିଯୋଗ ହେଉଛି। ଏହିସବୁ ବେଆଇନ ପ୍ରତିଷ୍ଠାନକୁ ପ୍ରଶାସନ କେବେ ଉଚ୍ଛେଦ କରିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏପରିକି ବାଲକାଟୀ ଅଞ୍ଚଳକୁ ଦିବାଲୋକରେ ପେଟି ପେଟି ମଦ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଥିବାବେଳେ ସ୍ଥାନୀୟ ପୋଲିସର ନଜର ନ ପଡ଼ିବା ପୋଲିସଙ୍କ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ତେଣୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏ ବିଷୟରେ ଧ୍ୟାନ ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।


ସରକାରୀ ଜାଗାରୁ ଜେସିବି ଦ୍ୱାରା ଉଚ୍ଛେଦ କରାଯାଉଛି।

## '୨୦୨୪ ପୂର୍ବରୁ ପ୍ରତି ଘରକୁ ଯୋଗାଇ ଦିଆଯିବ ପିଇବାପାଣି'

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

୨୦୧୯ ନିର୍ବାଚନ ସମୟରେ ବାରଙ୍ଗ-ବାଙ୍କୀ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଘରକୁ ପାଣି ସଂଯୋଗୀକରଣ କରିବାର ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ ଦେଇଥିବା ପ୍ରତିଶ୍ରୁତି ଖୁବଶୀଘ୍ର ପୂରଣ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ସରଣ୍ଡା ଅଞ୍ଚଳରେ ୭ଟି ପଞ୍ଚାୟତ ଓ ଦ୍ୱିତୀୟ ପର୍ଯ୍ୟାୟରେ ଡମପଡା ବ୍ଲକର ୧୬ ପଞ୍ଚାୟତ ଓ ବାଙ୍କୀ ବ୍ଲକର ୧୩ଟି ପଞ୍ଚାୟତ ସହ ବାରଙ୍ଗର ରାମଦାସପୁର ଓ ମୁଣ୍ଡଳୀକୁ ନେଇ ୨ଟି ପଞ୍ଚାୟତ ସାମିଲ କରାଯାଇଛି। ବାକି ରହିଯାଇଥିବା ଦାଢ଼ାପାଟଣା, ଶ୍ରୀବନ୍ତପୁର, ମଧୁପୁର, କୁହ୍ନେଇପଡା, ବେଲଗଛିଆ, ନରାଜ-ମାର୍ଥାପୁରକୁ ନେଇ ୬ଟି ପଞ୍ଚାୟତକୁ ଖୁବଶୀଘ୍ର ପାଣି ସଂଯୋଗୀକରଣ କରାଯିବ। ଉକ୍ତ ଅଞ୍ଚଳଗୁଡ଼ିକରେ ଆସୁଥିବା ପାଣିରେ ଆଇରନ ପଡ଼ୁଥିବାରୁ ନୂଆକରି ପ୍ରକଳ୍ପ ପାଇଁ ସର୍ଭେ, ଅନୁସନ୍ଧାନ, ପ୍ରକଳ୍ପ ପ୍ରସ୍ତୁତି ଓ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ପୂର୍ବରୁ କ୍ୟାବିନେଟ ଅନୁମୋଦନ ପାଇଁ ଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ୬ଟି ପଞ୍ଚାୟତକୁ ଜଳ ଯୋଗାଇବା ପାଇଁ ଜଳଉତ୍ସରୁ ଆବଶ୍ୟକୀୟ ପାଣି ପର୍ଯ୍ୟାପ୍ତ ନହେବାରୁ ଏହାକୁ ତୃତୀୟ ପର୍ଯ୍ୟାୟରେ ସାମିଲ କରାଯାଇଛି। ଆସନ୍ତା ୨୦୨୪ ମସିହା ପୂର୍ବରୁ ଏହି ୬ପଞ୍ଚାୟତର ପ୍ରତ୍ୟେକ ଘରକୁ ପାଣି ଯୋଗାଯାଇ ସାରିଥିବ ବୋଲି ବୁଧବାର ମଧୁପୁର ପୂର୍ବତନ ସରପଞ୍ଚଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତ୍ରିପାଠୀ ଯୋଗଦେଇ କହିଛନ୍ତି। ଏହି ସମ୍ମିଳନୀରେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ଦଳେଇ, ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ରାଉତ, ବାରଙ୍ଗ ବ୍ଲକ କାର୍ଯ୍ୟକାରୀ ସଭାପତି ଅଶୋକ ରାଉତ, ନିରଞ୍ଜନ ସାହୁ, ସନ୍ତୋଷ ପାଣି, ତପନ ସେଠୀଙ୍କ ସମେତ ମଧୁପୁର ପୂର୍ବତନ ସରପଞ୍ଚ, ବେଲଗଛିଆ ସରପଞ୍ଚ ଓ ସମିତସଭ୍ୟ, ଦାଢ଼ାପାଟଣା ସରପଞ୍ଚ, ନରାଜ ସରପଞ୍ଚ, ମୁଣ୍ଡଳୀ ସମିତିସଭ୍ୟ, ରାମଦାସପୁର ସରପଞ୍ଚ ଓ ସମିତିସଭ୍ୟ, କୁହ୍ନେଇପଡା ସମିତିସଭ୍ୟ ଉପସ୍ଥିତ ଥିଲେ।

# କମ୍ପ୍ୟୁଟରୀକରଣ କରାଯିବ ରେକର୍ଡ ଗୃହର ନଥି

**ଏସ୍‌ସିବି ମେଡିକାଲର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ**

■ ଷ୍ଟ୍ରେଚର ବାହକ, ୬ଟି ବ୍ୟାଟେରି ଆମ୍ବୁଲାନ୍ସ ଦେବାକୁ ଓଏମ୍‌ସିକୁ କୁହାଯିବ

**କଟକ ଅଫିସ, ୧୧।୫**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି ସମସ୍ତ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ପ୍ରୟୋଗରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏସ୍‌ସିବି ମେଡିକାଲର ନବକଳେବର ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ହାତକୁ ନେଇଛନ୍ତି। ସେହିପରି ସ୍ୱାସ୍ଥ୍ୟସେବା ମାନରେ ଅଭିବୃଦ୍ଧି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏସ୍‌ସିବି ମେଡିକାଲର ସ୍ୱାସ୍ଥ୍ୟ ବିକାଶ ସମିତି ସାଧାରଣ ପରିଷଦ ବୈଠକ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଅଧ୍ୟକ୍ଷତା କରି କହିଥିଲେ, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପଲବ୍ଧ ହେଉଥିବା ଶୀତତାପ ନିୟନ୍ତ୍ରିତ କୋଠରିରେ ଚାରିଥାକ ବିଶିଷ୍ଟ ଡ୍ରୟର ସଂଖ୍ୟା ବୃଦ୍ଧି କରାଯିବ। ଏଥିନିମନ୍ତେ ଅତିରିକ୍ତ ୧୨ଟି ଡ୍ରୟର କ୍ରୟ କରାଯିବ। ଫଳରେ ବ୍ୟବଚ୍ଛେଦ ନିମନ୍ତେ ଆସୁଥିବା ସମସ୍ତ ମୃତଦେହକୁ ଶୀତତାପ ନିୟନ୍ତ୍ରିତ କୋଠରିରେ ରଖାଯାଇପାରିବ। ସେହିଭଳି ଷ୍ଟ୍ରେଚର ବାହକ ସଂଖ୍ୟାରେ ବୃଦ୍ଧି ଓ ଅତିରିକ୍ତ ୬ଟି ବ୍ୟାଟେରି ଚାଳିତ ଆମ୍ବୁଲାନ୍ସ ଯୋଗାଇଦେବା ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଅନୁରୋଧ କରାଯିବ। ଏଥିସହ ଅତିରିକ୍ତ ୧୨ ଜଣ ତଥ୍ୟ ପଞ୍ଜୀକରଣ ସଞ୍ଚାଳକ, ୪ ଜଣ ଇସିଜି ବୈଷୟିକ ସହାୟକ ଓ ରେଡିଓ ଗ୍ରାଫରଙ୍କୁ ସ୍ୱାସ୍ଥ୍ୟ ବିକାଶ ସମିତି ମାଧ୍ୟମରେ ନିଯୁକ୍ତି ଦିଆଯିବ। ସେହିପରି ୧୦୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ଓ ରେକର୍ଡ ଗୃହରେ ଥିବା ନଥିର କମ୍ପ୍ୟୁଟରୀକରଣ କରାଯିବ ବୋଲି ଡ. ଦଳାଇ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଏସ୍‌ସିବି ମେଡିକାଲ ଉପାଧ୍ୟକ୍ଷ ପ୍ରଫେସର ଡା. ବନବିହାରୀ ମିଶ୍ର, ଏସ୍‌ସିବି ମେଡିକାଲ ଅଧୀକ୍ଷକ ତଥା ସ୍ୱାସ୍ଥ୍ୟ ବିକାଶ ସମିତି ସଚିବ ପ୍ରଫେସର ଡା. ଲୁସି ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ରଥଖଳାରୁ

# ଚାଲିଛି ତୁମ୍ବ ବିନ୍ଧ, ପନ୍ଦାରୀ ପୋଡ଼ା ଆରମ୍ଭ


କମାର ଶାଳରେ ବଳା ପ୍ରସ୍ତୁତ କରାଯାଉଛି।

**ପୁରୀ ଅଫିସ, ୧୧।୫**

ଅସ୍ଥାୟୀ ରଥଖଳାରେ ମହାରଣା ସେବକମାନେ ତିନିରଥର ତୁମ୍ବ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣର ଅଷ୍ଟମ ଦିବସ ସୁଦ୍ଧା ବୁଧବାର ତାଳଧ୍ୱଜ ରଥର ତିନୋଟି ତୁମ୍ବ ବିନ୍ଧ କାର୍ଯ୍ୟ ସରିଥିବାବେଳେ ବାକି ୧୧ ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ସେହିପରି ଦେବଦଳନ ରଥର ମୋଟ ୧୨ଟି ତୁମ୍ବରୁ ୩ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଥିବାବେଳେ ୯ଟିର ବିନ୍ଧ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ତୁମ୍ବ ମଧ୍ୟରୁ ୬ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ବାକି ୧୦ଟି ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥ ଓ ଦେବଦଳନ ରଥର ଓଝା ସେବକମାନେ ଅରକଣ୍ଟା ସହ ୮ଟି ଲେଖାଏ ପନ୍ଦାରୀ ପୋଡ଼ିଥିବା ବେଳେ ତାଳଧ୍ୱଜ ରଥର ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ଅପରାହ୍ନରେ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ପନ୍ଦାରୀ ପୋଡ଼ା ସରିବା ପରେ ପନ୍ଦାରୀ ମଳି ଛଡ଼ା ଓ ପନ୍ଦାରୀ ମଠା କାମ ଆରମ୍ଭ ହେବ। ତିନିରଥରେ ୬୮ ଜଣ ମହାରଣା ନିୟୋଜିତ ଥିବା ବେଳେ ୪୧ ଭୋଇ ସେବକ, ୪ କରତି ସେବକ, ଜଣେ ତୁମ୍ବବିନ୍ଧ କାରିଗର, ୨ ପାହି ମହାରଣା, ୧୨ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକଙ୍କୁ ମିଶାଇ ମୋଟ ୧୨୯ ଜଣ ସେବକ ଓ କାରିଗର ରଥ ନିର୍ମାଣରେ ନିୟୋଜିତ ଥିଲେ।

# ପଦ୍ମଶ୍ରୀ ଦେବୀପ୍ରସନ୍ନ ପାଇବେ ଉତ୍କଳ ରତ୍ନ ସମ୍ମାନ

**ଉତ୍କଳ ସାହିତ୍ୟ ସମାଜର ସମ୍ମାନ ଘୋଷିତ**

**କଟକ ଅଫିସ, ୧୧।୫**

ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଚଳିତ ବର୍ଷର 'ଉତ୍କଳ ରତ୍ନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ନରସିଂହ ମିଶ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ଅରବିନ୍ଦ ରାୟଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଇଂ. ଧନୁର୍ଦ୍ଧର ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ସୌଭାଗିନୀ ରାୟଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ବିପିନ ନାୟକଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. ମନ୍ମଥ କୁମାର ପ୍ରଧାନଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ ଦିଆଯିବ। ଏଥିସହ ଡ. ଲାବଣ୍ୟଚନ୍ଦ୍ର ସାହୁଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ଜୟିରାମ ସାମଲଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, କୁମାର ହସନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଡ. ବ୍ରଜକିଶୋର ସ୍ୱାଇଁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡ. ବିଜୟିନୀ ସିଂହଦେଓଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ପ୍ରସନ୍ନ କୁମାର ମହାନ୍ତିଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସତ୍ୟାନାଶ (ପ୍ରଭାକର ନାୟକ)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ରାସେଶ୍ୱରୀ ମିଶ୍ରଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଅଲେଖ ବିଶ୍ୱାଳଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଘନଶ୍ୟାମ ପଣ୍ଡାଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ସୁବାସ ଦାସଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ ଦିଆଯିବ। ସେହିପରି ଅନସୂୟା ମିଶ୍ରଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଅଞ୍ଜନ ଚାନ୍ଦଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ରାଧାମୋହନ ସାହୁଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ, ରବିନାରାୟଣ ଦାଶଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ଜୀବାନନ୍ଦ ମିଶ୍ର (ବିଦ୍ୟାପୁରୀ)ଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ସଦାନନ୍ଦ ନାୟକଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କ୍ଷେତ୍ରବାସୀ ସାହୁଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଜୁଲାଇ ୨ ଓ ୩ରେ ହେବାକୁ ଥିବା ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ପୁରସ୍କାର ଦିଆଯିବ ବୋଲି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଖାଲରେ ଫସିଲା ଆମ୍ବୁଲାନ୍ସ

■ ବାଇକ୍‌ରେ ଗଲେ ରୋଗୀ
■ ରାସ୍ତା ଅବସ୍ଥା ଶୋଚନୀୟ

**କଣାସ, ୧୧।୫(ସ୍ୱ.ପ୍ର)**




ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଏକ ୧୦୮ ଆମ୍ବୁଲାନ୍ସ ବୁଧବାର ୬ଘଣ୍ଟା ଧରି ଖାଲରେ ଫସିଯାଇଥିଲା। ଫଳରେ ଲୋକେ ଆମ୍ବୁଲାନ୍ସକୁ ଠେଲି ଠେଲି ଖାଲରୁ ଉଠାଇଥିବାବେଳେ ରୋଗୀଙ୍କୁ ପରିବାରବର୍ଗ ଏକ ବାଇକ୍‌ରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ଅନ୍ତର୍ଗତ ନଇକୂଳପାଟଣା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ନଇକୂଳପାଟଣା ଗ୍ରାମର ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ପରିବାର ଲୋକେ ଭୋରରୁ ଖବର ଦେଇଥିଲେ। ସକାଳ ୬ଟାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଆସି ନଇକୂଳପାଟଣା ଗ୍ରାମ ଅଭିମୁଖେ ଦୟାନଦୀ ବନ୍ଧରେ ଯାଉଥିଲା। ତେବେ ଗଡ଼ିଶାଗୋଦା ନିକଟ ବନ୍ଧର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗୋଟିଏ ଖାଲରେ ଆମ୍ବୁଲାନ୍ସ ଗଳିପଡ଼ିଥିଲା। ଆମ୍ବୁଲାନ୍ସର କର୍ମଚାରୀମାନେ ଦୀର୍ଘ ୬ଘଣ୍ଟା ଧରି ପରିଶ୍ରମ କରି ଗାଡ଼ିଟିକୁ ଠେଲି ବାହାର କରିଥିଲେ। ତେବେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ରୋଗୀଙ୍କୁ ଏକ ମୋଟର ସାଇକେଲ୍ ଯୋଗେ ଅନ୍ୟ ରାସ୍ତାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା।

# ଶୈଳବାଳା କଲେଜ ଜମି ହସ୍ତାନ୍ତର ନ ହେଉ

**କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ**

**କଟକ ଅଫିସ, ୧୧।୫**

କଟକ ଚଣ୍ଡୀମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ କରାଯିବାର ଯୋଜନା ରହିଛି। ସେଥିପାଇଁ ଜମି ଅଧିଗ୍ରହଣ କରାଯିବ। ତେବେ ଏଥିପାଇଁ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଥିବା ନୂତନ ହଷ୍ଟେଲ ଏବଂ ଖେଳପଡିଆ ଜମିକୁ ସଂସ୍କୃତି ବିଭାଗ ନେବାର ଯୋଜନା ରହିଛି। ଏହାକୁ ନେଇ ମହାବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୁଧବାର ଛାତ୍ରୀମାନେ ଏନେଇ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଛାତ୍ରୀମାନଙ୍କ ପକ୍ଷରୁ କୁହାଯାଇଛି, ଶୈଳବାଳା କଲେଜ ୧୦୯ ବର୍ଷର ପୁରାତନ କଲେଜ । ଏହା ରାଜ୍ୟର ପ୍ରଥମ ଓ ଦେଶର ତୃତୀୟ ମହିଳା ମହାବିଦ୍ୟାଳୟ। ସ୍ୱାଧୀନତା ପୂର୍ବରୁ ଉକ୍ତ କଲେଜ ଛାତ୍ରୀଙ୍କ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା। ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ପୂର୍ବତନ ଉପରାଷ୍ଟ୍ରପତି ଏସ୍‌ଜେ ହାମିଦ୍ ଅନ୍‌ଶାରୀ ଏହି କଲେଜକୁ ଆସି ମହିଳାଙ୍କ ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ ଏହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହି ଐତିହ୍ୟ ସ୍ଥାନକୁ ଛାତ୍ରୀ ଓ ଜନସାଧାରଣ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଦାବି କରିଆସୁଛନ୍ତି। ହେଲେ ରାଜ୍ୟର ଏହି ପ୍ରଥମ ମହିଳା କଲେଜକୁ ଭିତ୍ତିଭୂମି ନ ଥିବା ଦର୍ଶାଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ କରାଯାଇଛି। ଉକ୍ତ କଲେଜକୁ ଅଧିକ ଜାଗା ଦେଇ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପରିବର୍ତ୍ତେ ଏହାର ଜାଗାକୁ ହଡ଼ପ କରିବାକୁ ଉଦ୍ୟମ କରାଯାଉଛି । ତେବେ ଏଭଳି ଘଟଣାରେ କଲେଜ ଯଦି ଜମି ହରାଏ ତେବେ ନୂଆ ୟୁଜିସି ଏବଂ ଏନ୍‌ଏସିରୁ ଏ ପ୍ଲସ୍ ଅନୁଦାନ ପାଇବ ନାହିଁ। କୌଣସି କାର୍ଯ୍ୟ ପାଇଁ କଲେଜ ଜମିରୁ ଏକ ଇଞ୍ଚ ମଧ୍ୟ କାହାକୁ ଦିଆ ନ ଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଛାତ୍ରୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ୪ ବିଜେଡି ନେତା ନିଲମ୍ବିତ

**ଫୁଲବାଣୀ ଅଫିସ:** ଦଳବିରୋଧୀ କାର୍ଯ୍ୟ ପାଇଁ କନ୍ଧମାଳ ଜିଲାର ୪ ଜଣ ନେତାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି ଜିଲା ସଭାପତି। ସେମାନେ ହେଲେ ତୁମୁଡିବନ୍ଧ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ପୂର୍ବତନ ଉପସଭାପତି ସୁବାସ ଚନ୍ଦ୍ର ପୃଷ୍ଟି, ବ୍ଲକ ସାଧାରଣ ସମ୍ପାଦକ ସୁଧାଂଶୁ ପରାସେଠ ଓ କୁର୍ତ୍ତମଗଡ ପଞ୍ଚାୟତର ପୂର୍ବତନ ସଭାପତି ବିଶ୍ୱମ୍ଭର ନାୟକ। ଏମାନେ ଗତ ପଞ୍ଚାୟତ ନିର୍ବାଚନ ବେଳେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିଲେ। ତେଣୁ ଜିଲା ପର୍ଯ୍ୟବେକ୍ଷକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ନିଲମ୍ବନ କରାଯାଇଥିବା କନ୍ଧମାଳ ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ନାମାଙ୍କନ କଲେ ୩ ପ୍ରମୁଖ ଦଳର ପ୍ରାର୍ଥୀ





ବିଜେଡିର ଅଳକା ମହାନ୍ତି, ଭାଜପାର ରାଧାରାଣୀ ପଣ୍ଡା ଓ କଂଗ୍ରେସର କିଶୋର ଚନ୍ଦ୍ର ପଟେଲ ନିଜ ସମର୍ଥକଙ୍କ ସହ ନାମାଙ୍କପତ୍ର ଦାଖଲ କରୁଛନ୍ତି।

## ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ
## ମୋଟ ୧୪ ପ୍ରାର୍ଥିପତ୍ର ଦାଖଲ

**ଝାରସୁଗୁଡ଼ା ଅଫିସ,୧୧।୫**

ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ଲାଗି ବୁଧବାର ନାମାଙ୍କନ ଦାଖଲର ଶେଷଦିନରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ମୋଟ ୧୪ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ସମର୍ଥକଙ୍କ ସହ ବେହେରାମାଲ କିଷାନ ଛକରୁ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ରିଟର୍ନିଂ ଅଫିସର ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ନିକଟରେ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକ ଓ ପ୍ରସ୍ତାବକଙ୍କୁ ନେଇ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଥମେ ବିଜେଡି, ଦ୍ୱିତୀୟରେ ଭାଜପା ଓ ତୃତୀୟରେ କଂଗ୍ରେସ ଦଳ ପ୍ରାର୍ଥିପତ୍ର ଦାଖଲ କରିଥିଲା।

ପ୍ରମୁଖ ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲବେଳେ ହଜାର ହଜାର ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଥିଲେ। ବିଜେଡିରୁ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି, ଭାଜପାରୁ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, କଂଗ୍ରେସରୁ ପୂର୍ବତନ ବାଚସ୍ପତିକିଶୋର ଚନ୍ଦ୍ର ପଟେଲ, ସିପିଆଇରୁ ରମେଶ ତ୍ରିପାଠୀ ନାମାଙ୍କନ ଭରିଛନ୍ତି। ସେହିପରି ହିନ୍ଦୁସ୍ଥାନ ନିର୍ମାଣ ଦଳରୁ ବିଜୟ ଜାଲାନ, ଭାଜପା ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀ ତପନ ସ୍ୱାଇଁ, ବିଜେଡି ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥିନୀ ପାର୍ବତୀ ବେହେରା, ସ୍ୱାଧୀନ ପ୍ରାର୍ଥୀ ଆଦିତ୍ୟ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ସୁପ୍ରିତ ବେହେରା ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲବେଳେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ବହୁ ତୁଙ୍ଗନେତା ଯୋଗଦେଇ ସମର୍ଥନ ଜଣାଇଥିଲେ। ବିଜେଡି ପ୍ରାର୍ଥୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ, କଟକ ମେୟର ସୁବାସ ସିଂ, ମନ୍ତ୍ରୀ ଟୁକୁନି ସାହୁ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ରୋହିତ ପୂଜାରୀ, ବିଧାୟକ ସାରଦା ନାୟକ, ବିଧାୟକ ଦେବେଶ ଆଚାର୍ଯ୍ୟ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ରହିଥିଲେ। ଭାଜପା ତରଫରୁ ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍‌ପି ଜୁଏଲ ଓରାମ, ଏମ୍‌ପି ସୁରେଶ ପୂଜାରୀ, ଛତିଶଗଡ଼ର ରାୟଗଡ ଏମ୍‌ପି ଗୋମତି ସାଏ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ନାଉରୀ ନାୟକ, ବିଧାୟକ ଶଙ୍କର ଓରାମ, ବିଧାୟକ ଭବାନୀ ଭୋଇ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ସତନ ଗଡତିଆ, ଅଶ୍ୱିନୀ ଷଡଙ୍ଗୀ,ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ରହିଥିଲେ। କଂଗ୍ରେସ ଦଳରୁ ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା, ଜିଲା ସଭାପତି ଭରତ ଅବସ୍ତି, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ଜୀବନ ସାର୍ଥକ ଦାସ, ବେଲପାହାଡ଼ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ଜିଲା ମହିଳା ସଭାନେତ୍ରୀ ପ୍ରଦୀପ୍ତା ପାତ୍ର, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୧୨ରେ ପ୍ରାର୍ଥିପତ୍ର ଯାଞ୍ଚ ଓ ଆସନ୍ତା ୧୭ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ରହିଛି।

# ପ୍ରଚାର ପାଇଁ ପ୍ରସ୍ତୁତ ହେଲେଣି ନେତା

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

### ସରିଲା ନାମାଙ୍କନ

- ୨ ଜାତୀୟ ଦଳ ଲାଗି ପ୍ରଚାରରେ ଆସିବେ ଛତିଶଗଡ଼ ନେତା
- ପଞ୍ଚାୟତ, ୱାର୍ଡୱାରି ନେତାଙ୍କୁ ଦାୟିତ୍ୱ ବାଣ୍ଟିଲାଣି ବିଜେଡି
- ଷ୍ଟାର କ୍ୟାମ୍ପେନର ତାଲିକା ପ୍ରସ୍ତୁତ କରିସାରିଲେଣି ଭାଜପା, କଂଗ୍ରେସ
- ୩ କେନ୍ଦ୍ରମନ୍ତ୍ରୀ ଆସିବେ ନା ନାହିଁ ଜୋର୍ ଧରିଛି ଚର୍ଚ୍ଚା

ବ୍ରଜରାଜନଗର ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶେଷ ଦିନରେ ସବୁ ଦଳର ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆସନ୍ତା ୩୧ ତାରିଖରେ ଉପନିର୍ବାଚନ ପାଇଁ ଭୋଟ ହେବାକୁ ଥିବାବେଳେ ଏବେଠାରୁ ସବୁ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବା ଲାଗି ଅଙ୍କକଷା ଆରମ୍ଭ ହୋଇଯାଇଛି। ଶାସକ ଦଳ ବ୍ରଜରାଜନଗର ଆସନ ନିଜ ଦଖଲରେ ରଖିବା ଲାଗି କିଶୋର ମହାନ୍ତିଙ୍କ ସ୍ତ୍ରୀଙ୍କୁ ଏଠାରେ ପ୍ରାର୍ଥୀ କରିଛି। ତେବେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଭାଜପା ବହୁ ଖରାପ ପ୍ରଦର୍ଶନ କରିଥିଲା। ତେଣୁ ଏହି ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଦଳ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ପଞ୍ଚାୟତ ଓ ପୌର ଫଳାଫଳ ପାଇଁ ଭାଜପାର ଯାହା କ୍ଷତି ହୋଇଛି ତାକୁ କିପରି ଏହି ଉପନିର୍ବାଚନରେ ଭରଣା କରାଯାଇପାରିବ ସେଥିପାଇଁ ମଧ୍ୟ ଦଳର ବରିଷ୍ଠ ନେତାମାନେ ଚର୍ଚ୍ଚା କରୁଥିବା ଶୁଣିବାକୁ ମିଳୁଛି। ସେହିପରି କଂଗ୍ରେସ ନେତାମାନେ ଦିଲ୍ଲୀ ଗସ୍ତକରି ରାହୁଲ ଗାନ୍ଧୀଙ୍କୁ ଭେଟି ଆସିଥିବାରୁ ସେମାନଙ୍କ ଭିତରେ ଏକ ପ୍ରକାର ଅଧିକ ଉତ୍ସାହ ଭରିଯାଇଥିବା ଭଳି ମନେହେଉଛି। ତେଣୁ ଏଠାରେ କଂଗ୍ରେସ ନେତାମାନେ ଏକାଠି ହୋଇ ନିର୍ବାଚନ ଲଢୁଛନ୍ତି ନା ନାହିଁ ସେକଥା ପରବର୍ତ୍ତୀ ସମୟରେ ଜଣାପଡ଼ିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ଦୁଇ ଜାତୀୟ ଦଳ ପ୍ରଚାର ଲାଗି ଛତିଶଗଡ଼ ନେତାଙ୍କୁ ନିର୍ବାଚନ ମଇଦାନରେ ଦେଖିବାକୁ ମିଳିବ ବୋଲି ଶୁଣାଯାଉଛି।

ବିଜେଡି ଗତ ପିପିଲି, ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ଭଳି ବ୍ରଜରାଜନଗରରେ ମଧ୍ୟ ନିର୍ବାଚନ ଲଢ଼ିବ। ଜଣେ ଲେଖା ବିଧାୟକଙ୍କୁ ଗୋଟିଏ ଲେଖା ପଞ୍ଚାୟତ ଓ ଏନ୍‌ଏସି ୱାର୍ଡ ଦାୟିତ୍ୱ ଦେବାକୁ ତାଲିକା ପ୍ରସ୍ତୁତ କରିସାରିଛି। ଏହା ଭିତରେ ଅନେକ ବରିଷ୍ଠ ନେତାଙ୍କୁ ମଧ୍ୟ ବ୍ରଜରାଜନଗର ଯିବାକୁ କହି ଦିଆଯାଇଥିବା ସୂଚନା ମିଳିଛି। ଉପନିର୍ବାଚନ ଦାୟିତ୍ୱ ମିଳିବା ପରେ ବହୁ ନେତା ମଧ୍ୟ ନିଜ ନିଜର ସମର୍ଥକମାନଙ୍କୁ ଧରି ବ୍ରଜରାଜନଗର ଯିବାକୁ ବାହାରିଗଲେଣି। ଅନ୍ୟପଟେ ଭାଜପା ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ କାହାକୁ କେଉଁଠି ଦାୟିତ୍ୱ ଦେବ ତା'ର ତାଲିକା ପ୍ରସ୍ତୁତ କରୁଥିବା ଜଣାପଡିଛି। ଅନ୍ୟପଟେ ଉପନିର୍ବାଚନ ସମୟରେ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଆସିବେ ବୋଲି ପ୍ରସ୍ତାବ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ନ ଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ତେବେ ପଞ୍ଚାୟତ ଓ ପୌର ଭୋଟ ସମୟରେ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ପାଦ ପକାଇ ନ ଥିବାରୁ ଏଥର ଆସିବେ ନା ନାହିଁ ସେନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଛି। ସେହିପରି ଛତିଶଗଡ଼ ସୀମା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଖରେ ହୋଇଥିବାରୁ ସେଠାରୁ କେତେଜଣ ନେତାଙ୍କୁ ଷ୍ଟାର୍ କ୍ୟାମ୍ପେନର ତାଲିକାରେ ପୂରାଇବେ ବୋଲି ଶୁଣିବାକୁ ମିଳିଛି।

ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରସ୍ତୁତ ସରିଥିବା ବେଳେ ଏହା ଏଆଇସିସି ନିକଟକୁ ପଠାଯାଇଛି। ଅନ୍ୟପଟେ ଦଳର କେତେଜଣ ନେତା ନିର୍ବାଚନମଣ୍ଡଳୀରେ ଯାଇ ନିର୍ବାଚନ ଲଢ଼ିବେ ବୋଲି ସୂଚନା ମିଳିଛି। ଏହାସହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଆହୁରି ୩ ଜଣ ମନ୍ତ୍ରୀଙ୍କୁ ନିର୍ବାଚନ ପ୍ରଚାରରେ ଆସିବା ଲାଗି ପିସିସି ତରଫରୁ ଅନୁରୋଧ କରାଯାଇଛି। ତେବେ କେଉଁ ଦଳ କିପରି ନିର୍ବାଚନ ଲଢୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

# 'ଜିଦ୍‌ଖୋର ସରକାରଙ୍କ ଲାଗି ବିପଦରେ ଶ୍ରୀମନ୍ଦିର'



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପସ୍ଥଳରେ ଧାରଣାରେ ବସିଛନ୍ତି ସମ୍ବିତ ପାତ୍ର।

**ପୁରୀ ଅଫିସ, ୧୧।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଅନୁମତି ଦେଇ ନ ଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବା ପରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଭାଜପା କଡ଼ା ସମାଲୋଚନା କରିଛି। ବୁଧବାର ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ପୁରୀରେ ପହଞ୍ଚି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମରିଚିକୋଟ୍‌ଠାରୁ ସମ୍ବିତ ମହାପ୍ରଭୁଙ୍କ ମୂର୍ତ୍ତି ଧରି ନିଜ ସମର୍ଥକ ତଥା ସ୍ଥାନୀୟ ଭାଜପା ନେତୃବୃନ୍ଦଙ୍କ ସହ ଚାଲି ଚାଲି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ମହାପ୍ରଭୁଙ୍କ ସହ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପ୍ରତ୍ୟେକ ଭକ୍ତର ପ୍ରଥମ ଦାୟିତ୍ୱ। ସେଥିପାଇଁ ମୁଁ ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏଏସ୍ଆଇର ବିନା ଅନୁମୋଦନରେ କରାଯାଉଛି। ଏକ୍ସପର୍ଟ କମିଟି ନିଜ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି, ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ଚିନ୍ତାଜନକ ପ୍ରସଙ୍ଗ। ମହାପ୍ରଭୁଙ୍କୁ ଦର୍ଶନ କରି ରାଜ୍ୟ ସରକାରଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ପ୍ରାର୍ଥନା କରିବି। ସେହିଭଳି ଜମି ଅଧିଗ୍ରହଣ ଓ ଖନନ ବେଳେ ମଠାଧୀଶଙ୍କ ସହ ବୈଠକ କରି ଆଲୋଚନା କରିଥିଲୁ। ଶ୍ରୀମନ୍ଦିର ପ୍ରସଙ୍ଗରେ ରାଜନୀତି କରିବାର ଧୃଷ୍ଟତା କରିବୁ ନାହୁଁ। ମାତ୍ର ସାଢ଼େ ୪କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତାଙ୍କ ଶ୍ରୀମନ୍ଦିର ସୁରକ୍ଷା କ୍ଷେତ୍ରରେ ସାମାନ୍ୟତମ ଅବହେଳା କରାଗଲେ, ତାହାକୁ କେହି ଗ୍ରହଣ କରିବେ ନାହିଁ। ଏଏସ୍ଆଇ, ଓବିସିସି ଏବଂ ଶ୍ରୀମନ୍ଦିର ପ୍ରଶାସନର ମିଳିତ ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ ପରେ ଆମେ ବିରୋଧକୁ ତୀବ୍ର କରିଛୁ। ଏଏସ୍ଆଇ, ଓବିସିସିଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିଠି କରି କାର୍ଯ୍ୟ ବନ୍ଦ କରିବା ପାଇଁ ଜଣାଇଥିଲେ ବୋଲି ସମ୍ବିତ କହିଛନ୍ତି। ଅନ୍ୟପକ୍ଷରେ ସମ୍ବିତ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କୁ ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା ପାଇଁ ଖୋଲାଖୋଲି ଆହ୍ୱାନ କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟ ଶୁଣାଣି ବେଳେ ଏଏସ୍ଆଇ ରିପୋର୍ଟ ଆଧାରରେ ରିସେପଶନ୍ ସେଣ୍ଟରକୁ ନିଷିଦ୍ଧାଞ୍ଚଳରୁ ନିୟନ୍ତ୍ରିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଉଛି। ନିଷିଦ୍ଧାଞ୍ଚଳରେ ରିସେପଶନ୍ ସେଣ୍ଟର ନାମରେ ବିରାଟ ଅଟ୍ଟାଳିକା ନିର୍ମାଣ କରାଯାଉଥିଲେ ମଧ, ପୁରୀ ଏମ୍‌ପି ସଂସଦରେ ମିଛ କହି ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। ସେ ପୁରୀ ଆସନ୍ତୁ ଓ ନିର୍ମାଣ କାର୍ଯ୍ୟ ଦେଖି ଜନସାଧାରଣଙ୍କୁ ବାସ୍ତବ ସ୍ଥିତି ସମ୍ପର୍କରେ କୁହନ୍ତୁ। ୩୦ଫୁଟ୍ ଗାତ କରି ଶୌଚାଳୟ ନିର୍ମାଣ କରାଯାଇଥିବା କଥା ଯଦି ସତ୍ୟ, ତେବେ ପିନାକୀ ମୋତେ ଏଠାରେ ସାମ୍ନା କରନ୍ତୁ। ନଚେତ୍ ଲୋକସଭାରେ ମିଥ୍ୟା କହିଥିବା କଥା ସେ ଗ୍ରହଣ କରିବା ସହ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସମ୍ବିତ କହିଛନ୍ତି। ଏହାପରେ ସମ୍ବିତ ଭାଜପା ନେତୃବୃନ୍ଦଙ୍କ ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସାରି ଫେରିବା ପରେ ଏମାର ମଠ ପଛପାର୍ଶ୍ୱରେ ହେଉଥିବା ନିର୍ମାଣସ୍ଥଳୀ ନିକଟରେ ପହଞ୍ଚିଥିଲେ। ମହାପ୍ରଭୁଙ୍କ ମୂର୍ତ୍ତି ଧରି ଭାଜପା ନେତାମାନଙ୍କ ସହ ସେଠାରେ କିଛି ସମୟ ଧାରଣାରେ ବସିଥିଲେ। ୩୦ ଫୁଟ୍ ଖନନ ତଳର ମାଟିକୁ ହାତରେ ଧରିବା ସହ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦଣ୍ଡପ୍ରଣାମ କରି ସେ କହିଥିଲେ, ରାଜ୍ୟ ସରକାର ବାରମ୍ବାର ମିଛ କହିଥିବା ହାଇକୋର୍ଟରେ ସ୍ପଷ୍ଟ ହେଲା। ରାଜ୍ୟ ସରକାରଙ୍କ ଜିଦ୍ ପାଇଁ ଆଇନକାନୁନ୍ ବଳି ପଡ଼ିଛି। ଏହି ଅବସରରେ ସୁରମା ପାଢ଼ୀ, ସୂର୍ଯ୍ୟ ରଥଙ୍କ ସମେତ ଜିଲା ଭାଜପାର ନେତୃବୃନ୍ଦ ଉପସ୍ଥିତ ଥିଲେ।

### ବିଜେଡି କହିଲା ଡ୍ରାମା, କଂଗ୍ରେସର ନିନ୍ଦା

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କ ମନ୍ତବ୍ୟ, ଧାରଣାକୁ ବିଜେଡି ସମାଲୋଚନା କରିଛି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ସମ୍ବିତ ଯାହା କହୁଛନ୍ତି ଓ କରୁଛନ୍ତି ସବୁ ଡ୍ରାମା। ପୁରୀରୁ ଏମ୍‌ପି ପ୍ରାର୍ଥୀ ହେବା ପୂର୍ବରୁ ସେ କେବେ ପୁରୀ ଆସିଥିଲେ ନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ କିଛି କହିଥିଲେ। ଉକ୍ତ ପ୍ରକଳ୍ପ ମାମଲା ଏବେ କୋର୍ଟରେ ଥିବାରୁ ବୈଷୟିକ ଦିଗ ଉପରେ କିଛି କହିବା ଠିକ ହେବନାହିଁ। ସେହିଭଳି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପରିକ୍ରମା ପ୍ରକଳ୍ପକୁ ନେଇ ରାଜନୀତି ହେଉଛି। ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି କରିବା ଉଚିତ ନୁହେଁ। ଏହାକୁ କଂଗ୍ରେସ ନିନ୍ଦା କରୁଛି। କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ରାଜନୀତି କରୁଛନ୍ତି।

# ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ରଣନୀତି

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଯୁବ ବିଜେଡି କାର୍ଯ୍ୟାଳୟରେ ଡିଜିଟାଲ ପ୍ଲାଟଫର୍ମରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକକୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ-ଛାତ୍ର ବ୍ୟାପାର) ତଥା ବିଧାୟକ ପ୍ରଣବ ବଳବନ୍ତରାୟ ଅଧ୍ୟକ୍ଷତା କରି ବ୍ରଜରାଜନଗର ଉପନିର୍ବାଚନରେ ବିଜୁ ଯୁବ-ଛାତ୍ର ଜନତା ଦଳର ନିର୍ବାଚନୀ ରଣନୀତି ଏବଂ ପ୍ରତ୍ୟେକ କର୍ମକର୍ତ୍ତାମାନଙ୍କ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନର ବିଜେଡି ବିଧାୟକ ପ୍ରାର୍ଥୀ ଅଳକା ମହାନ୍ତି, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ସମ୍ବିତଙ୍କ ଗାଡ଼ିକୁ ଅଣ୍ଡା, ଟମାଟୋ ଓ କାଳି ମାଡ଼

## ଦରଦାମ୍ ବୃଦ୍ଧିକୁ ନେଇ ଛାତ୍ର କଂଗ୍ରେସର ପ୍ରତିବାଦ

**ପୁରୀ ଅଫିସ,୧୧।୫**

ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ଗାଡ଼ି ଉପରକୁ ବୁଧବାର ଟମାଟୋ, ଅଣ୍ଡା ଓ କାଳିମାଡ଼ ହୋଇଛି। ସମ୍ବିତ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରିବା ବେଳେ ବଳଗଣ୍ଡି ଛକଠାରେ ଛାତ୍ର କଂଗ୍ରେସର ନେତା ଓ କର୍ମୀମାନେ ତାଙ୍କ ଗାଡ଼ି ଉପରକୁ ଟମାଟୋ ଏବଂ ଝାଡ଼େଶ୍ୱରୀ ଛକ ନିକଟରେ କାଳି ଓ ଅଣ୍ଡା ମାଡ଼ କରିଛନ୍ତି। ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ, ଡିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସ କଳାପତାକା ଦେଖାଇବା ସହ ଅଣ୍ଡା, ଟମାଟୋ ଓ କାଳି ମାଡ଼ କରିଥିବା କହିଛି। ସମ୍ବିତ ଶ୍ରୀଜୀଉଙ୍କ ଦର୍ଶନ ସାରି ସ୍ୱତନ୍ତ୍ର ସର୍କିଟ ହାଉସ ଅଭିମୁଖେ ଯାଉଥିବାବେଳେ ବଳଗଣ୍ଡିଠାରେ ଛାତ୍ର କଂଗ୍ରେସ କର୍ମୀମାନେ ରାସ୍ତାକୁ ଆସି କଳା ପତାକା ଦେଖାଇଥିଲେ। ଏହାପରେ ସେମାନେ ଚାକିରି ଦିଅ ସ୍ଲୋଗାନ ଦେବା ସହ ଟମାଟୋ ମାଡ଼ କରିଥିଲେ। ଛାତ୍ର କଂଗ୍ରେସ ନେତା ଆଶୁତୋଷ ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ନିଜ ପ୍ରତିଶ୍ରୁତି ୧କୋଟି ଚାକିରି ଦେବାରେ ବିଫଳ ହୋଇଛନ୍ତି। ଏପରି କି ଜନକଲ୍ୟାଣକାରୀ ହେବା ପରିବର୍ତ୍ତେ ଲୋକଙ୍କ ସ୍ୱାର୍ଥର ତଣ୍ଟି ଚିପୁଛନ୍ତି। ସେହିପରି ପେଟ୍ରୋଲ ଓ ଡିଜେଲ୍‌ର ଦର ଆକାଶ ଛୁଆଁ ହେଲାଣି। ସାଧାରଣ ଲୋକେ ଗାଡ଼ି ଚଢ଼ିବାକୁ ଭୟ କରୁଛନ୍ତି। ଏହା ପ୍ରତିବାଦରେ ଭାଜପାର ସମସ୍ତ ରାଷ୍ଟ୍ରୀୟ ନେତାଙ୍କୁ ଆଗାମୀ ଦିନରେ ଏଭଳି ଢଙ୍ଗରେ ପୁରୀରେ ସ୍ୱାଗତ କରାଯିବ।


ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
**Office of the Jaleswar Municipality, Jaleswar**
**Dist: Balasore, Odisha- 756032**
Ph:(06781) 222407, E-mail- jaleswarmunicipality@gmail.com
No.1675 Date:10.05.2022
**"e" Procurement Notice**
Bid Reference No.JLSM_01_2022-23
No.C-261: Bid documents consisting of Work, Estimated Cost, Cost of Tender Paper, Time of Completion, Class of Contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Construction of Civil Works |
| 2. | No. of Works | As per DTCN |
| 3. | Estimated Cost | As per DTCN |
| 4. | Period of Completion | As per DTCN |
| 5. | Date & Time of availability of bids in the portal | 13.05.2022 at 10.00 A.M. to 23.05.2022 upto 5.00 P.M. |
| 6. | Last date & time for receipt of bids in the portal | Dt.23.05.2022 upto 5.00 P.M. |
| 7. | Last date and time of submission of hardcopies of the documents original by Speed Post/Registered Post | Dt.25.05.2022 upto 01.00 P.M. |
| 8. | Technical Bids received online shall be opened on; | Dt.26.05.2022 at 10.00 A.M. |
| 9. | Name and addressed of the Officer Inviting Bid | Executive Officer, Jaleswar Municipality |

Further details can be seen from the Procurement portal i.e. www.tendersodisha.gov.in.
Sd./- Executive Officer, Jaleswar Municipality
OIPR-13126/11/0008/2223



**NOTICE INVITING e-TENDER**
**ODISHA STATE MEDICAL CORPORATION LIMITED (OSMCL)**
Infront of Ram Mandir, Convent Square,
Unit - III, Bhubaneswar - 751 001
Tel.: (0674) 2380950, Website: www.osmcl.nic.in,
Email: drugs-osmcl@gov.in
Bid Ref. No. OSMCL/2022-23/DRUGS-AUSH-UNANI/10
Date: 12.05.2022
No. CAD-489: Online Bids are invited through e-Tender portal **(https://tendersodisha.gov.in)** from eligible bidders for **Supply of Unani Medicines from the PSU Pharmacies under State Govt. and Co-operatives**. The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in** and the **last date for submission of online bid will be 08.06.2022, 6.00 P.M.** The authority reserves the right to accept/reject any part thereof or all the bids without assigning any reason thereof.
Sd./- Managing Director
OSMC Ltd., Odisha
OIPR-10112/11/0006/2223



**GOVERNMENT OF ODISHA "e"- PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
E-mail: rbcirclekhurda@gmail.com
**1st Corrigendum to Tender Call Notice**
Bid Identification No. CCE-Khordha (R&B) Circle- 03/2022-23 Dt. 25.04.2022
No.881 Dt.05.05.2022
No. B-174: The following changes are made in respect of the Bid Identification No.CCE-Khordha (R&B) Circle - 03/2022-23.
1. Date and Time of sale and receipt of Bids: From 10.00 AM of Dt. 11.05.2022 to 5.00 P.M. of Dt. 18.05.2022 instead of from 10.00 A.M. of dt.05.05.2022 to 05.00 P.M. of dt.11.05.2022.
2. Last Date for Submission of Bid: 5.00 P.M. of Dt. 18.05.2022 instead of from 05.00 PM of dt.11.05.2022.
3. Date of Opening of the Bid: 11.30 A.M. of 19.05.2022 instead of from 11.30 A.M. of dt.12.05.2022.

The other terms & conditions stipulated in the Original tender call notice remain unchanged.
Chief Construction Engineer, Khordha (R&B) Circle, Khordha
OIPR-34127/11/0006/2223



**WATCO**
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007,Odisha, India
Telefax: -+91-674-2391444
E-mail - mail@watcoodisha.in, md@watcoodisha.in
**INVITATION FOR BID (IFB)**
Bid Identification No. WATCO (W) - 05/2022-23 Dtd.10.05.2022
No.C-251: WATCO No. 1816, Date: 10.05.2022
**Name of the work :-**1. Replacement of PVC pipeline & other old out lived pipeline at different places under-. WATCO Section, Rani-hat, Cuttack.
2. Replacement of old out lived PVC pipeline at different places under WATCO Section-I, Chhatrabazar, Cuttack
3. Replacement of old out lived PVC pipeline at different places under WATCO Section, Badambadi, Cuttack.

| | | |
|---|---|---|
| 2. | Estimated cost | (01) Rs.1056.57Lakh, (02) Rs.1503.96 Lakh (03) Rs.861.19 Lakh |
| 3. | Period of completion | 12 (Twelve) Months. |
| 4. | Date & time of availability of bid document in the portal | From 11.00 AM of Dt.18.05.2022 to 5.00 PM of 27.05.2022 |
| 5. | Last date / time of receipt of bids in the portal | 5.00 PM of 27.05.2022 |
| 6. | Date & time of opening of technical bids | 12.30 PM of 31.05.2022 |
| 7. | Name and address of the Officer Inviting Bid | CEO, WATCO Telefax:-0674-2391444 E-Mail: mail@watcoodisha.in md@watcoodisha.in |

8. The bidders have to participate in ONLINE bidding only.
Further details can be seen from the website www.tendersodisha.gov.in
Sd./- CEO, WATCO
OIPR-13194/11/0014/2223



**OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR**
Tel. No. 06724-223485, mail: rwssjspur@gmail.com
**e-Procurement Notice**
Bid Identification No. 03 of 2021-22
No. O-192: The Superintending Engineer, RWS&S Division, Jagatsinghpur on behalf of Governor of Odisha invites P1 composite bids in Single Cover System in online mode for the work detailed given below from the reigstered and valid contractors of State P.H./RWS&S/R&B/PWD/CPWD etc.

| | | |
|---|---|---|
| 1. | Name of work | Drilling of 200mm dia Gravel pack production well including sanitary sealing & saline sealing where necessary through Mud Rotary Rigs in the district of Jagatsinghpur. |
| 2. | No. of work | 01 No. |
| 3. | Estimated Cost | Rs.687775/- |
| 4. | Cost of Tender Paper | Rs.4000/- each |
| 5. | Class of Contractor | 'D' & 'C' |
| 6. | Availability of Tender in website | 12.05.2022 to 24.05.2022 |
| 7. | Submission of Bid in Online | 12.05.2022 to 24.05.2022 |
| 8. | Date of seeking clarification | 12.05.2022 to 23.05.2022 |
| 9. | Date of Opening of Bids | 25.05.2022 (11.00 A.M.) |
| 10. | Name and address of O.I.T. | Superintending Engineer, RWS&S Division, Jagatsinghpur |
| 11. | All other details can be seen from the website | www.tendersorissa.gov.in |

12. Bid cost should be submitted in online mode.
13. Subsequent Corrigendum/Addendum if required shall only be appeared in above website.
Sd./- Superintending Engineer
RWS&S Divn., Jagatsinghpur
OIPR-25024/11/0001/2223



**BHUBANESWAR MUNICIPAL CORPORATION**
Vivekanand Marg, Near Kalpana Square, Bhubaneswar - 751014
No. 24481/BMC Dt.10.05.2022
XXXXX-II-SWMPMV (77/2021-22)
**NOTICE INVITING TENDER (NIT)**
**NATIONAL COMPETITIVE BIDDING THROUGH e-Procurement**
No. C-264: On behalf of the Commissioner, Bhubaneswar Municipal Corporation (BMC), Executive Engineer, (Sanitation), BMC invites tenders through e-Procurement in conformity with terms and conditions of the tender document in Two Bid System (Part-I) General & Technical Bid and Part II: Financial Bid/Price Bid/BOQ) from intending bidders fulfilling the eligibility criteria and other qualifying requirements mentioned in this tender document for Supply, Installation and Commissioning of Municipal Solid Waste Handling (Garbage Sorting) belt conveyor system for Material Recovery Facility (MRF) Centre. Each bid should be submitted online through the website **www.tendersodisha.gov.in** by eligible bidders. The bidders should have necessary portal enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this tender document, intending bidders may contact Executive Engineer (Sanitation)/Deputy Commissioner (Sanitation), Bhubaneswar Municipal Corporation, Bhubaneswar.
Standard technical specification for Municipal Solid Waste Handling (Garbage Sorting) belt conveyor is enclosed in Appendix - I of the bid document.
1. Schedule of Events

| Sl. No. | Description | Critical Dates |
|---|---|---|
| 1 | Period of availability of tender document for bidding | From Dt.12.05.2022 to Dt.23.05.2022 |
| 2 | Submission of Pre-bid queries latest by bidders to email id: dc-sanitation@bmc.gov.in | 16.05.2022 |
| 3 | Pre-Bid Meeting | 17.05.2022 at 11.00 A.M. |
| 4 | Last date and time for submission of proposal on online mode | Dt.23.05.2022 upto 5.00 P.M. |
| 5 | Date & time of opening of proposal | Dt.24.05.2022 (12.00 Noon) |

2. Other details can be seen in the bidding document available in website **tendersodisha.gov.in** (for view, download and bidding) and in BMC Website: **www.bmc.gov.in** (for view and download only).
3. All amendments, clarifications, time extension etc. will be uploaded in the website only. Bidders should regularly visit the above website to keep themselves updated.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

By Order of Commissioner, BMC
Sd./- Executive Engineer (Sanitation)
Bhubaneswar Municipal Corporation
OIPR-13002/11/0037/2223

## ଖସିଲା ଶେୟାର ବଜାର

**ମୁମ୍ବାଇ:** ସପ୍ତାହର ପ୍ରଥମ ୨ ଦିନ ଭଳି ୩ୟ କାରବାର ଦିନ ଅର୍ଥାତ୍ ବୁଧବାର ମଧ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୨୭୬.୪୬ ପଏଣ୍ଟ (୦.୫୧%) ଏବଂ ନିଫ୍ଟିରେ ୭୨.୯୫ ଅଙ୍କ (୦.୪୫%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୦୮୮.୩୯ ଇଣ୍ଡେକ୍ସ ଏବଂ ୧୬,୧୬୭.୧୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ ଓଏନ୍‌ଜିସି, ଆକ୍ସିସ୍ ବ୍ୟାଙ୍କ, ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ସିପ୍ଲା ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଶ୍ରୀ ସିମେଣ୍ଟ, ଲର୍ସେନ ଆଣ୍ଡ ଟୁବ୍ରୋ,ବଜାଜ ଫିନ୍‌ସର୍ଭ, ବିପିସିଏଲ୍ ରହିଛନ୍ତି।

## ସଂକ୍ଷେପରେ

### ପିଭି ବିକ୍ରିରେ ୪% ହ୍ରାସ

**ନୂଆଦିଲ୍ଲୀ,୧୧।୫:** ଗତ ଏପ୍ରିଲରେ ଦେଶରେ ପାସେଞ୍ଜର ଭେହିକିଲ୍(ପିଭି) ବିକ୍ରିରେ ୪% ହ୍ରାସ ଦେଖିବାକୁ ମିଳିଛି। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫ୍ୟାକ୍‌ଚରର୍ସ (ସିୟାମ) ପକ୍ଷରୁ ବୁଧବାର ଦିଆଯାଇଥିବା ସୂଚନା ଅନୁସାରେ, ସପ୍ଲାଇ ଚେନ୍‌ରେ ବିଭିନ୍ନ ଚ୍ୟାଲେଞ୍ଜ ଦେଖାଦେଇଥିବା କାରଣରୁ ଏହି ହ୍ରାସ ପରିଲକ୍ଷିତ ହୋଇଛି। ଘରୋଇ ବଜାରରେ ୨୦୨୧ ଏପ୍ରିଲରେ ପିଭି ବିକ୍ରି ୨,୬୧,୬୩୩ ୟୁନିଟ୍ ଥିବା ବେଳେ ଚଳିତ ବର୍ଷ ଉକ୍ତ ଅବଧି ମଧରେ ତାହା ହ୍ରାସ ଘଟି ୨,୫୧,୫୮୧ରେ ପହଞ୍ଚିଛି। ତେବେ ଗତ ଏପ୍ରିଲରେ କେବଳ ପାସେଞ୍ଜର କାର୍ ବିକ୍ରି ୧,୧୨,୮୫୭ ଥିବା ବେଳେ ପୂର୍ବ ବର୍ଷ ଏପ୍ରିଲରେ ଏହା ୧,୪୧,୧୯୪ ରହିଥିଲା। ତେବେ ଏହି ସମୟରେ ୟୁଟିଲିଟି ଭେହିକିଲ୍ ବିକ୍ରି ବୃଦ୍ଧି ପାଇ ୧,୨୭,୨୧୩ ରେ ପହଞ୍ଚିଛି। ଏହା ପୂର୍ବ ବର୍ଷ ଉକ୍ତ ଅବଧି ମଧରେ ୧,୦୮,୮୭୧ ରହିଥିଲା। ସେହିପରି ୨୦୨୧ ଏବଂ ୨୨ ଏପ୍ରିଲରେ ଭ୍ୟାନ୍ ବିକ୍ରି ଯଥାକ୍ରମେ ୧୧,୫୬୮ ଏବଂ ୧୧,୫୧୧ୟୁନିଟ୍ ରହିଛି। ଦୁଇଚକିଆ ଏବଂ ତିନିଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଦୁଇଚକିଆ ଯାନ ବିକ୍ରି ୧୫% ବୃଦ୍ଧି ଘଟି ୧୧,୪୮,୬୯୬ ରହିଛି।

### ମୁଦ୍ରାସ୍ଫୀତି ଅନୁମାନ ବୃଦ୍ଧି କରିପାରେ ଆର୍‌ବିଆଇ

**ନୂଆଦିଲ୍ଲୀ,୧୧।୫:** ଦେଶରେ ବଢ଼ି ଚାଲିଥିବା ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତର ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଆସନ୍ତା ମାସରେ ଥିବା ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ଚଳିତ ବର୍ଷ ପାଇଁ ପୂର୍ବ ଧାର୍ଯ୍ୟ ମୁଦ୍ରାସ୍ଫୀତି ଅନୁମାନକୁ ବୃଦ୍ଧି କରାଯାଇପାରେ। ଏଥିସହିତ ଦରଦାମ ନିୟନ୍ତ୍ରଣ ପାଇଁ ସୁଧ ହାରରେ ବୃଦ୍ଧି କରାଯାଇପାରେ ବୋଲି ଜଣାପଡ଼ିଛି। ଜୁନ୍ ୬ରୁ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏମ୍‌ପିସି ବୈଠକରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଅଧକ୍ଷତା କରିବେ। ୨୦୧୮ ଅଗଷ୍ଟ ପରେ ପ୍ରଥମ ଥର ପାଇଁ ଗତ ୪ ତାରିଖରେ ଆର୍‌ବିଆଇ ରେପୋ ରେଟ୍‌ରେ ୪୦ ବେସିକ୍ ପଏଣ୍ଟ ବୃଦ୍ଧି କରି ୪.୪୦% କରିଦେଇଛି। ଏପ୍ରିଲରେ ଆର୍‌ବିଆଇ ପକ୍ଷରୁ ଚଳିତ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ବୃଦ୍ଧି କରି ୫.୭% କରିଦେଇଥିବା ବେଳେ ଆନୁମାନିକ ଅଭିବୃଦ୍ଧିକୁ ୭.୮%ରୁ ହ୍ରାସ କରି ୭.୨% କରିଦିଆଯାଇଛି।

# ହ୍ରାସ ହୋଇପାରେ ଜିଡିପି

■ ୭.୯%ରୁ ୭.୬%କୁ ହ୍ରାସ କଲା ମୋର୍ଗାନ୍ ଷ୍ଟାନ୍‌ଲେ
■ ୨୦୨୩-୨୪ ବର୍ଷ ପାଇଁ ୬.୭% ଜିଡିପି ବୃଦ୍ଧି ଅନୁମାନ




**ନୂଆଦିଲ୍ଲୀ,୧୧।୫**

ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ବିଶ୍ୱ ଅର୍ଥବ୍ୟବସ୍ଥାର ଧିମାବସ୍ଥାକୁ ନଜରରେ ରଖି ଆମେରିକାର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କମ୍ପାନୀ 'ମୋର୍ଗାନ୍ ଷ୍ଟାନ୍‌ଲେ' ପକ୍ଷରୁ ଦେଶର ସମଗ୍ର ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ଅନୁମାନକୁ ହ୍ରାସ କରାଯାଇଛି। ମୋର୍ଗାନ୍ ଷ୍ଟାନ୍‌ଲେ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ଅନୁମାନକୁ ୭.୯%ରୁ ହ୍ରାସ କରି ୭.୬% କରିଦିଆଯାଇଛି। ପରବର୍ତ୍ତୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମଧ କମ୍ପାନୀ ପକ୍ଷରୁ ଜିଡିପି ଅଭିବୃଦ୍ଧି ଅନୁମାନ ୭%ରୁ ହ୍ରାସକରି ୬.୭% କରାଯାଇଛି। ଏ ସମ୍ପର୍କରେ ମୋର୍ଗାନ୍ ଷ୍ଟାନ୍‌ଲେ ପକ୍ଷରୁ କୁହାଯାଇଛି, ବୈଶ୍ୱିକ ଅର୍ଥବ୍ୟବସ୍ଥାରେ ହାରାହାରି ୨.୯% ବୃଦ୍ଧି ଘଟିପାରେ। ପ୍ରତିକୂଳ ବ୍ୟବସାୟିକ ପରିସ୍ଥିତି ଏବଂ ଭୂ-ରାଜନୈତିକ ତିକ୍ତତା କାରଣରୁ ନିବେଶ ଦିଗରେ ଲୋକଙ୍କର ମନୋବଳ କମିଯାଇଛି। ଏହାଦ୍ୱାରା ଦେଶର ଆର୍ଥିକ ବିକାଶ ଅନୁମାନ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି। ଏହା ବ୍ୟତୀତ ମୋର୍ଗାନ୍ ଷ୍ଟାନ୍‌ଲେ ରିପୋର୍ଟରେ କୁହାଯାଇଛି, ଏହି ସମସ୍ତ ଆହ୍ୱାନ ସତ୍ତ୍ୱେ ୨୦୨୨ ଏବଂ ୨୦୨୩ ବର୍ଷରେ ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି କୋଭିଡ୍ ମହାମାରୀ କବଳିତ ବର୍ଷଗୁଡ଼ିକଠାରୁ ଉତ୍ତମ ରହିବ। ଧିମା ବୈଶ୍ୱିକ ଅଭିବୃଦ୍ଧି ହାର, ବିଭିନ୍ନ ବସ୍ତୁର ବଜାର ମୂଲ୍ୟ ବୃଦ୍ଧି ଏବଂ ବୈଶ୍ୱିକ ପୁଞ୍ଜିବଜାରରେ ହ୍ରାସ କାରଣରୁ ନିବେଶକମାନେ ନିବେଶ ଦିଗରେ ବିଶେଷ ଆଗ୍ରହ ପ୍ରକାଶ ନ କରିବାର ପ୍ରଭାବ ଭାରତର ଅଭିବୃଦ୍ଧି ଉପରେ ପରିଲକ୍ଷିତ ହେଉଥିବା ମନେହେଉଛି। ମୋର୍ଗାନ୍ ଷ୍ଟାନ୍‌ଲେ ପକ୍ଷରୁ ଭାରତ ପାଇଁ ମୁଖ୍ୟ ଅର୍ଥଶାସ୍ତ୍ରୀ ଉପାସନା ଚାଚରା ଏ ସମ୍ପର୍କରେ କହିଛନ୍ତି, ବଢ଼ୁଥିବା ମୁଦ୍ରାସ୍ଫୀତି, ଗ୍ରାହକଙ୍କ ଚାହିଦାରେ ହ୍ରାସ, ଦୁର୍ବଳ ଆର୍ଥିକ ଅବସ୍ଥା ଦ୍ୱାରା ବିଜ୍‌ନେସ୍ ସେଣ୍ଟିମେଣ୍ଟ ଉପରେ ଖରାପ ପ୍ରଭାବ ପଡୁଛି ଏବଂ ଏହାଦ୍ୱାରା କ୍ୟାପିଟାଲ ଏକ୍ସପେଣ୍ଡିଚର (କ୍ୟାପେକ୍ସ)ରେ ଭରଣାରେ ମଧ ବିଳମ୍ବ ଘଟିବ ବୋଲି ସେ କହିଛନ୍ତି। ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି (ସିପିଆଇ) ୬%ରୁ ଅଧିକ ରହିବ। ସେହିପରି ୨୦୨୩ ବର୍ଷରେ ଦେଶର ହାରାହାରି ଖୁଚୁରା ମୁଦ୍ରାସ୍ଫୀତି ୬.୫% ରହିବା ନେଇ ମୋର୍ଗାନ୍ ଷ୍ଟାନ୍‌ଲେ ପକ୍ଷରୁ ଅନୁମାନ କରାଯାଇଛି।

## ପ୍ରଯୁକ୍ତିବିଦ୍ୟା ଜଗତରୁ ଶିକ୍ଷା




**ଭୁବନେଶ୍ୱର,୧୧।୫**

ଭାରତ ସରକାରଙ୍କ କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅଧୀନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ ଆଣ୍ଡ ମ୍ୟାଟେରିଆଲ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ପକ୍ଷରୁ ବୁଧବାର 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ପରିସରରେ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଏକ ପ୍ରତିଯୋଗିତା (ବିଜ୍ଞାନ ମେଳା)ର ଆୟୋଜନ କରାଯାଇଥିଲା। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଏସ୍.ବାସୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରି ଉକ୍ତ ଦିବସ ସମ୍ପର୍କରେ ବହୁ ଗୁମର କଥା ପରିପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ୨ୟ ଭାଗରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟିର ଅଧକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ପ୍ରଯୁକ୍ତିବିଦ୍ୟା ଜଗତରୁ ଶିକ୍ଷା' ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଜିଜ୍ଞାସା ପ୍ରୋଗ୍ରାମର ସଂଯୋଜକ ତଥା ସହକାରୀ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ କହିଥିଲେ, ଛାତ୍ରୀଛାତ୍ରମାନେ ବିଜ୍ଞାନକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିବେ। କାର୍ଯ୍ୟକମ୍ର ପରିଶେଷରେ ବିଜେତା ଟିମ୍‌କୁ ପୁରସ୍କାର ସହ ମାନପତ୍ର ଏବଂ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

## ଚାଷୀଙ୍କୁ ସହାୟତା ଦେବ ଜେଏସ୍‌ପିଏଲ୍ ଫାଉଣ୍ଡେଶନ

**ଭୁବନେଶ୍ୱର,୧୧।୫**

କୃଷି ଉତ୍ପାଦନ ଏବଂ କୃଷକଙ୍କ ଆୟ ବୃଦ୍ଧିରେ ସହାୟତା କରିବା ପାଇଁ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଏବଂ ଛତିଶଗଡ଼ରେ ଜିନ୍ଦଲ କୃଷି ବିକାଶ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଫାଉଣ୍ଡେଶନ ପକ୍ଷରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଯାନ୍ତ୍ରିକ କୃଷି ଉପକରଣ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି।

ଏ ସମ୍ପକରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, କୃଷି ଉତ୍ପାଦନ ବୃଦ୍ଧି ପାଇଁ ଯାନ୍ତ୍ରିକ ଉପକରଣର ବ୍ୟବହାରକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଆମ ଦେଶର ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ (କୃଷକ)ମାନେ ଆଧୁନିକ କୃଷି ଉପକରଣର ବ୍ୟବହାର କରିବାକୁ ଆର୍ଥିକ ସକ୍ଷମ ନୁହନ୍ତି, ଯାହା ସେମାନଙ୍କର ଚାଷରୁ ଆୟ ଏବଂ ସାମଗ୍ରିକ ଜୀବନଶୈଳୀ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସେଥିପାଇଁ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଜିନ୍ଦଲ କୃଷି ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଓ ଛତିଶଗଡ଼ର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ କୃଷି ଉପକରଣ ସହାୟତା ପ୍ରଦାନ ଓ ସେମାନଙ୍କ ବିକାଶରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସେମାନଙ୍କ ଶ୍ରମ କମ୍ ହେବା ସହ କୃଷି ପାଇଁ ଖର୍ଚ୍ଚ କମ୍ ହେବ ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବ ବୋଲି ଶାଲୁ ମତବ୍ୟକ୍ତ କରିଛନ୍ତି।

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସ୍ଥାନୀୟ କୃଷକ ସଂଗଠନଗୁଡ଼ିକୁ ସ୍ୱଳ୍ପ ଦେୟ ଦେଇ ଏହି ଯାନ୍ତ୍ରିକ କୃଷି ଉପକରଣକୁ ବ୍ୟବହାର କରିପାରିବେ। ଚାଷୀ ଦେଉଥିବା ଏହି ରାଶି ଯାନ୍ତ୍ରିକ ଉପକରଣର ରକ୍ଷଣାବେକ୍ଷଣ ବା ବଦଳାଇବା ପାଇଁ ବ୍ୟବହୃତ ହେବ।

ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚୟନ କରାଯାଇଥିବା କୃଷକ ସଂଗଠନ ସରକାର ଦେଉଥିବା ସବ୍‌ସିଡିକୁ ବାଦ୍ ଦେଇ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଯାନ୍ତ୍ରିକ କୃଷି ଉପକରଣ ପାଇ ପାରିବେ। କୃଷି ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ଉପକରଣ ଯଥା ଟ୍ରାକ୍ଟର,ପାୱାର ଟିଲର, ରିପର, ପାୱାର ଚାଳିତ ସିଡ୍ ଡ୍ରିଲ୍, ପାୱାର ୱିଡର, ପାୱାର ସ୍ପ୍ରେୟର, ପମ୍ପ ସେଟ-୨ (୫କେଭି/୩କେଭି,) ଟୁଲ୍‌କିଟ୍/ମେସିନାରି ରୁମ୍ ଇତ୍ୟାଦି ଉପକରଣ ଯୋଗାଇ ଦିଆଯିବ। ବିଭିନ୍ନ ସଂଗଠନ ପାଇଁ ସହାୟତା ମୂଲ୍ୟ ଭିନ୍ନ ହୋଇପାରେ। ଓଡ଼ିଶା ଏବଂ ଛତିଶଗଡ଼ର ଆଗ୍ରହୀ କୃଷକ ସଂଗଠନଗୁଡ଼ିକ www.jsplfoundation.comରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଆବେଦନ ଫର୍ମରେ ମେ ୨୧ ସୁଦ୍ଧା ନିଜର ଦରଖାସ୍ତ ପଠାଇବା ଆବଶ୍ୟକ ବୋଲି କୁହାଯାଇଛି।

## ରେନୋ ପକ୍ଷରୁ ନୂତନ ସିଓଓ ନିଯୁକ୍ତ

**ନୂଆଦିଲ୍ଲୀ,୧୧।୫**

ଅଗ୍ରଣୀ ଅଟୋମୋବାଇଲ ନିର୍ମାତା କମ୍ପାନୀ ରେନୋ ବ୍ରାଣ୍ଡ୍ ପକ୍ଷରୁ ଫ୍ୟାବ୍ରିସ୍ କ୍ୟାମ୍ବୋଲିଭ୍‌ଙ୍କୁ ନୂତନ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଭାବେ ନିଯୁକ୍ତ କରାଯାଇଛି। ସେ ଜୁନ୍ ପହିଲାରୁ ଦାୟିତ୍ୱ ଗ୍ରହଣ କରିବେ। ସେ ରେନୋ ଗ୍ରୁପ୍ ଏବଂ ବ୍ରାଣ୍ଡର ସିଇଓ ଲୁକା ଡି ମିଓଙ୍କୁ ରିପୋର୍ଟ କରିବେ। ଦାୟିତ୍ୱ ଗ୍ରହଣ ପରେ ଫ୍ୟାବ୍ରିସ୍ ବ୍ରାଣ୍ଡର ସଞ୍ଚାଳନ କରିବା ସହିତ ମ୍ୟାନେଜମେଣ୍ଟ କମିଟିର ନେତୃତ୍ୱ ନେବେ। ସମସ୍ତ ବ୍ୟବସାୟିକ କାର୍ଯ୍ୟରେ ରେନୋର ମଧ୍ୟମ ଅବଧି ଯୋଜନାକୁ ବିକଶିତ କରିବା ତାଙ୍କର ମୁଖ୍ୟ ଦାୟିତ୍ୱ ହେବ। ଏଥିସହିତ ୨୦୨୫ ସୁଦ୍ଧା ବ୍ରାଣ୍ଡ ପକ୍ଷରୁ ଲଞ୍ଚ କରାଯିବାକୁ ଥିବା ୧୪ ନୂଆ ଯାନ ସମ୍ପର୍କିତ ଦେଖାଶୁଣା କରିବା ମଧ ତାଙ୍କର ଅନ୍ୟତମ ଦାୟିତ୍ୱ ହେବ। ଫ୍ୟାବ୍ରିସ୍ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିପାରିବେ ବୋଲି ବିଶ୍ୱାସ ରହିଥିବା ରେନୋ ଗ୍ରୁପ୍ ଏବଂ ବ୍ରାଣ୍ଡର ସିଇଓ ଲୁକା ଡି ମିଓ ଏ ସମ୍ପର୍କରେ କହିଛନ୍ତି।

## ଆର୍-ଏନ୍‌ଏଲ୍‌ଆଇର ଶେଷ ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୧୧।୫**

ରିଲାଏନ୍ସ-ନିପନ ଲାଇଫ ଇନ୍‌ସ୍ୟୁରାନ୍ସ (ଆର୍-ଏନ୍‌ଏଲ୍‌ଆଇ) କମ୍ପାନୀ ଲିମିଟେଡ୍ ପକ୍ଷରୁ ନିକଟରେ ଏହାର ୨୦୨୧-୨୨ ଆର୍ଥିକ ବର୍ଷର ଶେଷ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଓ ନିପନ ଲାଇଫ ଇନ୍‌ସ୍ୟୁରାନ୍ସର ଇଡି ଓ ସିଇଓ ଆଶିଷ ଭୋରା କହିଛନ୍ତି, ଗତ ଆର୍ଥିକ ବର୍ଷରେ କୋଭିଡ୍‌ର ୨ୟ ଲହର ମହାମାରୀ ଜନିତ ଆହ୍ୱାନକୁ ନେଇ ଆମେ କାର୍ଯ୍ୟ ଜାରି ରଖିଛୁ। ଆମର ଗ୍ରାହକ, କର୍ମଚାରୀ, ବିତରକ, ସେବା ପ୍ରଦାନକାରୀ ଓ ସେମାନଙ୍କ ପରିବାରରୁ ମିଳିଥିବା ସମର୍ଥନ ପାଇଁ ଆମେ କୃତଜ୍ଞ। ସେହିପରି ଆମେ ମୌଳିକ ଭାବେ ନିଜର ସ୍ଥିତିକୁ ସୁଦୃଢ଼ ରଖିପାରିଛୁ ଓ ଲାଭଦାୟକତା ସ୍କେଲ ନିର୍ମାଣ ଉପରେ ଧ୍ୟାନ ରଖିଛୁ। ଆଗାମୀ ଦିନଗୁଡ଼ିକରେ ସ୍ୱଚ୍ଛ ଉଦ୍ଦେଶ୍ୟ ଓ ଦୀର୍ଘକାଳୀନ ଲକ୍ଷ୍ୟକୁ ନେଇ ଯାତ୍ରା କରିବୁ। ଭବିଷ୍ୟତ ପାଇଁ ଆଶାବାଦୀ ଅଛୁ ଓ ସମସ୍ତ ହିତାଧିକାରୀଙ୍କ ପାଇଁ ୩୬୦ ଡିଗ୍ରୀ ମୂଲ୍ୟ ସୃଷ୍ଟି କରିବାକୁ ମଧ ପ୍ରତିଶ୍ରୁତିବଦ୍ଧ ବୋଲି ଭୋରା କହିଛନ୍ତି। ଜାପାନର ରିଲାଏନ୍ସ କ୍ୟାପିଟାଲ ଓ ନିପନ ଲାଇଫ ଇନ୍‌ସ୍ୟୁରାନ୍ସ ମଧରେ ଏକ ଯୁଗ୍ମ ଉଦ୍ୟୋଗ।

## ଫୁରସତ୍

# ରୋଗୀ ସେବାରେ ବ୍ରତୀ

### ଅନ୍ତର୍ଜାତୀୟ ନର୍ସ ଦିବସ



**ଅ**ନ୍ୟଙ୍କୁ ନିଷ୍ଠାପର ଭାବେ ସ୍ୱାସ୍ଥ୍ୟସେବା ଯୋଗାଇବା ହିଁ ପ୍ରକୃତ ପୁଣ୍ୟ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କ କାର୍ଯ୍ୟ ଅତୁଳନୀୟ। ସେମାନଙ୍କ ମହାନ୍ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମେ' ୧୨ରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଥାଏ। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କ ଜନ୍ମବାର୍ଷିକୀରେ ଏହି ଦିବସ ପାଳିତ ହୋଇଥାଏ। ଏକ ସମୃଦ୍ଧ ସମାଜ ଗଠନରେ ନର୍ସମାନଙ୍କ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କରୋନା ମହାମାରୀ ସମୟରେ ସେମାନଙ୍କର ଅସାଧାରଣ ଅବଦାନ ନର୍ସିଂ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ନେଇ ଲୋକଙ୍କ ମଧରେ ସ୍ୱତନ୍ତ୍ର ପ୍ରେରଣା ସୃଷ୍ଟି କରିପାରିଛି। ଅନ୍ତର୍ଜାତୀୟ ନର୍ସ ଦିବସ ୧୯୬୫ରେ ଅନ୍ତର୍ଜାତୀୟ ନର୍ସ ପରିଷଦ (ଆଇସିଏନ୍) ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଦିନଟି ପ୍ରସିଦ୍ଧ ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କ ଜନ୍ମ ବାର୍ଷିକୀ। ସେ ଜଣେ ଇଂଲିଶ ନର୍ସ, ସାମାଜିକ ସଂସ୍କାରକ ଏବଂ ପରିସଂଖ୍ୟାନବିତ୍ ଥିଲେ। କ୍ରିମିୟନ ଯୁଦ୍ଧ ସମୟରେ ସେ ନର୍ସିଂ ପରିଚାଳନା ତଥା ପ୍ରଶିକ୍ଷକ ଭାବରେ କାର୍ଯ୍ୟକରି ଆଧୁନିକ ନର୍ସିଂ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ସେ ୧୮୨୦ ମେ'୧୨ରେ ଇଟାଲୀର ଫ୍ଲୋରେନ୍ସରେ ଜନ୍ମ ଗ୍ରହଣ କରିଥିଲେ। ୧୯୧୦ ଅଗଷ୍ଟ ୧୩ରେ ବିଟ୍ରେନ୍‌ର ଲଣ୍ଡନର ମେଫେୟାରଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସମାଧି: ୧୯୧୦ ଅଗଷ୍ଟ ୨୦ରେ ସେଣ୍ଟ ମାର୍ଗାରେଟ୍ ଚର୍ଚ୍ଚ ପରିସରରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ତାଙ୍କର ପିତା ୱିଲିୟମ ନାଇଟେଙ୍ଗେଲ ଏବଂ ମାତା ଫ୍ରାନ୍ସିସ ନାଇଟେଙ୍ଗେଲ ଥିଲେ। ସେ ଦି ଲେଡି ୱିଥ୍ ଲ୍ୟାମ୍ପ ଭାବେ ବେଶ୍ ପରିଚିତ। ନର୍ସିଂ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣକରିବା ଲାଗି ଏହି ଦିବସ ପାଳନ ଅବସରରେ ପୃଥିବୀ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ମହେଶ ବାବୁଙ୍କ କନ୍‌ଫେସନ୍



**ହାଇଦ୍ରାବାଦ:** ସାଉଥ୍ ସୁପରଷ୍ଟାର ମହେଶ ବାବୁ। ଶାନ୍ତ ସ୍ୱଭାବର ଏହି ନାୟକଙ୍କ ଏକ ମନ୍ତବ୍ୟ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ହଟଚମଟ ସୃଷ୍ଟି କରିଛି। 'ବଲିଉଡ୍ ମୋତେ ରୋଜଗାର ଦେଇପାରିବ ନାହିଁ ' ଏକ ସାକ୍ଷାତ୍‌କାରରେ ଏ କଥା କହିଥିଲେ ମହେଶ ବାବୁ। ଏ ପ୍ରକାର ବିବାଦୀୟ ମନ୍ତବ୍ୟ ନେଇ ଚାରିଆଡ଼େ ଚର୍ଚ୍ଚା ହେବା ପରେ ବୁଧବାର ମହେଶ ବାବୁ ଏକ ସ୍ପଷ୍ଟୀକରଣ ଦେଇଛନ୍ତି। ମହେଶ ବାବୁଙ୍କ ପକ୍ଷରୁ ଏକ ପ୍ରେସ୍‌ବିଜ୍ଞପ୍ତି ରିଲିଜ୍ କରାଯାଇଛି, ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ, ବଲିଉଡ୍‌କୁ ନେଇ ଏହା କୌଣସି ଆକ୍ରୋଶମୂଳକ ବୟାନ ନୁହେଁ। ପ୍ରତିକ୍ରିୟା ଦେବା ସମୟରେ ଏହା ଭୁଲବଶତଃ ପାଟିରୁ ବାହାରି ଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ମହେଶ ବାବୁଙ୍କ ଅଭିନୀତ ଫିଲ୍ମ 'ସରକାରୁ ଭାରି ପାଟା' ଫିଲ୍ମ ରିଲିଜ ହେବାକୁ ଥିବାବେଳେ ଫିଲ୍ମ ପ୍ରମୋଶନରେ ଏବେ ସେ ବ୍ୟସ୍ତ। ଏହାଛଡ଼ା ଆଗାମୀ ଦିନରେ ସେ ଏସ୍.ଏସ୍. ରାଜାମୋଉଲିଙ୍କ ସହ ଏକ ପାନ୍-ଇଣ୍ଡିଆ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ପକ୍ଷପାତ ନୀତି ଚାଲି ଆସୁଥିବାବେଳେ ଏହାକୁ ନେଇ ଅନେକ ସମୟରେ ବିବାଦ, ତର୍କ ଓ ପ୍ରତ୍ୟାରୋପ ଦେଖିବାକୁ ମିଳିଛି। କିନ୍ତୁ ବର୍ତ୍ତମାନ ସମୟରେ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଭାଷା ବିବାଦ ମୁଣ୍ଡ ଟେକିଛି। ଦକ୍ଷିଣ ଭାରତ ଫିଲ୍ମ ଇଣ୍ଡଷ୍ଟ୍ରି ଏବଂ ବଲିଉଡ୍ ଭିତରେ ଭାଷାକୁ ନେଇ ବଡ଼ ମତପାର୍ଥକ୍ୟ ଦେଖିବାକୁ ମିଳିଛି।

## ଚିତାବାଘ କବଳରୁ ଝିଅଙ୍କୁ ରକ୍ଷା କଲେ ମା'



**ମୁମ୍ବାଇ:** ଚିତାବାଘ ସହ ଲଢ଼ି ଜ୍ୟୋତି ପୁପାଲୱାର ଝିଅ ଜୀବନ ବଞ୍ଚାଇଛନ୍ତି। ମହାରାଷ୍ଟ୍ର ଚନ୍ଦ୍ରପୁର ଅର୍ନ୍ତଗତ ଦୁର୍ଗାପୁର କମ୍ପ୍ଲେକ୍ସର ଏହି ଘଟଣା। ଜ୍ୟୋତିଙ୍କ ତିନି ବର୍ଷର ଝିଅ ଅଗଣାରେ ବସି ଖାଉଥିବାବେଳେ ଗୋଟିଏ ଚିତାବାଘ ଝିଅଙ୍କୁ ଝାମ୍ପି ନେଇଥିଲା। ଜ୍ୟୋତି ଏହା ଦେଖିବାମାତ୍ରେ ଏକ ବାଡ଼ିରେ ଚିତାବାଘ ପାଟିକୁ ଆଘାତ ଦେଇଥିଲେ, ଚିତାବାଘଟି ଝିଅକୁ ଛାଡ଼ିଦେଇ ସେଠାରୁ ପଳାଇଥିଲା। କୁନି ଝିଅଟି ବାଘ କାମୁଡ଼ାରୁ ଗଭୀର ଭାବେ ଆହତ ହୋଇଥିବାବେଳେ ସେ ଏବେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ। ଝିଅକୁ ଖାଇବାକୁ ଦେଇ ଜ୍ୟୋତି ଗାଧୋଇବାକୁ ଯାଇଥିଲେ। ଫେରିଲାବେଳକୁ ସେ ଦେଖିଥିଲେ ଯେ, ଚିତାବାଘ ତାଙ୍କ ଝିଅକୁ ଜୋରରେ କାମୁଡ଼ି ଧରି ନେଇଯାଉଛି। ଝିଅ ଜୀବନ ରକ୍ଷା କରିବାକୁ ଯାଇ ସେ ଏକ ବାଡ଼ିରେ ବାଘକୁ ଆକ୍ରମଣ କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ଚିତାବାଘ ଆକ୍ରମଣ କୌଣସି ନୂଆ କଥା ନୁହେଁ। ଗତ ମାସରେ ବାଘ ଆକ୍ରମଣରେ ୨ ଜଣ ଯୁବକ ଏବଂ ୨ ଜଣ ଶିଶୁଙ୍କ ପ୍ରାଣହାନି ଘଟିଥିଲା। ପାଖାପାଖି ୧୫ ଜଣ ବ୍ୟକ୍ତି ଓ ୬ ଜଣ ଶିଶୁ ଚିତାବାଘ ଆକ୍ରମଣରେ ମୃତ୍ୟୁବରଣ କରିସାରିଛନ୍ତି।

## ସମୁଦ୍ର ତଳେ ରାସ୍ତା



**ୱାଶିଂଟନ :** ପ୍ରଶାନ୍ତ ମହାସାଗର ତଳେ ଏକ ରହସ୍ୟମୟ ରାସ୍ତା ରହିଛି, ଯାହାର ନାଁ ରହିଛି ୟେଲୋ ବ୍ରିକ୍ ରୋଡ୍। ଏହି ୟେଲୋ ବ୍ରିକ ରୋଡ୍ ସମୁଦ୍ର ତଳୁ ଦେଖିବାକୁ ମିଳିଛି। ଏହା ସମୁଦ୍ରବୁଡ଼ାଳି ଓ ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରାଇଦେଇଛି। ପ୍ରଶାନ୍ତ ମହାସାଗରରେ ମିଳିଥିବା ଏହି ରାସ୍ତାକୁ ଏକ୍ସପ୍ଲୋରେସନ ଭେସେଲ ନାଟିଲସ ର ଗବେଷକମାନେ ଆବିଷ୍କାର କରିଛନ୍ତି। ଏହା ହାୱାଇ ଦ୍ୱୀପପୁଞ୍ଜର ଉତ୍ତରରେ ଅବସ୍ଥିତ। ସମୁଦ୍ରର ଗଭୀରତାରେ ଚାଲିଥିବା ସର୍ଚ୍ଚ ଅପରେଶନ ସମୟରେ ବୈଜ୍ଞାନିକମାନେ ଏହି ରାସ୍ତା ହଳଦିଆ ଇଟାରେ ତିଆରି ହୋଇଥିବାର ଦେଖିଥିଲେ।

## ସର୍ବାଧିକ ମୂଲ୍ୟରେ ନିଲାମ ଆଣ୍ଡିଙ୍କ ପେଣ୍ଟିଂ



**ନ୍ୟୁୟର୍କ:** ଆମେରିକାର ପ୍ରଖ୍ୟାତ ଅଭିନେତ୍ରୀ ଆଣ୍ଡି ୱାରହୋଲଙ୍କ ସଟ୍ ସେଜ୍ ବ୍ଲୁ ମାରିଲିନ୍ ପେଣ୍ଟିଂ ୧୯୫ ଡଲାରରେ ନିଲାମ ହୋଇଛି। ଆମେରିକାରେ ନିଲାମ ହୋଇଥିବା ସମସ୍ତ ପେଣ୍ଟିଂଠାରୁ ଏହା ଆଣ୍ଡିଙ୍କ ଚିତ୍ର ସର୍ବାଧିକ ଟଙ୍କାରେ ନିଲାମ ହୋଇଥିବା ଖବର ପ୍ରକାଶ ପାଇଛି। ୧୯୬୪ରେ ୫ଟି ସିଲ୍କସ୍କ୍ରିନ୍ ପେଣ୍ଟିଂ ତିଆରି ହୋଇଥିବାବେଳେ ଆଣ୍ଡିଙ୍କ ପେଣ୍ଟିଂ ଏଥିରୁ ଗୋଟିଏ। ୪୦ ଇଞ୍ଚ ଦୈର୍ଘ ଓ ୪୦ ଇଞ୍ଚ ପ୍ରସ୍ଥ ବିଶିଷ୍ଟ ଏହି ଚିତ୍ରକୁ ନ୍ୟୁୟର୍କ ଷ୍ଟୁଡିଓ 'ଦ ଫ୍ୟାକ୍ଟ୍ରି'ରେ ରଖାଯାଇଥିଲା।

## ଏଣ୍ଟ୍ରି ନ ମିଳିବାରୁ ଏୟାରପୋର୍ଟରେ ମହିଳା ଅଚେତ



**ନୂଆଦିଲ୍ଲୀ:** ଦିଲ୍ଲୀ ବିମାନବନ୍ଦରରେ ବୁଧବାର ଏକ ଅଜବ ଧରଣର ଘଟଣା ଘଟିଛି। ଜଣେ ଯାତ୍ରୀଙ୍କୁ ବୋର୍ଡିଂ ଏଣ୍ଟ୍ରି ପାଇଁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ମନାକରିବାରୁ ମହିଳା ଯାତ୍ରୀ ଜଣକ ବିମାନ ବନ୍ଦରରେ ବେହୋସ ହୋଇଯାଇଛନ୍ତି। ମହିଳାଙ୍କ ସହିତ ତାଙ୍କର ଆଉ ଦୁଇଜଣ ସମ୍ପର୍କୀୟ ଥିବାବେଳେ ଏ ନେଇ ଏକ ଭିଡିଓ ତାଙ୍କ ପୁତୁରା ଟୁଇଟରରେ ଶେୟାର କରିଛନ୍ତି। ବେହୋସ ଥିବା ମହିଳା ଜଣକ ରକ୍ତଚାପ ଓ ମଧୁମେହରେ ପୀଡ଼ିତ ଥିବାବେଳେ ବିମାନ କର୍ତ୍ତୃପକ୍ଷ ତାଙ୍କୁ ଡାକ୍ତରଙ୍କ ପାଖୁ ନେବା ବଦଳରେ ଫୋର୍ସ ଡକାଇ ମହିଳା ଜଣଙ୍କୁ ବିମାନ ବନ୍ଦରରୁ ବାହାର କରିଦେଇଥିବା ତାଙ୍କ ପୁତୁରା ଅଭିଯୋଗ କରିଛନ୍ତି।ଉକ୍ତ ଅଭିଯୋଗକୁ ଏୟାର ଲାଇନ ପକ୍ଷରୁ ଖଣ୍ଡନ କରାଯାଇଛି। ବୋର୍ଡିଂ ଗେଟ୍ ବନ୍ଦ ହେବା ପରେ ମହିଳା ଆସି ପହଞ୍ଚିଥିଲେ,ଯେଉଁ କାରଣରୁ ତାଙ୍କୁ ବୋର୍ଡିଂ ଗେଟ୍‌ରେ ଏଣ୍ଟ୍ରି କରାଯାଇ ନ ଥିଲା। ଅନ୍ୟପଟେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଦେଖି ଏୟାର ଲାଇନ୍ସ ପକ୍ଷରୁ ତୁରନ୍ତ ଡାକ୍ତରଙ୍କୁ ଡକାଯାଇଥିବା କୁହାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ମେ, ୨୦୨୨



## ପେରୁମାଲ୍ ମୁରୁଗାନ୍‌ଙ୍କୁ ମିଳିବ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ'



**ବାଲେଶ୍ୱର ଅଫିସ:** ପ୍ରସିଦ୍ଧ ତାମିଲ୍ ଲେଖକ ପେରୁମାଲ୍ ମୁରୁଗାନ୍‌ଙ୍କୁ ୨୦୨୨ ପାଇଁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ଜୁଲାଇ ୧୧ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ସମାରୋହରେ ମୁରୁଗାନ୍‌ଙ୍କୁ ସାମଗ୍ରିକ କୃତି ପାଇଁ ଏହି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯିବ। ମୁରୁଗାନ୍ ନିଜର ସୁପ୍ରସିଦ୍ଧ ପୁସ୍ତକ 'ୱାନ୍ ପାର୍ଟ୍ ୱିମେନ୍' ପାଇଁ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। 'ପୂନାଚି: ଓର୍ ଦି ଷ୍ଟୋରି ଅଫ୍ ଏ ବ୍ଲାକ୍ ଗଟ୍', 'ସିଜନ୍ ଅଫ୍ ଦି ପାମ୍' ତାଙ୍କର କିଛି ଉଲ୍ଲେଖଯୋଗ୍ୟ ସାହିତ୍ୟକୃତି।

### ମୟୂରଭଞ୍ଜ ଜିଲା

# ଦୁର୍ଘଟଣା ମୃତ୍ୟୁ ଚିନ୍ତାଜନକ

## ଏନ୍‌ଏଚ୍‌ଏଆଇର ଅସହଯୋଗ, ଅବହେଳାରୁ ଏପରି ଘଟୁଛି: ସଚିବ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଦ୍ୱାରଶୁଣୀ ଘାଟି ମୟୂରଭଞ୍ଜ ଜିଲାର ବିପଦପୂର୍ଣ୍ଣ ସ୍ଥାନ। ପ୍ରତି ମାସରେ ଏଠି ୨ରୁ ୩ଟି ଦୁର୍ଘଟଣା ଘଟୁଛି। ଡିଆର୍‌ଏସ୍‌ସି ବୈଠକରେ ଏହି ସମସ୍ୟା ଉପରେ ନିୟମିତ ଆଲୋଚନା ହେଉଛି। ହେଲେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଏନେଇ ଅସହଯୋଗ କରାଯାଉଛି। ଡିଆର୍‌ଏସ୍‌ସି ବୈଠକରେ ଯୋଗଦେବା ପାଇଁ ଡକାଯିବା ସତ୍ତ୍ୱେ ଏନ୍‌ଏଚ୍‌ଏଆଇ, ବାଲେଶ୍ୱର ପିଡି ନିଜେ ଯୋଗ ଦେଉନାହାନ୍ତି କିମ୍ବା ତାଙ୍କର ପ୍ରତିନିଧିଙ୍କୁ ମଧ୍ୟ ପଠାଉନାହାନ୍ତି। ଏହା ସଡ଼କ ସୁରକ୍ଷା ଦିଗରେ ଏନ୍‌ଏଚ୍‌ଏଆଇର ଅବହେଳା ମନୋଭାବକୁ ଦର୍ଶାଉଛି। ମୟୂରଭଞ୍ଜ ଜିଲାପାଳଙ୍କ ଚିଠିକୁ ଆଧାରକରି ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଜାତୀୟ ରାଜପଥ ପ୍ରାଧିକରଣର ଚିଫ୍ ଜେନେରାଲ ମ୍ୟାନେଜର ଏବଂ ଆର୍‌ଓଙ୍କୁ ଚିଠି ଲେଖି ଏ ବାବଦରେ ମଙ୍ଗଳବାର ଅବଗତ କରାଇଛନ୍ତି। ଏଥିସହ ଦ୍ୱାରଶୁଣୀ ଘାଟିକୁ ସର୍ଭେ ପାଇଁ ବୈଷୟିକ ଅଧିକାରୀ ଏବଂ ଏନ୍‌ଏଚ୍‌ଏଆଇ, ବାଲେଶ୍ୱର ପିଡିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି।

- ୨୦୧୭-୧୯ ମଧ୍ୟରେ ୧୩ ବ୍ଲାକ୍‌ସ୍ପଟ୍ ଚିହ୍ନଟ
- ୨୦୨୧ରେ ୫୪୦ ଦୁର୍ଘଟଣାରେ ୩୧୨ଙ୍କ ମୃତ୍ୟୁ

ସଚିବ ସେଠୀ ତାଙ୍କ ଚିଠିରେ ଲେଖିଛନ୍ତି, ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁ କମାଇବା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ଗତ ଦଶନ୍ଧିରେ ରାଜ୍ୟରେ ପ୍ରାୟ ୪୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅନେକ ଯୁବ ଏବଂ ସେମାନେ ପରିବାରର ରୋଜଗାରିଆ ଥିଲେ। ସଡ଼କ ସୁରକ୍ଷା ଦୃଷ୍ଟିରୁ ମୟୂରଭଞ୍ଜ ଅତ୍ୟନ୍ତ ସମ୍ବେଦନଶୀଳ ଜିଲା। ୨୦୨୧ରେ ଜିଲାରେ ୫୪୦ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୩୧୨ ଲୋକଙ୍କ ଜୀବନ ଯାଇଛି। ୨୦୧୭-୧୯ ଦୁର୍ଘଟଣା ତଥ୍ୟ ଅନୁସାରେ ଜିଲାରେ ୧୩ଟି ବ୍ଲାକ୍‌ସ୍ପଟ୍ ରହିଥିବା ଚିହ୍ନଟ ହୋଇଛି। ମୟୂରଭଞ୍ଜ ଜିଲାପାଳଙ୍କ ସୂଚନାନୁଯାୟୀ ଡିଆର୍‌ଏସ୍‌ସି ବୈଠକରେ ଏ ସମସ୍ୟା ଉପରେ ନିୟମିତ ଆଲୋଚନା କରାଯାଉଛି। ହେଲେ ଏନ୍‌ଏଚ୍‌ଏଆଇର ବାଲେଶ୍ୱର ପିଡି ଏହି ବୈଠକରେ ଯୋଗ ନ ଦେଇ ତାଙ୍କର ଅସହଯୋଗ ମନୋଭାବକୁ ଦର୍ଶାଉଛନ୍ତି। ନିୟମିତ ଭାବେ ଡିଆର୍‌ଏସ୍‌ସି ବୈଠକ ପାଇଁ ସୁପ୍ରିମକୋର୍ଟ କମିଟି ଗୁରୁତ୍ୱ ଦେଇଛନ୍ତି। ବାଲେଶ୍ୱରର ଏନ୍‌ଏଚ୍‌ଏଆଇ ପିଡିଙ୍କ ତରଫରୁ ବୈଠକରେ ଯୋଗ ଦେଇଥିବା ପ୍ରତିନିଧି ୪ ଥାକିଆ କାମ ନ ସରିବା ଯାଏ ରାସ୍ତାର ମରାମତି ନେଇ ଅକ୍ଷମତା ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଆର୍‌ଟିଓଙ୍କ ଦ୍ୱାରା ଦ୍ୱାରଶୁଣୀ ଘାଟି ଉପରେ ଏକ ସର୍ଭେ କରାଯାଇଥିଲା ଏବଂ ବିଭିନ୍ନ ସ୍ଥାନରୁ ଫଟୋଗ୍ରାଫ୍ ନିଆଯାଇଥିଲା। ଏଗୁଡ଼ିକ ଅବଗତି ନିମନ୍ତେ ସଂଲଗ୍ନ କରାଯାଇଛି। ଫଟୋଗ୍ରାଫ୍‌ରୁ ସ୍ପଷ୍ଟ ଭାବେ ଜଣାଯାଉଛି ଯେ, ସେଠାରେ ବହୁ ଗର୍ତ୍ତ ଓ ବିପଦପୂର୍ଣ୍ଣ ରୋଡ୍ ସୋଲ୍‌ଡର ରହିଛି। ରାସ୍ତାରେ କୌଣସି ଡ୍ୟାମେଜ୍ କ୍ରାସ୍ ବ୍ୟାରିଅର ନ ଥିବାବେଳେ ସାଇନେଜ୍ କିମ୍ବା ରିଫ୍ଲେକ୍ଟିଭ୍ ଟେପ୍ ଆଦି ନାହିଁ। ସଡ଼କର ଘୋର ଅବ୍ୟବସ୍ଥା ଏହି ଫଟୋରେ ଦେଖାଯାଉଛି। ଜିଲାର ଏହି ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାର ବିସ୍ତାର ଅତ୍ୟନ୍ତ ନିମ୍ନସ୍ତରର। ସଡ଼କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ରାଜ୍ୟରେ ଦୁର୍ଘଟଣା ଏବଂ ମୃତ୍ୟୁ କମାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଦ୍ୱାରଶୁଣୀ ଘାଟି ପରିଦର୍ଶନ ସର୍ଭେ ପାଇଁ ବୈଷୟିକ ଅଧିକାରୀ ଏବଂ ଏନ୍‌ଏଚ୍‌ଏଆଇ, ବାଲେଶ୍ୱର ପିଡିଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରମୁଖ ସଚିବ ସେଠୀ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହାସହ ମୟୂରଭଞ୍ଜ ଜିଲାପାଳ, ଆର୍‌ଟିଓଙ୍କ ସହ ପରାମର୍ଶ କରି ତ୍ରୁଟି ଚିହ୍ନଟ ସହ ଏହାକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ କହିଛନ୍ତି।

## ବିବାହ ଉତ୍ସବରେ ଯୁବକଙ୍କୁ ହତ୍ୟା

### ପୂର୍ବ ଶତ୍ରୁତାରୁ ଛୁରି ଭୁସିଲେ ନାବାଳକ

**ସମ୍ବଲପୁର,୧୧।୫(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ସଦେଇପାଲି କଲ୍ୟାଣମଣ୍ଡପରେ ମଙ୍ଗଳବାର ରାତିରେ ଏକ ବିବାହ ଉତ୍ସବରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ସୁମିତ ଷଣ୍ଢ(୨୬)। ଭୋଜି ବାଣ୍ଟୁଥିବା ସମୟରେ ଜଣେ ନାବାଳକ ସୁମିତଙ୍କ ପେଟରେ ଛୁରି ଭୁସି ହତ୍ୟା କରିଛନ୍ତି। ପୋଲିସ ନାବାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। କଲ୍ୟାଣ ମଣ୍ଡପ ସିଲ୍ ହୋଇଥିବାବେଳେ ହତ୍ୟାରେ ବ୍ୟବହୃତ ଛୁରି ଜବତ ହୋଇଛି। ହତ୍ୟାକାଣ୍ଡର କାରଣ ପୂର୍ବଶତ୍ରୁତା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁସାରେ ସୁମିତ ଓ ନାବାଳକଙ୍କ ପରିବାର ମଧ୍ୟରେ ଏକବର୍ଷ ପୂର୍ବରୁ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ସୁମିତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ନାବାଳକଙ୍କ ବାପାଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଥିଲା। ସୁମିତଙ୍କୁ ହତ୍ୟା କରିବାକୁ ଅନେକଥର ନାବାଳକ ଯୋଜନା କରିଥିବାବେଳେ ବିଫଳ ହୋଇଥିଲେ। ମଙ୍ଗଳବାର ରାତିରେ ସୁମିତଙ୍କ ଘର ପାଖ କଲ୍ୟାଣମଣ୍ଡପରେ ବିବାହ ଉତ୍ସବ ହେଉଥିଲା। ଏଥିରେ ସୁମିତଙ୍କ ସମେତ ପରିବାର ଲୋକେ ଯୋଗଦେଇଥିଲେ। ନାବାଳକ ଏହା ଜାଣିବା ପରେ ହତ୍ୟା ଯୋଜନା କରି ବିବାହ ଉତ୍ସବକୁ ଆସିଥିଲେ। ସୁମିତ ଖାଦ୍ୟ ବଣ୍ଟନରେ ସହଯୋଗ କରୁଥିବା ସମୟରେ ନାବାଳକ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଲୋକମାନେ ନାବାଳକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗୁରୁତର ସୁମିତଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୭୦/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଭିଜିଲାନ୍ସ ଟିମ୍ ହାତରୁ ଖସିଗଲେ ବିଇଓ

### ୨୦ହଜାର ଲାଞ୍ଚ ଟଙ୍କା ଜବତ

**କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ,୧୧।୫(ଡି.ଏନ.ଏ.)**

ଏକ ଲାଞ୍ଚ ଘଟଣାରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଶତ୍ରୁଘ୍ନ ବେହେରାଙ୍କୁ ଗିରଫ କରିବା ପାଇଁ କଟକ ଭିଜିଲାନ୍ସ ଟିମ୍ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଥିଲା। ବିଇଓ କୌଶଳକ୍ରମେ ଖସି ଯାଇଛନ୍ତି। ତେବେ ଭିଜିଲାନ୍ସ ଟିମ୍ ତାଙ୍କ ଟେବୁଲ ଡ୍ରରୁ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ କିରାଣି ଭଞ୍ଜ କିଶୋର ନାୟକଙ୍କ ପ୍ରୋଭିଜନାଲ ପେନ୍‌ସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ କରାଇ ଦେବାକୁ କହି ବିଇଓ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବହୁଦିନ ଅଫିସକୁ ଦୌଡ଼ି ତାଙ୍କର ପେନ୍‌ସନ ହୋଇ ନ ଥିଲା। ଟଙ୍କା ନ ଦେଲେ ତୁମର କୌଣସି କାମ ହେବ ନାହିଁ ବୋଲି ବିଇଓ କୁଆଡ଼େ କହିଥିଲେ। ଏ ସଂକ୍ରାନ୍ତରେ ଅବସରପ୍ରାପ୍ତ କିରାଣି ନାୟକ କଟକ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାସାୟନିକ ପ୍ରଲୋପ ଲାଗିଥିବା ୨୦ହଜାର ଟଙ୍କା ନେଇ ଅବସରପ୍ରାପ୍ତ କିରାଣି ନାୟକ ବୁଧବାର ସକାଳୁ ବିଇଓଙ୍କ ଅଫିସରେ ପହଞ୍ଚିଥିଲେ। ସେହି ସମୟରେ ଅଫିସରେ ଝାଡ଼ୁମରା ହେଉଥିଲା। ଏହି ସୁଯୋଗରେ ଅବସରପ୍ରାପ୍ତ କିରାଣି ନାୟକ ଶିକ୍ଷାଧିକାରୀଙ୍କ ଟେବୁଲ ଡ୍ରରେ ଲାଞ୍ଚ ଟଙ୍କା ରଖିଥିଲେ ବୋଲି କୁହାଯାଇଛି। ସକାଳ ପ୍ରାୟ ସଢେ ୯ଟା ସମୟରେ ବିଇଓ ଅଫିସକୁ ଆସି ତାଙ୍କ ଟେବୁଲ ଡ୍ର ଅଧା ଖୋଲାଥିବା ଓ ସେଥିରେ ଟଙ୍କା ରହିଥିବା ଦେଖିଥିଲେ। ଏହି ସମୟରେ କଟକ ଭିଜିଲାନ୍ସର ଏକ ଟିମ୍ ଅଚାନକ ବିଇଓଙ୍କ ଅଫିସ୍‌ରେ ପହଞ୍ଚି ତନାଘନା ଚଳାଇ ଥିଲେ। ଏକଥା ଜାଣିବା ପରେ ବିଇଓ କୌଶଳକ୍ରମେ ଅଫିସରୁ ଖସି ପଳାଇଥିଲେ। ଭିଜିଲାନ୍ସ ଟିମ୍ ଏବିଇଓ ଦିଲୀପ କୁମାର ମଲ୍ଲ ଓ ପିଅନ ସରୋଜ ସାମଲଙ୍କ ଉପସ୍ଥିତିରେ ସେହି ଟଙ୍କା ଜବତ ସହ ସେମାନଙ୍କୁ ନିଜ ହେପାଜତକୁ ନେଇଥିଲେ। ଉକ୍ତ ଘଟଣାର ତଦନ୍ତ ଚାଲିଛି। ଏ ନେଇ ବିଇଓଙ୍କ ସହଯୋଗାଯୋଗ କରାଯାଇଥିଲା। ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ ଥିଲା। କଟକ ଭିଜିଲାନ୍ସ ଟିମ୍ ନଂ.୩୨/୨୨ରେ ମାମଲା ରୁଜୁ ହୋଇଛି।


ଜନ୍ମଦିନ ଶୁଭେଚ୍ଛା



ଅଂଶୁମାନ ମହାନ୍ତି (ଛୋଟୁ)
ଆଜି ତୋର ପବିତ୍ର ନବମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋର ଚଳାପଥକୁ କୁସୁମିତ କରିବା ସହିତ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ବୋଉ, ଜେଜେମା', ଜେଜେବାପା, ଅଜା, ଆଈ, ବଡବାପା, ବଡମା', ସାନବଡବାପା, ଅପା, ପିଉସା, ଭାଇ, ଭଉଣୀ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୪୦୫

CLASSIFIED DISPLAY
ALL EDITION - B/W (Everyday)
TARIFF MORE SPACE • SAME PRICE GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି:
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ୩୨ ଅଣ୍ଡାରୁ ବାହାରିଲେ ଘଡ଼ିଆଳ ଛୁଆ

### ସାତକୋଶିଆ ପାଇଁ ଖୁସି ଖବର



ମହାନଦୀ ଗଣ୍ଡରେ ଜନ୍ମ ନେଇଥିବା ଘଡ଼ିଆଳ ଶାବକ।

**ବନ୍ତଳା,୧୧।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପାଇଁ ସୋମବାର ଆସିଛି ଖୁସି ଖବର। ମହାନଦୀ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ୩୨ ଶାବକ ଜନ୍ମ ହୋଇଛନ୍ତି। ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା ଏ ନେଇ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଡିଏଫ୍‌ଓ କହିଛନ୍ତି, ସାତକୋଶିଆ ଗଣ୍ଡର ବଳଦମରାଠାରେ ଅଣ୍ଡା ଦେବା ପାଇଁ ମା' ଘଡ଼ିଆଳ ବାରମ୍ବାର ଆସୁଥିବା ନେଇ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ଜାଣିପାରି ଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ଉକ୍ତ ଜାଗାରେ ବିଭାଗ ପକ୍ଷରୁ ସିସିଟିଭି ଲଗାଯାଇଥିଲା। ଏଥିସହିତ କୁକୁର ଓ ଅନ୍ୟ ବନ୍ୟଜନ୍ତୁ ଦାଉରୁ ଅଣ୍ଡାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ତାରବାଡ଼ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତିରେ ଉକ୍ତ ଅଣ୍ଡାଗୁଡ଼ିକରୁ ୩୨ ଶାବକ ଜନ୍ମ ହୋଇଛନ୍ତି। ୨୦୨୧ରେ ମଧ୍ୟ ଉକ୍ତ ଜାଗାରେ ୨୮ ଘଡ଼ିଆଳ ଶାବକ ଜନ୍ମ ନେଇଥିଲେ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି।

## ପୃଥକ୍ ସ୍ଥାନରେ ବିଦ୍ୟୁତ୍ ଆଘାତରେ ୨ ମୃତ

**ଗଞ୍ଜାମ/ଗୋପାଳପୁର,୧୧।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ରମ୍ଭା ଓ ଗୋପାଳପୁର ଥାନା କନିଷି ଅଞ୍ଚଳରେ ବୁଧବାର ବିଦ୍ୟୁତ୍ ଆଘାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ରମ୍ଭା ମଧୁରଚୁଆ ଗ୍ରାମର ଜନାର୍ଦ୍ଦନ ନାହାକ ଓ କନିଷି ହାଟ ରାମହରି ନଗରର ଭାଲୁ ଗୌଡ଼।

ବିଟି ନୂଆଗାଁର ଝିଅର ଭଞ୍ଜନଗର ଅଞ୍ଚଳର ଜଣେ ପୁଅଙ୍କ ପାଲିଙ୍କି ଚଢା ବିବାହ ଉତ୍ସବ ବିଟି ନୂଆଁଗାରେ ଆୟୋଜିତ ୪ ଦିନ ପୂର୍ବରୁ ହୋଇଥିଲା। ଝିଅକୁ ବିଦାୟ ଦେବାପାଇଁ ଅପରାହ୍ଣରେ ଏକ ବସ୍‌ରେ ଉପହାର ସାମଗ୍ରୀ ହେଲ୍‌ପର ସହ ସମ୍ପର୍କୀୟ ଦାଦା ଜନାର୍ଦ୍ଦନ ସଜାଉଥିବା ବେଳେ ଦୁହେଁ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ଜନାର୍ଦ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କନିଷି ମଦନମୋହନପୁର ରାସ୍ତାରେ ଏକ ଘର ନିର୍ମାଣ କାର୍ଯ୍ୟରେ ଭାଲୁ ଗୌଡ଼ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୧୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଦେଓଘାଟିରେ ବସ୍-ଟ୍ରେଲର ଧକ୍କା

## ଜଣେ ମୃତ, ୭ ଗୁରୁତର

**କୋରାପୁଟ,୧୧।୫(ସ୍ୱ.ପ୍ର.)**

କୋରାପୁଟ-ଜୟପୁର ୨୬ ନମ୍ବର ଜାତୀୟ ରାଜପଥର ଦେବୀଘାଟି ନିକଟରେ ବୁଧବାର ସକାଳ ୯ଟାରେ ଏକ ଘରୋଇ ବସ୍ ଓ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଉମ୍ବରୁଧର ମୁଦୁଲି(୨୯)। ଏଥିରେ ୭ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ଖବରରୁ ଜଣାପଡିଛି ଜୟପୁର ଅଞ୍ଚଳରୁ ୪୦ ଜଣ ବରଯାତ୍ରୀଙ୍କୁ ନେଇ ଗଜପତି ଜିଲାର ଆର. ଉଦୟଗିରି ଯାଉଥିବା ଅନ୍ନପୂର୍ଣ୍ଣା ନାମକ ଘରୋଇ ବସ୍‌ର କୋରାପୁଟର ଦେବୀଘାଟିଠାରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ସହ ମୁହାଁମୁହାଁ ଧକ୍କା ହୋଇଥିଲା। ଏଥିରେ ଟ୍ରେଲରର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ବସ୍‌ଟି ଜାତୀୟ ରାଜପଥ ଉପରେ ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ଉମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏସ୍‌ଡିପିଓ ମନୋଜ ପୂଜାରୀଙ୍କ ସମେତ କୋରାପୁଟ ଓ କୋଲାବ ପୋଲିସ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ମେଡିକାଲ କଲେଜକୁ ପଠାଇଥିଲେ। ଦୁର୍ଘଟଣା ପରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଛି। ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟାଇବା ଲାଗି ଉଦ୍ୟମ ଜାରି ରହିଛି।





ଜାତୀୟ ରାଜପଥ ପାର୍ଶ୍ୱକୁ ଓଲଟି ପଡ଼ିଥିବା ବସ୍।

## ମାଡ଼ିଗଲା ଟ୍ରକ୍: ୨ ମୃତ, ୪ ସଙ୍କଟାପନ୍ନ

**କେନ୍ଦୁଝର/ତେଲକୋଇ, ୧୧।୫(ସ୍ୱ.ପ୍ର./ଡି.ଏନ.ଏ.)**

ରାସ୍ତାକଡ଼ରେ ବସି କେନ୍ଦୁ ବିକୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ମାଡ଼ି ଆସିଲା ଏକ ଟ୍ରକ୍। କେନ୍ଦୁ ବିକାଳୀଙ୍କ ସମେତ ସେଠାରେ ଠିଆ ହୋଇଥିବା ଲୋକଙ୍କ ଉପରେ ମାଡ଼ିଗଲା। ଘଟଣାସ୍ଥଳରେ କେନ୍ଦୁ ବିକାଳୀ ନିଆଳି ମନ୍ତ୍ରୀ ଓ ଜଣେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୁଧବାର ଅପରାହ୍ଣରେ ଏହି ମର୍ମନ୍ତୁଦ

### କାଞ୍ଜିପାଣି ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା

ଦୁର୍ଘଟଣା ଘଟିଛି କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅଧୀନ ନିପୋ ଗ୍ରାମ ନିକଟସ୍ଥ କାଞ୍ଜିପାଣି ଘାଟି ୪୯ନଂ.ଏନ୍‌ଏଚ୍‌ରେ।

ନିଆଳି ସବୁଦିନ ଭଳି ବୁଧବାର ରାସ୍ତା କଡ଼ରେ କେନ୍ଦୁବିକ୍ରିକରୁଥିଲେ। ଏହିସମୟରେ ଏକ ଟ୍ରାକ୍ଟର ଆସି ଠିଆ ହୋଇଥିଲା। ଟ୍ରାକ୍ଟର ଚାଳକ କେନ୍ଦୁ କିଣିବାକୁ ଓହ୍ଲାଇଥିଲେ। ଅନ୍ୟ କେତେଜଣ ମଧ୍ୟ ସେଠାରେ କେନ୍ଦୁ କିଣିବା ପାଇଁ ଠିଆ ହୋଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତ ଟ୍ରାକ୍ଟର ଚାଳକ ଓ ଆହତମାନଙ୍କର ପରିଚୟ ମିଳି ପାରିନାହିଁ।

## ମନେ ପଡ଼ନ୍ତି


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ରମା କମିଳା
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ- ୦୩।୦୪।୧୯୪୭
ତିରୋଧାନ- ୨୨।୦୫।୨୦୨୧
ଆମର ପରମ ପୂଜ୍ୟା ମାଆ, ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଜୀବନର ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
- ଶୋକସନ୍ତପ୍ତ -
ଅଶୋକ, ସୁନୀତା, ଅଞ୍ଜଳି, ମନୀଷା, ରୁଦ୍ରାକ୍ଷ, ସୁଶୀଲ, ନିକୁ, ଚିକୁ।
ଧ-୭୦୨୭୫

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂଅମିୟ କୃଷ୍ଣ କମିଳା
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୧୦।୧୯୭୦
ତିରୋଧାନ: ୦୩।୦୬।୨୦୨୧
ଆମର ପରମ ପୂଜ୍ୟ ଭାଇ, ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ଜୀବନର ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ତ୍ରୀ- ସୁନୀତା ପରିଡ଼ା, ଝିଅ- ମନୀଷା, ଲୁଟୁ, ଗୀତାଞ୍ଜଳି, ରୁଦ୍ରାକ୍ଷ, ମନଭାଇ, ନିକୁ, ଚିକୁ।
ଧ-୭୦୨୭୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଆଶିଷ ଦାସ
ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର
ଆବିର୍ଭାବ: ୨୨।୦୫।୧୯୭୧
ତିରୋଧାନ: ୧୧।୦୫।୨୦୨୧
ଆପଣ ବିଦାୟ ନେବାର ବର୍ଷଟିଏ କେମିତି ବିତିଗଲା ଜଣାପଡିଲାନି। ଆପଣ ଥିଲେ ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟ ପରାୟଣତାର ପ୍ରତୀକ। ଆପଣଙ୍କ କାର୍ଯ୍ୟନିଷ୍ଠା, ନେତୃତ୍ୱ ନେବାର ଦକ୍ଷତା ଆମ ସମସ୍ତଙ୍କ ପାଇଁ ଉଦାହରଣ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆମେ ସମସ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଓଡ଼ିଶା କୃଷି ବିଜ୍ଞାନ କେନ୍ଦ୍ର ପରିବାର
ଧ-୪୦୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ନିକୁଞ୍ଜବିହାରୀ ଦାଶ
ତୁଳାପଡା,ଜିଲ୍ଲା-କଳାହାଣ୍ଡି
ଭୂମିଷ୍ଠ-ତା.୧୯.୧୦.୧୯୫୧
ଇହଧାମ ତ୍ୟାଗ- ତା.୨୨.୦୫.୨୦୨୧
ପ୍ରଥମ ଶ୍ରାଦ୍ଧବାର୍ଷିକୀ-୧୨.୦୫.୨୦୨୨
ବାପା, ଆପଣଙ୍କ ଇହଧାମ ତ୍ୟାଗ ଏହି ବର୍ଷେ ଅତିକ୍ରାନ୍ତ ହୋଇଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଅଭୁଲା ହୋଇ ରହିଯାଇଛି। ଅଫେରା ରାଇଜରେ ଆପଣଙ୍କ ଆତ୍ମା ପୁଣ୍ୟାତ୍ମାରେ ପରିଣତ ହେଉ। ପ୍ରଭୁ ଜଗତନାଥ ଶ୍ରୀଜଗନ୍ନାଥଙ୍କଠାରେ ଆମେ ଶୁଭକାମନା ମନାସୁଛୁ। ଆପଣଙ୍କ ଆତ୍ମାଶୀର୍ବାଦ ସଦା ରହିଥାଉ।
ଆପଣଙ୍କ ପତ୍ନୀ ସୁବାସିନୀ, ପୁତ୍ର ସତ୍ୟବ୍ରତ ଦାଶ, କନ୍ୟା ମୌସୁମୀ, ବର୍ଷାରାଣୀ, ଶ୍ରାବଣୀ। ତୁଳାପଡା, କଳାହାଣ୍ଡି
ଧ-୪୦୧

ସ୍ମୃତିର....



ଂସତ୍ୟନାରାୟଣ ମହାନ୍ତି
ତିରୋଧାନ : ୨୮.୦୪.୨୦୨୨
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଦେବବ୍ରତ, ଅପରାଜିତା, ଜନ୍, କବିତା, ସବିତା, ଆର୍ଯ୍ୟନ, ଦିବ୍ୟା, ନିକିତା, ଯିଜ୍ଞିସା, ସାନ୍ୟା
୫୯, ବ୍ରହ୍ମେଶ୍ୱରପାଟଣା, ଟଙ୍କପାଣିରୋଡ୍, ଭୁବନେଶ୍ୱର
ଧ-୭୧୦୩୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଂଡ. ଆଶିଷ କୁମାର ଦାସ
ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗୀର
ଆବିର୍ଭାବ: ୨୨।୦୫।୧୯୭୧
ତିରୋଧାନ: ୧୧।୦୫।୨୦୨୧
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିଚାରଣ କରିଥିଲେ- କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ତଥା ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଗୁଡ୍‌ଭେଲା, ସହକାରୀ ବିହନ ଉତ୍ପାଦନ ଅଧିକାରୀ, ଅଧକ୍ଷ, ଆଗ୍ରୋ ପଲିଟେକ୍ନିକ୍ ଏବଂ କୃଷି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଆଶିଷଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।
ଧ-୪୧୩

ପଞ୍ଚଦଶ ଶ୍ରାଦ୍ଧବାର୍ଷିକ



ଂପ୍ରେମଲତା କାନୁନ୍‌ଗୋ
ସ୍ୱାମୀ-ଂ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଳାବୋଲ, ଜଗତ୍‌ସିଂହପୁର
ଆବିର୍ଭାବ-୨୧।୦୫।୧୯୨୩
ତିରୋଧାନ- ୨୮।୦୪।୨୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୪୦୨

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୭.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୯୯୩

ଏବେ ବି ମନେ ପଡ଼େ...

# ସେହି ତିନି ରାତିକୁ ଭୁଲି ହେଉନି

**ନିଜର ପ୍ରଥମ ସିନେମା 'ଅରୁନ୍ଧତୀ'ରେ ଅଫର ପାଇବା ପରେ ନିଜ ଅନୁଭୂତି ସମ୍ପର୍କରେ କହନ୍ତି ନବାଗତ ନାୟକ ରାଜବୀର...**

ବେଳେବେଳେ ମଣିଷ ଆଶା କରୁଥିବା ଜିନିଷଟି ହାତପାଆନ୍ତାରେ ମିଳିଯାଇଥାଏ। ଆଉ ତାକୁ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଖୁସିର ସୀମା ରହି ନ ଥାଏ। ଦେଖୁନାହାନ୍ତି, ଯେତେବେଳେ ନିଜ ମନ ପସନ୍ଦର ଭୂମିକାଟିଏ ପାଇଲେ ସେତେବେଳେ ସେ କେମିତି ତିନି ରାତି ଶୋଇପାରି ନ ଥିଲେ। ଏ ନେଇ ରାଜବୀର କହନ୍ତି, 'ବିଶେଷଭାବରେ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ମୁଁ ଆଶା ରଖିଥିଲି। ଯେତେବେଳେ ମୋତେ ନିର୍ଦ୍ଦେଶକ ରମେଶ ରାଉତ 'ଅରୁନ୍ଧତୀ'ର କାହାଣୀ ଏବଂ ସେଥିରେ ମୋ ଭୂମିକା ସମ୍ପର୍କରେ ସୂଚନା ଦେଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା । ଏପରି କି ଏହି ଫିଲ୍ମ ବିଷୟରେ ମୁ ଏମିତି ଭାବନା ରାଇଜରେ ହଜି ଯାଇଥିଲି ଯେ ତିନି ରାତି ମୁଁ ଶୋଇ ପାରି ନ ଥିଲି। ଏହାର ଶୁଟିଂ ସମୟରେ ମୋ ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ଚେଷ୍ଟା କରିଥିଲି। ଆଉ ଫିଲ୍ମଟି ରିଲିଜ ହେବା ପରେ ମୋ ରୋଲକୁ ଯେତିକି ପ୍ରଶଂସା ମିଳିଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'



ରାଜବୀର

ମେ ୧୫ରେ...

# ଡିଟେକ୍ଟିଭ କରନ–ଅର୍ଜୁନ

ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ନିର୍ମାଣ ହୋଇଥିବା ନୂଆ ସିନେମା 'ଡିଟେକ୍ଟିଭ୍ କରନ୍–ଅର୍ଜୁନ'ର ଚଳିତ ମାସ ୧୫ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ମିନିଟ୍‌ରେ ୱାର୍ଲ୍ଡ ଟେଲିଭିଜନ ପ୍ରିମିୟମ ହେବାକୁ ଯାଉଛି ବୋଲି ଜୀ ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଳଚ୍ଚିତ୍ରରେ କମେଡିଆନ୍ ପପୁ ପମ୍‌ପମ୍ ଏବଂ ପ୍ରଜ୍ଞା ଖଟୁଆଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପ୍ରିୟଙ୍କା ମହାପାତ୍ର, ପ୍ରିୟଙ୍କା ମହାନ୍ତି, ଲିପ୍ସା ମିଶ୍ର, ଟୁକୁନା ଷ୍ଟାଇଲିସ୍, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡୁ, ଅରବିନ୍ଦ ଷଡ଼ଙ୍ଗୀ, ରାଜୀବ, କାଳୀ, ମନୋଜ, ସୁଶା ଦିଗବିଜୟ, ସୁମିତ ଓ ସଂଗ୍ରାମ ମଧ୍ୟ ଏଥିରେ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ କାହାଣୀ ଲେଖିଥିବା ବେଳେ ଅଶ୍ୱିନୀ ଗଡନାୟକ ସିନେମାରେ ନିର୍ଦ୍ଦେଶନା ଦେଇଛନ୍ତି। ସଂଳାପ ରଚନା କରିଛନ୍ତି ଟୁକୁନା ଷ୍ଟାଇଲିସ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅର୍ଜିତ ମଜୁମଦାର।



ପ୍ରଜ୍ଞା–ପପୁ

# ତାକୁ ଭୁଲି ଯା ନା



ହ୍ୟୁମାନ ସାଗର

ପ୍ରେମକୁ ଭିନ୍ନ ଭିନ୍ନ ତରିକାରେ ଗୀତ ମାଧ୍ୟମରେ ଉପସ୍ଥାପନା କରାଯାଇଛି। କେତେବେଳେ ସେଥିରେ ରୋମାଣ୍ଟିକ ରହିଛି ତ କେତେବେଳେ ବିରହର ବାସ୍ନା ଅନୁଭୂତ ହୋଇଥାଏ। ଯାହାକୁ ମନ ପ୍ରାଣ ଦେଇ ସେ ଭଲ ପାଉଛି, ସେ କ'ଣ ତାକୁ ଭୁଲି ଯାଇପାରେ? ସେଭଳି ବିଷୟକୁ ନେଇ ରଚିତ ଗୀତକୁ ଆଧାର କରି ପ୍ରସ୍ତୁତ ହୋଇଛି ମ୍ୟୁଜିକ ଆଲବମ୍ 'ତାକୁ ଭୁଲି ଯା ନା'। ଆରଏସଆର ଓଡିଆ ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ଗୀତଟି ନିକଟରେ ରିଲିଜ ହୋଇ ଶ୍ରୋତାଦୃତ ହୋଇପାରିଛି। ଖାସ୍ କଥା ହେଲା ରଞ୍ଜନ ନାୟକଙ୍କ ରଚିତ ତଥା ଅଭିଜିତ ତ୍ରିପାଠୀଙ୍କ ସ୍ୱର ସଂଯୋଜନାରେ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଗଧାଡିର ଗାୟକ ହ୍ୟୁମାନ ସାଗର। ଭବିଷ୍ୟତରେ ଏଭଳି ମନଛୁଆଁ ଗୀତ ଶ୍ରୋତାଙ୍କୁ ଭେଟି ଦେବାକୁ ଯୋଜନା ରଖିଛି ଏହି ୟୁଟ୍ୟୁବ୍ ଚ୍ୟାନେଲ।



ଅଭିଜିତ ତ୍ରିପାଠୀ

# ଖୋଜୁଛନ୍ତି ତାପସୀ



ତାପସୀ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ତାପସୀ ପନ୍ନୁ ଏବେ ଖୋଜିବାରେ ବ୍ୟସ୍ତ। ହେଲେ ସେ ଏମିତି କ'ଣ ଖୋଜିବାରେ ବ୍ୟସ୍ତ ଅଛନ୍ତି ଜାଣିବେନି ? ଅସଲ କଥା ହେଲା, ସେ ନିକଟରେ ଏକ ହଲିଉଡ୍ ଫିଲ୍ମ ଦେଖୁଥିଲେ। ଜଣେ ନିରୀହା ନାରୀର ସଂଘର୍ଷମୟ ଜୀବନକୁ ନେଇ ଏହା ନିର୍ମାଣ କରାଯାଇଛି। ଏହାକୁ ଦେଖିବା ପରେ ଏକ ବାୟୋପିକ୍ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି ଏହି ଅଭିନେତ୍ରୀ। କେବଳ ସେତିକି ନୁହେଁ, ଏଥିପାଇଁ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ ସନ୍ଧାନରେ ଅଛନ୍ତି ସେ। ଏ ସମ୍ପର୍କରେ ତାପସୀ କହନ୍ତି, 'ବାୟୋପିକ୍ ସିନେମାରେ ଅଭିନୟ କରିବାର ମଜା ନିଆରା। ତେଣୁ ସେଭଳି ଏକ ଭଲ କାହାଣୀଟିଏ ଖୋଜୁଛି। ଆଶା ରଖିଛି, ମୋର ଏହି କାହାଣୀ ମିଶନ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ତା'ପରେ ଫିଲ୍ମ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ମୁଁ ସବୁବେଳେ ଏଭଳି ଭୂମିକାରେ ଅଭିନୟ କରିବାକୁ ଚାହେଁ, ଯାହାକୁ ଦର୍ଶକ ସବୁଦିନ ପାଇଁ ମନେରଖିବେ।' ତେବେ ତାପସୀ କେଉଁ ପ୍ରକାର ବାୟୋପିକ୍ କାହାଣୀ ଚଏସ କରୁଛନ୍ତି ତାହା ଆଗକୁ ଜଣାପଡିବ।

# ମିଛ କହି ବୁଦ୍ଧି ଶିଖିଥିଲେ ଭିକି



ଭିକି

ବେଳେବେଳେ ମିଛ କଥାକୁ ଅନେକେ ସତ ବୋଲି ବିଶ୍ୱାସ କରିଥାଆନ୍ତି। ପୁଣି ତାକୁ ଆଧାର କରି ବଡ଼ ଘଟଣା ଦେଖିବାକୁ ମିଳିଥାଏ। ପିଲାଦିନେ ଏପରି ଏକ ପରିସ୍ଥିତି ସୃଷ୍ଟି କରି ବୁଦ୍ଧି ଶିଖିଥିଲେ ଭିକି କୌଶଲ। ସେତେବେଳେ ସେ ସ୍କୁଲରେ ପଢୁଥାଆନ୍ତି। ଏକଦା ସନ୍ଧ୍ୟା ସମୟରେ ସେ ଏକ ଲୁହାକଣ୍ଟା ଧରି ଖେଳୁଥାଆନ୍ତି। ପୁଣି ସେହି ସମୟରେ ପାୱାର କଟ୍ ହୋଇଥାଏ। ସେତିକିବେଳେ ମା'ଙ୍କ ପାଖକୁ ଯାଇ ସେ କହିଲେ, ମା' ମୁଁ ଏକ ଲୁହାକଣ୍ଟା ଗିଳିଦେଇଛି। ଏଭଳି ଘଟଣା ବିଷୟରେ ଭିକି କହନ୍ତି, 'ଥରେ ସନ୍ଧ୍ୟା ସମୟରେ ପାୱାର କଟ୍ ହୋଇଥାଏ। ମୁଁ ଛୋଟ ଲୁହାକଣ୍ଟାଟିଏ ଧରି ପଥରରେ ଘଷି ଲାଇଟ୍ ସୃଷ୍ଟିକରି ଖେଳୁଥିଲି। ହଠାତ୍ ମୋ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ଦୌଡି ଯାଇ ମା'ଙ୍କୁ କହିଲି ଯେ, ମୁଁ ଏକ ଲୁହାକଣ୍ଟା ଗିଳିଦେଇଛି। ଏ କଥା ଶୁଣି ମୋ ମା' ବ୍ୟସ୍ତ ହୋଇପଡ଼ିଲେ। ବିଳମ୍ବ ନ କରି ମୋତେ ନିକଟସ୍ଥ ହସ୍‌ପିଟାଲକୁ ନେଇଗଲେ। ଡାକ୍ତର ପରୀକ୍ଷା କରି କହିଲେ ମୁଁ ଯାହା କହିଛି ତାହା ମିଛ। ଏ କଥା ଶୁଣିବା ପରେ ମା' ମୋତେ ସେଠାରେ ଚଟକଣା ମାରିଥିଲେ। ଆଉ ସେହି ଚଟକଣା ମୋ ମନରେ ଏକ ପରିବର୍ତ୍ତନ ଆଣିଥିଲା। ସେହିଦିନ ମୁଁ ନିଷ୍ପତ୍ତି ନେଇଥିଲି ଯେ ଭବିଷ୍ୟତରେ କଦାପି ମିଛ କହିବି ନାହିଁ।'

# ଖୁସି ରହସ୍ୟ

ରୋହିତ ସେଟ୍ଟୀଙ୍କ ଆଗାମୀ ଫିଲ୍ମ 'ସର୍କସ'ରେ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ। ହେଲେ ଏହି ଫିଲ୍ମକୁ ନେଇ ରଣବୀରଙ୍କ ଖୁସି କହିଲେ ନ ସରେ। କାରଣ ଯେଉଁଦିନ ଫିଲ୍ମଟି ରିଲିଜ ହେଉ ବୋଲି ସେ ଭାବୁଥିଲେ ତାହା ସତରେ ପରିଣତ ହୋଇଛି। ଏହି ଚିତ୍ରଟି ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ତା'ସହ ଫିଲ୍ମଟିର ଫାଷ୍ଟ ଲୁକ୍ ନିକଟରେ ରିଲିଜ ହେବା ସହ ବେଶ୍ ଭାଇରଲ ହୋଇଛି। କମେଡିଭିତ୍ତିକ ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟୀ। ଏ ନେଇ ରଣବୀର କହନ୍ତି, 'ମୋର ଆଶା ଥିଲା ଚଳିତ ବର୍ଷ ଶେଷାର୍ଦ୍ଧରେ ଅର୍ଥାତ୍ ଖ୍ରୀଷ୍ଟମାସ (ଡିସେମ୍ବର ୨୩) ଅବସରରେ ଫିଲ୍ମଟି ରିଲିଜ ହେଉ। କିନ୍ତୁ ଏକଥା କେବଳ ମୋ ମନରେ ଥିଲା। ଦେଖିଲା ବେଳକୁ ଠିକ୍ ସେହି ସମୟରେ ଏହା ରିଲିଜ ହେବ ବୋଲି ଘୋଷଣା କରାଯାଇଛି। ଏହି ଫିଲ୍ମରୁ ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ଆଶା ରଖିଛି।' ଅନ୍ୟପକ୍ଷରେ ରଣବୀରଙ୍କ ଅଭିନୀତ 'ଜୈସଭାଇ ଜୋରଦାର୍' ଚଳିତ ମାସ ୧୩ରେ ରିଲିଜ ହେବାକୁ ଯାଉଛି।

# ଦୃଷ୍ଟିକୋଣ

ଆଜିର ସମାଜରେ ମହିଳାମାନଙ୍କ ଉପରେ ନିର୍ଯାତନାକୁ ଆଧାର କରି ରଚିତ ହୋଇଛି କାହାଣୀ। ବଳାତ୍କାରର ଶିକାର ହେବା ପରେ ଜଣେ ମହିଳା କିପରି ଜୀବନ କଟାଉଛି ତାହା ଏଥିରେ ପ୍ରତିଫଳିତ ହୋଇଛି। ହେଲେ କେତେଦିନ ସେମାନେ ନୀରବ ହୋଇ ବସିବେ ? ଏ ନେଇ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି। ଏଭଳି ଏକ ସାମ୍ପ୍ରତିକ ଘଟଣାକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଦୃଷ୍ଟିକୋଣ'। ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି (ସାନୁ)। ଏହାର ଟ୍ରେଲର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ଫିଲ୍ମରେ ଏଲିନା ସାମନ୍ତରାୟଙ୍କୁ ଜଣେ ପୋଲିସ ଅଫିସର ଭାବରେ ଦେଖିବାକୁ ମିଳିବ। ଏଲିନାଙ୍କ ବ୍ୟତୀତ ହରପ୍ରସାଦ ଦାସ ଏବଂ ନବାଗତା ଶୁଭଶ୍ରୀ ନାୟକ (ଲିଜା) ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ଦୃଢ଼ ଆଶା ରଖିଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।



ଏଲିନା–ଲିଜା

# ମାପିଚୁପି ଚାଲିବେ କିଆରା



କିଆରା ଆଡଭାନୀ ଏବେ ମାପିଚୁପି ଚାଲିବେ। କେତୋଟି ସିନେମା ସିରିଜ ଫ୍ଲପ୍ ହେବା ପରେ ତାଙ୍କ ମୁଣ୍ଡରେ ଏପରି ବୁଦ୍ଧି ଜୁଟିଛି। ନୂଆ ଅଫରଟିଏ ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଲାଇନ୍‌ରେ ସତର୍କତାର ସହ ପାଦ ନ ପକାଇଲେ ତାହା କ୍ୟାରିୟରକୁ ପ୍ରଭାବିତ କରିଥାଏ। ନିକଟରେ ମୋତେ କେତୋଟି ଅଫର ମିଳିଥିଲା। କିନ୍ତୁ ସେଗୁଡିକର କାହାଣୀ ମୋ ମନକୁ ଛୁଇଁ ପାରି ନ ଥିଲା। ଫଳରେ ସେହି ଅଫରଗୁଡିକୁ ହାତଛଡା କରିଛି। ଏଣିକି ମାପିଚୁପି ଚାଲିବି। କାରଣ ଯଦି ଫିଲ୍ମଗୁଡିକ ଲଗାତର ଫ୍ଲପ୍ ହେଲା ତେବେ ମୋର ସବୁ ଆଶା ପାଣିରେ ମିଳାଇ ଯିବ। ଏଣିକି ଗୋଟିଏ ଅଫରକୁ ତର୍ଜମା କରିବାକୁ ଅତିକମ୍‌ରେ ସପ୍ତାହେ ନେବି। ଭଲ ଭାବରେ ସେ ନେଇ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି। ତରତର ହେଲେ କିଛି ଫାଇଦା ନାହିଁ।' କିଆରାଙ୍କ ଅଭିନୀତ 'ଭୁଲ ଭୁଲେୟା–୨' ଚଳିତ ମାସ ୨୦ରେ ପରଦା ଉପରକୁ ଆସିବ। ଏହି ଫିଲ୍ମରେ ତାଙ୍କ ନାୟକ ସାଜିଛନ୍ତି କାର୍ତ୍ତିକ ଆର୍ଯ୍ୟନ।

# ‘ମୁଁ ବହୁତ ଖୁସି, ଗର୍ବିତ’

ଭୁବନେଶ୍ୱର, ୧୧।୫ (କ୍ରୀଡ଼ା ପ୍ରତିନିଧି)

ହର୍ଡଲ୍ସ କୁଇନ୍ ଭାବେ ବିଶେଷ ପରିଚିତ ଓଡ଼ିଶାର ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳଙ୍କ ନାମରେ ଥିବା ୨୦ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଛି। ୨୦୦୨ ଅଗଷ୍ଟ ୨୬ରେ ନୂଆଦିଲ୍ଲୀର ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଡିଡିଏ ରାଜା ଭାଲେନ୍ଦ୍ର ସିଂ ନ୍ୟାଶନାଲ ସର୍କିଟ ମିଟ୍‌ରେ ୧୩.୩୮ ସେକେଣ୍ଡ ସମୟ ନେଇ ୧୦୦ ମିଟର ହର୍ଡଲ୍ସରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ ଅନୁରାଧା। ୧୯୯୮ରୁ ୨୦୦୨ ମଧ୍ୟରେ ନିଜ ଜାତୀୟ ରେକର୍ଡକୁ ୭ ଥର ଭାଙ୍ଗିଥିଲେ ଏହି ତାରକା ଆଥଲେଟ୍। ଏବେ ସାଇପ୍ରସରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଥଲେଟିକ୍ସ ମିଟ୍‌ରେ ୧୩.୨୩ ସେକେଣ୍ଡ ସମୟ ନେଇ ଓଡ଼ିଶା ରିଲିଆନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି ଆଥଲେଟ୍ ଜ୍ୟୋତି ୟାରାଜି ଏହି ରେକର୍ଡକୁ ଭାଙ୍ଗିଛନ୍ତି। ସେଥିରେ ଦୁଃଖିତ ନୁହନ୍ତି ଅନୁରାଧା। “ମୁଁ ବହୁତ ଖୁସି ଏବଂ ଗର୍ବିତ। ରେକର୍ଡ ହୋଇଥାଏ ଭାଙ୍ଗିବା ପାଇଁ। ହର୍ଡଲ୍ସରେ ଭାରତର କୌଣସି ଝିଅ ଦୀର୍ଘଦିନଧରି ଭଲ ପ୍ରଦର୍ଶନ କରିପାରୁ ନ ଥିବା ମୋତେ ବହୁତ ଦୁଃଖ ଦେଇଥିଲା। ବିଶେଷ କରି ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳାଙ୍କ ଦୁର୍ବଳ ପ୍ରଦର୍ଶନ ମୋତେ ବେଶ୍ ଦୁଃଖିତ କରିଥିଲା। ମାତ୍ର ଏବେ ବହୁତ ଆନନ୍ଦ ଲାଗୁଛି। ଆମ ଦେଶର ଝିଅ ହର୍ଡଲ୍ସରେ ଭଲ କରୁଛନ୍ତି ବୋଲି ଏଥିରୁ ପ୍ରମାଣ ମିଳିଛି। ଫଳରେ ସେମାନେ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଅନ୍ୟ ଦେଶର ଆଥଲେଟ୍‌ଙ୍କୁ ଚ୍ୟାଲେଞ୍ଜ ଦେଇ ପାରିବେ’’ ବୋଲି ଅନୁରାଧା ପ୍ରକାଶ କରିଛନ୍ତି। ୨୦ ବର୍ଷ ଜଣେ ରେକର୍ଡର ଅଧିକାରିଣୀ ହୋଇ ରହିବା କିଛି କମ୍ କଥା ନୁହେଁ ବୋଲି ସେ କହିଛନ୍ତି।


ଅନୁରାଧା ବିଶ୍ୱାଳ

# ହର୍ଡଲ୍ସରେ ଜ୍ୟୋତିଙ୍କ ଜାତୀୟ ରେକର୍ଡ

ନୂଆଦିଲ୍ଲୀ, ୧୧।୫ (ପି.ଟି.)

ଓଡ଼ିଶା ରିଲିଆନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି ଆଥ୍‌ଲେଟ ଜ୍ୟୋତି ୟାରାଜି ମହିଳା ୧୦୦ ମିଟର ହର୍ଡଲ୍ସରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ସାଇପ୍ରସରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ମିଟ୍‌ରେ ୧୩.୨୩ ସେକେଣ୍ଡ ସମୟ ନେଇ ସେ ଓଡ଼ିଶାର

**ଓଡ଼ିଶା ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ୨୦ ବର୍ଷର ରେକର୍ଡ ଭଙ୍ଗ**

ଅନୁରାଧା ବିଶ୍ୱାଳଙ୍କ ନାମରେ ଥିବା ୨୦ ବର୍ଷ ତଳର ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ଅନୁରାଧା ୧୩.୩୮ ସେକେଣ୍ଡ ସମୟ ନେଇ ୨୦୦୨ ମସିହାରୁ ରେକର୍ଡର ଅଧିକାରିଣୀ ଥିଲେ। ସାଇପ୍ରସ ମିଟ୍ ହେଉଛି ଏକ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଚ୍ୟାଲେଞ୍ଜର କାଟେଗୋରି ‘ଡି’ ଇଭେଣ୍ଟ। ୨୨ ବର୍ଷୀୟା ଜ୍ୟୋତି ଭୁବନେଶ୍ୱରସ୍ଥିତ ଓଡ଼ିଶା ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟରରେ ଜୋସେଫ ହିଲିଅରଙ୍କ ଅଧୀନରେ ଟ୍ରେନିଂ ନେଉଛନ୍ତି। ଗତ ମାସରେ କୋଝିକୋଡେରେ ଅନୁଷ୍ଠିତ ଫେଡେରେଶନ୍ କପ୍‌ରେ ସେ ୧୩.୦୯ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ସେଠାରେ ପବନର ବେଗ +୨.୧ ଏମ୍/ଏସ ଥିବାରୁ ତାହା ଗ୍ରହଣୀୟ ହୋଇ ନ ଥିଲା। +୨.୦ ଏମ୍/ଏସ ପବନ ବେଗରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲେ ତାହାର ରେକର୍ଡ ଗ୍ରହଣୀୟ ହେବାର ନିୟମ ରହିଛି। ୨୦୨୦ରେ ମଧ୍ୟ ଜ୍ୟୋତି କର୍ଣ୍ଣାଟକର ମୁଡବିଡ୍ରିଠାରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅନୁରାଧାଙ୍କଠାରୁ କମ୍ ୧୩.୦୩ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ତାହା ମଧ୍ୟ ଗ୍ରହଣୀୟ ହୋଇ ନ ଥିଲା। କାରଣ ଏହି ମିଟ୍ ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି ତାଙ୍କୁ ଟେଷ୍ଟ କରି ନ ଥିଲା ଏବଂ ପ୍ରତିଯୋଗିତା ଅବସରରେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆର କୌଣସି ପ୍ରତିନିଧି ଉପସ୍ଥିତ ନ ଥିଲେ।

କୋଝିକୋଡେ ଫେଡେରେଶନ କପରେ ଜାତୀୟ ରେକର୍ଡ ଭାଙ୍ଗିଥିବା ଓଡ଼ିଶା ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଆଉ ଜଣେ ଟ୍ରେନିଅମ୍ଲାନ ବୋରଗୋହେନ ସାଇପ୍ରସ୍ ମିଟ୍‌ରେ ପୁରୁଷ ୨୦୦ ମିଟର ରେସ୍‌ରେ ୨୧.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୋଝିକୋଡେରେ ସେ ୨୦.୫୨ ସେକେଣ୍ଡ ସମୟ ନେଇଥିଲେ। ସେହିପରି ଲିଲି ଦାସ ୪:୧୭.୭୯ ସେକେଣ୍ଡ ସମୟ ନେଇ ମହିଳା ୧୫୦୦ ମିଟର ରେସ୍ ଜିତିଛନ୍ତି।

ଆନ୍ଧ୍ର ପ୍ରଦେଶର ଜ୍ୟୋତି ଏକ ଗରିବ ପରିବାରରୁ ଆସିଛନ୍ତି। ତାଙ୍କ ବାପା ସୂର୍ଯ୍ୟନାରାୟଣ ଜଣେ ଘରୋଇ ସିକ୍ୟୁରିଟି ଗାର୍ଡଭାବେ କାର୍ଯ୍ୟରତ ଥିବାବେଳେ ମା’ କୁମାରୀ ଜଣେ ଗୃହିଣୀ। ସ୍କୁଲ କ୍ୟାରିୟର ପରେ ତେଲଙ୍ଗାନାର ହାକିମ୍‌ପେଟ୍‌ଠାରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ହଷ୍ଟେଲ ପାଇଁ ମନୋନୟନ ହେବାପରେ ତାଙ୍କ ଭାଗ୍ୟ ବଦଳି ଯାଇଥିଲା। ୨୦୧୬ ନଭେମ୍ବରରେ କୋଏମ୍ବାଟୁରଠାରେ ଅନୁଷ୍ଠିତ ୩୨ତମ ଜାତୀୟ ଜୁନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜାତୀୟ ସ୍ତରରେ ଏହା ଥିଲା ତାଙ୍କର ପ୍ରଥମ ସ୍ୱର୍ଣ୍ଣପଦକ। ଏହାପରେ ଲକ୍ଷ୍ନୌରେ ଅନୁଷ୍ଠିତ ୟୁପି ଆଥଲେଟିକ୍ସ ଆସୋସିଏଶନ ମିଟ୍ ୪x୪୦୦ ମିଟର ରିଲେ ଏବଂ ୨୦୧୭ରେ କେରଳରେ ଆୟୋଜିତ ସାଉଥ୍ ଜୋନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ନିଜ ଦକ୍ଷତା ଦେଖାଇଥିଲେ। ୨୦୧୯ରେ ଲକ୍ଷ୍ନୌରେ ଅନୁଷ୍ଠିତ ୫୯ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


ଜ୍ୟୋତି ୟାରାଜି

# ମାଧୁରୀ, ଅଭିଷେକ ‘କ୍ରିକେଟର ଅଫ୍ ଦି ଇୟର’


ମାଧୁରୀ ମେହେଟା


ଅଭିଷେକ ରାଉତ

ଭୁବନେଶ୍ୱର, ୧୧।୫ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଦୁଇ ତାରକା ଖେଳାଳି ମାଧୁରୀ ମେହେଟା ଓ ଅଭିଷେକ ରାଉତ ୨୦୨୧-୨୨ ସିଜନ ପାଇଁ ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ ‘କ୍ରିକେଟର ଅଫ୍ ଦି ଇୟର’ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ସିଜନରେ ସଫଳ ରହିଥିବା ମାଧୁରୀ ୮ମ ମହିଳା ଓ ଅଭିଷେକ ୨୯ତମ ପୁରୁଷ କ୍ରିକେଟର ଭାବେ ଏହି ସମ୍ମାନଜନକ ପୁରସ୍କାର ହାସଲ କରିବେ।

ରଣଜୀ ଟ୍ରଫି ସମେତ ଅନ୍ୟ ଦୁଇ ଫର୍ମାଟର ପ୍ରଦର୍ଶନ ବିଚାରକୁ ନିଆଯାଇ ଅଲ୍‌ରାଉଣ୍ଡ ସଫଳତା ଆଧାରରେ ଅଭିଷେକଙ୍କୁ ଚୟନ କମିଟି ବାଛିଛନ୍ତି। ଗତ ସିଜନରେ ତିନୋଟି ଯାକ ଫର୍ମାଟରେ ଅଭିଷେକ ମୋଟ ୪୮୯ ରନ କରିବା ସହ ୧୮ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ନିକଟରେ ଶେଷ ହୋଇଥିବା ମହିଳା ସିଜନରେ ମାଧୁରୀଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେ ଏକଦିବସୀୟ ଓ ଟି୨୦ରେ ମୋଟ ୪୫୪ ରନ କରି ଓଡ଼ିଶା ମହିଳା ଦଳର ଟପ୍ ସ୍କୋରର ରହିଥିଲେ। ଆସନ୍ତା ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନୋନୀତ ଦୁଇ କ୍ରିକେଟ ତାରକାଙ୍କୁ ପୁରସ୍କାର ଆକାରରେ ୩୧ ହଜାର ଟଙ୍କାର ଚେକ୍, ପ୍ରଶସ୍ତି ପତ୍ର ଏବଂ ଟ୍ରଫି ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ସୁଶାନ୍ତ ମହାନ୍ତି, ସମ୍ବିତ ମହାପାତ୍ର, ସୁରେଶ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର, ମାରୁତି ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଓ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଚୟନ କମିଟି ଏହି ଦୁଇ ଖେଳାଳିଙ୍କୁ ମନୋନୟନ କରିଥିଲା। ଅଭିଷେକ ପ୍ରଥମଥରପାଇଁ ଏବଂ ମାଧୁରୀ ଦ୍ୱିତୀୟ ଥର ଏହି ପୁରସ୍କାର ପାଇବାକୁ ଯାଉଛନ୍ତି।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଜାଡେଜା

**ମୁମ୍ବାଇ, ୧୧।୫:** ଚେନ୍ନାଇ ସୁପର କିଙ୍ଗ୍ (ସିଏସ୍‌କେ)ର ଅଧିନାୟକ ପଦ ଛାଡ଼ିଥିବା ରବୀନ୍ଦ୍ର ଜାଡେଜା ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଏ ନେଇ ଫ୍ରାଞ୍ଚାଇଜ ସିଇଓ କାଶୀ ବିଶ୍ୱନାଥନ ବୁଧବାର ସ୍ପଷ୍ଟ କରିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ ବେଳେ ତାଙ୍କ ଛାତି ହାଡ଼ରେ ଆଘାତ ଲାଗିଥିଲା। ଏହି କାରଣରୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଖେଳି ନ ଥିଲେ। ‘‘ଜାଡେଜାଙ୍କ ଛାତି ହାଡ଼ରେ ଆଘାତ ଲାଗିଛି। ଆହତ ସମସ୍ୟା କାରଣରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶ ମ୍ୟାଚ୍‌ରେ ଖେଳିପାରିବେ ନାହିଁ’’ ବୋଲି ବିଶ୍ୱନାଥନ କହିଛନ୍ତି।


ରବୀନ୍ଦ୍ର ଜାଡେଜା

# ଭାରତକୁ ୩ ସ୍ୱର୍ଣ୍ଣ ସହ ୭ ପଦକ

ନୂଆଦିଲ୍ଲୀ, ୧୧।୫ (ପିଟି)

ଜର୍ମାନୀର ସୁହଲଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତ ବୁଧବାର ୩ ସ୍ୱର୍ଣ୍ଣ ସହ ମୋଟ ୭ଟି ପଦକ ହାସଲ କରି ଷ୍ଟାଣ୍ଡିଂର ଶୀର୍ଷରେ ରହିଛି। ୧୦ ମିଟର ଏୟାର ରାଇଫଲ ବାଳକ ଇଭେଣ୍ଟରେ ଭାରତ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିବାବେଳେ ପିସ୍ତଲ ଶୁଟରମାନେ ମଧ୍ୟ ବାଜି ମାରିଛନ୍ତି। ଏୟାର ରାଇଫଲ ଫାଇନାଲରେ ଭାରତୀୟ ଶୁଟର ରୁଦ୍ରାକ୍ଷ ବାଲାସାହେବ ପାଟିଲ ସାଥି ଶୁଟର ଅଭିନବ ଶ’ଙ୍କୁ ହରାଇ ବୁଧବାର ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଉଭୟ ମହିଳା ଓ ପୁରୁଷ ୧୦ ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୧୦ ମିଟର ରାଇଫଲ୍‌ରେ ଭାରତର ରିମିତା ରୌପ୍ୟ ପଦକ ପାଇଥିଲେ। ଫଳରେ ଦିବସ ଶେଷରେ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ପଦକ ପାଇଥିଲା। ପୁରୁଷ ପିସ୍ତଲ ଇଭେଣ୍ଟ ଫାଇନାଲରେ ଶିବା ନରୱାଲ ୧୬-୧୨ରେ ସରବଜୋତ ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ମହିଳା ପିସ୍ତଲରେ ପଲକ ଓ ମନୁ ଭାକର ଆଧିପତ୍ୟ ବିସ୍ତାର କରିଥିଲେ। କେବଳ ଫ୍ରାନ୍ସ ଅନ୍ୟ ସ୍ୱର୍ଣ୍ଣ ପଦକଟି ହାସଲ କରିଥିଲା। ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଓସେଆନେ ମୁଲର ସ୍ୱର୍ଣ୍ଣ ପଦକ ପାଇଥିଲେ। ଆୟୋଜକ ଜର୍ମାନୀ, ମାଲଡୋଭା, ପୋଲାଣ୍ଡ ଓ ଉଜବେକିସ୍ତାନ ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ସାମିଲ ହୋଇଥିଲେ।

# ଥୋମାସ୍ ଓ ଉବର କପ୍: ଭାରତୀୟ ଦଳର ପରାଜୟ

ବ୍ୟାଙ୍କକ୍, ୧୧।୫ (ପିଟି)

ଚଳିତ ଥୋମାସ ଓ ଉବର କପ୍‌ରେ ଉଭୟ ପୁରୁଷ ଓ ମହିଳା ଦଳକୁ ବୁଧବାର ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଉଭୟ ବିଭାଗରେ ଭାରତୀୟ ଦଳ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ପୁରୁଷ ଦଳ ଗ୍ରୁପ୍ ‘ସି’ ମ୍ୟାଚ୍ ଚାଇନିଜ ତାଇପେଠାରୁ ୧-୪ରେ ଏବଂ ମହିଳା ଦଳ ଗ୍ରୁପ୍ ‘ଡି’ ମ୍ୟାଚ୍‌ରେ କୋରିଆ ଠାରୁ ୦-୫ ରେ ପରାସ୍ତ ହୋଇଛି। କିନ୍ତୁ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ପରାଜୟ ସତ୍ତ୍ୱେ ଉଭୟ ଦଳ ପ୍ରତିଯୋଗିତାର ନକ୍‌ଆଉଟ୍‌ରେ ପ୍ରବେଶ କରିସାରିଛନ୍ତି। କ୍ୱାର୍ଟର ଫାଇନାଲରେ ଭାରତୀୟ ମହିଳା ଦଳ ଥାଇଲାଣ୍ଡକୁ ଭେଟିବ।

ପ୍ରଥମେ ପି.ଭି. ସିନ୍ଧୁଙ୍କୁ ବିଶ୍ୱ ୪ର୍ଥ ର୍‍ୟାଙ୍କ ଆନ ସେୟଙ୍ଗ ହରାଇ ଭାରତକୁ ପଛକୁ ଠେଲି ଦେଇଥିଲେ। ଡବଲ୍ସ ବର୍ଗରେ ଶ୍ରୁତି ମିଶ୍ରା ଓ ସିମରନ ସିଙ୍ଘି ବିଶ୍ୱର ଦୁଇ ନମ୍ବର ଯୋଡ଼ି ଲି ସୋହି ଏବଂ ଶିନ ସେଉଙ୍ଗଚାନଙ୍କ ଆଗରେ ବେଶୀ ସମୟ ତିଷ୍ଠି ପାରି ନ ଥିଲେ।

ଚାଇନିଜ ତାଇପେ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଦଳ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଲକ୍ଷ୍ୟ ସେନ ବିଶ୍ୱର ଚତୁର୍ଥ ର୍‍ୟାଙ୍କ ଚୋଉ ତିଏନ ଚେନଙ୍କ ଠାରୁ ପରାଜିତ ହୋଇଥିଲେ। ବିଶ୍ୱର ୮ମ ମାନ୍ୟତା ପ୍ରାପ୍ତ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ୩ୟ ର୍‍ୟାଙ୍କ ଲି ୟାଙ୍ଗ ଏବଂ ୱାନ ଚି-ଲିନଙ୍କୁ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। କିଦାମ୍ବି ଶ୍ରୀକାନ୍ତ ଜୁ ୱେଇ ୱାଙ୍ଗକୁ ହରାଇ ଦେବାରୁ ଚାଇନିଜ ତାଇପେର ଅଗ୍ରଣୀ ବ୍ୟବଧାନ ୨-୧କୁ ଖସିଥିଲା। କିନ୍ତୁ ଏମ୍ ଆର ଅର୍ଜୁନ ଓ ଧ୍ରୁବ କାପିଲାଙ୍କ ଯୋଡ଼ି ଲୁ ଚିଙ୍ଗ ୟାଓ ଏବଂ ୟାଙ୍ଗ ହୋ ହାନ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦ୍ୱିତୀୟ ଡବଲ୍ସ ମ୍ୟାଚ୍‌କୁ ଜିତି ନେଇଥିଲେ। ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ଏଚ୍ ଏସ୍ ପ୍ରଣୟ ୧୧୯ତମ ର୍‍ୟାଙ୍କ ଲୁ ଚିଆ ହଙ୍ଗଙ୍କଠାରୁ ପରାସ୍ତ ହୋଇଥିଲେ।

# ଆଇଡବ୍ଲ୍ୟୁଏଲ୍ ଭେନ୍ୟୁ ପରିବର୍ତ୍ତନ

**ଭୁବନେଶ୍ୱର, ୧୧।୫ (କ୍ରୀଡ଼ା ପ୍ରତିନିଧି):** ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍‌ର ଅନ୍ତିମ ୨ ରାଉଣ୍ଡ କାର୍ଯ୍ୟସୂଚୀ ଓ ଭେନ୍ୟୁରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ୧୦ ଓ ୧୧ ରାଉଣ୍ଡର ଅଧିକାଂଶ ମ୍ୟାଚ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ମ୍ୟାଚ ଫର୍ମାଟ ଅପରିବର୍ତ୍ତିତ ରହିଛି ଅର୍ଥାତ୍ ୨ ଦିନରେ ୬ଟି ମ୍ୟାଚ ଖେଳାଯିବ। ରାଉଣ୍ଡ ରବିନ ଭିତ୍ତିରେ ହେଉଥିବା ଏହି ପ୍ରତିଯୋଗିତାରେ ୧୧ ରାଉଣ୍ଡ ଶେଷରେ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ଦଳ ଚାମ୍ପିୟନ ବିବେଚିତ ହେବ।






# ରୟାଲ୍ସକୁ ହରାଇଲା କ୍ୟାପିଟାଲ୍ସ

ମୁମ୍ବାଇ, ୧୧।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରିଥିବାବେଳେ ଦିଲ୍ଲୀ ୧୮.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସ୍କୋରବୋର୍ଡରେ ରନ ହେବା ପୂର୍ବରୁ ଶ୍ରୀକର ଭରତ (୦) ଆଉଟ ହୋଇଥିଲେ ହେଁ ଡେଭିଡ ୱାର୍ନର ଓ ମିଚେଲ ମାର୍ଶ ଦ୍ୱିତୀୟ ଉଇକେଟରେ ୧୦୧ ବଲ୍‌ରୁ ୧୪୪ ରନର ଭାଗୀଦାରି ଗଢ଼ି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ମାର୍ଶ ୬୨ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ସର୍ବାଧିକ ୮୯ ରନ କରିଥିଲେ। ୱାର୍ନର ୪୧ ବଲ୍‌ରୁ ୫୨ (୫ ଚୌକା, ୧ ଛକା) ଓ ଅଧିନାୟକ ରିଷଭ ପନ୍ତ ୪ ବଲ୍‌ରୁ ୧୩(୨ ଛକା) ରନ କରି ଅପରାଜିତ ରହିଥିଲେ। ୧୨ ମ୍ୟାଚରୁ ୬ଷ୍ଠ ବିଜୟ ସହ ଦିଲ୍ଲୀ ଏହାର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୫୦ (୩୮ ବଲ, ୪ ଚୌକା, ୨ ଛକା) ଓ ଦେବଦତ୍ତ ପଡିକାଲ ୪୮ (୩୦ ବଲ୍, ୬ ଚୌକା ଓ ୨ ଛକା)ରନ କରିଥିଲେ। ଆଇପିଏଲ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ପୂରଣ କରିଥିଲେ ଅଶ୍ୱିନ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୬୦/୬(ରବିଚନ୍ଦ୍ରନ ଅଶ୍ୱିନ-୫୦, ଦେବଦତ୍ତ ପଡିକାଲ-୪୮, ଚେତନ ସାକାରିୟା-୨/୨୩, ମିଚେଲ ମାର୍ଶ-୨/୨୫, ଏନରିଚ ନର୍ଜେ-୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ ୧୮.୧ ଓଭରରେ ୧୬୧/୨ (ମିଚେଲ ମାର୍ଶ-୮୯, ଡେଭିଡ ୱାର୍ନର-୫୨*, ଟ୍ରେଣ୍ଟ ବୋଲ୍ଟ-୧/୩୨, ୟୁଜବେନ୍ଦ୍ର ଚହଲ-୧/୪୩)।


ପ୍ଲେୟର ଅଫ୍ ଦି ମ୍ୟାଚ୍ ମିଚେଲ ମାର୍ଶ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଚେନ୍ନାଇ ସୁପର କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୭ | ୫ | ୧୪ | +୦.୨୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୦୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୪ | ୭ | ୮ | +୦.୦୨୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୨ | ୯ | ୪ | -୦.୮୯୪ |






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସାମାନ୍ୟ ବର୍ଷାରେ ସହର ଉବୁଟୁବୁ



ରାସ୍ତାରେ ଡ୍ରେନ୍ ପାଣି ଜମା ହୋଇରହିଛି।

**ଖୋର୍ଦ୍ଧା ଅଫିସ,୧୧।୫**

ବାତ୍ୟା ଅସାନି ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିଛି। ତେବେ ବୁଧବାର ଖୋର୍ଦ୍ଧା ସହରରେ ଦିନତମାମ ବର୍ଷା ଲାଗିରହିଥିବାରୁ ଅଧିକାଂଶ ଅଞ୍ଚଳ ବର୍ଷାଜଳରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ନାଳନର୍ଦ୍ଦମା ପୋତି ହୋଇପଡିଥିବାରୁ ପଲିଥିନ, ପ୍ଲାଷ୍ଟିକ ପ୍ରଭୃତି ଅଳିଆ ଆବର୍ଜନା ନିଷ୍କାସନ ହୋଇ ନ ପାରି ବର୍ଷାରେ ରାସ୍ତାକଡରେ ଭାସୁଛି। ସହରର ଏକାଧିକ ସାହି ଗଳିକନ୍ଦିରେ ସମାନ ଅବସ୍ଥା ରହିଛି। ସହରରେ

## ବିକାଶ କମ୍, ସଭାସମିତିରେ ବ୍ୟସ୍ତତା ବେଶି

ଅନେକ ନାଳ ପୋତି ହୋଇଗଲାଣି। ବର୍ଷ ବର୍ଷ ଧରି ନାଳ ସଫା କରାଯାଉ ନାହିଁ। ଏକାଧିକ ସ୍ଥାନରେ ନିର୍ମାଣ ହୋଇଥିବା ନାଳ ଅଧାପନ୍ତରିଆ ହୋଇ ରହିଛି। ଫଳରେ ସାମନ୍ୟା ବର୍ଷା ହେଲେ ନାଳ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ପୌର ପରିଷଦ ପକ୍ଷରୁ ପରିମଳ ବ୍ୟବସ୍ଥା ନେଇ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଆସୁଛି। ଅଥଚ ସ୍ୱଚ୍ଛତା ଏବଂ ପରିମଳରେ କୌଣସି ପରିବର୍ତ୍ତନ ନାହିଁ। ସ୍ୱଚ୍ଛ ସର୍ବେକ୍ଷଣରେ ସ୍ଥାନ ପାଇବା ପାଇଁ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଖୋର୍ଦ୍ଧା ନାଁରେ ଲକ୍ଷାଧିକ ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଛି। ଅଥଚ ଏହାର କୌଣସି ସୁଫଳ ସହରବାସୀ ପାଉନାହାନ୍ତି। କୋଭିଡ୍ ଯୋଗୁ ଦୁଇବର୍ଷ ପୌର ପରିଷଦର ଅନେକ କାର୍ଯ୍ୟ ଅଟକି ରହିଥିବା ପୌର କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ନିକଟରେ ପୌର ପରିଷଦ ନୂତନ ପୌରାଧକ୍ଷ ଏବଂ କାଉନସିଲରମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ନାନା ଇସ୍ତାହାର ଦେଇଥିବା ବେଳେ ନିର୍ବାଚନ ପରେ ତାହା ଫସର ଫାଟିଗଲା ପରି ଦେଖିବାକୁ ମିଳିଛି। ପୌର ପରିଷଦ କେବଳ ସଭାସମିତି, ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବା ବେଳେ କାର୍ଯ୍ୟ ଏକପ୍ରକାର ସ୍ଥାଣୁ ପାଲଟିଛି। ଗତ ୩ବର୍ଷ ପରେ ପ୍ରଶାସନ ହାତରୁ ପୌର ଏବେ ଜନପ୍ରତିନିଧିଙ୍କ ହାତକୁ ଆସିବା ସତ୍ତ୍ୱେ ଏହାର ସମୁଚିତ ବିକାଶ ଲାଗି ସେପରି କୌଣସି ରୋଡ୍ ମ୍ୟାପ ପ୍ରସ୍ତୁତ ହୋଇ ନାହିଁ। ଏ ନେଇ ପୌର ଉପାଧକ୍ଷ ସୌମ୍ୟରଞ୍ଜନ ମହାନ୍ତି କୁହନ୍ତି, ପୌର ପରିଷଦକୁ ଏକ ନମ୍ବର ସହର ଭାବେ ଗଢିତୋଳିବାକୁ ଭିଜନ ରହିଛି। ଖୁବ୍‌ଶୀଘ୍ର ଏହାର କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

## ଜିଲାରେ ୨୮.୬ ମିମି ବର୍ଷା

**ଖୋର୍ଦ୍ଧା ଅଫିସ:** ବାତ୍ୟା ଅସାନି ପ୍ରଭାବରେ ଖୋର୍ଦ୍ଧା ଜିଲାରେ ବିଳମ୍ବିତ ରାତିରୁ ବର୍ଷା ପବନ ଲାଗି ରହିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଜିଲାରେ ୨୮.୬ ମିମି ଅନୁପାତ ବର୍ଷା ହୋଇଛି। ସେଥିରୁ ବାଲିଅନ୍ତା ବ୍ଲକରେ ୨୨ମିମି, ବାଲିପାଟଣାରେ ୦୨ମିମି, ଭୁବନେଶ୍ୱରରେ ୪୫, ଜଟଣୀରେ୨୫, ବାଣପୁରରେ ୩୦, ବେଗୁନିଆରେ ୩୩, ବୋଲଗଡରେ ୧୭, ଚିଲିକାରେ ୧୫, ଖୋର୍ଦ୍ଧାରେ ୭୦, ଟାଙ୍ଗୀ ବ୍ଲକରେ ୨୭ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଛି। ଖୋର୍ଦ୍ଧା ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ବାଲିପାଟଣାରେ କମ୍ ଅନୁପାତ ବର୍ଷା ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି କର୍ମଚାରୀଙ୍କ ମୃତ୍ୟୁ

#### ଉପଯୁକ୍ତ ତଦନ୍ତ ଦାବି କଲେ ଅଞ୍ଚଳବାସୀ

**ବେଗୁନିଆ,୧୧।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ବୁଧବାର ବିଦ୍ୟୁତ୍ ମରାମତି କରୁଥିବା ବେଳେ କରେଣ୍ଟ ଲାଗିଯିବାରୁ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ବୋଲଗଡ ବ୍ଲକ ଅଧୀନ ଖଣତି ଗ୍ରାମର ସଞ୍ଜୟ କୁମାର ବେହେରା(୪୨)। ତେବେ ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଉପଯୁକ୍ତ ତଦନ୍ତ ଦାବି ହେଉଛି। ମରାମତି ବେଳେ ବିଦ୍ୟୁତ କାଟ ହୋଇଥିଲା କି ନାହିଁ, ଯଦି କାଟ ହୋଇଥିଲା କରେଣ୍ଟ ଆସିଲା କେଉଁଠୁ। ସଞ୍ଜୟ ଖୁଣ୍ଟରେ ଚଢି ମରାମତି କରୁଥିବା ବେଳେ ଅନ୍ୟ କର୍ମଚାରୀ କ'ଣ କରୁଥିଲେ ଏଭଳି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ ୧୦/୨୨)ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ପ୍ରକାଶଥାଉ କି, ସଞ୍ଜୟ ଟାଟା ପାୱାର କନ୍‌ଷ୍ଟ୍ରକ୍ସନର ବିଦ୍ୟୁତ୍ କମ୍ପାନୀରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସକାଳ ପ୍ରାୟ ସାଢେ ୮ଟାରେ ବେଗୁନିଆ-କୁଶପଲ୍ଲା ରୋଡ୍ ପାର୍ଶ୍ୱରେ ଥିବା ୩୩ କେଭି କଟ ପଏଣ୍ଟ ଖୁଣ୍ଟିରେ ଚଢି ସେ ମରାମତି କାର୍ଯ୍ୟ କରୁଥିଲେ। ତେବେ ହଠାତ୍ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ି ଅଚେତ ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଖାଲରେ ଫସିଲା ଆମ୍ବୁଲାନ୍ସ, ବାଇକ୍‌ରେ ଗଲେ ରୋଗୀ

#### ରାସ୍ତା ଅବସ୍ଥା ଶୋଚନୀୟ

**କଣାସ, ୧୧।୫(ସ୍ୱ.ପ୍ର): ରାସ୍ତା** ଅବସ୍ଥା ଶୋଚନୀୟ ଯୋଗୁ ଏକ ୧୦୮ ଆମ୍ବୁଲାନ୍ସ ବୁଧବାର ୬ଘଣ୍ଟା ଧରି ଖାଲରେ ଫସିଯାଇଥିଲା। ଫଳରେ ଲୋକେ ଆମ୍ବୁଲାନ୍ସକୁ ଠେଲି ଠେଲି ଖାଲରୁ ଉଠାଇଥିବାବେଳେ ରୋଗୀଙ୍କୁ ପରିବାରବର୍ଗ ଏକ ବାଇକ୍‌ରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ଅନ୍ତର୍ଗତ ନଈକୂଳପାଟଣା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ନଈକୂଳପାଟଣା ଗ୍ରାମର ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ପରିବାର ଲୋକେ ଭୋରରୁ ଖବର ଦେଇଥିଲେ। ସକାଳ ୬ଟାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଆସି ନଈକୂଳପାଟଣା ଗ୍ରାମ ଅଭିମୁଖେ ଦୟାନଦୀ ବନ୍ଧରେ ଯାଉଥିଲା। ତେବେ ଗଡ଼ିଶାଗୋଦା ନିକଟ ବନ୍ଧର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗୋଟିଏ ଖାଲରେ ଆମ୍ବୁଲାନ୍ସ ଗଳିପଡ଼ିଥିଲା। ଆମ୍ବଲାନ୍ସର କର୍ମଚାରୀମାନେ ଦୀର୍ଘ ୬ଘଣ୍ଟା ଧରି ପରିଶ୍ରମ କରି ଗାଡ଼ିଟିକୁ ଠେଲି ବାହାର କରିଥିଲେ। ତେବେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ରୋଗୀଙ୍କୁ ଏକ ମୋଟର ସାଇକେଲ୍ ଯୋଗେ ଅନ୍ୟ ରାସ୍ତାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା।

## ରଥଖଳାରୁ

### ଚାଲିଛି ତୁମ୍ବ ବିନ୍ଧ, ପନ୍ଦାରୀ ପୋଡ଼ା ଆରମ୍ଭ



କମାର ଶାଳରେ ବଳା ପ୍ରସ୍ତୁତ କରାଯାଉଛି।

**ପୁରୀ ଅଫିସ, ୧୧।୫**

ଅସ୍ଥାୟୀ ରଥଖଳାରେ ମହାରଣା ସେବକମାନେ ତିନିରଥର ତୁମ୍ବ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣର ଅଷ୍ଟମ ଦିବସ ସୁଦ୍ଧା ବୁଧବାର ତାଳଧ୍ୱଜ ରଥର ତିନୋଟି ତୁମ୍ବ ବିନ୍ଧ କାର୍ଯ୍ୟ ସରିଥିବାବେଳେ ବାକି ୧୧ ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ସେହିପରି ଦେବଦଳନ ରଥର ମୋଟ ୧୨ଟି ତୁମ୍ବରୁ ୩ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଥିବାବେଳେ ୯ଟିର ବିନ୍ଧ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ତୁମ୍ବ ମଧ୍ୟରୁ ୬ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ବାକି ୧୦ଟି ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅର କଣ୍ଟା ନିର୍ମାଣ ସହ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥ ଓ ଦେବଦଳନ ରଥର ଓଝା ସେବକମାନେ ଅରକଣ୍ଟା ସହ ୮ଟି ଲେଖାଏ ପନ୍ଦାରୀ ପୋଡ଼ିଥିବା ବେଳେ ତାଳଧ୍ୱଜ ରଥର ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ଅପରାହ୍ନରେ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ପନ୍ଦାରୀ ପୋଡ଼ା ସରିବା ପରେ ପନ୍ଦାରୀ ମଳି ଛଡ଼ା ଓ ପନ୍ଦାରୀ ମଠା କାମ ଆରମ୍ଭ ହେବ। ତିନିରଥରେ ୬୮ ଜଣ ମହାରଣା ନିୟୋଜିତ ଥିବା ବେଳେ ୪୧ ଭୋଇ ସେବକ, ୪ କରତି ସେବକ, ଜଣେ ତୁମ୍ବବିନ୍ଧ କାରିଗର, ୨ ପାହି ମହାରଣା, ୧୨ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକଙ୍କୁ ମିଶାଇ ମୋଟ ୧୨୯ ଜଣ ସେବକ ଓ କାରିଗର ରଥ ନିର୍ମାଣରେ ନିୟୋଜିତ ଥିଲେ।

# ଏବିଡି ୱାରିୟରକୁ ହରାଇ କଳିଙ୍ଗ ଫାଇଟର ବିଜୟୀ



ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତରେ ଚାଲିଥିବା ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍‌ର ବୁଧବାର ଷଷ୍ଠ ଦିବସରେ ବିଜୟୀ ଦଳର ଖେଳାଳିମାନେ।

**ଜଟଣୀ,୧୧।୫(ଡି.ଏନ୍.ଏ.)**

ଜଟଣୀ ବ୍ଲକ ତିରିମଲ ଏବଂ ବେଣାପାଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ବେଣାପଞ୍ଜରୀ ପଞ୍ଚାୟରେ ଚାଲିଥିବା ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚର ଷଷ୍ଠ ଦିବସରେ କଳିଙ୍ଗ ଫାଇଟର ବିଜୟୀ ହୋଇଛି। ପଞ୍ଚାୟତ ଖେଳପଡିଆ ପରିସରରେ ଅନୁଷ୍ଠିତ ଷଷ୍ଠ ଦିବସ ମ୍ୟାଚ କଳିଙ୍ଗ ଫାଇଟର

## ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ

ଏବଂ ଏବିଡି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଏବିଡି ଦଳ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ମୋଟ ୧୬୪ ରନ ସଂଗ୍ରହ କରିଥିଲା। ପ୍ରତିଦ୍ୱନ୍ଦ୍ୱରେ କଳିଙ୍ଗ ଫାଇଟର ଟିମ୍ ୧୪.୩ ଓଭରରେ ୮ ଉଇକେଟ ହରାଇ ୧୬୫ ରନକରି ବିଜୟୀ ହୋଇଥିଲା। ବିଜୟୀ ଦଳର ଦିଲୀପ ସ୍ୱାଇଁ ମ୍ୟାନ୍ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ବେଣାପଞ୍ଜରୀ ସମିତିସଭ୍ୟ ଶରତ କୁମାର ପାଲଟାସିଂହ ଏବଂ ବେଣାପଞ୍ଜରୀ ପଞ୍ଚାୟତ ବିଜେଡି ସଭାପତି ଏମଡି କୌଶର ଅତିଥି ରୂପେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଉକ୍ତ ମ୍ୟାଚରେ ଅମ୍ପାୟର ଭାବେ ଦେବଦତ୍ତ ପାତ୍ର ରହିଥିବା ବେଳେ ଫାୟାଜ ନାୱାଜ ପରିଚାଳନା କରିଥିଲେ।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଟିଏମ୍ ସେବା ଆରମ୍ଭ

**ବୋଲଗଡ଼,୧୧।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ରୁଡା ଗ୍ରାମରେ କାର୍ଯ୍ୟରତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପକ୍ଷରୁ ବୁଧବାର ବୋଲଗଡ ସଦର ମହକୁମାରେ ଏକ ଏଟିଏମ୍ କାଉଣ୍ଟର ଖୋଲାଯାଇଛି। ଏହାଦ୍ୱାରା ଏହି ବ୍ୟାଙ୍କର ଦୁଇ ହଜାରରୁ ଅଧିକ ହିତାଧିକାରୀ ଟଙ୍କା ଉଠାଣ ସେବାର ସୁଯୋଗ ପାଇବେ। ବୁଧବାର ପୂର୍ବାହ୍ନରେ ଏହି କାଉଣ୍ଟରକୁ ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ଚରଣ ନାୟକ ଓ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବ୍ୟାଙ୍କ ଶାଖାର ପରିଚାଳକ ବିଭୂତି ଭୂଷଣ ମହାପାତ୍ର, ଡେପୁଟି ଭାଇସ ପ୍ରେସିଡେଣ୍ଟ କେ. ବାଲ୍ କିଷନ ରାଓ ଓ ବରିଷ୍ଠ ବ୍ୟାଙ୍କ ଅଧିକାରୀ ସବ୍ୟସାଚୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣ ଏହି ଏଟିଏମ ସେବାର ସଦୁପଯୋଗ କରିବାପାଇଁ ବ୍ୟାଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ୱାର୍ଡ ବୁଲି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ମେୟର

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ସାମ୍ଭାବ୍ୟ ବାତ୍ୟାକୁ ଲକ୍ଷ୍ୟ ରଖି ଭୁବନେଶ୍ୱର ମେୟର ସୁଲୋଚନା ଦାସ ବୁଧବାର ପାଣ୍ଡାକୁଦିଆ ବସ୍ତିର ୱାର୍ଡ ନଂ. ୨୩ରେ ପହଞ୍ଚିଥିଲେ। ସେଠାକାର ଅଧିବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିସହ ପିଇବା ପାଣି, ବିଦ୍ୟୁତ୍ ସେବା, ସର୍ବସାଧାରଣ ଶୌଚାଳୟ ଆଦି ସମସ୍ୟାର ସମାଧାନ ସହ ବାତ୍ୟା ସମୟରେ ଆବଶ୍ୟକ ଜିନିଷ ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ଉପସ୍ଥିତ ଥିଲେ।

# ବେଆଇନ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ

**ବାଲକାଟୀ,୧୧।୫(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତ ଅନ୍ତର୍ଗତ ସାତକାଣିଆ ଗ୍ରାମ ଭାର୍ଗବୀ ନଦୀବନ୍ଧ ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜାଗାରେ ଜବରଦଖଲ କରି ହୋଇଥିବା ବ୍ୟବସାୟୀ ପ୍ରତିଷ୍ଠାନକୁ ବୁଧବାର ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିଛି। ଏହି ସ୍ଥାନରେ କେତେଜଣ ବ୍ୟବସାୟୀ ବ୍ୟବସାୟ ଆଳରେ ନିଶା କାରବାର କରୁଥିବା ଅଭିଯୋଗ ହୋଇ ଆସୁଥିଲା। ସୂଚନାଯୋଗ୍ୟ, ବାଲକାଟୀ ଫାଣ୍ଡିଠାରୁ ମାତ୍ର କେଇ ମିଟର ଦୂର ସାତକାଣିଆ ଗ୍ରାମ ଭାର୍ଗବୀ ନଦୀବନ୍ଧ ରାସ୍ତାପାର୍ଶ୍ୱ ସରକାରୀ ଜାଗାରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ବେଆଇନ ନିର୍ମାଣ କରି ଦୀର୍ଘଦିନ ହେବ ବିଭିନ୍ନ ବ୍ୟବସାୟ କରିଆସୁଥିଲେ। ହେଲେ କେତେଜଣ ଅସାଧୁ ବ୍ୟକ୍ତି ଅଣ୍ଡା ବ୍ୟବସାୟ ଆଳରେ ମଦ, ନିଶା କାରବାର ଚଳାଉଥିଲେ। ଏହି କଥା ଫାଣ୍ଡି ପୋଲିସ ଜାଣିଥିଲେ ମଧ୍ୟ ଉକ୍ତ ବ୍ୟବସାୟୀଙ୍କଠାରୁ ବଟି ଆଦାୟ କରି ଚୁପ୍ ବସିଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏପରିକି ଏଠାରେ ବ୍ୟବସାୟକୁ ନେଇ ଗତ ସପ୍ତାହ ତଳେ ଦୁଇ ବେପାରୀଙ୍କ ମଧ୍ୟରେ ହାତାହାତି ହୋଇ ମାମଲା ଥାନାରେ

## ସରକାରୀ ଜାଗା ଜବରଦଖଲ କରିଥିଲେ

ପହଞ୍ଚିଥିଲା। ଘଟଣା ବିଷୟରେ ଡିଜିପି ଜାଣିବା ପରେ ସେଠାରେ ବେଆଇନ ଭାବେ ବ୍ୟବସାୟ ପ୍ରତିଷ୍ଠାନ ହୋଇଥିବା ଜଣାପଡ଼ିଥିଲା। ତେବେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା, ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ପୋଲିସ ଫୋର୍ସ ସହ ଉପସ୍ଥିତ ରହି ବେଆଇନ କରିଥିବା ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ପ୍ରକାଶ ଥାଉକି, ବାଲକାଟୀ ଫାଣ୍ଡି ପାର୍ଶ୍ୱ, ସାଇଫନ ଛକ ଏଭଳି ଏକାଧିକ ସ୍ଥାନରେ ସରକାରୀ ଜାଗାରେ ଦୋକାନ କରି ଅବାଧରେ ନିଶା କାରବାର ହେଉଥିବା ଅଭିଯୋଗ ହେଉଛି। ଏହିସବୁ ବେଆଇନ ପ୍ରତିଷ୍ଠାନକୁ ପ୍ରଶାସନ କେବେ ଉଚ୍ଛେଦ କରିବ ବୋଲି ପ୍ରଶ୍ନ ଉଠୁଛି। ଏପରିକି ଅଞ୍ଚଳକୁ ଦିବାଲୋକରେ ଖୁଚୁରା ବ୍ୟବସାୟୀଙ୍କୁ ମଦ ଯୋଗାଇ ଦିଆଯାଉଥିବାବେଳେ ପୋଲିସର ନଜର ନ ପଡ଼ିବା କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ତେଣୁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ସାରସ୍ୱତ ଜଗତରେ ଏକ ଅପୂରଣୀୟ କ୍ଷତି

**ଖୋର୍ଦ୍ଧା ଅଫିସ,୧୧।୫**

## ପଦ୍ମଶ୍ରୀ ଡ.ରଜତ କରଙ୍କ ସ୍ମୃତିସଭା

ପଦ୍ମଶ୍ରୀ ଡ.ରଜତ କରଙ୍କ ବିୟୋଗରେ ଉତ୍କଳବାଣୀ ସମ୍ବାଦପତ୍ର ପକ୍ଷରୁ ବିଡିଏ କଲୋନୀସ୍ଥିତ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଚୈତନ୍ୟ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ଖୋର୍ଦ୍ଧାର ସାହିତ୍ୟ ଓ ସଂସ୍କୃତିପ୍ରେମୀ କାଳୀପ୍ରସାଦ ଚାଟାର୍ଜୀ, ନୃସିଂହ ପ୍ରସାଦ ରଥ, ଅନସୂୟା ବେହେରା, ରାଜା ସାଗର ରଞ୍ଜନ ମେହେର, ପ୍ରଜ୍ଞା ପ୍ରତୀପର୍ଣ୍ଣା ମେହେର,ଜ୍ୟୋତିର୍ମୟୀ ପାଲଟାସିଂହ, ସୟଦ୍ ଅନ୍‌ସର୍ ଅଲ୍ଲୀ, ବ୍ରଜବନ୍ଧୁ ସୁବୁଦ୍ଧି, ଶୁଭଲକ୍ଷ୍ମୀ ସାମନ୍ତରା, ନାରାୟଣ ସାହୁ ଓ ଅଭିଳାଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ରଜତ କରଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ଉତ୍କଳର ଅଦ୍ୱିତୀୟ ବାଗ୍ମୀ, ବିଶିଷ୍ଟ ସାହିତ୍ୟିକ, ସୁଖ୍ୟାତି ସମ୍ପନ୍ନ ନାଟ୍ୟକାର, ଜଗନ୍ନାଥ ସଂସ୍କୃତିର ଭାଷ୍ୟକାର, ଗବେଷକ ତଥା ଭଞ୍ଜ ସାହିତ୍ୟର ଗବେଷକ ଥିଲେ। ତାଙ୍କ ପରି ମହାନ୍ ଓ ବିରଳ ପ୍ରତିଭାଙ୍କ ସ୍ଥାନ ସାରସ୍ୱତ କ୍ଷେତ୍ରରେ ଅପୂରଣୀୟ ହୋଇ ରହିବ ବୋଲି ସମ୍ପାଦକ ବେହେରା ସଭାପତିତ୍ୱ ଭାଷଣରେ କହିଥିଲେ। ସେ ଶିକ୍ଷା ବିଭାଗର ଜଣେ ଦକ୍ଷ ନିର୍ଦ୍ଦେଶକ ଭାବେ କର୍ମ କରି ଅବସର ନେଇଥିଲେ। ଆଜି ତାଙ୍କ କୃତୀ ପ୍ରତିଟି ସଂସ୍କୃତିପ୍ରେମୀମାନଙ୍କ ହୃଦୟରେ ଚିର ଭାସ୍ୱର ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ।

# '୨୦୨୪ ପୂର୍ବରୁ ପ୍ରତି ଘରକୁ ଆସିବ ପିଇବା ପାଣି'

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

୨୦୧୯ ନିର୍ବାଚନ ସମୟରେ ବାରଙ୍ଗ-ବାଙ୍କୀ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଘରକୁ ପାଣି ସଂଯୋଗୀକରଣ କରିବାର ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ ଦେଇଥିବା ପ୍ରତିଶ୍ରୁତି ଖୁବଶୀଘ୍ର ପୂରଣ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ସରଣ୍ଡା ଅଞ୍ଚଳରେ ୭ଟି ପଞ୍ଚାୟତ ଓ ଦ୍ୱିତୀୟ ପର୍ଯ୍ୟାୟରେ ଡମପଡା ବ୍ଲକର ୧୬ ପଞ୍ଚାୟତ ଓ ବାଙ୍କୀ ବ୍ଲକର ୧୩ଟି ପଞ୍ଚାୟତ ସହ ବାରଙ୍ଗର ରାମଦାସପୁର ଓ ମୁଣ୍ଡଳୀକୁ ନେଇ ୨ଟି ପଞ୍ଚାୟତ ସାମିଲ କରାଯାଇଛି। ବାକି ରହିଯାଇଥିବା ଦାଢାପାଟଣା, ଶ୍ରୀବନ୍ତପୁର, ମଧୁପୁର, କୁହ୍ନେଇପଡା, ବେଳଗଛିଆ, ନରାଜ-ମାର୍ଥାପୁରକୁ ନେଇ ୬ଟି ପଞ୍ଚାୟତକୁ ଖୁବଶୀଘ୍ର ପାଣି ସଂଯୋଗୀକରଣ କରାଯିବ। ଉକ୍ତ ଅଞ୍ଚଳଗୁଡ଼ିକରେ ଆସୁଥିବା ପାଣିରେ ଆଇରନ ପଡ଼ୁଥିବାରୁ ନୂଆକରି ପ୍ରକଳ୍ପ ପାଇଁ ସର୍ଭେ, ଅନୁସନ୍ଧାନ, ପ୍ରକଳ୍ପ ପ୍ରସ୍ତୁତି ଓ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ପୂର୍ବରୁ କ୍ୟାବିନେଟ ଅନୁମୋଦନ ପାଇଁ ଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ୬ଟି ପଞ୍ଚାୟତକୁ ଜଳ ଯୋଗାଇବା ପାଇଁ ଜଳଉତ୍ସରୁ ଆବଶ୍ୟକୀୟ ପାଣି ପର୍ଯ୍ୟାପ୍ତ ନହେବାରୁ ଏହାକୁ ତୃତୀୟ ପର୍ଯ୍ୟାୟରେ ସାମିଲ କରାଯାଇଛି। ଆସନ୍ତା ୨୦୨୪ ମସିହା ପୂର୍ବରୁ ଏହି ୬ପଞ୍ଚାୟତର ପ୍ରତ୍ୟେକ ଘରକୁ ପାଣି ଯୋଗାଯାଇ ସାରିଥିବ ବୋଲି ବୁଧବାର ମଧୁପୁର ପୂର୍ବତନ ସରପଞ୍ଚଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତ୍ରିପାଠୀ ଯୋଗଦେଇ କହିଛନ୍ତି।

ଏହି ସମ୍ମିଳନୀରେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ଦଳେଇ, ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ରାଉତ, ବାରଙ୍ଗ ବ୍ଲକ କାର୍ଯ୍ୟକାରୀ ସଭାପତି ଅଶୋକ ରାଉତ, ନିରଞ୍ଜନ ସାହୁ, ସନ୍ତୋଷ ପାଣି, ତପନ ସେଠୀଙ୍କ ସମେତ ମଧୁପୁର ପୂର୍ବତନ ସରପଞ୍ଚ, ବେଲଗଛିଆ ସରପଞ୍ଚ ଓ ସମିତସଭ୍ୟ, ଦାଢାପାଟଣା ସରପଞ୍ଚ, ନରାଜ ସରପଞ୍ଚ, ମୁଣ୍ଡଳୀ ସମିତିସଭ୍ୟ, ରାମଦାସପୁର ସରପଞ୍ଚ ଓ ସମିତିସଭ୍ୟ, କୁହ୍ନେଇ ପଡା ସମିତିସଭ୍ୟ ଉପସ୍ଥିତ ଥିଲେ।

# ସହରରେ ଏକାଧିକ ଡ୍ରେନ ମୁକୁଳା

**ଖୋର୍ଦ୍ଧା ଅଫିସ,୧୧।୫**

ଖୋର୍ଦ୍ଧା ସହରରେ ଏକାଧିକ ଡ୍ରେନ ମୁକୁଳା ହୋଇ ପଡ଼ିରହିଛି। ଏଥିଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ଗତବର୍ଷ ରାଜଧାନୀରେ ଜଣେ ଛାତ୍ର ଡ୍ରେନରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଖୋର୍ଦ୍ଧାରେ ଏଭଳି ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ସହରର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଗଳିରେ ରହିଥିବା ଡ୍ରେନ ମୁକୁଳା ପଡ଼ିଛି। ଏକାଧିକ ଡ୍ରେନର କେଉଁଠି ଆରମ୍ଭ କେଉଁଠି ଶେଷ, ଏ ସମ୍ପର୍କରେ ପୌର ପ୍ରଶାସନ ନା ଡ୍ରେନେଜ ବିଭାଗ କାହା ପାଖରେ ମଧ୍ୟ ସୂଚନା ନାହିଁ। ଉଭୟ ପରସ୍ପରକୁ କାଦୁଆ ଫିଙ୍ଗାଫିଙ୍ଗି ହେଉଛନ୍ତି। ଅନେକ ଡ୍ରେନ ବର୍ଷ ବର୍ଷ ଧରି ସଫା କରାଯାଉ ନାହିଁ। ଫଳରେ ସହରରୁ ବାହାରୁଥିବା ଅଳିଆ ଆର୍ବଜନା ପଡି ପୋତି ହେଲାଣି। ଅନ୍ୟପଟେ ଦୀପତଳ ଅନ୍ଧାର ଭଳି ପୌର ପ୍ରଶାସନର ଶହେ ମିଟର ପରଧି ମଧ୍ୟରେ ରହିଥିବା କୌଣସି ଗୋଟିଏ ଡ୍ରେନରେ



ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ଡ୍ରେନ୍।

ସ୍ଲାବ ପଡିନି। ଏଥିସହିତ ଖ୍ରୀଷ୍ଟିୟାନ ସାହି, ଚର୍ଚ୍ଚ, ମସଜିଦ୍ ଏବଂ ପୂର୍ତ୍ତ ବଙ୍ଗଳା ସମ୍ମୁଖ, ବରୁଣେଇ ସାହି, ଉପରସାହି, ତଳସାହି, ବାସେଳି ସାହି, ଗୁରୁଜଙ୍ଗ, ଡକ୍ଟରସ ଲେନ, ବଙ୍କିଲେନ, ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୋପାଳବଲ୍ଲଭ ସାହି, ଶ୍ରୀରାମ ନଗର, ସମେତ ୨୨ଟି ୱାର୍ଡର ସମସ୍ତ ଡ୍ରେନରେ ସ୍ଲାବ ପଡ଼ିନି।

ଅନେକ ସ୍ଥାନରେ ସ୍କୁଲ ନିକଟରେ ଥିବା ଡ୍ରେନ ମଧ୍ୟ ମୁକୁଳା ପଡିଥିବାବେଳେ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ପ୍ରତିବର୍ଷ ବିଭିନ୍ନ ବାବଦକୁ ପୌର ପ୍ରଶାସନ କୋଟି କୋଟି ଟିକସ ଆଦାୟ କରୁଛି। ତେବେ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ଏବଂ ମରାମତି କରଯାଉ ନ ଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ

## ■ ମରାମତି, ରକ୍ଷଣାବେକ୍ଷଣ କରାଯାଉନି
## ■ ନିର୍ମାଣ କାମ ଅଧାପନ୍ତରିଆ

ସାହିଗଳିରେ ରହିଥିବା ଡ୍ରେନରେ ସ୍ଲାବ ପଡି ନ ଥିବା କଂଗ୍ରେସ ନେତା ଶିଶିର ପରିଡା ଅଭିଯୋଗ କରିଛନ୍ତି। ସେହିଭଳି ବରୁଣେଇ ସାହିର ଶୁଭ୍ରରଞ୍ଜନ ଦାସ କୁହନ୍ତି, କାମନାବର ମନ୍ଦିରଠାରୁ ଉପରସାହି, ଏଠାରୁ ବରୁଣେଇ ସାହି ହୋଇ ପୁରୁଣା ଦମକଳ ଛକ ଏଭଳି ବହୁ ଛକର ଡ୍ରେନ ମୁକୁଳା ପଡିଛି। ଷ୍ଟେଟବ୍ୟାଙ୍କଠାରୁ କୋର୍ଟ ପଛକୁ ସଂଯୋଗ କରୁଥିବା ଏକ ଡ୍ରେନ, ଚାନ୍ଦବାରି ପଡିଆ(ପୁରୁଣା ଷ୍ଟାଡିୟମ)ଠାରୁ ବିଏସଏନଏଲ ଅଫିସ ପର୍ଯ୍ୟନ୍ତ ନିର୍ମାଣାଧୀନ ଡ୍ରେନ ଅଧପନ୍ତରିଆ ରହିଛି। ଭାଜପା ଯୁବନେତା ଦେବବ୍ରତ ଆଚାର୍ଯ୍ୟ କୁହନ୍ତି, ଖୋର୍ଦ୍ଧା ସହର ଡ୍ରେନରେ ଭାସି ଯିବା ଭଳି ସମସ୍ୟା ନ ଥିଲେ ମଧ୍ୟ ଅନେକ ସମୟରେ ଯାତାୟାତ ବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ସାହିଗଳିରେ ପିଲାମାନେ ଖେଳୁଥିବା ବେଳେ ମୁକୁଳା ଡ୍ରେନରେ ପଡି ଆହତ ହେବା ଭଳି ନଜିର ରହିଛି। ପ୍ରାୟ ବର୍ଷା ଦିନ ପୂର୍ବରୁ ଥରେ ଅଧେ ଡ୍ରେନ ଗୁଡିକ ସଫା କରାଯାଏ, ତାପରେ ପ୍ରଶାସନ ପକ୍ଷରୁ ବର୍ଷ ବର୍ଷ ଧରି କୌଣସି ସଫା କରାଯାଉ ନାହିଁ। ଶ୍ରୀରାମ ନଗର ହାଉସିଂ ବୋର୍ଡ ଗୋପାଳ ଦାସ କୁହନ୍ତି, ଆମ ଆଗରେ ଥିବା ଡ୍ରେନ ପୋତି ହୋଇ ଅନାବନା ଗଛଲତା ମାଡିଗଲାଣି। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, ବିଡିଏ କଲୋନୀରେ ଅନେକ ଡ୍ରେନ ପୋତିହୋଇଗଲାଣି। ବର୍ଷା ହେଲେ ଅଳିଆ, ଅପିଷ୍କାର ପାଣି ରାସ୍ତାରେ ଭାସୁଛି। ମୁକୁଳା ଡ୍ରେନଗୁଡିକେ ଭାଙ୍ଗିରୁଜି ଗଲାଣି। ଅନେକ ସ୍ଥାନରେ ଡ୍ରେନଗୁଡ଼ିକୁ ଜବରଦଖଲ କରାଯାଇ ଏହା ଉପରେ ଦୋକାନ କରାଯାଇଥିବା ନଜିର ରହିଛି। ଫଳରେ ବର୍ଷା ହେଲେ ବର୍ଷା ଜଳ ରାସ୍ତା ଉପରେ ଲହଡି ମାଡୁଛି। ଏ ନେଇ ପୌର ଉପାଧକ୍ଷ ସୌମ୍ୟରଞ୍ଜନ ମହାନ୍ତି କୁହନ୍ତି, ମୁକୁଳା ଡ୍ରେନ ଉପରେ ଖୁବ୍‌ଶୀଘ୍ର ସ୍ଲାବ ପକାଇବା ପାଇଁ ବ୍ୟବସ୍ଥା କରାଯିବ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଘାଟିତ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାରରେ ୫ ଦିନ ବ୍ୟାପୀ ହେବାକୁ ଥିବା ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନରେ ପୁରୀରୁ ଆସିଥିବା ଆଜ୍ଞାମାଳକୁ ଶୋଭାଯାତ୍ରାରେ ନିଆଯାଇ କପାଳେଶ୍ୱର ମନ୍ଦିରରେ ନିର୍ମିତ ଆସ୍ଥାନରେ ପ୍ରତିଷ୍ଠା କରିଥିଲେ। ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ହୋଇଥିଲା। ସନ୍ଧ୍ୟାରେ ଆଳତି ପରେ ଜଗନ୍ନାଥ ସଂସ୍କୃତି ଓ ମାହାତ୍ମ୍ୟ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ସକାଳେ ନଗର ସଂକୀର୍ତ୍ତନ ଓ କଳସ ଶୋଭାଯାତ୍ରା ହୋଇଥିଲା। ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ମହିଳାପୁରୁଷ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ।

### ସଂକ୍ଷେପରେ

## ସ୍କୁଟି, ଟଙ୍କା ଚୋରିକୁ ନେଇ ପୋଲିସ ନାକେଦମ

ଆଠଗଡ,୧୧।୫(ସ୍ୱ.ପ୍ର.): ଆଠଗଡ ଥାନା ଅନ୍ତର୍ଗତ ରଥଗଡାସ୍ଥିତ ଷ୍ଟାଇଲ ବଜାର ଆଗରୁ ବୁଧବାର ସ୍କୁଟି ସହ ସେଥିରେ ଥିବା ୨୯ ହଜାର ଟଙ୍କା ଓ ଆବଶ୍ୟକ କାଗଜପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଚୋରି ଯାଇଥିବା ଗାଡି ଓ ଟଙ୍କାକୁ ଉଦ୍ଧାର କରିବାକୁ ଯାଇ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ସୂଚନଯୋଗ୍ୟ, ଆଠଗଡ ଏନ୍‌ଏସିର କଣ୍ଡୋଲ ଗାଁର ଦୀପ୍ତିମୟୀ ବେହେରା ବ୍ୟାଙ୍କରେ ସୁନା ବନ୍ଧକ ରଖି ୨୯ ହଜାର ଟଙ୍କା ଋଣ ଆକାରରେ ଆଣି ସ୍କୁଟି ଡିକିରେ ରଖି ଜିନିଷ କିଣିବାକୁ ଷ୍ଟାଇଲ ବଜାର ଭିତରକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ରାଜନଗର ଗାଁର ଅକ୍ଷୟ କୁମାର ବିଶ୍ୱାଳ ସ୍କୁଟି ନେଇ ପଳାଇଥିଲେ। ବଜାରରୁ ଫେରି ଦୀପ୍ତିମୟୀ ସ୍କୁଟି ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଷ୍ଟାଇଲ ବଜାରର ସିସିଟିଭି ଫୁଟେଜରୁ ଅକ୍ଷୟ ଗାଡି ନେଉଥିବା ଦେଖିବାକୁ ପାଇଥିଲେ। ସେ ଆଣି ଛାଡି ଯାଇଥିବା ବାଇକ୍‌କୁ ଜବତ କରି ଥାନାକୁ ଆଣିଥିଲେ। ଅକ୍ଷୟ ନିଶାସକ୍ତ ଅବସ୍ଥାରେ ଚାନ୍ଦବାଲି ଛକଠାରେ ଏହି ସ୍କୁଟି ଥୋଇ ଅନ୍ୟ ଜଣେ ବ୍ୟକ୍ତିଙ୍କର ବାଇକ୍‌କୁ ନେଇଯାଉଥିବା ବେଳେ ସ୍ଥାନୀୟ ଲୋକ କାବୁ କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଅକ୍ଷୟଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସ୍କୁଟି ନେବା ବିଷୟରେ ଜଣାପଡିଥିଲା। ପୋଲିସ ଚାନ୍ଦବାଲି ଛକରୁ ସ୍କୁଟି ସହ ଟଙ୍କା ଜବତ କରିଥିଲା।

## 'ଶରୀର ହେଉଛି ଜଟିଳ ପ୍ରଯୁକ୍ତି ବିଦ୍ୟାର ଉଦାହରଣ'

### ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ,୧୧।୫: ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଅବସରରେ ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ରାଜ୍ୟର ତିନୋଟି ସ୍ଥାନରେ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ କହିଥିଲେ, ଶରୀର ହେଉଛି ଜଟିଳ ପ୍ରଯୁକ୍ତି ବିଦ୍ୟାର ଉଦାହରଣ। ଡ. ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମଣ୍ଡଳର ପୂର୍ବତନ ସଭାପତି ଡ. ଲମ୍ବୋଦର ପ୍ରସାଦ ସିଂ, ଡ. ସୁଶାନ୍ତ କୁମାର ମହାନ୍ତି, ବି. କେ. ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଦ୍ମପୁର ଜେନିଥ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଡ. ପଦ୍ମନାଭ ଯୋଗୀ ଯୋଗଦେଇ ଭାରତରେ ପ୍ରଯୁକ୍ତି ବିଦ୍ୟାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କୋରାପୁଟ ମହାବିଦ୍ୟାଳୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଦୀପକ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଶରତ କୁମାର ପଳିତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶୀଲ କୁମାର ଗଡ଼ନାୟକ, ଅନିଲ କୁମାର ପରିଡା, ଆଦିତ୍ୟ ପ୍ରସାଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପ୍ୟୁଟରୀକରଣ କରାଯିବ ରେକର୍ଡ ଗୃହର ନଥି

### ଏସ୍‌ସିବି ମେଡିକାଲର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

- ଶୀତତାପ ନିୟନ୍ତ୍ରିତ କୋଠରିରେ ବୃଦ୍ଧି ହେବ ଡ୍ରୟର ସଂଖ୍ୟା
- ଷ୍ଟ୍ରେଚର ବାହକ, ୬ଟି ବ୍ୟାଟେରି ଆମ୍ବୁଲାନ୍ସ ଦେବାକୁ ଓଏମ୍‌ସିକୁ କୁହାଯିବ



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କଟକ ଅଫିସ, ୧୧।୫

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରି ସମସ୍ତ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ପ୍ରୟୋଗରେ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏସ୍‌ସିବି ମେଡିକାଲର ନବକଳେବର ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ହାତକୁ ନେଇଛନ୍ତି। ସେହିପରି ସ୍ୱାସ୍ଥ୍ୟସେବା ମାନରେ ଅଭିବୃଦ୍ଧି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ଏସ୍‌ସିବି ମେଡିକାଲର ସ୍ୱାସ୍ଥ୍ୟ ବିକାଶ ସମିତି ସାଧାରଣ ପରିଷଦ ବୈଠକ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଦଳାଇ ଅଧକ୍ଷତା କରି କହିଥିଲେ, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପଲବ୍ଧ ହେଉଥିବା ଶୀତତାପ ନିୟନ୍ତ୍ରିତ କୋଠରିରେ ଚାରିଥାକ ବିଶିଷ୍ଟ ଡ୍ରୟର ସଂଖ୍ୟା ବୃଦ୍ଧି କରାଯିବ। ଏଥିନିମନ୍ତେ ଅତିରିକ୍ତ ୧୨ଟି ଡ୍ରୟର କ୍ରୟ କରାଯିବ। ଫଳରେ ବ୍ୟବଚ୍ଛେଦ ନିମନ୍ତେ ଆସୁଥିବା ସମସ୍ତ ମୃତଦେହକୁ ଶୀତତାପ ନିୟନ୍ତ୍ରିତ କୋଠରିରେ ରଖାଯାଇପାରିବ। ସେହିଭଳି ଷ୍ଟ୍ରେଚର ବାହକ ସଂଖ୍ୟାରେ ବୃଦ୍ଧି ଓ ଅତିରିକ୍ତ ୬ଟି ବ୍ୟାଟେରି ଚାଳିତ ଆମ୍ବୁଲାନ୍ସ ଯୋଗାଇଦେବା ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଅନୁରୋଧ କରାଯିବ। ଏଥିସହ ଅତିରିକ୍ତ ୧୨ ଜଣ ତଥ୍ୟ ପଞ୍ଜୀକରଣ ସଞ୍ଚାଳକ, ୪ ଜଣ ଇସିଜି ବୈଷୟିକ ସହାୟକ ଓ ରେଡିଓ ଗ୍ରାଫରଙ୍କୁ ସ୍ୱାସ୍ଥ୍ୟ ବିକାଶ ସମିତି ମାଧ୍ୟମରେ ନିଯୁକ୍ତି ଦିଆଯିବ। ସେହିପରି ୧୦୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ଓ ରେକର୍ଡ ଗୃହରେ ଥିବା ନଥିର କମ୍ପ୍ୟୁଟରୀକରଣ କରାଯିବ ବୋଲି ଡ. ଦଳାଇ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଏସ୍‌ସିବି ମେଡିକାଲ ଉପାଧ୍ୟକ୍ଷ ପ୍ରଫେସର ଡା. ବନବିହାରୀ ମିଶ୍ର, ଏସ୍‌ସିବି ମେଡିକାଲ ଅଧୀକ୍ଷକ ତଥା ସ୍ୱାସ୍ଥ୍ୟ ବିକାଶ ସମିତି ସଚିବ ପ୍ରଫେସର ଡା. ଲୁସି ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଗୋଷ୍ଠୀସ୍ତରୀୟ ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ଶିବିର

ଟିଗିରିଆ,୧୧।୫ (ଡି.ଏନ.ଏ.)

ଟିଗିରିଆ ନିଜିଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଆନୁକୂଲ୍ୟରେ ବେକାର ଯୁବତୀଯୁବକ ନିମନ୍ତେ ଏକ ଗୋଷ୍ଠୀସ୍ତରୀୟ ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓର୍‌ମାସ ଏବଂ ରୋମାନ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଥିଲା। ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରଦୀପ କୁମାର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ହରିଜନ ଓ ଆଦିବାସୀ ବର୍ଗର ୭୧ଜଣ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୦ଜଣଙ୍କୁ ଶିବିରକୁ ଆସିଥିଲେ। କମ୍ପାନୀର କର୍ମଚାରୀ ସେମାନଙ୍କୁ ନିଯୁକ୍ତି ପାଇଁ ଚୟନ କରିଥିବା ଜଣାପଡ଼ିଛି। ଶିବିରରେ ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ଉପାଧକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଦସ୍ୟା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି କମ୍ପାନୀର କାର୍ଯ୍ୟକ୍ରମ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଚିନ୍ମୟ କୁମାର ପାତ୍ରଙ୍କ ସହ ଓର୍‌ମାସର ଗୋଷ୍ଠୀ ସ୍ତରୀୟ ସଂଯୋଜକ ଧର୍ମରାଜ ଜେନା, ମଞ୍ଜୁଳା ସାମଲ, ବିଶ୍ୱଜିତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ମିଶନ ଶକ୍ତିର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



ଗୋଷ୍ଠୀସ୍ତରୀୟ ସ୍ୱତନ୍ତ୍ର ନିଯୁକ୍ତି ପରାମର୍ଶ ଶିବିରରେ ମଞ୍ଚାସିନ ଅତିଥି ବୃନ୍ଦ।

# କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ

### ସ୍କୁଲ ପାଚେରି ଭଙ୍ଗା ଘଟଣା

କଣ୍ଟାପଡା,୧୧।୫(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବଡ ପାଟସୁନ୍ଦରପୁରସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚେରିକୁ କେତେଜଣ ବ୍ୟକ୍ତି ଗତ ୬ ତାରିଖରେ ଜେସିବି ଲଗାଇ ଭାଙ୍ଗିଦେଇଥିଲେ। ଏହି ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ, ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆସନ୍ତା ୭ଦିନ ଭିତରେ ପାଚେରି ଭାଙ୍ଗିଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ ଶିକ୍ଷାଧିକରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ, ବିଡିଓ, କଟକ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଉତ୍ତରପାର୍ଶ୍ୱରେ ନିର୍ମିତ ହୋଇଥିବା ପାଚେରିର ପ୍ରାୟ ୨୫ ଫୁଟ ଅଂଶକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ଏଥିଯୋଗୁ ସ୍କୁଲ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଇଛି ବୋଲି କମିଟି ପକ୍ଷରୁ ଅଭିଯୋଗ ହୋଇଛି। କୌଣସି କାରଣ ନ ଥାଇ କାହା ନିର୍ଦ୍ଦେଶରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପାଚେରିକୁ ଭାଙ୍ଗି ଦିଆଗଲା ବୋଲି ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ ସ୍କୁଲ ପାଚେରି ଭାଙ୍ଗିଥିବା ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସ୍କୁଲ ପରିଚାଳନା କମିଟି ସ୍ଥାନୀୟ ପୋଲିସ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ବ୍ଲକ ଶିକ୍ଷାଧିକାରୀ ପ୍ରତାପଚନ୍ଦ୍ର ପ୍ରଧାନ କହିଛନ୍ତି, ହାଇସ୍କୁଲ ମୋ ଅଧୀନରେ ନାହିଁ। ତେଣୁ ଏ ସମ୍ପର୍କରେ ମୋ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ।

## ଆଇଏସ୍‌ଟିଇ କନ୍‌ଭେନସନରେ ଡ୍ରିମ୍‌ସ ଛାତ୍ରୀଛାତ୍ରଙ୍କ କୃତିତ୍ୱ

କଟକ ଅଫିସ, ୧୧।୫

ଇଣ୍ଡିଆନ୍ ସୋସାଇଟି ଫର ଟେକ୍ନିକାଲ ଏଜୁକେଶନ୍ (ଆଇଏସ୍‌ଟିଇ) ଓଡ଼ିଶା ଶାଖାର ୨୨ତମ ଷ୍ଟୁଡେଣ୍ଟ କନ୍‌ଭେନସନ୍‌ରେ ଡ୍ରିମ୍‌ସ ପଲିଟେକ୍ନିକ୍‌ର ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନକୌଶଳ ଆଧାରିତ ପୋଷ୍ଟର, ବକ୍ତୃତା ଓ ପ୍ରୋଜେକ୍ଟ ପ୍ରସ୍ତୁତିରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉଭୟ ଏକକ ଓ ଦଳଗତ ସଫଳତା ପାଇଛନ୍ତି। ବକ୍ତୃତାରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ର ସାଜିଦ୍ ଆନ୍‌ସାରୀ ପ୍ରଥମ, କମ୍ପ୍ୟୁଟର ଇଞ୍ଜିନିୟରିଂ ଛାତ୍ର ବିଶ୍ୱଜିତ୍ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଇଏସ୍‌ଟିଇ ସଂଯୋଜକ କୁଞ୍ଜବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା, ରାଜୀବ ଲୋଚନ ପଣ୍ଡା ଓ ଅଧ୍ୟାପିକା ସୁଧାରାଣୀ ସାହୁଙ୍କ ମାର୍ଗଦର୍ଶନରେ ୨୪ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ତପସ୍ୱିନୀ ସାହୁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ପାଇବେ ଉତ୍କଳ ରତ୍ନ ସମ୍ମାନ

### ଉତ୍କଳ ସାହିତ୍ୟ ସମାଜର ସମ୍ମାନ ଘୋଷିତ

କଟକ ଅଫିସ, ୧୧।୫

ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଚଳିତ ବର୍ଷର ସର୍ବୋଚ୍ଚ ସମ୍ମାନ 'ଉତ୍କଳ ରତ୍ନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ନରସିଂହ ମିଶ୍ରଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ଅରବିନ୍ଦ ରାୟଙ୍କୁ ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ଇଂ. ଧନୁର୍ଦ୍ଧର ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ସୌଭାଗିନୀ ରାୟଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ବିପିନ ନାୟକଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. ମନ୍ମଥ କୁମାର ପ୍ରଧାନଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସାହିତ୍ୟ ସମ୍ମାନ ଦିଆଯିବ। ଏଥିସହ ଡ. ଲାବଣ୍ୟଚନ୍ଦ୍ର ସାହୁଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ଜୟିରାମ ସାମଲଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, କୁମାର ହସନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, ଡ. ବ୍ରଜକିଶୋର ସ୍ୱାଇଁଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡ. ବିଜୟିନୀ ସିଂହଦେଓଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ପ୍ରସନ୍ନ କୁମାର ମହାନ୍ତିଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସତ୍ୟାନାଶ (ପ୍ରଭାକର ନାୟକ)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ରାସେଶ୍ୱରୀ ମିଶ୍ରଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଅଲେଖ ବିଶ୍ୱାଳଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଘନଶ୍ୟାମ ପଣ୍ଡାଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ସୁବାସ ଦାସଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ ଦିଆଯିବ। ସେହିପରି ଅନସୂୟା ମିଶ୍ରଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଅଞ୍ଜନ ଚାନ୍ଦଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ରାଧାମୋହନ ସାହୁଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ, ରବିନାରାୟଣ ଦାଶଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ଜୀବାନନ୍ଦ ମିଶ୍ର (ବିଦ୍ୟାପୁରୀ)ଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ସଦାନନ୍ଦ ନାୟକଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କ୍ଷେତ୍ରବାସୀ ସାହୁଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ ଓ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ବିଚାରକମାନଙ୍କ ଚୂଡ଼ାନ୍ତ ରାୟ ଓ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଜୁଲାଇ ୨ ଓ ୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ବୁଧବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# 'ସଫଳ କର୍ମଯୋଗୀ ଥିଲେ ରବି ଦାଶ'



ସାମ୍ୟବାଦୀ ନେତା ରବି ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ ଅଫିସ, ୧୧।୫

ବିଶିଷ୍ଟ ସାମ୍ୟବାଦୀ ନେତା ତଥା ସାମାଜିକ କର୍ମୀ ରବି ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର କଟକ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଚାରପତି ଚୌଧୁରୀ ପ୍ରତାପ ମିଶ୍ର ଉଦ୍‌ଘାଟନ କରି କହିଥିଲେ, ରବି ଦାଶ ଜଣେ ସଫଳ ସାମ୍ୟବାଦୀ, କର୍ମଯୋଗୀ ଓ ସାମାଜିକ କର୍ମୀ ଥିଲେ। ଏହି ଅବସରରେ ଦାଶଙ୍କ ବିଷୟରେ ଲେଖାଯାଇଥିବା ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ପ୍ରଫେସର ମନୋରଞ୍ଜନ ମହାନ୍ତି, ସାମ୍ବାଦିକ ରବି ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, କିଶୋର ଜେନା, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ପୂର୍ବତନ ପୋଲିସ ଡିଜି ବିଦ୍ୟା ମହାନ୍ତି, ବିଧାୟକ ଶଶିଭୂଷଣ ବେହେରା, ସଂଗ୍ରାମୀ ଫୋରମର ପ୍ରଶାନ୍ତ ଦାସ, ଶୈଳଜା ରବି, ନମିତା ପଣ୍ଡା, କଳାହାଣ୍ଡି ବିକାଶ ପରିଷଦର ତୁଳସୀ ରାମ ଜଗତ, ପୂର୍ବତନ ଆଡଭୋକେଟ୍ ଜେନେରାଲ ଅଶୋକ ମହାନ୍ତି, ଲୋକସେବକ ମଣ୍ଡଳୀର ଡ. ପ୍ରଭାସ ଆଚାର୍ଯ୍ୟ, ଶିଶିର ଦାସ, ଆଶିଷ ସେନାପତି, ଦେବେନ୍ଦ୍ର ସୂତାର, ହୁସେନ ରବି ଗାନ୍ଧୀ, ପୂର୍ବତନ ଏମ୍‌ପି ମୋହନ ଜେନା ପ୍ରମୁଖ ଯୋଗଦେଇ ଦାଶଙ୍କ ସ୍ମୃତିଚାରଣ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

କଣ୍ଟାପଡା,୧୧।୫(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ପ୍ରସିଦ୍ଧ ବାଟଗୋସାଇଁ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଗମାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞରେ ସରୋଜ ଦାସ, ମଧୁସୂଦନ ମିଶ୍ର ଯଜ୍ଞର ପୂର୍ଣ୍ଣାହୁତି ଦେଇଥିଲେ। ଗିରିଶ୍ଚନ୍ଦ୍ର ଦାସ, ପ୍ରଶାନ୍ତ ଦାସ, ଜଗବନ୍ଧୁ ଦାସ, ପ୍ରତାପ ଦାସ, ପ୍ରଦୀପ୍ତ ଦାସ ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ।

# ଖୁଣ୍ଟୁଣୀରେ ଦମକଳ କେନ୍ଦ୍ର ସ୍ଥାପନ ଦାବି

### ନିଆଁ ଲାଗିଲେ ୧୮ କି.ମି. ଦୂରରୁ ଆସୁଛି ଦମକଳ

ଖୁଣ୍ଟୁଣୀ,୧୧।୫(ଡି.ଏନ୍.ଏ.)

କଟକ ଜିଲାର ଖୁଣ୍ଟୁଣୀଠାରେ ଏକ ଦମକଳ କେନ୍ଦ୍ର ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ନିଆଁ ଲାଗିଲେ ଦୂରରୁ ଦମକଳ ଆସିବା ଭିତରେ ଲୋକଙ୍କୁ ବହୁ କିଛି ହରାଇବାକୁ ପଡୁଛି। ତେଣୁ ଉକ୍ତ ଅଞ୍ଚଳରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କିଛି ବର୍ଷ ହେବ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖୁଣ୍ଟୁଣୀ ବଜାର ମଧ୍ୟ ଦେଇ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ଗ୍ରାମପଞ୍ଚାୟତର ଲୋକ ସଂଖ୍ୟା ୧୧ ହଜାରରୁ ଅଧିକ ଓ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନରେ ପ୍ରାୟ ଲକ୍ଷାଧିକ ଲୋକ ଅଛନ୍ତି। ଖୁଣ୍ଟୁଣୀ ବଜାର ଉପରେ ୧୮ଟି ପଞ୍ଚାୟତର ନାଗରିକଙ୍କ ପାଇଁ ବିଭିନ୍ନ ବ୍ୟାଙ୍କ ସହ ବଡ଼ ଶିଳ୍ପାଞ୍ଚଳ, କାରଖାନା ରହିଛି। ଏଥିସହ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେଶନ, ଫରେଷ୍ଟ ରେଞ୍ଜ ଅଫିସ ଓ ପ୍ରାୟ ୨ହଜାର ହେକ୍ଟର ଜଙ୍ଗଲ ରହିଛି। ପ୍ରତିବର୍ଷ ଏହି ଜଙ୍ଗଲର କେତେକ ସ୍ଥାନରେ ନିଆଁ ଲାଗିଥାଏ। ସେହିପରି ଅନ୍ୟ ସ୍ଥାନରେ ଅଗ୍ନିକାଣ୍ଡ ଓ କିଛି ଘଟଣା ଘଟିଲେ ପ୍ରାୟ ୧୮ କି.ମି. ଦୂର ଆଠଗଡ଼ରୁ ଦମକଳ ଆସୁଛି। ମାତ୍ର ଏହି ସମୟ ମଧ୍ୟରେ ଅଧିକାଂଶ ସାମଗ୍ରୀ ନଷ୍ଟ ହେବା ସହ ବିଳମ୍ବ ଯୋଗୁ ଜୀବନ ମଧ୍ୟ ଯାଉଛି। ଅତୀତରେ ଖୁଣ୍ଟୁଣୀ ଗ୍ରାମରେ ନିଆଁ ଲାଗି ପ୍ରାୟ ୨୦୦ ଘର ଜଳିଯାଇଥିଲା। ଏହି ଘଟଣାକୁ ନେଇ ସେତେବେଳେ ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ବିଜୁ ପଟ୍ଟନାୟକଙ୍କୁ ସାମାଜିକ କର୍ମୀ ଡ. ରାଧାନାଥ ରଥ ଅନୁରୋଧ କରିଥିଲେ। ପରେ ଉଭୟ ଖୁଣ୍ଟୁଣୀରେ ଦମକଳ କେନ୍ଦ୍ର କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଏହାକୁ ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଦମକଳ କେନ୍ଦ୍ର ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ଅଞ୍ଚଳବାସୀ, ସ୍ଥାନୀୟ ପ୍ରତିନିଧିମାନେ ଦାବି କରିଆସୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏଣୁ ଏଠାରେ ତୁରନ୍ତ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଗ୍ରାମ କମିଟି ସଭାପତି ମନୋଜ ମିଶ୍ର, ଦିଲୀପ ଶେଠ, ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ଆଠଗଡ଼ ବିକାଶ ମଞ୍ଚ ସଭାପତି ମାନସ ରଞ୍ଜନ ବସ୍ତିଆଙ୍କ ସମେତ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଆଠଗଡ଼ ବିଧାୟକ, ଅଗ୍ନିଶମ ଡିଜିଙ୍କ ନିକଟରେ ଦାବି କରିଛନ୍ତି।

# ଶୈଳବାଳା କଲେଜ ଜମି ହସ୍ତାନ୍ତର ନ ହେଉ

### କଟକ ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ

କଟକ ଅଫିସ, ୧୧।୫

କଟକ ଚଣ୍ଡୀମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ କରାଯିବାର ଯୋଜନା ରହିଛି। ସେଥିପାଇଁ ଜମି ଅଧିଗ୍ରହଣ କରାଯିବ। ତେବେ ଏଥିପାଇଁ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଥିବା ନୂତନ ହଷ୍ଟେଲ ଏବଂ ଖେଳପଡିଆ ଜମିକୁ ସଂସ୍କୃତି ବିଭାଗ ନେବାର ଯୋଜନା ରହିଛି। ଏହାକୁ ନେଇ ମହାବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୁଧବାର ଛାତ୍ରୀମାନେ ଏନେଇ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଛାତ୍ରୀମାନଙ୍କ ପକ୍ଷରୁ କୁହାଯାଇଛି, ଶୈଳବାଳା କଲେଜ ୧୦୯ ବର୍ଷର ପୁରାତନ କଲେଜ। ଏହା ରାଜ୍ୟର ପ୍ରଥମ ଓ ଦେଶର ତୃତୀୟ ମହିଳା ମହାବିଦ୍ୟାଳୟ। ସ୍ୱାଧୀନତା ପୂର୍ବରୁ ଉକ୍ତ କଲେଜ ଛାତ୍ରୀଙ୍କ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା। ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ପୂର୍ବତନ ଉପରାଷ୍ଟ୍ରପତି ଏସ୍‌ଜେ ହାମିଦ୍ ଅନ୍‌ଶାରୀ ଏହି କଲେଜକୁ ଆସି ମହିଳାଙ୍କ ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ ଏହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହି ଐତିହ୍ୟ ସ୍ଥାନକୁ ଛାତ୍ରୀ ଓ ଜନସାଧାରଣ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଦାବି କରିଆସୁଛନ୍ତି। ହେଲେ ରାଜ୍ୟର ଏହି ପ୍ରଥମ ମହିଳା କଲେଜକୁ ଭିତ୍ତିଭୂମି ନ ଥିବା ଦର୍ଶାଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ କରାଯାଇଛି। ଉକ୍ତ କଲେଜକୁ ଅଧିକ ଜାଗା ଦେଇ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପରିବର୍ତ୍ତେ ଏହାର ଜାଗାକୁ ହଡ଼ପ କରିବାକୁ ଉଦ୍ୟମ କରାଯାଉଛି। ତେବେ ଏଭଳି ଘଟଣାରେ କଲେଜ ଯଦି ଜମି ହରାଏ ତେବେ ନୂଆ ୟୁଜିସି ଏବଂ ଏନ୍‌ଏଏସିରୁ ଏ ପ୍ଲସ୍ ଅନୁଦାନ ପାଇବ ନାହିଁ। କୌଣସି କାର୍ଯ୍ୟ ପାଇଁ କଲେଜ ଜମିରୁ ଏକ ଇଞ୍ଚ ମଧ୍ୟ କାହାକୁ ଦିଆ ନ ଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଛାତ୍ରୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ରେଳଷ୍ଟେଶନ ପରିସରରେ ଅଚଳ ଗାଡ଼ି ଜଳିଗଲା

**ପୁରୀ ଅଫିସ, ୧୧।୫:** ପୁରୀ ରେଳଷ୍ଟେଶନ ପରିସରସ୍ଥ ପାର୍ସଲ କାର୍ଯ୍ୟାଳୟ ନିକଟରେ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ଥିବା ଏକ ଟାଟା ଏସିଇ ଡାଲା ଗାଡ଼ିରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡ଼ିଟି ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗାଡ଼ିରେ ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ଏ ନେଇ ଜିଆର୍‌ପି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗାଡ଼ିଟି କାହାର, କାହା ଅନୁମତିରେ ଷ୍ଟେଶନ ପରିସରରେ ରହିଥିଲା, କିପରି ନିଆଁ ଲାଗିଲା ସେ ନେଇ ଜିଆର୍‌ପି ପକ୍ଷରୁ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

### ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ପୁରୀ ଅଫିସ, ୧୧।୫:** ପୁରୀସ୍ଥିତ ଶ୍ରୀଗୋବର୍ଦ୍ଧନ ମଠ ପକ୍ଷରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୨୯ତମ ଜୟନ୍ତୀ ସମାରୋହ ସପ୍ତଦିନ ବ୍ୟାପୀ ପାଳିତ ହୋଇଯାଇଛି। ବୁଧବାର ଶ୍ରୀବିଗ୍ରହଙ୍କ ପୁନଃ ପ୍ରତିଷ୍ଠା ସହ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ, ଶ୍ରୀମହାପ୍ରସାଦ ସେବା କରାଯାଇଥିଲା। ଉଦ୍‌ଯାପନ ସମାରୋହରେ ଦଣ୍ଡୀସ୍ୱାମୀ ଶ୍ରୀପୁରୁଷୋତ୍ତମାନନ୍ଦ ତୀର୍ଥ ଅଧ୍ୟକ୍ଷତା କରିଥିଲେ। ଆଦି ଶଙ୍କରାଚାର୍ଯ୍ୟ ମାତ୍ର ୩୨ବର୍ଷ ବୟସରେ ସମାଜକୁ ଶାସ୍ତ୍ରୀୟ ସନାତନ ସିଦ୍ଧାନ୍ତ ପ୍ରଦାନ କରିବା ସହିତ ସୁସଂସ୍କୃତ ସମାଜ ପାଇଁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଚାରିଧାମ ଆଦି ପୁନଃ ପ୍ରତିଷ୍ଠା କରିଥିଲେ ବୋଲି ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ସଚିବ ମାତୃପ୍ରସାଦ ମିଶ୍ର, ପ୍ରଦେଶ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶଙ୍କର ଜୟନ୍ତୀ ସଞ୍ଚାଳନ ସମିତି ଆବାହକ ବିଚିତ୍ରାନନ୍ଦ ମହାନ୍ତି, ଶୁଭେନ୍ଦୁ ସ୍ୱାଇଁ, ସୁଧାଂଶୁ ଶେଖର ମହାନ୍ତି, ଆଦିତ୍ୟ ବାହିନୀ କ୍ଷେତ୍ରୀୟ ସଚିବ ଦେବାଶିଷ ମିଶ୍ର, ନଗର ସଭାପତି ଗଣେଶ୍ୱର ମହାସୁଆର, ସଚିବ ତନ୍ମୟ ଚାଟାର୍ଜୀ, ସଂସ୍କୃତି ସଚିବ କୁମାର ଭୀମସେନ, ପୀତବାସ ନାୟକ, ସମ୍ପଦ ଆଚାର୍ଯ୍ୟ, ରବିନା ପଣ୍ଡା, ମାଗୁଣି ସାହୁ, ଜଗଦୀଶ ଆଚାର୍ଯ୍ୟ, ବାହୁବଳେନ୍ଦ୍ର ମଲ୍ଲିକ, ବରୁଣ ସାହୁ, ତିରୁପତି ମହାନ୍ତି, ରାକେଶ, ବିଶ୍ୱଶାନ୍ତି, ଶ୍ରୀନିବାସ ଏବଂ ଚିନ୍ମୟୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### ଈଶାଣେଶ୍ୱର ଦେବଙ୍କ ପୀଠରେ ବିଗ୍ରହ ପ୍ରତିଷ୍ଠା

**କଣାସ,୧୧।୫(ସ୍ୱ.ପ୍ର):** କଣାସ ବ୍ଲକ ବକୁ ପଞ୍ଚାୟତର ଶ୍ରୀମୁକୁନ୍ଦପୁରସ୍ଥିତ ଈଶାଣେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ କିଛିଦିନ ତଳେ ଈଶାଣେଶ୍ୱର ଦେବ, ମା’ ଦୁର୍ଗାଦେବୀ ଓ ରାଧାକୃଷ୍ଣ ଦେବଙ୍କ ଅଷ୍ଟଧାତୁ ନିର୍ମିତ ବିଗ୍ରହକୁ ଚୋରାଇ ନେଇଥିଲେ। ଫଳରେ ଗ୍ରାମବାସୀ ପୁନଶ୍ଚ ଈଶାଣେଶ୍ୱର ଦେବ, ମା’ ଦୁର୍ଗାଦେବୀ ଏବଂ ରାଧାକୃଷ୍ଣଙ୍କ ନୂତନ ବିଗ୍ରହ ଆଣି ପ୍ରତିଷ୍ଠା ଉତ୍ସବ ପାଳନ କରୁଛନ୍ତି। ୧୦ରୁ ୧୩ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ ହେବ। ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ନୂତନ ବିଗ୍ରହ ଗର୍ଭାଧାନ କର୍ମ, ନୂତନ ବିଗ୍ରହଙ୍କ ସ୍ନାନ, ଶୟନ ନୀତି ପ୍ରତିଷ୍ଠା, ପୂର୍ଣ୍ଣାହୁତି ଓ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହେବ ବୋଲି ପ୍ରମୋଦ କୁମାର ମିଶ୍ର ଜଣାଇଛନ୍ତି।

# ଖାଲରେ ଫସିଲା ଆମ୍ବୁଲାନ୍ସ, ବାଇକ୍‌ରେ ଗଲେ ରୋଗୀ

■ ରାସ୍ତା ଅବସ୍ଥା ଶୋଚନୀୟ
■ ଗାଡ଼ିକୁ ଠେଲି ଉଠାଇଲେ ଲୋକେ

କଣାସ, ୧୧।୫(ସ୍ୱ.ପ୍ର)

ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଏକ ୧୦୮ ଆମ୍ବୁଲାନ୍ସ ବୁଧବାର ୬ଘଣ୍ଟା ଧରି ଖାଲରେ ଫସିଯାଇଥିଲା। ଫଳରେ ଲୋକେ ଆମ୍ବୁଲାନ୍ସକୁ ଠେଲି ଠେଲି ଖାଲରୁ ଉଠାଇଥିବାବେଳେ ରୋଗୀଙ୍କୁ ପରିବାରବର୍ଗ ଏକ ବାଇକ୍‌ରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ଅନ୍ତର୍ଗତ ନଇକୂଳପାଟଣା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ନଇକୂଳପାଟଣା ଗ୍ରାମର ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ



ଲୋକମାନେ ଆମ୍ବୁଲାନ୍ସକୁ ଠେଲୁଛନ୍ତି।

ପରିବାର ଲୋକେ ଭୋରରୁ ଖବର ଦେଇଥିଲେ। ସକାଳ ୬ଟାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦୮ ଆମ୍ବୁଲାନ୍ସ ଆସି ନଇକୂଳପାଟଣା ଗ୍ରାମ ଅଭିମୁଖେ ଦୟାନଦୀ ବନ୍ଧରେ ଯାଉଥିଲା। ତେବେ ଗଡ଼ିଶାଗୋଦା ନିକଟ ବନ୍ଧର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗୋଟିଏ ଖାଲରେ ଆମ୍ବୁଲାନ୍ସ ଗଳିପଡ଼ିଥିଲା। ଆମ୍ବୁଲାନ୍ସର କର୍ମଚାରୀ ଓ ସ୍ଥାନୀୟ ଲୋକେ ଦୀର୍ଘ ୬ଘଣ୍ଟା ଧରି ପରିଶ୍ରମ କରି ଗାଡ଼ିଟିକୁ ଠେଲି ବାହାର କରିଥିଲେ। ତେବେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ରୋଗୀଙ୍କୁ ଏକ ମୋଟର ସାଇକେଲ୍ ଯୋଗେ ଅନ୍ୟ ରାସ୍ତାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା।

# ଶିରୁଳି ମହାବୀରଙ୍କ ପୀଠର ଉନ୍ନତି କରାଯାଉ

ପୁରୀ ଅଫିସ,୧୧।୫

**୫-ଟି ସଚିବଙ୍କୁ ଦାବିପତ୍ର**

ଶିରୁଳି ମହାବୀରଙ୍କ ପୀଠର ଉନ୍ନତୀକରଣ ଦାବି ନେଇ ପୁରୀ ଜିଲା ଅଧିବକ୍ତା ସଂଘ ପକ୍ଷରୁ ବୁଧବାର ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ପତ୍ରରେ ଉଲ୍ଲେଖ ରହିଛି, ପୁରୀ ଜିଲାର ଚନ୍ଦନପୁରଠାରୁ ୧୨ କି.ମି. ଦୂରରେ ଅବସ୍ଥିତ ଶିରୁଳି ମହାବୀର ମନ୍ଦିରର ନୀତିକାନ୍ତି ଶ୍ରୀମନ୍ଦିର ରୀତିନୀତି ସହିତ ଜଡ଼ିତ। ମହାବୀରଙ୍କ ଦର୍ଶନ ପାଇଁ ପ୍ରତିଦିନ ଅନେକ ଭକ୍ତ ଆସିଥାନ୍ତି। କିନ୍ତୁ ସେଠାରେ ଭକ୍ତଙ୍କ ପାଇଁ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ରାସ୍ତା ଓ ଯାତ୍ରୀଙ୍କ ରହିବା ପାଇଁ ଯାତ୍ରିନିବାସ ନାହିଁ। ଫଳରେ ସେବାୟତଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ତଥା ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫-ଟି ସଚିବ ତୁରନ୍ତ ଓଡ଼ିଶାର ଅନ୍ୟ ପୀଠ ଭଳି ମହାବୀର ମନ୍ଦିରର ଉନ୍ନତୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ଅନୁରୋଧ କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବିଶ୍ୱଜିତ୍ ରଥ, ଆବାହକ ଅନିଲ ସାହୁ, ଶୁଭାଶିଷ ମହାନ୍ତି, ସେବାୟତ ରଣଜିତ୍ ମହାପାତ୍ର ଏବଂ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି କରି ଯୁବକ ଗିରଫ

ପୁରୀ ଅଫିସ, ୧୧।୫

ସୁନା ଚେନ୍, ମୁଦି ଏବଂ ମନିପର୍ସ ଚୋରି କରିବା ଅଭିଯୋଗରେ ବାସେଲି ସାହି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଙ୍ଗଳାଘାଟ ଅଞ୍ଚଳର ରାଜେଶ କୁମାର ସାହୁ (୨୨)। ପୋଲିସ ରାଜେଶଙ୍କ ନିକଟରୁ ଏକ ସୁନାମୁଦି, ରୁପା ବ୍ରେସ୍‌ଲେଟ ସହ ବାଇକ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୦୬/୨୨) ରୁଜୁ କରିଛି।


ପୁରୀ ଶ୍ରୀଗୋବର୍ଦ୍ଧନ ମଠ ପକ୍ଷରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## ରଥଖଳାରୁ

### ଚାଲିଛି ତୁମ୍ବ ବିନ୍ଧ, ପନ୍ଦାରୀ ପୋଡ଼ା ଆରମ୍ଭ


କମାର ଶାଳରେ ବଳା ପ୍ରସ୍ତୁତ କରାଯାଉଛି।

ପୁରୀ ଅଫିସ, ୧୧।୫

ଅସ୍ଥାୟୀ ରଥଖଳାରେ ମହାରଣା ସେବକମାନେ ତିନିରଥର ତୁମ୍ବ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣର ଅଷ୍ଟମ ଦିବସ ସୁଦ୍ଧା ବୁଧବାର ତାଳଧ୍ୱଜ ରଥର ତିନୋଟି ତୁମ୍ବ ବିନ୍ଧ କାର୍ଯ୍ୟ ସରିଥିବାବେଳେ ବାକି ୧୧ ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ସେହିପରି ଦେବଦଳନ ରଥର ମୋଟ ୧୨ଟି ତୁମ୍ବରୁ ୩ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଥିବାବେଳେ ୯ଟିର ବିନ୍ଧ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ତୁମ୍ବ ମଧ୍ୟରୁ ୬ଟିର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ବାକି ୧୦ଟି ତୁମ୍ବର ବିନ୍ଧ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅର କଣ୍ଟା ନିର୍ମାଣ ସହ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥ ଓ ଦେବଦଳନ ରଥର ଓଝା ସେବକମାନେ ଅରକଣ୍ଟା ସହ ୮ଟି ଲେଖାଏ ପନ୍ଦାରୀ ପୋଡ଼ିଥିବା ବେଳେ ତାଳଧ୍ୱଜ ରଥର ଓଝା ସେବକମାନେ ଅରକଣ୍ଟା ନିର୍ମାଣ ସହ ଅପରାହ୍ନରେ ପନ୍ଦାରୀ ପୋଡ଼ା କାର୍ଯ୍ୟ ଆରମ୍ଭ କରିଛନ୍ତି। ପନ୍ଦାରୀ ପୋଡ଼ା ସରିବା ପରେ ପନ୍ଦାରୀ ମଳି ଛଡ଼ା ଓ ପନ୍ଦାରୀ ମଠା କାମ ଆରମ୍ଭ ହେବ। ତିନିରଥରେ ୬୮ ଜଣ ମହାରଣା ନିୟୋଜିତ ଥିବା ବେଳେ ୪୧ ଭୋଇ ସେବକ, ୪ କରତି ସେବକ, ଜଣେ ତୁମ୍ବବିନ୍ଧ କାରିଗର, ୨ ପାହି ମହାରଣା, ୧୨ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକଙ୍କୁ ମିଶାଇ ମୋଟ ୧୨୯ ଜଣ ସେବକ ଓ କାରିଗର ରଥ ନିର୍ମାଣରେ ନିୟୋଜିତ ଥିଲେ।

# ଶ୍ରୀଶଙ୍କରାନନ୍ଦ ମଠରେ ନୃସିଂହ ପୁରାଣ ପାଠ

ପୁରୀ ଅଫିସ, ୧୧।୫

ଦଶନାମୀ ସମ୍ପ୍ରଦାୟର ପୁରାତନ ମଠ ଭୋଗବର୍ଦ୍ଧନ ଶ୍ରୀଶଙ୍କରାନନ୍ଦ ମଠରେ ଶ୍ରୀନୃସିଂହ ପୁରାଣ ପାଠ ଓ ଆଲୋଚନା ଆରମ୍ଭ ହୋଇଛି। ମଠରେ ଶ୍ରୀନୃସିଂଙ୍କ ଆଦି ରୂପ ବିଗ୍ରହ ଆଠଶହ ବର୍ଷ ଧରି ପୂଜା ପାଇଆସୁଛନ୍ତି। ଶ୍ରୀନୃସିଂହଙ୍କ ଜନ୍ମ ଉତ୍ସବ ପୂର୍ବରୁ ଏହି ପୂଜା ଅନୁଷ୍ଠାନର ମଠରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ତେବେ ମଠାଧୀଶ ଚାଲିଯିବା ପରେ ମଠର ଅବକ୍ଷୟ ଆରମ୍ଭ ହୋଇଥିଲା। ମଠର ବିଭିନ୍ନ ଅନୁଷ୍ଠାନ ବନ୍ଦ ହୋଇଯାଇଥିଲା। ଦେବୋତ୍ତର କମିଶନର ଟ୍ରଷ୍ଟ ବୋର୍ଡ ଗଠନ କରିବା ପରେ ପ୍ରଥମ କରି ଏହି ଅନୁଷ୍ଠାନ ଚଳିତ ବର୍ଷ ଆରମ୍ଭ ହୋଇଛି। ଶ୍ରୀନୃସିଂହ ଚତୁର୍ଦ୍ଦଶୀ ଦିନ ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଅନ୍ତରୀଣ ଟ୍ରଷ୍ଟି ଡା. ଦୁର୍ଗା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନ ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ନାରାୟଣ ପଟ୍ଟନାୟକ, ମିହିର ମିଶ୍ର, ଆଦିତ୍ୟ ମିଶ୍ର ଏବଂ ବିଶିଷ୍ଟ ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ଜଗତ ମଙ୍ଗଳ କାମନା କରାଯାଇ କାର୍ଯ୍ୟ ଜାରି ରହିଛି । କାର୍ଯ୍ୟକ୍ରମକୁ ନେଇ ତିଆଡ଼ି ସାହି ବାସିନ୍ଦା ଉତ୍ସାହିତ ଅଛନ୍ତି।

# ଅସାନି ପ୍ରଭାବରେ ବର୍ଷା, ସମୁଦ୍ର ଅଶାନ୍ତ


ବାତ୍ୟା ‘ଅସାନି’କୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନେ ସେମାନଙ୍କ ଡଙ୍ଗାକୁ ପୁରୀ ସମୁଦ୍ର କୂଳକୁ ନେଇଆସିଛନ୍ତି।

ପୁରୀ ଅଫିସ, ୧୧।୫

ବାତ୍ୟା ଅସାନି ପ୍ରଭାବରେ ବୁଧବାର ପୁରୀ ସହରରେ ବର୍ଷା ହୋଇଛି। ତେବେ ଜୋର୍ ପବନ ହୋଇ ନ ଥିଲେ ମଧ୍ୟ ସମୁଦ୍ର ଅଶାନ୍ତ ଥିବାରୁ ସ୍ଥାନୀୟ ବାସିନ୍ଦା, ପର୍ଯ୍ୟଟକ ଏବଂ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭୋରୁ ବର୍ଷା ଆରମ୍ଭ ହୋଇଥିଲା। ଦିନ ସାରା ମେଘୁଆ ପାଗ ରହିଥିଲା। ରାତି ପ୍ରାୟ ୯ଟା ୩୦ରେ ଝିପିଝିପି ବର୍ଷା ହୋଇଥିଲା। ଫଳରେ ଅସହ୍ୟ ଗରମରୁ ଆଶ୍ୱସ୍ତି ମିଳିଛି। ସେହିପରି ଜିଲାର ଅନ୍ୟ କେତେକ ସ୍ଥାନରେ ଝିପିଝିପି ବର୍ଷା ହୋଇଛି। ବର୍ଷା ଯୋଗୁ ଅମଳ ଶସ୍ୟ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅଧିକାରୀମାନଙ୍କୁ ସଜାଗ ରଖାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଆଲୋକ ଓ ଜେନେରେଟର ବ୍ୟବସ୍ଥା କରାଯାଇଛି। ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ, ପାନୀୟ ଜଳ, ଔଷଧ, ପଶୁ ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି।

### ଚନ୍ଦନଯାତ୍ରା ଉପଲକ୍ଷେ ସଙ୍ଗୀତ ପରିବେଷଣ

ପୁରୀ ଅଫିସ, ୧୧।୫

ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତିସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ମଙ୍ଗଳବାର ସାଂସ୍କୃତିକ ଅନୁଷ୍ଠାନ ଦୟାନିଧି ସଙ୍ଗୀତ ସୁଧା ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ ପୁରାତନ ରଚନାରୁ ଓଡ଼ିଶୀ, ଚନ୍ଦନ ଗୀତ, ଭଜନ ଓ ଜଣାଣ ପରିବେଷଣ କରିଥିଲେ। ମର୍ଦ୍ଦଳ ବାଦନରେ ଗୁରୁ ଜଗନ୍ନାଥ ମିଶ୍ର, ତବଲାରେ ଶାରଦା ପ୍ରସନ୍ନ ମିଶ୍ର ଓ ଦିଲୀପ କୁମାର ପଣ୍ଡା ସହଯୋଗ କରିଥିଲେ। ମେଘନା ଶତପଥୀ, ସସ୍ମିତା ପ୍ରଧାନ, ସ୍ୱାଗତିକା ମହାପାତ୍ର, ଶ୍ରୀଜଲ ମହାପାତ୍ର, ଆର୍ଯ୍ୟନ ପଣ୍ଡା, ସସ୍ମିତା ପାତ୍ର, ଶୁଭଶ୍ରୀ ପ୍ରଧାନ, ଟ୍ୱିଙ୍କଲ୍ ଦାସ, ଆଦ୍ୟାଶା ଦାସ, ଷ୍ଟାର୍ଲିନା ଦାସ, ସାଇଲିନ୍ ଦାସ, ଓମ୍ ସ୍ୱରପ ନାୟକ, ଆୟୁଷ ଅଂଶୁମାନ ନାୟକ ଏବଂ ପ୍ରୀତମ ବରାଡ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି।

# ଓୟୁଏଟି ଶିକ୍ଷକ, ବୈଜ୍ଞାନିକ ମାରଣନୀତିର ପ୍ରତିବାଦ

ସାକ୍ଷୀଗୋପାଳ,୧୧।୫(ଡି.ଏନ୍.ଏ.)

**୧୯୨ ଦିନ ଆନ୍ଦୋଳନ ପରେ ବି ଫଳ ଶୂନ**

ରାଜ୍ୟରେ ଆଧୁନିକ କୃଷି, ଗବେଷଣା ଓ ଉନ୍ନତମାନର କୃଷିଭିତ୍ତିକ ଶିକ୍ଷାଦାନ ପାଇଁ ସୁନାମ ଅର୍ଜନ କରିଥିବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଶିକ୍ଷକ ଓ ବୈଜ୍ଞାନିକ ମାରଣନୀତି ପ୍ରତିବାଦରେ ଓୟୁଏଟି ଶିକ୍ଷକ ପ୍ରତୀକାତ୍ମକ ଆନ୍ଦୋଳନ ଚଳାଇଛି। ୧୮ଦଫା ସମ୍ବଳିତ ଦାବିପୂରଣ ନିମନ୍ତେ ୧୯୨ଦିନ ଧରି ଆନ୍ଦୋଳନ ପରେ ବି କିଛି ସୁଫଳ ମିଳିନାହିଁ ବୋଲି ସାକ୍ଷୀଗୋପାଳସ୍ଥିତ ଓଟିଡିସିର ଯାଯାବର କନଫରେନ୍ସ ହଲରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସଂଘର ସଭାପତି ତଥା ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି, ଉପସଭାପତି ଡ. ଲିଲିମୁନି ତ୍ରିପାଠୀ, ସମ୍ପାଦକ ଡ. ପ୍ରଦୀପ୍ତ ସାହୁ, ସହ ସମ୍ପାଦକ ଡ. ଅମ୍ବିକା ପ୍ରସାଦ ନାୟକ ଓ କୋଷାଧ୍ୟକ୍ଷ ଡ.ବିପିନ ପ୍ରଧାନଙ୍କ ସହିତ ସଂଘ କାର୍ଯ୍ୟକାରୀ ସଦସ୍ୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏବଂ କୁଳପତିଙ୍କ ମନମୁଖୀ କାର୍ଯ୍ୟକଳାପ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ସଂଘର ପ୍ରତିବାଦ ପ୍ରତି ଓୟୁଏଟି କର୍ଣ୍ଣପାତ କରୁ ନ ଥିବାରୁ ଦାବି ହାସଲ ପାଇଁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଶିକ୍ଷକ ଓ ବୈଜ୍ଞାନିକଙ୍କ ପଦୋନ୍ନତି, ପିଜି ଓ ପିଏଚ୍‌ଡି ପାସ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ନାହିଁ। ୭ମ ବେତନ କମିଶନର ବକେୟା ପାଉଣା ପ୍ରଦାନ କରାଯାଉ ନାହିଁ। ବହୁ ବରିଷ୍ଠ ପ୍ରାଧ୍ୟାପକ ଅବସର ପରେ ମଧ୍ୟ ବକେୟା ପାଇବାରୁ ବଞ୍ଚିତ, ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ନାହିଁ, ଓୟୁଏଟି ପରିଚାଳନା ପରିଷଦରେ ଶିକ୍ଷକ ସଂଘର ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦିଆଯାଉ ନାହିଁ ଆଦି ବିଭିନ୍ନ ଦାବି ରହିଥିବା ବେଳେ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି ବୋଲି ସଭାପତି ଡ. ମହାନ୍ତି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ବିଦ୍ୟୁତ୍ କାଟ, ମନଇଚ୍ଛା ଜରିମାନା ଆଦାୟକୁ ନେଇ ଉଦ୍‌ବେଗ


ପିପିଲି ପଞ୍ଚାୟତ ସମିତି ବୈଠକରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ ଏବଂ ଅନ୍ୟମାନେ।

ପିପିଲି,୧୧।୫(ଡି.ଏନ୍.ଏ.)

**ପିପିଲି ପଞ୍ଚାୟତ ସମିତି ବୈଠକ**

ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତିର ୩ୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ୨୫ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ପିପିଲି ଅଞ୍ଚଳର ଅଘୋଷିତ ବିଦ୍ୟୁତ୍ କାଟ ଓ ଗ୍ରାହକଙ୍କ ପ୍ରତି ଶୋଷଣ ମନୋବୃତ୍ତି ରଖି ମନଇଚ୍ଛା ଜରିମାନା ଆଦାୟକୁ ବିରୋଧ କରିବା ସହ ଏହାର ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନଚେତ୍ ଆଗାମୀ ଦିନରେ ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ମହାରଥୀ ଚେତାବନୀ ଦେଇଛନ୍ତି। ବିଡିଓ ରଶ୍ମିତା ନାଥ ସଭା ପରିଚାଳନା କରିଥିବାବେଳେ ଏଥିରେ ଯୋଗାଣ ବିଭାଗ, କୃଷି, ପ୍ରାଣୀ, ପାନୀୟଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଶିକ୍ଷା ଆଦି ବିଭିନ୍ନ ବିଭାଗର ଉନ୍ନୟନମୂଳକ ପ୍ରକଳ୍ପଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଧରଣୀଧର ସାହୁ, ଜିପିଓ ଗାୟତ୍ରୀ ପଣ୍ଡା, ସହକାରୀ ଯନ୍ତ୍ରୀ ବସନ୍ତ ସାହୁ, ସିଡିପିଓ ସ୍ନେହଲତା ନାୟକ, ବିଇଓ ରବୀନ୍ଦ୍ରନାଥ ରଥଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ,କନିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।